

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# ଚରମ

* ଦ୍ୱିତୀୟ ପୁଷ୍ପ * ଦ୍ୱିତୀୟ ପାଖୁଡ଼ା * ପଞ୍ଚମ ସଂଖ୍ୟା *


ସଂପାଦକ : କେଶବଦାସ ବୃନ୍ଦାବନ ॥

ପ୍ରକାଶକ : ଧୀରେନ୍ଦ୍ର ବେହେରା, ସାଧାରଣ ସମ୍ପାଦକ, ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ ॥

ମୁଦ୍ରକ : ଜଗନ୍ନାଥ ପ୍ରୋସେସ୍, ଡଗରପଡ଼ା, କଟକ ॥

ଗ୍ରାଫିକ୍ସ : ରସଦ୍ ଏଡ୍ ଏଜେନ୍ସି, ମହତାବ ରୋଡ଼, କଟକ, ଫୋନ୍-୨୩୧୧୪୩୧


## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ


ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ଚରମ ପୁସ୍ତକାଳୟ
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା । ପିନ୍ : ୭୫୪୨୦୬
ଫୋନ୍: (୦୬୭୧) ୨୭୬୭୧୦୧



ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ଜଗନ୍ନାଥ ପ୍ରୋସେସ୍, କଟକଙ୍କ ଦ୍ୱାରା ମୁଦ୍ରିତ ।


ପ୍ରକାଶକଙ୍କ କର୍ତ୍ତୃକ ସର୍ବସତ୍ତ୍ୱ ସଂରକ୍ଷିତ ॥


ଭକ୍ତିପ୍ରେମାଞ୍ଜଳି : ପ୍ରତିଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି

* କେଶବାବ୍ଦ : ଷଡ୍‌ଚତ୍ୱାରିଂଶତ୍ * ଅଗ୍ନ୍ୟୁତ୍ସବ ମାସ * ମାଘ ପୂର୍ଣ୍ଣିମା *

# ପ୍ରବେଶ ପରିଚିତି

* ଦ୍ୱିତୀୟ ପୁଷ୍ପ *
ଦ୍ୱିତୀୟ ପାଖୁଡ଼ା
ପଞ୍ଚମ ସଂଖ୍ୟା

ମହକ ମୁଦ୍ରଣ : କେଶବାବ୍ଦ ୪୦ ରାକ୍ଷୀ ପୂର୍ଣ୍ଣିମା ତା ୧୯.୮.୨୦୦୫ରିଖ

*** ବୈଦିକ ପ୍ରାର୍ଥନା ***

ବିଶାଳ ବିଶ୍ୱସ୍ୟ ନିଦାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପଦ ବନ୍ଦନା | ୧ |
| **ସିଂହଦ୍ୱାର** | |
| ଅଥ ଗୁର୍ବାଷ୍ଟକମ୍ | ୨ |
| ଆବାହନୀ ସଂଗୀତ | ୩ |
| **ମୁଖଶାଳା** | |
| ସଂପାଦକୀୟ | ୪ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୬ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ ଓ ମୀମାଂସାଖଣ୍ଡ | ୮ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୮ |
| ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି : ଭାବକୁ ନିକଟ ମୁରାରୀ | ୨୨ |
| **ଗରୁଡ଼ସ୍ତମ୍ଭ** | |
| ଯତ୍ର କାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୨୬ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି: | ୩୦ |
| ଉତିଷ୍ଠତଃ ! ଜାଗ୍ରତଃ !! | ୩୩ |
| ଜିଜ୍ଞାସା : ଜିଜ୍ଞାସୁ : | ୩୭ |
| ପରାର୍ଦ୍ଧ ସଂହିତାରୁ ଉଦ୍ଧୃତାଂଶର ବ୍ୟାଖ୍ୟା | ୪୦ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେଯୁଗେ | ୪୨ |
| କଲ୍ୟାଣଦେଲି ତୋତେ | ୪୫ |
| କେଶବ କୈବଲ୍ୟ କଣିକା | ୪୯ |
| ଚରମର ପ୍ରଚ୍ଛଦପଟ୍ଟ ସମ୍ପର୍କରେ | ୫୧ |
| **ନୀଳଚକ୍ର** | |
| ଚରମର ସଙ୍କେତ | ୫୬ |
| ଆଶ୍ରମ ସନ୍ଦେଶ | ୫୮ |


## -ପତ୍ରିକାର ବ୍ୟବହାର ବିଧି-

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପତ୍ରିକା ପାଠ କରନ୍ତୁ ।
୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହାଦ୍ୱାରା ପତ୍ରିକାର ଅଙ୍ଗହାନୀ ହେବ । ଏହା ଅକ୍ଷମଣୀୟ ଅପରାଧ ।
୪. 'ଚରମ'ର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।
୫. ଆମ ପ୍ରକାଶନ ସଂସ୍ଥାଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।
୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।
୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।


—ସଂପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିର ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅଷ୍ଟୋତ୍ତମ୍

**ମଙ୍ଗଳା ଚରଣ**



ପୁତ୍ରଂ ସୁକାନ୍ତ୍ୟାଃ ଯଦୁନାଥନନ୍ଦନମ୍,
ଗୁରୁଂ ମଦୀୟଂ ବହୁଲୋକ ସେବିତମ୍
ବ୍ରହ୍ମାବତାରଂ ନରଦେହ ରୂପିଣମ୍,
ତଂ କେଶବଂ ବନ୍ଦେ ନିରାମୟଂ ବିଭୁମ୍ ॥


## ଶ୍ରୀପଦବନ୍ଦନା

ଶ୍ରୀପଦ ପଙ୍କଜେ ରହୁ ମୋ ମତି ।
ଶ୍ରୀପଦ ଖଣ୍ଡଇ ସର୍ବ ଦୁର୍ଗତି ॥୧॥
ଶ୍ରୀପଦ ପଦ୍ମୁଁ ଝରେ ମକରନ୍ଦ ।
ଶ୍ରୀପଦ ଦର୍ଶନେ ମନ ଆନନ୍ଦ ॥୨॥
ଶ୍ରୀପଦଟି ମୂଳ ସକଳ ତତ୍ତ୍ୱ ।
ଶ୍ରୀପଦ ମହିମା ବିଶ୍ୱେ ବିଦିତ ॥୩॥
ଶ୍ରୀପଦରୁ ଝରୁଅଛି କରୁଣା ।
ଶ୍ରୀପଦ ଭଣ୍ଡାର କୈବଲ୍ୟ କଣା ॥୪॥
ଶ୍ରୀପଦ ଚିନ୍ତଇ ଧ୍ୟାନରେ ଯତି ।
ଶ୍ରୀପଦ ପଙ୍କଜେ ରହୁ ମୋ ମତି ॥୦॥

ଶ୍ରୀପଦ ତ୍ରିଯୁଗେ ଥିଲା ଗୁପତ ।
ଶ୍ରୀପଦ କଳି ଅନ୍ତେ ପ୍ରକାଶିତ ॥୫॥
ଶ୍ରୀପଦରେ ଗଙ୍ଗା ଥିଲା ଗୁପତ ।
ଶ୍ରୀପଦୁ ଗଙ୍ଗା ହେଲା ପ୍ରବାହିତ ॥୬॥
ଶ୍ରୀପଦରେ ଭକ୍ତ ନିଏ ଶରଣ ।
ଶ୍ରୀପଦ କରଇ ଦୁଃଖ ହରଣ ॥୭॥
ଶ୍ରୀପଦ ଧ୍ୟାନରେ ରହୁ ମୋ ମନ ।
ଶ୍ରୀପଦ ଅଟଇ ମୋ ଗଣ୍ଠିଧନ ॥୮॥
ଶ୍ରୀପଦ ଦିଅଇ ବାଣ୍ଟି ଭକତି ।
ଶ୍ରୀପଦ ପଙ୍କଜେ ରହୁ ମୋ ମତି ॥୦॥

ଶ୍ରୀପଦ ତତ୍ତ୍ୱର ଭଣ୍ଡାର ଘର ।
ଶ୍ରୀପଦ ସକଳ ସିଦ୍ଧି ନିର୍ଝର ॥୯॥
ଶ୍ରୀପଦରୁ ଝରେ ଆଶିଷ ଧାରା ।
ଶ୍ରୀପଦ ଅଟଇ ମୋ ମନ କାରା ॥୧୦॥
ଶ୍ରୀପଦ ଦର୍ଶନେ ପାପ ଖଣ୍ଡନ ।
ଶ୍ରୀପଦ ରଜ ମୋ ଶିର ମଣ୍ଡନ ॥୧୧॥
ଶ୍ରୀପଦ ଅଟଇ ଶାନ୍ତି ନିଳୟ ।
ଶ୍ରୀପଦରୁ ବହେ ମଧୁ ମଳୟ ॥୧୨॥
ଶ୍ରୀପଦ ଧ୍ୟାନରେ ଜୀବ ମୁକତି ।
ଶ୍ରୀପଦ ପଙ୍କଜେ ରହୁ ମୋ ମତି ॥୦॥

ଶ୍ରୀପଦ ପାରୁଶେ ପୁଷ୍ପ ଅଞ୍ଜଳି ।
ଶ୍ରୀପଦ ସନ୍ନିଧେ ଭକତର ଅଳି ॥୧୩॥
ଶ୍ରୀପଦ ପରଶ ଅନୁମତିରେ ।
ଶ୍ରୀପଦ ନାଶଇ ମୂଢ଼ ମତିରେ ॥୧୪॥
ଶ୍ରୀପଦ ମହିମା ନୁହେଁ କଳନା ।
ଶ୍ରୀପଦ ପଦ୍ମେ କର ବନ୍ଦାପନା ॥୧୫॥
ଶ୍ରୀପଦ ବନ୍ଦନା ତତ୍‌ସଙ୍ଗେ କର ।
ଶ୍ରୀପଦ ବିଗ୍ରହ ହୃଦୟେ ଧର ॥୧୬॥
ଶ୍ରୀପଦ ଖଣ୍ଡଇ ସର୍ବ ଦୁର୍ଗତି ।
ଶ୍ରୀପଦ ପଙ୍କଜେ ରହୁ ମୋ ମତି ॥୦॥




## ଅଥ ଗୁର୍ବାଷ୍ଟକମ୍

ମୂର୍ଦ୍ଧ୍ନିସ୍ଥିତଂ ସୁଧବଳଂ ବସନଂ ଚ ଦେହମ୍
ଜ୍ଞାନପ୍ରଦଂ ସୁଖକରଂ ଶିବମେବ ନିତ୍ୟମ୍ ।
ଏବଂ ସଦାତମହରଂ ସ୍ମରଣୀୟ ଦେବମ୍
ବନ୍ଦେ ଗୁରୁଂ କୁଶଳଦଂ ତମହଂ ଜନସ୍ୟ ॥୧॥

ମନ୍ତ୍ର ପ୍ରଦାୟକ ମିମଂ ଚ ଗୁରୁଂ ବଦନ୍ତି
ମନ୍ତ୍ରଂ ବଦନ୍ତି ପରମଂ ଗୁରୁମେବ କେଚିତ୍ ।
ବିଷ୍ଣୁଂ ପରାପରଗୁରୁଂ ପରମେଷ୍ଠିଶମ୍ଭୁମ୍
ବନ୍ଦେ ଗୁରୁଂ କୁଶଳଦଂ ତମହଂ ଜନସ୍ୟ ॥୨॥

ଜ୍ଞାନଦୃଢେନପରମଂ ଖଲୁବିଦ୍ୟତେଽସ୍ମିନ୍
ତଦ୍‌ଜ୍ଞାନମେବଚ ମିଳେଦ୍ ଗୁରୁତଃ ସକାଶାତ୍ ।
ଏବଂ ଚରାଚରହିତଂ ରହିତଂ ଚ ଜାଡ୍ୟାତ୍
ବନ୍ଦେ ଗୁରୁଂ କୁଶଳଦଂ ତମହଂ ଜନସ୍ୟ ॥୩॥

ଲୋକୋମତ୍ର ପରିଯଚ୍ଛତି ଯୋଜନାୟ
ଲୋକୈଃ ସୁସେବିତ ପଦଂ ସକଳୈଃ ସୁପୂଜ୍ୟମ୍ ।
ଜ୍ଞାନଂହି ଯସ୍ୟ ନିତରାଂ ନିଜକୀୟ ମୂର୍ତ୍ତିମ୍
ବନ୍ଦେ ଗୁରୁଂ କୁଶଳଦଂ ତମହଂ ଜନସ୍ୟ ॥୪॥

ଶିଷ୍ୟସ୍ୟ ଯଃ ପ୍ରତିଦିନଂ କୁଶଳାୟ ଦେବଃ
ତସ୍ମୈତୁ ଯଚ୍ଛତି ମୁଦଂ ପରମଂ ସୁମାର୍ଗମ୍ ।
ଦୁଃଖଂ କଦାପ୍ୟନୁଭବେଦ୍ ନସୁଖଂ କଦାପି
ବନ୍ଦେ ଗୁରୁଂ କୁଶଳଦଂ ତମହଂ ଜନସ୍ୟ ॥୫॥

ଅଧ୍ୟାତ୍ମ୍ୟ ଚିନ୍ତନ ପରଂ ସକଳସ୍ୟ ନୂନମ୍
ମୂର୍ଦ୍ଧ୍ନିସ୍ଥିତଂ ଗୁଣଯୁତଂ ଗୁଣହୀନ ଦେହମ୍ ।
ଜ୍ଞାନପ୍ରଦଂ ହିତକରଂ ପରମଂ ପବିତ୍ରମ୍
ବନ୍ଦେ ଗୁରୁଂ କୁଶଳଦଂ ତମହଂ ଜନସ୍ୟ ॥୬॥

ବିପ୍ରାଃ ନମନ୍ତି ଦ୍ରୁହିଣଂ ପରମଂ ସଦାସ୍ମିନ୍
ଯଂ ବୈଷ୍ଣବାଃ ହରିରିତି ପ୍ରଣମନ୍ତି ବିଷ୍ଣୁମ୍ ।
ଅର୍ଦ୍ଧାମ୍ବିକେଶମଖିଳଂ ପ୍ରଣମନ୍ତି ଶୈବାଃ
ବନ୍ଦେ ଗୁରୁଂ କୁଶଳଦଂ ତମହଂ ଜନସ୍ୟ ॥୭॥

ପ୍ରାଣ ପ୍ରୟାଣ ସମୟେ ମନୁଜଃ କଦାପି
ନାସାଗ୍ର ଦୃଷ୍ଟିମଭିଧାୟ ଲଭେତ ମୁକ୍ତିମ୍ ।
ବ୍ରହ୍ମେଶ ବିଷ୍ଣୁ ହୃଦୟଂ ସ୍ୱଗୁରୁଂ ପବିତ୍ରମ୍
ବନ୍ଦେ ଗୁରୁଂ କୁଶଳଦଂ ତମହଂ ଜନସ୍ୟ ॥୮॥

**ଓଁ ପରମବ୍ରହ୍ମୈଃ ନମଃ !!! ଓଁ ପରମାତ୍ମନେ ନମଃ !!!**

# ଆବାହନୀ ସଙ୍ଗୀତ

*'ଚରମ'ର ପ୍ରଥମ ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ସାରସ୍ୱତ ସମାବେଶରେ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହାକୁ ଜଗତପୁରସ୍ଥ ଜଗନ୍ନାଥ ଲକ୍ ପରିସରରେ ଅବସ୍ଥିତ କେଶବ ଭବନର ସତ୍‌ସଙ୍ଗ କକ୍ଷରେ ପରିବେଷଣ କରିଥିଲେ ତା୧୯।୧୦।୯୪ ରିଖ, ପବିତ୍ର କୁମାରପୂର୍ଣ୍ଣିମାର ଶାରଦୀୟ ସନ୍ଧ୍ୟାରେ । ଏହି ସାରସ୍ୱତ ଉତ୍ସବରେ 'ଚରମ'ର ଦ୍ୱିତୀୟ ପୁଷ୍ପ ପ୍ରଥମ ପାଖୁଡ଼ାର ଶୁଭ ଉନ୍ମୋଚନ ହୋଇଥିଲା ।*

ପରମ ଆସିଛି ଚରମ ହୋଇ
ଧରମ ବାରତା ବତାଇ ଦେଇ ॥୦॥

ଭରମେ ନ ପଡ଼ି ସରମ ଛାଡ଼,
କରମ ବାଡ଼କୁ କରରେ ଦୃଢ଼ ।
ମରମ ମଞ୍ଜାଇ ପଡ଼ରେ ଡ଼େଇଁ ॥୧॥

ଜପ ମନ୍ତର ଅଜପାରେ ରଖ,
ଅମଜା ବାସନ ମାଜି ପରଖ ।
ଅମପା ମାପକୁ ଦିଏ ଚେତାଇ ॥୨॥

ଅଖଣ୍ଡକୁ ଖଣ୍ଡ ଖଣ୍ଡ କରିଣ,
ଦଣ୍ଡ ମୁଣ୍ଡିଆ ପାହୁଣ୍ଡେ ଦେଇଣ ।
ଧୁଣ୍ଡ ଢୁଣ୍ଡାପଣ ଦିଅ ଆଡ଼େଇ ॥୩॥

ଅନ୍ତରେ ଅଛନ୍ତି ଅନ୍ତରଯାମୀ,
ଯନ୍ତର ପନ୍ତାରେ ନିୟନ୍ତା ସ୍ୱାମୀ ।
ଚିନ୍ତା ପଣତେ ରଖ ଗଣ୍ଠି ଦେଇ ॥୪॥

ଏ ମୂଢ଼ ଦୃଢ଼ତା ବାନ୍ଧୁଛି ବସି,
କୁଢ଼କୁଢ଼ ପାତକ ଦିଅ ନାଶି ।
ଅପଢ଼ା ପାଠକୁ ଦିଅ ପଢ଼ାଇ ॥୫॥

☆☆☆

# ମୁଖଶାଳା

## ସମ୍ପାଦକୀୟ

### ଓଁ ନମୋ ଭଗବତେ ଯଦୁନନ୍ଦନାୟ କେଶବଚନ୍ଦ୍ରାୟଃ !!!

**ବ**କ୍ରୋକ୍ତି କରି ବଞ୍ଚକ ସାଜିଛି । ବରାଭୟକୁ ଭୟ କରୁଛି । ତେଣୁ ଏ ଜୀବ ନିର୍ଭୀକ ହେବ କିପରି ? ସକଳ ଉପାୟହୀନ ହୋଇ କାହାରି ଉପରେ ଆଶ୍ରୟ ନ କରି ନିରାଶ୍ରୟ ହୋଇ କେବଳ ସେହି କୈବଲ୍ୟପଦକୁ ନିର୍ଭର କଲେ ହିଁ ନିର୍ଭୀକ ହୋଇ ପାରିବ । ଏ ଜୀବନ ଦୁଃଖକଷ୍ଟ, ରୋଗଶୋକ ଭୋଗ କରିବା ପାଇଁ । ନିର୍ଭୀକତାର ସହିତ ଏ ସକଳ ବାଧା ବିପତ୍ତିର ସମ୍ମୁଖୀନ ହେବା ହିଁ ସଚ୍ଚା ମନୁଷ୍ୟର କର୍ତ୍ତବ୍ୟ । ଅତୀତକୁ ଅବଲମ୍ବନ କରି ବର୍ତ୍ତମାନ ସମୟର ପ୍ରତିଟି ମୁହୂର୍ତ୍ତକୁ ସାକାର କର୍ମଦ୍ୱାରା ଉଜ୍ଜୀବିତ କରିବା ହିଁ ଅସଲ ସାଧନା । ଭବିଷ୍ୟତ ପାଇଁ ବ୍ୟସ୍ତ ବିବ୍ରତ ହେବାର କୌଣସି କାରଣ ନାହିଁ ।

**ଭ**ବିତବ୍ୟ ଯାହା, ତାହା ଅବଶ୍ୟ ଘଟିବ । ତାହା ସ୍ରଷ୍ଟାଙ୍କ ବିଧାନ । କାଳ ସେହି ବିଧାନକୁ ଅମାନ୍ୟ ବା ଆନ କରି ନ ପାରେ । ପର୍ଯ୍ୟାୟସୂତ୍ରରେ ଜୀବ ମଧ୍ୟ ତଦନୁରୂପ ବିଧି ନିର୍ଦ୍ଦିଷ୍ଟ ବିଧାନ ଅନୁସାରୀ ଭୋଗ ବା ଦୁର୍ଭୋଗ, ଦଶା ବା ଦୁର୍ଦ୍ଦଶା ଭୋଗ କରିଥାଏ । ସଞ୍ଚିତ, କ୍ରିୟମାଣ ତଥା ପ୍ରାରବ୍ଧ କର୍ମଫଳ ଜୀବ ଭୋଗ କରିବାକୁ ବାଧ୍ୟ । ଇନ୍ଦ୍ରିୟ- ପରାୟଣ ଜୀବ ବାରମ୍ବାର ଦୁର୍ଭୋଗ ଓ ଦୁର୍ଦ୍ଦଶାଗ୍ରସ୍ତ ହୋଇ ବିକୃତ ଭାବରାଜିର ବଶବର୍ତ୍ତୀ ହୁଏ । ଧର୍ମ ଧାରଣାରୁ ଦୂରେଇ ରହି ଭାଗ୍ୟବାଦୀ ହୋଇ ଆପଣା ଭାଗ୍ୟକୁ ନିନ୍ଦା କରେ । କିନ୍ତୁ, ଏହା ଜୀବର ଅଜ୍ଞାନତା ଓ ମୂଢ଼ତା ମାତ୍ର ।

**ମ**ଙ୍ଗଳମୟଙ୍କଠାରୁ ଦୂରେଇ ଯାଇ ଆପଣାର ଅମଙ୍ଗଳକୁ ଜଡ଼ବୁଦ୍ଧିର ଭାବାବେଗରେ ଆଲିଙ୍ଗନ କରୁଥିବା ବ୍ୟକ୍ତି କର୍ମଫଳ ଜନିତ ଦୁର୍ଭୋଗ ଭୋଗିବା ଅବଶ୍ୟ ସୁନିଶ୍ଚିତ । ତଥାପି, କର୍ମଫଳର ନିଦାରୁଣ କଷାଘାତରୁ ରକ୍ଷା ପାଇବାର ସହଜ ସରଳ ସୁନ୍ଦର ପଥ ନିର୍ଦ୍ଦେଶ କରନ୍ତି ଜୀବନ ଦେବତା ପରମ ପ୍ରେମମୟ ଗୁରୁସ୍ୱାମୀ **ଶ୍ରୀଶ୍ରୀଶ୍ରୀ ଠାକୁର** । କୃତାଞ୍ଜଳି ଅର୍ଘ୍ୟ ଗ୍ରହଣ କରିବା ସହିତ ପ୍ରଭୁ ପ୍ରାରବ୍ଧ କର୍ମଫଳ ଲାଘବ / ଖଣ୍ଡନ କରନ୍ତି । ଆଶ୍ରିତ ଅର୍ଘ୍ୟଫଳ ଧାରଣ କଲେ, ଗ୍ରହ ନକ୍ଷତ୍ର ଜନିତ ସଞ୍ଚିତ କର୍ମଫଳର ତାଡ଼ନାରୁ ରକ୍ଷାପାଏ । ଅର୍ଘ୍ୟଫଳ ଧୌତ ଜଳପାନ ଦ୍ୱାରା କ୍ରିୟମାଣ କର୍ମଫଳର ପୀଡ଼ନ ହ୍ରାସ ହୁଏ ।

**ଯ**ଥାର୍ଥ ଧର୍ମାଚରଣ ଓ ଯଥାଶକ୍ତି ଅଭ୍ୟାସ କର୍ମଫଳରୁ ସତ୍ୟ, ଶାନ୍ତି, ଦୟା, କ୍ଷମା ଜୀବ ହୃଦୟରେ ଉଦୟ ହୁଏ । ପ୍ରାର୍ଥନା, ଧ୍ୟାନ, ଜପ, ଆସନ, ପ୍ରଣାମ ଇତ୍ୟାଦି ନିତ୍ୟ ନୈମିତ୍ତିକ ଅଭ୍ୟାସଧାରା, ସତ୍ସଙ୍ଗ ଏବଂ ତିଥି ଅନୁସାରେ ଯଥାବିଧି କୃତାଞ୍ଜଳି ଅର୍ଘ୍ୟ ନିବେଦନ ଏହି ଯୁଗ ପାଇଁ ସମୁଚିତ ଧର୍ମାଚରଣ । ଏତଦ୍ ବ୍ୟତୀତ ଅଙ୍ଗ, ବସନ, ମନ ଓ ସ୍ଥାନଶୌଚ ସହିତ ଶୁଚିମନ୍ତ ଆଚାର ବ୍ୟବହାର ଇତ୍ୟାଦି ଆଚରଣରେ ଶୁଦ୍ଧତା ଆଣିବା ଦ୍ୱାରା ଚରିତ୍ର ଗଠନରେ ତାହା ସହାୟକ ହୁଏ । ଜୀବ ବୃତ୍ତିମୁଖର ଥାଇ ମଧ୍ୟ ସାମାନ୍ୟ ମନୋନିବେଶ, ଶ୍ରଦ୍ଧା ଓ ଜୀବନଚର୍ଯ୍ୟାର କିଛି ସମୟ ଏଥି ନିମିତ୍ତ ନିୟମିତ ବ୍ୟୟ କରିବାକୁ କୁଣ୍ଠିତ ନ ହେଲେ, ଏ ସକଳ ବାସ୍ତବରେ କାର୍ଯ୍ୟକାରୀ କରିବା ତା'ପକ୍ଷରେ ଅତୀବ ସହଜ ସାଧ୍ୟ ।

**ର**ହସ୍ୟାଚ୍ଛନ୍ନ ସୃଷ୍ଟି ଓ ସ୍ରଷ୍ଟାଙ୍କର ସ୍ୱରୂପ ଓ ଈଶ୍ୱରୋପଲବ୍ଧି ନିମନ୍ତେ **ଶ୍ରୀଗୁରୁସ୍ୱାମୀ** ପ୍ରତ୍ୟକ୍ଷ ଗୁରୁଅଙ୍ଗରେ ଲୀଳା ରଚନା କରିବା ନିମନ୍ତେ ମର୍ତ୍ତ୍ୟାବତରଣ କରି ଧର୍ମଧାରାର ଉପଯୁକ୍ତ ଅଙ୍ଗମାନ ମଧ୍ୟ ଖଞ୍ଜି ଦେଇଅଛନ୍ତି । ସେସବୁ ମଧ୍ୟରୁ ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ଅଧିନରେ ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ, ସାହିତ୍ୟ ସଂସଦ୍, କ୍ଷେତ୍ର ପରିଚାଳନା କମିଟି, ସେବାଶ୍ରମ ସଂଗଠନ, ବାପୁଜୀ ଶିଶୁମନ୍ଦିର, ସନାତନ ଆଧ୍ୟାତ୍ମିକ ବିଦ୍ୟାନିକେତନ, ମାତୃ ବନ୍ଦନା ସଂଗଠନ, କ୍ଷିତିଜ୍ୟୋତି ସଙ୍ଗୀତ ମହାବିଦ୍ୟାଳୟ ଇତ୍ୟାଦି ପ୍ରଧାନ ।

**ଲକ୍ଷ** ହୃଦୟର ହୃଦୟ ସଦୃଶ ଶ୍ରୀ ମହାପ୍ରଭୁ ଚାରିଯୁଗ (ସତ୍ୟ, ତ୍ରେତୟା, ଦ୍ୱାପର, କଳି) ର ମୀମାଂସା ରଚନା କରିଅଛନ୍ତି । ଏତଦ୍ ବ୍ୟତୀତ **ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ** ରଚିତ ବହୁଗ୍ରନ୍ଥ ଏଯାବତ୍ ଅପ୍ରକାଶିତ ହୋଇରହିଛି । ଯଥା ସମୟରେ ତାହା ଲୋକଲୋଚନକୁ ଅବଶ୍ୟ ଆସିବ । ତେବେ, **ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର** ଆଧ୍ୟାତ୍ମିକ ଶାଖା ଅଚ୍ୟୁତ ଗୁପ୍ତ ବ୍ରହ୍ମସଂଘ ''ମୁହୂର୍ତ୍ତ ମହୁରା'' ପୁସ୍ତକ ମାଧ୍ୟମରେ ଓଡ଼ିଶାର ପଞ୍ଚସଖା (ବଳରାମ, ଜଗନ୍ନାଥ, ଅଚ୍ୟୁତ, ଯଶୋବନ୍ତ, ଅନନ୍ତ)ଙ୍କ ରଚନାବଳୀରୁ **ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର** ଆବିର୍ଭାବ ଏବଂ **ଲୀଳା ସମ୍ବନ୍ଧରେ** ମାଳିକା ପ୍ରମାଣ ଦର୍ଶାଇଅଛନ୍ତି । ତଥାପି ଏହା ପର୍ଯ୍ୟାପ୍ତ ନୁହେଁ । ଆହୁରି ଅନେକ ତଥ୍ୟ ଓ ତତ୍ତ୍ୱ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ । ପର୍ଯ୍ୟାୟ କ୍ରମରେ ଭବିଷ୍ୟତରେ ଏ ସକଳ କର୍ମ ହାତକୁ ନେଇ ଏହାର ବିଶଦ୍ ବ୍ୟାଖ୍ୟା କରାଯିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀ ଗୁରୁସ୍ୱାମୀଙ୍କର ପୂର୍ଣ୍ଣାଙ୍ଗ ଜୀବନୀ ଚରିତ ଗଦ୍ୟାକାରରେ ଏବଂ ନବାକ୍ଷରି ଛନ୍ଦରେ, **ଶ୍ରୀ ଗୁରୁସ୍ୱାମୀଙ୍କର ତତ୍ତ୍ୱ ଦର୍ଶନ** ମଧ୍ୟ ଭାଗବତ ବାଣୀ ଛନ୍ଦରେ ରଚିତ ହେଉଅଛି ।

**ଶ**ନୈଃ ତାହା ଲୋକଲୋଚନକୁ ଆସିବ । ଏଥି ନିମନ୍ତେ ସମସ୍ତଙ୍କର ଅକୁଣ୍ଠ ସହଯୋଗ ଓ ସହାୟତା କାମନା କରୁଛୁ । ଶ୍ରୀଗୁରୁସ୍ୱାମୀଙ୍କର ସ୍ୱରଚିତ ସାହିତ୍ୟ ଏବଂ ତତ୍‌ସମ୍ବନ୍ଧୀୟ ସାହିତ୍ୟର ପ୍ରସାର ଘଟିଲେ, **ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ** ଧର୍ମ ଦର୍ଶନ, ଜୀବନ ଦର୍ଶନ, ତତ୍ତ୍ୱ ଦର୍ଶନ ଆଦି ଜନସମାଜରେ ତଥା ଧର୍ମୀୟ ଭାବଧାରା ଓ ଆଧ୍ୟାତ୍ମିକ ଚେତନା ଏବଂ ପରମାର୍ଥିକ ଜୀବନରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଆମ୍ଭର ଦୃଢ଼ବିଶ୍ୱାସ । ସେଦିନ ଆଉ ବେଶି ଦୂର ନୁହେଁ । ପ୍ରଭୁଙ୍କର ଆଶିଷରୁ ତାହା ସନ୍ନିକଟ ।

**ଷ**ଟ୍‌ପଦ ସଦୃଶ ସେହି ଅମୀୟ ଚରଣାରବିନ୍ଦରୁ ଦିବ୍ୟ ମକରନ୍ଦ ପାନ କୌଶଳୀ ଭକ୍ତମାନେ ଆଜି ଶୁଦ୍ଧ ଆନନ୍ଦରେ ହୃଷ୍ଟ । ସକଳ ଭୋଗ ବାସନାକୁ ଜଳାଞ୍ଜଳି ଦେଇ ସାଷ୍ଟାଙ୍ଗ ପ୍ରଣାମ ମାଧ୍ୟମରେ ଅଷ୍ଟାଙ୍ଗଯୋଗର ସହଜସାଧନର ମାର୍ଗ ଆଜି ଯୁଗୋପଯୋଗୀ । ହତାଶ ହେବା ନିଷ୍ପ୍ରୟୋଜନ । ଇଚ୍ଛାରୁ ଯିଏ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି କରିପାରନ୍ତି, ତାଙ୍କ ଇଚ୍ଛା ବହିର୍ଭୂତ କିଛି ହୋଇପାରେନା । ତେଣୁ ନତଶିରରେ ତାଙ୍କରି ଇଚ୍ଛାକୁ ମାନିନେବା ଠାରୁ ଅଧିକ ବିଜ୍ଞତା କିଛି ଅଛି ବୋଲି ଆମ୍ଭର ହୃଦ୍‌ବୋଧ ହୁଏନା ।

**କ୍ଷ**ଣମାତ୍ର ଲୟ ସ୍ଥିର କଲେ, ପ୍ରଭୁଙ୍କର ସୂକ୍ଷ୍ମସତ୍ତା ଆପଣା ଘଟରେ ଭକ୍ତ ଅନୁଗତ ଶିଷ୍ୟ ଅତି ସହଜରେ ଉପଲବ୍ଧି କରିବ ହିଁ କରିବ । ଏହା ପ୍ରତି ପ୍ରତ୍ୟେକଙ୍କ ଅନୁଭୂତି ସାପେକ୍ଷ ।

ଅଳମତି ବିସ୍ତରେଣ !

**ସଂପାଦନା**

☆☆☆




## ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!

### ଅଚ୍ୟୁତଙ୍କ ଲେଖନୀରୁ

''ଘୋଷ ଗୁରୁନାମ ବସି,
ଉଆଁସ ନିଶିରେ ଉଦୟ ଶଶୀ,
ମରୁଆ ଫୁଲ,
ଚାହିଁ ଦେଖ କାଳ ଫାଶୀ ।।''

**ର**ଚୟିତାଙ୍କର ଏହି ପ୍ରକାର ସାନ୍ଧ୍ୟଭାଷାର ମର୍ମାର୍ଥ ବୁଝିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ । ତଥାପି, ଏହା ବୋଧଗମ୍ୟ ନ ହେଲେ ସତ୍ୟ ଉପରେ ପର୍ଯ୍ୟବେସିତ । ମହାପୁରୁଷଙ୍କର ବାଣୀ ଅଟଳ ଅଟଳ । ଏହା କଦାପି ମିଥ୍ୟା ପ୍ରମାଣିତ ହୋଇନାହିଁ, ହୋଇପାରେ ନାହିଁ । ଅଜ୍ଞାନତା ଦୋଷରୁ ସର୍ବସାଧାରଣଙ୍କର ଏହା ଅବୋଧ୍ୟ ।

କମ୍ବୁକଣ୍ଠରେ ମହାପୁରୁଷ ଗାଇଯାଇଛନ୍ତି :

''ଚୋରପ୍ରାୟେ ପୁଣି ଅବନୀ ଭ୍ରମିବୁ ଭକ୍ତ ଚେତାଇବା ପାଇଁ ।
ଚାହିଁ ଜକ ଜକ ନିନ୍ଦୁଥିବେ ମୁର୍ଖ କେ କିମ୍ପା ପ୍ରଭୁ ହୁଅଇ ।।''

**ଲି**ଖିତ ମାଳିକାର ପ୍ରତିଟି ସନ୍ଦେଶ ସତ୍ୟ ପ୍ରତିପାଦିତ । ଏବର ସମାଜରେ ଏହା ଘଟିଛି, ଘଟୁଛି, ଘଟିବ । ପଣ୍ଡିତମନ୍ୟ ଅହଂକାରୀ ଲେଖକକାରମାନେ କେଉଁ ସାଧନାବଳରୁ ସାଧୁସନ୍ଥ ମହାପୁରୁଷମାନଙ୍କୁ ପରଖିବାର ସାହସ କରୁଛନ୍ତି ? କେଉଁ ସିଦ୍ଧ ବା ବିଭୂତି ତାଙ୍କଠାରେ ସାଇତା ଅଛି ? କେଉଁ ମାପକାଠିରେ ସେ ମହାଭାବକୁ ଭାବିନେଇ ପାରୁଛନ୍ତି ? ଅନୁଭବ କରିପାରୁଛନ୍ତି ସତ୍ୟାସତ୍ୟ ? ସମୟ ହିଁ ବଳବାନ୍ । କାଳର ଗତି କୁଟିଳ । ଭବିଷ୍ୟତ ହିଁ ଏହା ନିର୍ଦ୍ଧାରଣ କରିବ । ଆପଣା ପିତାଙ୍କୁ ବାପା ବୋଲି ସ୍ୱୀକାର ନ କଲେ ସେ କ'ଣ ପିତୃତ୍ୱ ହରାଇ ବସିବେ କି ?


# ଚାରିଖାନି :

ତୃତୀୟ ଖଣ୍ଡ : ପୃ୧୨୩ା



ଶୁଣ ରାମ ଦାସ କହିତ ଥାଇ ।
ପଢ଼ା ମାଗି ନେଲେ ପାଞ୍ଚ ଭାଇ ।।
ଏକ କନ୍ୟା ଭାଗେ ବାଣ ବାନ୍ଧିଲା ।
ପଚିଶ କନିଆ ମାଥେ ଥୋଇଲା ।।
ଷଢ଼ ବନ ଷଢ଼ ଶତ୍ରୁ ଜଗାଇ ।
ବ୍ରହ୍ମା, ବିଷ୍ଣୁ, ଶିବ ପଦେ ଜଣାଇ ।।
ମରତ, ସରଗ, ପାତାଳ କରି ।
ନ ଅଙ୍କ ଆସିବ ସବୁରି ମାଗି ।।
ତୋତେ ଚାହିଁ ରାମ ମୋଗଲ କରେ ।
ଚକଡ଼ା କରିବୁ ବିଂଶଭାନୁରେ ।।
କଳି ଭାଗ ବଳିରାଜାକୁ ଦେଇ ।
ସଭିଏଁ ଯବନ ବେଶ ସାଜଇ ।।
ଏଣିକି ଅଛୁତି କରିବ କିସ ।
ମ୍ଲେଛ ସାଜି ବୁଲେ ଯବନ ବେଶ ।।





# ପୁରାଣ ପୃଷ୍ଠାରୁ

## ଗଳ୍ପାଂଶ

*ଗଳ୍ପ ଶୁଣିବାକୁ ବା ପଢ଼ିବାକୁ କିଏ ବା ଭଲ ନ ପାଏ ? ଗଳ୍ପ ପଠନ ଓ ଶ୍ରବଣରୁ ଆନନ୍ଦ ଲାଭ କରିବା ମନୋବୃତ୍ତି ମଣିଷର ସହଜାତ । ଏହି ସହଜାତ ପ୍ରବୃତ୍ତିକୁ ଉପଲବ୍ଧି କରି ଅଷ୍ଟାଦଶ ପୁରାଣର ଛତ୍ରେଛତ୍ରେ ତତ୍ତ୍ୱଭିତ୍ତିକ ଗଳ୍ପାଂଶମାନ ସାର୍ଥକ ଓ ସଫଳ ଭାବରେ ଖଞ୍ଜା ଯାଇଛି । ଅନେକ ବାର, ଓଷା, ବ୍ରତ ଇତ୍ୟାଦିକୁ ଜନମାନସରେ ଲୋକପ୍ରିୟ କରି ବହୁଳ ପ୍ରସାର ନିମନ୍ତେ ଗଳ୍ପାଂଶମାନ ଖଞ୍ଜି ଦିଆଯାଇଛି । ପ୍ରାୟ ସବୁ ସମୟରେ ଧର୍ମପ୍ରବକ୍ତା ଓ ଧର୍ମଗୁରୁମାନେ ଜନମାନସର ଚିତ୍ତଶୁଦ୍ଧି ଓ ସମାଜକୁ ଅଧ୍ୟାତ୍ମଶିକ୍ଷା ଦେବା ପାଇଁ ଗଳ୍ପ କଥନର ଶୈଳୀକୁ ବାଛି ନେଇଛନ୍ତି । ଏହା ଏକ ପ୍ରାମାଣିକ ସତ୍ୟ; ତେଣୁ ପ୍ରମାଣକୁ ଅପେକ୍ଷା କରେ ନାହିଁ । ମାତ୍ର, କେବଳ ଗଳ୍ପାଂଶକୁ ନେଇ ଆମୋଦିତ ହେବା ସଚ୍ଚା ମଣିଷର ରୁଚିନୁହେଁ । ପ୍ରତ୍ୟେକ ଗଳ୍ପ ଓ ପୌରାଣିକ ଆଖ୍ୟାୟିକାର ଅନ୍ତରାଳରେ ନିଗୂଢ଼ ତତ୍ତ୍ୱ ବିରାଜିତ । ଆଜି ଶିକ୍ଷା, ସଂସ୍କୃତି, ସାମାଜିକ ଜୀବନ କ୍ଷୟଶୀଳ ରାଜପଥରେ ଅଗ୍ରସର । ଏହି ଅବକ୍ଷୟ ବ୍ୟକ୍ତି, ଦମ୍ପତି, ପରିବାର, ସମାଜ, ରାଷ୍ଟ୍ର ଏବଂ ବିଶ୍ୱକୁ ସତେଯେପରି ଆବୋରି ବସିଛି । ସବୁଠି ସକଳେ ଅସହିଷ୍ଣୁ ଅବଶେଷରେ ଦୀର୍ଘଶ୍ୱାସ ଛାଡ଼ି ତ୍ରାହି ତ୍ରାହି ଡ଼ାକ ଛାଡୁଛନ୍ତି । ବିକ୍ଷୁବ୍ଧ ଅସ୍ୱସ୍ତିକର ପରିବେଶ ଓ ପରିସ୍ଥିତିରୁ ମୁକ୍ତ ହେବାକୁ ସଭିଏଁ ପ୍ରୟାସୀ । କିନ୍ତୁ, କାହିଁ ମୁକ୍ତି ? ମୁକ୍ତି କାହିଁ ?? 'ପୁରାଣ ପୃଷ୍ଠାରୁ' 'ଚରମ'ର ଏକ ନିୟମିତ ଧାରାବାହିକ ସ୍ତମ୍ଭ । ପ୍ରତି ପୁଷ୍ପର ଭିନ୍ନ ଭିନ୍ନ ପାଖୁଡ଼ାରେ ବିଭିନ୍ନ ପୁରାଣରୁ ସଂଗୃହୀତ ଓ ସୁନିର୍ବାଚିତ ଗଳ୍ପାଂଶ ସହିତ ସେସବୁର ଅନ୍ତରାଳରେ ଥିବା ନିଗୂଢ଼ ତତ୍ତ୍ୱମାନର ମୀମାଂସା ପତ୍ରସ୍ଥ ହୋଇ ଆସୁଛି । ଗଳ୍ପାଂସ ପଢ଼ି ବିମଳ ଆନନ୍ଦ ଲାଭ କରିବା ସହିତ ତତ୍ତ୍ୱ ମୀମାଂସାରୁ ଶୁଦ୍ଧଜ୍ଞାନ ଲାଭ କରି ପାଠକ/ପାଠିକା ଭାଇଭଉଣୀମାନେ ଆଧ୍ୟାତ୍ମିକ ଦିଗ୍‌ଦର୍ଶନ ପାଇପାରିବେ ।*

## ଗାନ୍ଧାରୀଙ୍କ ଶତପୁତ୍ର

କୁରୁରାଜ ଧୃତରାଷ୍ଟ୍ରଙ୍କ ରାଣୀ ଗାନ୍ଧାରୀ । ସେ ସନ୍ତାନମାନଙ୍କର ଜନନୀ ହେବାକୁ ଅସମର୍ଥ ବୋଲି ବଶିଷ୍ଠ କହିଥିବାର ପାଣ୍ଡୁ ଶୁଣିଥିଲେ । ସାରଳା ମହାଭାରତ ଆଦ୍ୟପର୍ବ ପୃ ୨୧୭ସ୍ଥାରେ ଲେଖାଅଛି–

''ସନ୍ତାନକୁ ଇଚ୍ଛା ତୁ କର ନୃପମଣି ।

ଗାନ୍ଧାରୀକି ପୁତ୍ର ନାହିଁ ମୁଁ ବଶିଷ୍ଠଙ୍କ ତହୁଂ ଅଛି ଶୁଣି ॥''

ନବଜାତ ଯୁଧିଷ୍ଠିରଙ୍କୁ ଦେଖିବାକୁ ଆସିଥିବା ଧୃତରାଷ୍ଟ୍ରଙ୍କୁ ପାଣ୍ଡୁ ଏହା କହିଛନ୍ତି । ଏହା ପରେ ପାଣ୍ଡୁ ବ୍ୟାସଦେବଙ୍କୁ ଅନୁନୟ କରି କହିଛନ୍ତି–

''ବୃଦ୍ଧତ୍ତେଣ ବଂଶ ସ୍ୱାମୀ ତୁହି ସେ କଲୁ ରକ୍ଷା ।

ଯେବେ ଏମନ୍ତ ଧୃତରାଷ୍ଟ୍ରଙ୍କର ସନ୍ତାନ ହୋଅଇ ସେ କଥା କର ବାଞ୍ଛା ।।''

**ସଂ**ସ୍କୃତ ମହାଭାରତ ଅନୁଯାୟୀ ଗାନ୍ଧାରୀ ଶତପୁତ୍ର ଲାଭ କରିବାପାଇଁ ଦୁଇଥର ବର ପାଇଥିଲେ । ଥରେ ବିବାହ ପୂର୍ବରୁ ମହାଦେବଙ୍କୁ ସେବାକରି ଓ ଦ୍ୱିତୀୟ ଥର ବିବାହ ପରେ କ୍ଷୁଧା ଓ ପଥଶ୍ରମରେ କାତର ହୋଇଥିବା ବ୍ୟାସଦେବଙ୍କୁ ପରିଚର୍ଯ୍ୟାରେ ସନ୍ତୁଷ୍ଟ କରି । ବ୍ୟାସଦେବଙ୍କ ବର ପାଇବାପରେ, ସେ ଗର୍ଭଧାରଣ କଲେ । ଦୁଇବର୍ଷ ପର୍ଯ୍ୟନ୍ତ ଗର୍ଭ ଧାରଣ କଲେ ମଧ୍ୟ ସନ୍ତାନ ପ୍ରସବ ହୋଇ ନ ଥିଲା । ଇତି ମଧ୍ୟରେ କୁନ୍ତୀ ଦେବୀଙ୍କର ଯୁଧିଷ୍ଠିର ନାମକ ପୁତ୍ର ଜାତ ହେଲା । କୁନ୍ତୀଙ୍କର ପୁତ୍ରଲାଭ ସମ୍ବାଦ ପାଇ, ଗାନ୍ଧାରୀ ଅତ୍ୟନ୍ତ କ୍ଷୁବ୍ଧ ହୋଇ କର୍ତ୍ତବ୍ୟଜ୍ଞାନ ଶୂନ୍ୟ ହୋଇ, ଧୃତରାଷ୍ଟ୍ରଙ୍କର ଅଜ୍ଞାତରେ ଗର୍ଭପାତ କଲେ । ସେହିଗର୍ଭରୁ ଲୌହପିଣ୍ଡ ସଦୃଶ କଠିନ ଏକ ମାଂସପିଣ୍ଡ ଜନ୍ମ ହେଲା । ଗାନ୍ଧାରୀ ସେହି ମାଂସପିଣ୍ଡକୁ ଫିଙ୍ଗିଦେବା ପାଇଁ ଉଦ୍‌ଯୋଗ କଲେ । ବ୍ୟାସଦେବ ଏ ସମସ୍ତ ବିଷୟ ଧ୍ୟାନବଳରେ ଜାଣି ସେହି ସ୍ଥାନରେ ଯଥାଶୀଘ୍ର ଉପସ୍ଥିତ ହେଲେ ଏବଂ ଏକଶତ ଏକ କଳସୀରେ ଘୃତପୂର୍ଣ୍ଣ କରିବାକୁ ଆଦେଶ ଦେଲେ । ଏହାପରେ ସେହି କଠିନ ମାଂସପିଣ୍ଡକୁ ଶୀତଳ ଜଳରେ ସିକ୍ତ କରିବା ପରେ, ଏହା ବହୁ ଖଣ୍ଡରେ ବିଭକ୍ତ ହେଲା । ପରେ ସେହି ମାଂସପିଣ୍ଡ ଅଙ୍ଗୁଷ୍ଠପର୍ବ ପ୍ରମାଣରେ ଏକଶତ ଏକ ଗର୍ଭରେ ପରିଣତ ହୋଇ ପୃଥକ୍ ପୃଥକ୍ ଭାବରେ ପରସ୍ପର ଠାରୁ ଅଲଗା ହୋଇଗଲା । ଗାନ୍ଧାରୀ ବ୍ୟାସଙ୍କ ନିର୍ଦ୍ଦେଶରେ ସେହି ବିଶ୍ଳିଷ୍ଟ ମାଂସପିଣ୍ଡଗୁଡ଼ିକୁ ଘୃତ କଳସୀ ମଧ୍ୟରେ ଭରି ସୁରକ୍ଷିତ ସ୍ଥାନରେ ରଖିଲେ । ବ୍ୟାସଦେବଙ୍କ ଉପଦେଶାନୁଯାୟୀ ଏକ ବର୍ଷପରେ ସେହିସବୁ କଳସୀକୁ ଖୋଲିବାରୁ ସେଥିରୁ ଏକଶତ ପୁତ୍ର ଓ ଏକମାତ୍ର କନ୍ୟା ଜାତ ହେଲେ ।

**ସଂ**ସ୍କୃତ ମହାଭାରତର ଏହି ଗଳ୍ପ ସାରଳା ମହାଭାରତରେ ଦେଖିବାକୁ ମିଳେ ନାହିଁ । ସାରଳା ମହାଭାରତ ଅନୁସାରେ: ପଣ୍ଡୁଙ୍କ ପରାମର୍ଶ ଶୁଣିବା ପରେ ଧୃତରାଷ୍ଟ୍ର ବିଷର୍ଣ୍ଣ ବଦନରେ ବ୍ୟାସଦେବଙ୍କୁ ପୁତ୍ର ପାଇଁ ଅନୁରୋଧ କଲେ । ବ୍ୟାସ ମଧ୍ୟ ଦେଖିଲେ, ଧୃତରାଷ୍ଟ୍ର ଏବଂ ଗାନ୍ଧାରୀଙ୍କ ଜାତକରେ ପୁତ୍ର ନାହିଁ । ତେଣୁ, ପ୍ରତିକାର ନିମନ୍ତେ ସେ ଏକ ମହାଯଜ୍ଞର ଆୟୋଜନ କଲେ । ବିଚ୍ଛାମାସ, ଶୁକ୍ଳପକ୍ଷ, ଚତୁର୍ଥୀ ତିଥି, ଗୁରୁବାରଦିନ ବାଣିଜ୍ୟକରଣ ଓ ଶୂଳଯୋଗରେ ଯମୁନାନଦୀ କୂଳରେ ଯଜ୍ଞ ଆରମ୍ଭ ହେଲା । ଜମିଚାଷ ହୋଇ ପାଗ ହେଲା । ମକର ମାସ ମଧ୍ୟରେ ତିଳରେ ଫୁଲ ଫୁଟିଲା । ଶୁଭଲଗ୍ନରେ ଯଜ୍ଞଶାଳ ନିର୍ମାଣ କରି ମକର ପଞ୍ଚମୀ ଦିନ ଯଜ୍ଞାରମ୍ଭ ହେଲା । ବଶିଷ୍ଠ, ମାର୍କଣ୍ଡ, ବିଶ୍ୱାମିତ୍ର ଏବଂ ଅଗସ୍ତି ପ୍ରଭୃତି ବିଶିଷ୍ଟ ଋଷିମାନେ ଆସି ସେଠାରେ ଉପସ୍ଥିତ ହେଲେ । ଚତୁର୍ବେଦରୁ ବ୍ରାହ୍ମଣମାନେ ମଧ୍ୟ ନିମନ୍ତ୍ରିତ ହେଲେ । ଦଶଦିଗପାଳଙ୍କୁ ବରଣ କରାଗଲା । ରାଜା ଧୃତରାଷ୍ଟ୍ର ମହାଯଜ୍ଞକୁଣ୍ଡରେ ଶହେ ଆଠଥର କନକ ଅଞ୍ଜଳି ଏବଂ ଶହେଥର ଘୃତାଞ୍ଜଳି ଦେଲେ । ଯବ, ତିଳ ଓ ପୁଷ୍ପ ମଧ୍ୟ ଶହେ ଥର ବିଞ୍ଚିଲେ । ସେ ସମୟରେ ତପସ୍ୱୀମାନେ ମହାମନ୍ତ୍ର ପାଠ କରୁଥିଲେ । ବ୍ରାହ୍ମଣମାନେ ହବି ପ୍ରଦାନ କଲେ । ବିଭିନ୍ନ ପ୍ରକାର ଶୀତଳ ଦ୍ରବ୍ୟ ଭୋଗ ରୂପେ ସମର୍ପିତ ହେଲା । ଧୃତରାଷ୍ଟ୍ର ରାଜ୍ୟର ଚାରିପଟେ ଥିବା ପଞ୍ଚତୀର୍ଥରେ ସ୍ନାନ କଲେ । ପାଞ୍ଚଦିନ ପର୍ଯ୍ୟନ୍ତ ଆହୁତି ପ୍ରଦାନ କରାଗଲା । ଏସବୁ ସତ୍ତ୍ୱେ ଅଗ୍ନି ବାମାବର୍ତ୍ତ ହୋଇ ବୁଲିଲା । କନ୍ୟାଜାତର ଏହା ସଙ୍କେତ । ତେଣୁ, ପୁଣି ଅଗ୍ନିଙ୍କୁ ଆରାଧନା କରିବା ଫଳରେ ଅଗ୍ନି ଦକ୍ଷିଣାବର୍ତ୍ତ ହେଲେ । କନକ ଭାଣ୍ଡ ଭିତରେ ଘୃତ ଦେଇ ତିନିପୋଷ ତଣ୍ଡୁଳ ଦିଆଗଲା । ସେଥିରୁ ମାତ୍ର ଶହେଟି ତଣ୍ଡୁଳ ଫୁଟିଲା । ସେହି ଅନ୍ନ ଭକ୍ଷଣ କରି ଗାନ୍ଧାରୀ ଗର୍ଭବତୀ ହେଲେ ।

**ଥ**ରେ ଗାନ୍ଧାରୀ ବୈଶାଖମାସ ଖରାରେ ବିମାନ ଆରୋହଣ ପୂର୍ବକ ଗଙ୍ଗାସ୍ନାନ କରିବାକୁ ବାହାରିଲେ । ଖରାତାପରେ ସେ ଗର୍ଭଭାରା ସମ୍ଭାଳି ପାରିଲେ ନାହିଁ । ଫଳରେ ଚରୁଅନ୍ନ ସବୁ ଉଦ୍‌ଗାର କରି ପକାଇ ମୂର୍ଚ୍ଛାଗଲେ । ସେ ସବୁ ଅନ୍ନ କିନ୍ତୁ ଅତୁଟ ଥିଲା । ଗଙ୍ଗାଜଳରେ ପଡ଼ି ସୁନାପରି ଝଟକିଲା । ଏତିକିବେଳେ ବ୍ୟାସଦେବ ମଧ୍ୟ ସେଠାକୁ ସ୍ନାନ ନିମନ୍ତେ ଆସିଥିଲେ । ଗାନ୍ଧାରୀଙ୍କ ଅବସ୍ଥା ଦେଖି ସେ ମହାମନ୍ତ୍ରରେ କମଣ୍ଡଳୁ ଜଳ ସିଞ୍ଚି ସେହି ଚରୁଅନ୍ନ ସବୁକୁ ଜୀବନ୍ୟାସ ଦେଲେ । ଗାନ୍ଧାରୀ ସେହି ଶହେପୁଅଙ୍କୁ ବିମାନରେ ଶୁଆଇ ହସ୍ତିନାର ରାଜପୁରକୁ ନେଇ ଆସିଲେ । ଗାନ୍ଧାରୀଙ୍କ ଶତପୁତ୍ରଙ୍କର ନାମ ନିମ୍ନରେ ପ୍ରଦତ୍ତ ହେଲା :

(୧) ଦୁର୍ଯ୍ୟୋଧନ, (୨) ଦୁଃଶଳ, (୩) ଦୁଃଶାସନ, (୪) ଦୁଃସହ, (୫) ଦୁରାଧନ, (୬) ଦୁରାଧର, (୭) ଦୁର୍ଜୟ, (୮) ଦୁର୍ଧର୍ଷ (୯) ଦୁର୍ମଦ, (୧୦) ଦୁର୍ମର୍ଷଣ, (୧୧) ଦୁର୍ମୁଖ, (୧୨) ଦୁର୍ବିଗାହ, (୧୩) ଦୁର୍ବିମୋଚନ, (୧୪) ଦୁର୍ବିରୋଚନ, (୧୫) ଦୁର୍ବିସହ, (୧୬) ଦୁଷ୍କର୍ଣ୍ଣ, (୧୭) ଦୁଷ୍କରାଜୟ, (୧୮) ଦୁଷ୍ପ୍ରଧର୍ଷ, (୧୯) ଦୁଷ୍ପ୍ରଧର୍ଷଣ, (୨୦) ଦୃଢ଼ବର୍ମା, (୨୧) ଦୃଢ଼କ୍ଷତ୍ର (୨୨) ଦୃଢ଼ରଥ, (୨୩) ଦୃଢ଼ରଥାଶ୍ରୟ, (୨୪) ଦୃଢ଼ସନ୍ଧ, (୨୫) ଦୃଢ଼ହସ୍ତ, (୨୬) ଦୃଢ଼ାୟୁଧ, (ସଂସ୍କୃତ ମହାଭାରତର ଏହି ନାମଗୁଡ଼ିକ ମଧ୍ୟରୁ ୨୦ ରୁ ୨୬ ପର୍ଯ୍ୟନ୍ତ ନାମ ଗୁଡ଼ିକ ସାରଳା ଦାସ ପରିବର୍ତ୍ତନ କରି ଦେଇଛନ୍ତି । ତାଙ୍କ ରଚିତ ମହାଭାରତରେ କୌରବ ଶତଭ୍ରାତାଙ୍କ ନାମ କ୍ରମାନୁସାରେ : (୧) ଦୁର୍ଯ୍ୟୋଧନ, (୨) ଦୁଃଶାସନ, (୩) ଦୁର୍ମନ, (୪) ଦୁର୍ବାଳ, (୫) ଦୁର୍ଜନ, (୬) ଦୁର୍ବୀର (୭) ଦୁରାନ୍ତକ, (୮) ଦୁର୍ବିନ୍ଦ, (୯) ଦୁରନ୍ତ, (୧୦) ଦୁଃସହ, (୧୧) ଦୁରାମ, (୧୨) ଦୁଃସମ, (୧୩) ଦୁଷ୍ଟାମ, (୧୪) ଦୁର୍ମାଳୀ, (୧୫) ଦୁଷ୍କୁଳ, (୧୬) ଦୁଷ୍କର୍ଣ୍ଣ, (୧୭) ଦୁର୍ହଣ, (୧୮) ଦୁର୍ଦ୍ଦକ୍ଷ, (୧୯) ଦୁର୍ଗମ, (୨୦) ଦୁରାଷ୍ଟ, (୨୧) ଦୁର୍ବଳ, (୨୨) ଦୁଷ୍ଟକ, (୨୩) ଦୁର୍ଭାର, (୨୪) ଦୁର୍ଭୀମ, (୨୫) ଦୁର୍ନାମ, (୨୬) ଦୁରାଣ, (୨୭) ଦୁର୍ଦ୍ଧଂସ, (୨୮) ଦୁଃସନ, (୨୯) ଦୂଷଣ, (୩୦) ଦୁଷ୍ଟ, (୩୧) ଦୁରାନ୍ତନ, (୩୨) ଦୁର୍ଦ୍ଦଣ୍ଡ, (୩୩) ଦୁରାଢ, (୩୪) ଦୁର୍ଦ୍ଧାନ୍ତ, (୩୫) ଦୁରାଶନ, (୩୬) ଦୁଃଶୟ, (୩୭) ଦୁସନ୍ତେକ, (୩୮) ଦୁସ୍ତର, (୩୯) ଦୁର୍ବହଣ, (୪୦) ଦୁର୍ମାଳ, (୪୧) ଦୁରାନନ୍ଦ, (୪୨) ଦୁର୍ହରି (୪୩) ଦୁର୍ମର୍ଷଣ, (୪୪) ଦୁରାପଦ, (୪୫) ଦୁରକ, (୪୬) ଦୁର୍ଦ୍ଧାସ, (୪୭) ଦୁକାଳ, (୪୮) ଦୁରାୟ, (୪୯) ଦୁରାନନ, (୫୦) ଦୁର୍ଗତ, (୫୧) ଦୁଷ୍ଟାପ, (୫୨) ଦୁରାଳୟ, (୫୩) ଦୁର୍ମତି, (୫୪) ଦୁରଙ୍ଗ, (୫୫) ଦୁର୍ଜୟ (୫୬) ଦୁର୍ନିଧି, (୫୭) ଦୁର୍ଦ୍ଧାର, (୫୮) ଦୁରାକର୍ଣ୍ଣ, (୫୯) ଦୁର୍ମୁଖ, (୬୦) ଦୁର୍ଭାଷ, (୬୧) ଦୁର୍ଭାବ, (୬୨) ଦୁଷ୍କର, (୬୩) ଦୁଃଶବ, (୬୪) ଦୁର୍ମୋହ, (୬୫) ଦୁର୍ଭୋଗ, (୬୬) ଦୁର୍ଲୟ, (୬୭) ଦୁର୍ଭୟ, (୬୮) ଦୁରାମୟ, (୬୯) ଦୁର୍ବିସହ, (୭୦) ଦୁକେତୁ, (୭୧) ଦୁରାୟନ, (୭୨) ଦୁଃସିଦ୍ଧି, (୭୩) ଦୁଃତନୁ, (୭୪) ଦୁଃସିଂହ, (୭୫) ଦୁରାଶୟ, (୭୬) ଦୁର୍ବାହ, (୭୭) ଦୁର୍ନିରୀକ୍ଷ, (୭୮) ଦୁର୍ବହ, (୭୯) ଦୁର୍ମଦ, (୮୦) ଦୁରାତ୍ମା, (୮୧) ଦୁରାଚାର, (୮୨) ଦୁସ୍ତେଜ, (୮୩) ଦୁରାସଦ, (୮୪) ଦୁର୍ମୋକ, (୮୫) ଦୁଷ୍କରାଜୟ (୮୬) ଦୁର୍ଦ୍ଧାନ୍ତ, (୮୭) ଦୁଃଶଳ, (୮୮) ଦୁର୍ବାକ, (୮୯) ଦୁର୍ବିଗାହ, (୯୦) ଦୁର୍ବୀନିତ, (୯୧) ଦୁରାଧ, (୯୨) ଦୁରକ୍ଷକ, (୯୩) ଦୁରଭିସନ୍ଧି, (୯୪) ଦୁର୍ଣ୍ଣୟ, (୯୫) ଦୁରୂହ, (୯୬) ଦୁର୍ମେଧ୍ୟ, (୯୭) ଦୁର୍ଦ୍ଧର୍ଷ, (୯୮) ଦୁର୍ବିମୋଚନ, (୯୯) ଦୁର୍ଭେଦୀ, (୧୦୦) ଦୁଃସାଧ୍ୟ ।

ଏହି ଶତପୁତ୍ର ବ୍ୟତୀତ ଗାନ୍ଧାରୀଙ୍କର କନ୍ୟାଟିଏ ମଧ ପ୍ରାପ୍ତ ହୋଇଥିଲା । ସେହିକନ୍ୟାର ନାମ ଦୁଃଶୀଳା । ଶତପୁତ୍ରର ଜନନୀ ଗାନ୍ଧାରୀ ବିଶ୍ୱଜନନୀର ଗୌରବ ଲାଭ କରିଥିଲେ ମଧ୍ୟ ଅହଂକାରୀ ଓ ଅଭିମାନ ଶୂନ୍ୟ ଥିଲେ । ସେ କଦାପି ଆପଣା ପୁତ୍ରମାନଙ୍କଠାରେ ସ୍ନେହ ସୀମାବଦ୍ଧ କରି ନ ଥିଲେ । ବିଶ୍ୱର ପ୍ରତ୍ୟେକ ଜନନୀର ହୃଦୟ ସେ ଉପଲବ୍ଧି କରି ପାରିଥିଲେ, ତେଣୁ ବିଶ୍ୱର ପ୍ରତ୍ୟେକଙ୍କଠାରେ ସମଭାବରେ ତାଙ୍କର ବାତ୍ସଲ୍ୟମମତା ନିହିତ ଥିଲା ।

## ମୀମାଂସା

କୃ + ଉ = କୁରୁ ବା କର୍ମ, କାର୍ଯ୍ୟ ପର୍ଯ୍ୟାୟବାଚକ । ରାଷ୍ଟ୍ର ବା ସ୍ଥୂଳଶରୀରକୁ ଯେ ଧାରଣ କରନ୍ତି ବା ଯାହାଙ୍କ ଦ୍ୱାରା ସ୍ଥୂଳଶରୀର ଧୃତ ହୋଇଛି ସେ ଧୃତରାଷ୍ଟ୍ର । ରଜଃଗୁଣଯୁକ୍ତ ଆନୁମାନିକ ବୁଦ୍ଧି ସ୍ଥୂଳଶରୀରକୁ ଧାରଣ କରିଥିବାରୁ ତାହା ଅନ୍ଧ । ଯେ ଦର୍ଶନ ଶକ୍ତିର ଅଧିକାରୀ ନୁହେଁ ସେହି ଆନୁମାନିକ ବୁଦ୍ଧି ହିଁ ଅନ୍ଧ ଧୃତରାଷ୍ଟ୍ର । ତାଙ୍କ ରାଣୀ ଗାନ୍ଧାରୀ ହିଁ ମାୟା, ମାୟା ମଧ୍ୟ

ଅନ୍ଧ । ମାୟାବଦ୍ଧ ଜୀବ ମାୟାନ୍ଧ । ଆନୁମାନିକ ଅନ୍ଧବୁଦ୍ଧି (ଧୃତରାଷ୍ଟ୍ର) ଏବଂ ଅନ୍ଧ ମାୟା (ଗାନ୍ଧାରୀ)ଙ୍କର ଜାତକରେ ସନ୍ତାନ ନାହିଁ ବୋଲି ବଶିଷ୍ଠ କହିଥିଲେ । ବଶିଷ୍ଠ ବ୍ରହ୍ମର୍ଷି ଥିଲେ, ବ୍ରହ୍ମସତ୍ତା ସହିତ ଆକର୍ଷଣ ଭାବ ଥିବା ବିବେକ ଶୁଦ୍ଧ ବିଚାରରୁ ଅଲୌକିକ ଭାବରେ ଭୂତଭବିଷ୍ୟତ ଜ୍ଞାତା । ଆନୁମାନିକ ବୁଦ୍ଧି ଏବଂ ମାୟା ସଚରାଚର କୌଣସି ଭଲଫଳ (ସୁସନ୍ତାନ) ଉପୁଜାଇବା ସମ୍ଭବ ନୁହେଁ ବୋଲି ବଶିଷ୍ଠ (ବିବେକ) ଜାଣନ୍ତି ।

**ମା**ୟା(ଗାନ୍ଧାରୀ) ସନ୍ତାନର ଜନନୀ ହେବା ପାଇଁ ମହାଦେବ (ଶିବ=ମଙ୍ଗଳ=ତତ୍ତ୍ୱଜ୍ଞ)ଙ୍କୁ ସେବା କରି ବର ପାଇଥିଲେ । ତତ୍ତ୍ୱ ସର୍ବଦା ନିରପେକ୍ଷ । ତାହା ସୃଷ୍ଟିର ମଙ୍ଗଳବିଧାୟକ । ତେଣୁ ଅମଙ୍ଗଳକର ସନ୍ତାନ ସୃଷ୍ଟିର ପଥରୋଧ ହେବାରୁ ମାୟା (ଗାନ୍ଧାରୀ)ର ବରପ୍ରାପ୍ତି ନିଷ୍ଫଳ ହୁଏ । ବ୍ୟାସଦେବ ଅର୍ଥାତ୍ କାରଣରୁ ସୂକ୍ଷ୍ମକୁ ଭେଦ କରି ସ୍ଥୂଳ ପର୍ଯ୍ୟନ୍ତ ସୁବିସ୍ତୃତ ଜ୍ଞାନଦେବଙ୍କୁ ସେବାରେ ସନ୍ତୁଷ୍ଟ କରି ମାୟା (ଗାନ୍ଧାରୀ)ଙ୍କର ବରପ୍ରାପ୍ତି ସଫଳ ହୁଏ । ମାତ୍ର ବିଧିର ବିଡ଼ମ୍ବନାରୁ ତାହା ସେ ଧାରଣ କରିପାରନ୍ତି ନାହିଁ । ମାତ୍ର ଜ୍ଞାନମୂର୍ତ୍ତି ବ୍ୟାସଦେବଙ୍କର ବର ଅମୋଘ । ବ୍ୟାସଦେବଙ୍କ ଅଲୌକିକ ଶକ୍ତିରୁ ଗାନ୍ଧାରୀଙ୍କର ମାୟାର ଶହେଜଣ ପୁତ୍ର ଜନ୍ମ ନିଅନ୍ତି ।

**ମ**ନ ହିଁ ତ ବୃନ୍ଦାବନ । ଏହା ଆତ୍ମାର ପ୍ରତିଚ୍ଛବି । ଏହି ମନ ପାଞ୍ଚ ପ୍ରକାର– ମନ, ଅମନ, ସୁମନ, ବିମନ, କୁମନ ନାମରେ ଖ୍ୟାତ । ପ୍ରତ୍ୟେକ ମନର ପାଞ୍ଚ ପ୍ରକୃତି । ତେଣୁ ପାଞ୍ଚମନରୁ ପଚିଶ ପ୍ରକୃତିର ସୃଷ୍ଟି । ପ୍ରତ୍ୟେକ ପ୍ରକୃତିର ଚାରିଗୋଟି ଭାବ । ତେଣୁ ପଚିଶ ପ୍ରକୃତିରୁ ଏକଶହ ଭାବର ଉଦ୍ଭବ । ମାୟା ଅନ୍ଧ (ଗାନ୍ଧାରୀ) ଏବଂ ଅନ୍ଧ ଆନୁମାନିକ ବୁଦ୍ଧି (ଧୃତରାଷ୍ଟ୍ର)ଙ୍କ ଠାରୁ ଏହି ମତେ ଶହେ କୁପୁତ୍ର ବା କୁଭାବ ଜନ୍ମ ନିଅନ୍ତି । ଶତକୁରୁପୁତ୍ର ବା କୌରବ କୁକାର୍ଯ୍ୟରେ ଲିପ୍ତ ରହନ୍ତି । ଶକଟକ ସ୍ଥୂଳମଣ୍ଡଳ ବା ଜଗତରେ ଜୀବଠାରେ ଏମାନେ ଜନ୍ମି କୁରୁକ୍ଷେତ୍ର ବା କର୍ମକ୍ଷେତ୍ର ଏହି ଶରୀରରେ ପଞ୍ଚପାଣ୍ଡବ (ପଞ୍ଚ ଇନ୍ଦ୍ରିୟ, ପଞ୍ଚ ପ୍ରାଣ) ସମେତ ଶ୍ରୀକୃଷ୍ଣ (ଆତ୍ମାପୁରୁଷ)ଙ୍କ ସହିତ ଧର୍ମଯୁଦ୍ଧରେ ଅବତୀର୍ଣ୍ଣ ହୋଇ ସବଂଶେ ବିନାଶପ୍ରାପ୍ତ ହୁଅନ୍ତି । କୌରବବଳ (କୁଭାବ)ଙ୍କୁ ପରାଜିତ କରିବା ପାଇଁ ଜୀବକୁ ଆତ୍ମାପୁରୁଷର ସନ୍ନିଧି ଲାଭ କରିବାକୁ ହୁଏ, ଶରଣାଗତ ହେବାକୁ ପଡ଼େ । ଏହା ବ୍ୟତୀତ ଅନ୍ୟ ପନ୍ଥା ନାହିଁ । ଗାନ୍ଧାରୀଙ୍କ ଶତପୁତ୍ର (ଶହେଟି କୁଭାବ)ର ସ୍ୱରୂପ ନିମ୍ନରେ କ୍ରମାନୁସାରେ ପ୍ରଦତ୍ତ ହେଲା ।

(୧) ଦୁର୍ଯ୍ୟୋଧନ : (ଦୁଃ-ଯୁଧ୍+ଅନ୍) ଯୁଦ୍ଧରେ ଦୁର୍ଜୟ । ଏ ଶରୀରରେ ଧର୍ମ ଅଧର୍ମର ଯୁଦ୍ଧକ୍ରିୟା ଚାଲିଛି । ଦୁର୍ଯ୍ୟୋଧନ ସତ୍ତ୍ୱଗୁଣ ଅଭାବରେ ରଜ ଓ ତମଗୁଣ ଭାବ ମତିରେ ଆଧିକ୍ୟ ହେତୁ ଭିତରେ ନିଷ୍ଠା ଥାଇ ମଧ୍ୟ ବାହ୍ୟତଃ କ୍ରୁର ଏବଂ ଦୁଷ୍ଟ ।

(୨) ଦୁଃଶାସନ : (ଦୁଃ-ଶାସ୍+ଅନ) ମନ୍ଦ ଶାସନ, ଅନିଷ୍ଟ ପରାୟଣ, ନୀତିହୀନ, ବିଚାର ବୁଦ୍ଧି ବିବେକ ଶୂନ୍ୟ

(୩) ଦୁର୍ମନ : (ଦୁଃ-ମନସ୍+ଅ) ଉଦ୍‌ବିଗ୍ନଚିତ୍ତ, ଦୁର୍ଭାବନାଗ୍ରସ୍ତ, ମନ୍ଦ ମାନସିକ ଅବସ୍ଥା ।

(୪) ଦୁର୍ବାଳ : (ଦୁଃ+ବାଳ) ମନ୍ଦ କେଶଯୁକ୍ତ । ଦୁଷ୍ଟ ଭାବ ।

(୫) ଦୁର୍ଜନ : (ଦୁଃ+ଜନ) ଖରାପ ବା ଦୁଷ୍ଟ ଲୋକ । ଦୁଷ୍ଟ, ଖଳ ସ୍ୱଭାବ ।

(୬) ଦୁର୍ବୀର : (ଦୁଃ+ବୀର) ଦୁଷ୍ଟାମିରେ ବୀରତ୍ୱ ଭାବ ।

(୭) ଦୁରାନ୍ତକ : (ଦୁଃ+ଆ+ଅନ୍ତକ) ଯାହା କଠିନ ଅବସ୍ଥା ଧାରଣ କରି ଦମ୍ଭୀଭୂତ ହୁଏ, ଧୈର୍ଯ୍ୟର କୁ ଅବସ୍ଥା ।

(୮) ଦୁର୍ବିନ୍ଦ : (ଦୁଃ+ବିନ୍ଦ) ଯାହାର ରେତଃ ବା ଶୁକ୍ର ଦୂଷିତ । ଯେ ସାଧନା କରିବାକୁ ନିତାନ୍ତ ଅସମର୍ଥ ।

(୯) ଦୁରନ୍ତ : (ଦୁଃ+ଅନ୍ତ) ମିଥ୍ୟାକୁ ସତ୍ୟ ମନେ କରି ଜାବୁଡ଼ି ଧରିବା ଓ ସେହି ହେତୁ ଶେଷରେ ନାଶଯିବା ।

(୧୦) ଦୁଃସହ : (ଦୁଃ+ସହ) ବିରୋଧୀ ଶକ୍ତି, ସଦ୍‌ମତିର ବିରୋଧୀ । ଦୁଷ୍ଟତାକୁ ସହ୍ୟ କରିବା ।

(୧୧) ଦୁରାମ : (ଦୁଃ+ରାମ) ବୁଦ୍ଧିଦ୍ୱାରା ଅତିକ୍ରମ କରିବା କଷ୍ଟକର ଭାବ । ମିଥ୍ୟାକୁ ସତ୍ୟ ଜ୍ଞାନକରି ଜଟିଳ ରୂପ ଧାରଣ କରିବା ଭାବ ।

(୧୨) ଦୁଃସମ : (ଦୁଃ+ସମ) ଯାହାଠାରେ ସାମ୍ୟଭାବ ନାହିଁ, ବୈଷମ୍ୟଭାବ ପରିପୂର୍ଣ୍ଣ ଅବସ୍ଥାରେ ଅଛି ।

(୧୩) ଦୁଷ୍କାମ : (ଦୁଃ+କାମ) ମନ୍ଦ କାର୍ଯ୍ୟରେ ପ୍ରବୃତ୍ତି । ସର୍ବଦା ନାବାଳକ ବା ଶୈଶବାବସ୍ଥାର ଭାବ, କିନ୍ତୁ ମନ୍ଦ ପ୍ରବୃତ୍ତି ।

(୧୪) ଦୁର୍ମୀଳ : (ଦୁଃମିଳ) ଦୁର୍ଲଭ, ଦୁଷ୍ପ୍ରାପ୍ୟ ।

(୧୫) ଦୁଷ୍କୁଳ : (ମନ୍ଦକୁଳ) କୁଳର ଅନିଷ୍ଟକାରୀ, ବଂଶ ବିଧ୍ୱଂସକାରୀ ।

(୧୬) ଦୁର୍କର୍ଣ୍ଣ : ମନ୍ଦ କଥା ଶ୍ରବଣପ୍ରିୟ ।

(୧୭) ଦୁର୍ହଣ : ଦୁଷ୍କାମିରେ ଯେଉଁଭାବ ଅନ୍ୟକୁ ହତ୍ୟା କରିବାକୁ ପ୍ରବୃତ୍ତ ହୁଏ ।

(୧୮) ଦୁର୍ଦ୍ଦକ୍ଷ : (ଦୁଃ+ଦକ୍ଷ) ମନ୍ଦ କାର୍ଯ୍ୟରେ ଦକ୍ଷ ।

(୧୯) ଦୁର୍ଗମ : (ଦୁଃ+ଗମ୍+ଅ) ଦୁର୍ଜ୍ଞେୟ । ଅତ୍ୟନ୍ତ ଅଜ୍ଞ ସ୍ୱଭାବ ।

(୨୦) ଦୁରାଷ୍ଟ୍ର : (ଦୁଃ+ରାଷ୍ଟ୍ର) ଯେଉଁ ଭାବ ରାଷ୍ଟ୍ର ବା ରାଜ୍ୟ ବା ଶରୀରରେ ଦୁଃସ୍ଥତା ଆଣିଦିଏ ।

(୨୧) ଦୁର୍ବଳ : (ଦୁଃ+ବଳ) ନିରାଶ ହୋଇ ଭାଙ୍ଗି ପଡ଼ିବା । ନୈରାଶ୍ୟ ହେତୁ ଶକ୍ତିହୀନତା । ଶିଥିଳ ଅବସ୍ଥା ବିକେନ୍ଦ୍ରିୟ ବିକାର ଜାତ ଭାବ ।

(୨୨) ଦୁଷକ : ଯେଉଁ ଭାବ ଦୂଷଣ କରେ, ଦୋଷ ଜାତ କରେ, ନିନ୍ଦିତ ଓ ଅପବିତ୍ର କରେ ।

(୨୩) ଦୁର୍ଭାର : (ଦୁଃ+ଭାର) ଦୁଃଖରେ ଭାରାକ୍ରାନ୍ତ ହେବା କୁମତି ।

(୨୪) ଦୁର୍ଭୀମ : (ଦୁଃ+ଭୀମ) ଯେଉଁ ଭାବ ହେତୁ ଭୟଙ୍କର ପ୍ରକୃତି ଜାତ ହୁଏ ଓ ତାହା ଦୁଃସ୍ଥତା ଆନୟନ କରେ ।

(୨୫) ଦୁର୍ନାମ : (ଦୁଃ+ନାମ) ଯେଉଁ ଭାବ ନାମର ସାର୍ଥକତା ନଷ୍ଟ କରି ନିନ୍ଦିତ ଓ ଘୃଣ୍ୟ କରେ ।

(୨୬) ଦୁରାଣ : ଯେଉଁ ଭାବରୁ ବ୍ୟକ୍ତି ସାମାଜିକତାରୁ ଦୂରେଇ ରହି ଅସାମାଜିକ ହୋଇ ନାନାଦି କୁକର୍ମରେ ଲିପ୍ତ ହୁଏ ।

(୨୭) ଦୁର୍ଦ୍ଧଂସ : ଯେଉଁ ଭାବରୁ ଜୀବ ପ୍ରବଳ ପରାକ୍ରମଶାଳୀ ହୋଇ ଅପରାଜେୟ ଜ୍ଞାନରୁ ଧ୍ୱଂସ ଲୀଳା ସାଧନ କରେ ।

(୨୮) ଦୁଃସନ : ଏହି ଭାବ ଜୀବକୁ ଦୁଃଖଯାତନାରେ ପକାଇ ପତିତ କରାଇଥାଏ ।

(୨୯) ଦୁଷଣ : ଯେଉଁ ବୁଦ୍ଧି ସମୟ ସମୟରେ ଦୂରରେ ଥାଇ ମଧ୍ୟ ଶତ୍ରୁକୁ ବିନାଶ କରେ । ଯେଉଁଠି କଳଙ୍କ ସୃଷ୍ଟି ହୁଏ ଏବଂ ତତ୍‌ଜନିତ ଦୋଷାରୋପ ଶୁଣାଯାଏ ।

(୩୦) ଦୁଷ୍ଟ : ଏହି ଭାବ ହିଁ ଦୋଷଯୁକ୍ତ, ବିଷାକ୍ତ, ଅପବିତ୍ର, ଅନିଷ୍ଟକର । ଜୀବକୁ ଖଳ ସ୍ୱଭାବ, ଦୁର୍ଜନ, ଅଶୁଭ ଓ ଅବାଧ୍ୟ କରେ ।

(୩୧) ଦୁରାନ୍ତନ : ଏହି ଭାବ ଅତ୍ୟନ୍ତ ପ୍ରଚଣ୍ଡ । ଏହା ଜୀବକୁ ଦୁର୍ଦ୍ଦମ, ଅବାଧ୍ୟ ଓ ଅଶାନ୍ତ କରେ ।

(୩୨) ଦୁର୍ଦ୍ଦଣ୍ଡ : ଏହି ଭାବ ହେତୁ ଜୀବ ଅବାଧ୍ୟ ଓ ଦୁର୍ଦ୍ଧର୍ଷ ହୋଇ ଅସାମାଜିକ କର୍ମରେ ଲିପ୍ତ ହୁଏ ।

(୩୩) ଦୁରାଜ : ଏହି ଭାବ ହେତୁ ଶାସକମାନେ ଅନୀତି ଦୁର୍ନୀତିପରାୟଣ ହୋଇ ପ୍ରଜାଙ୍କର ଅଶେଷ ଅମଙ୍ଗଳ ସାଧନ କରନ୍ତି ।

(୩୪) ଦୁରାଶନ : ଏହି ଭାବର ଆଧିକ୍ୟରୁ କଦର୍ଯ୍ୟ ଖାଦ୍ୟ ପ୍ରତି ଜୀବ ଆଗ୍ରହ ପ୍ରକାଶ କରି ତାହା ଭକ୍ଷଣ କରେ ।

(୩୫) ଦୁର୍ଦ୍ଦାନ୍ତ : (ଦୁଃ–ଦମ୍+ତ) ଏହି ଭାବପ୍ରବଣ ଲୋକଙ୍କୁ ଦମନ କରିବା ଦୁଃସାଧ୍ୟ । ଏମାନେ ଉପଦ୍ରବ କରନ୍ତି । ପ୍ରବଳ ଅତ୍ୟାଚାରୀ ଓ ଉଦ୍ଧତ ହୁଅନ୍ତି ।

(୩୬) ଦୁଃଶୟ : (ଦୁଃ+ଶୟ) ସହ୍ୟ କରି ନ ପାରି ଦୁର୍ବଳତା ଓ ଶକ୍ତିହୀନତା ହେତୁ ଭାଙ୍ଗିପଡ଼ିବା ଓ ମନୋବଳ ହରେଇବା ଭାବ ।

(୩୭) ଦୁସନ୍ତେଜ : ଏହା ଏପରି ଏକ ମନ୍ଦ ସ୍ୱଭାବ ଯେ ଯେଉଁଭାବରୁ ଜୀବର ମନ୍ଦ ସ୍ୱଭାବ ଅନ୍ତଃକରଣରେ ସୂକ୍ଷ୍ମରେ ରହି ବାହାରକୁ ମନ୍ଦ ଆଚରଣରେ ଫୁଟି ଉଠେ ।

(୩୮) ଦୁସ୍ତର : (ଦୁଃ–ତୃ+ଅ) ଏ ଭାବରୁ ଜୀବ ଦୁଃସାହସୀ ହୋଇ ଅପାର କଷ୍ଟସାଧ୍ୟ କାର୍ଯ୍ୟ କରି ଜଗତର ଅହିତ ସାଧନ କରେ ।

(୩୯) ଦୁର୍ବହଣ : (ଦୁଃ–ବହ୍+ଅନ୍) ଏ ଭାବ ଜୀବକୁ କଠିନ ଭାର ବହନ କରାଇଥାଏ । ଏ ଭାବ ବହନ କରିବା ମଧ୍ୟ କଷ୍ଟକର ।

(୪୦) ଦୁର୍ମାଳ : (ଦୁର୍ମାଲ୍ୟ) ଏହି ଭାବ ଥିବା ବ୍ୟକ୍ତି ପୁଷ୍ପମାଲ୍ୟ ଛାଡ଼ି ଯୋତାମାଳ ଭଳି କଦର୍ଯ୍ୟ ମାଳ ଗଳାରେ ଲମ୍ବାଇବାକୁ ଭଲପାଏ ।

(୪୧) ଦୁରାନନ୍ଦ : (ଦୁଃ+ଆନନ୍ଦ) ଦୁଃଖ ଉପରେ ଦୁଃଖ ବୋଝର ଭୋଗ ଅବସ୍ଥା ।

(୪୨) ଦୁର୍ହରି : (ଦୁଃ+ହୃ+ଇ) ଯେଉଁ ଭାବରୁ ଅନ୍ୟକୁ ଦୁଃଖ ଦେଇ ତା'ର ଧନସମ୍ପତ୍ତି ହରଣ କରାଯାଇଥାଏ ।

(୪୩) ଦୁର୍ମର୍ଷଣ : (ଦୁଃ–ମର୍ଷଣ) ଏକ ଅସହନୀୟ ଭାବ । ଏ ଭାବ ବ୍ୟକ୍ତିକୁ ଅସହିଷ୍ଣୁ କରେ । ଅସହିଷ୍ଣୁତାରୁ ପରଶ୍ରୀକାତର ହୁଏ ।

(୪୪) ଦୁରାପଦ : (ଦୁଃ+ଆପଦ) ଚୋରିବୃତ୍ତି କରି ମଧ୍ୟ ବିବେକ ଖଟାଇ ଆତ୍ମପକ୍ଷ ସମର୍ଥନ ଭାବରୁ ଭଲେଇ ହେବା ବା ଭଲଲୋକି କରିବା ।

(୪୫) ଦୁରକ : (ଦୁଃ–ଅକ) ଅତ୍ୟନ୍ତ ଦୁଷ୍ଟ ଦୁଃଖ ଭୋଗ । ଜୀବ ଏ ଭାବରୁ ଅତୀବ ଦୁଃଖ ଯନ୍ତ୍ରଣା ଭୋଗେ । ଉପରେ ଛଳ କପଟ ମାୟାର ଜାଲ ବୁଣି, ଭିତରେ ଅନ୍ୟକୁ ଖାଲରେ ପକାଇବାକୁ ଓର ଉଣ୍ଡୁଥାଏ ।

(୪୬) ଦୁର୍ଦ୍ଦାସ : (ଦୁଃ–ଦାସ) ଏ ଭାବ ଜୀବକୁ ଏକ ଦୁଷ୍ଟ ଦାସ ବା ମନ୍ଦ ଭୃତ୍ୟରେ ପରିଣତ କରେ ।

(୪୭) ଦୁକାଳ : ଏହି ଭାବ ବ୍ୟକ୍ତିକୁ ବହୁସମୟରେ ଦୁଃସ୍ଥତା ଭୋଗ କରାଏ । କାଳ ଖରାପ ବୋଲି ବ୍ୟକ୍ତି ମନେ କରି ଏହିଭାବରେ କାଳାତିପାତ କରେ ।

(୪୮) ଦୁରାୟ : (ଦୁଃ+ଆୟ) ଦୁର୍ନୀତି ବା ଅନୀତିର ପ୍ରଲୋଭନରୁ ଯଥେଚ୍ଛାଚାର ଆୟ ଉପାର୍ଜ୍ଜନ କରିବାର ଭାବ ।

(୪୯) ଦୁରାନନ : (ଦୁଃ+ଆନନ) ଯେଉଁ କୁତ୍ସିତ ଅବସ୍ଥା ହେତୁ ମୁଖମଣ୍ଡଳ ଭାବ କଦାକାର ହୋଇ ଫୁଟି ଉଠେ ।

(୫୦) ଦୁର୍ଗତ : (ଦୁଃ+ଗତ) ଯେଉଁ ମାନସିକ, ଶାରୀରିକ ଓ ପାରିପାର୍ଶ୍ୱିକ ଅବସ୍ଥା ଦୁଷ୍ଟତାଦିଗକୁ ଆକର୍ଷଣ କରିନେଇଥାଏ ।

(୫୧) ଦୁଷ୍ପାପ : (ଦୁଃ+ପାପ) ଯେଉଁ କଦର୍ଯ୍ୟ ଭାବାବସ୍ଥାରୁ କୁତ୍ସିତ ପାପ (ମହାପାତକ) କରିବାର ପ୍ରେରଣା ମିଳିଥାଏ ।

(୫୨) ଦୁରାଳୟ : (ଦୁଃ+ଆଳୟ) ଲୟ ବା ଲକ୍ଷ ସ୍ଥିର ନ ହେବା ହେତୁରୁ ଯେଉଁ ଭାବରେ କଦର୍ଯ୍ୟ କଦାକାର ଗୃହରେ ବାସ କରାଯାଏ ।

(୫୩) ଦୁର୍ମତି : (ଦୁଃ+ମତି) ଯେଉଁ ସବୁ ଭାବରୁ ମତି ବା ମନର ସୂକ୍ଷ୍ମ ଅବସ୍ଥା ଦୁଃସ୍ଥତା ପ୍ରାପ୍ତ ହୁଏ ।

(୫୪) ଦୁରଙ୍ଗ : (ଦୁଃ+ଅଙ୍ଗ) ଯେଉଁ ସକଳ ଭାବ ହେତୁ ଶରୀର କଦାକାର, କୁତ୍ସିତ ହୋଇଥାଏ ।

(୫୫) ଦୁର୍ଜୟ : (ଦୁଃ+ଜୟ) ଯେଉଁ ଭାବକୁ ସହଜରେ ଜୀବ ଜୟ କରିପାରେ ନାହିଁ । ଜୟ କରିବା କଠିନ ।

(୫୬) ଦୁର୍ନିଧି : (ଦୁଃ+ନିଧି) ଯେଉଁ ଭାବରୁ ଧନରତ୍ନାଦି ଦୁଷ୍କର୍ମରେ ବିନିଯୁକ୍ତ ହୋଇଥାଏ ।

(୫୭) ଦୁର୍ବାର : ଦୁଃସହ ଭାବ । ଯେଉଁ ଭାବ ହେତୁ ଜୀବ ଅସହ୍ୟ ପ୍ରକୃତିର ହୋଇଉଠେ ।

(୫୮) ଦୁରାକର୍ଣ୍ଣ : ଏ ଭାବ ଯାହାଠାରେ ଥାଏ, ସେ ବିଚାର ବୁଦ୍ଧି ନ ଖଟେଇ ଅନ୍ୟର କାନକୁହା କଥାରେ ମାତି ଯାଇ କର୍ମକ୍ଷେତ୍ରକୁ ତତ୍‌କ୍ଷଣାତ୍ ଡେଇଁ ପଡ଼େ ।

(୫୯) ଦୁର୍ମୁଖ : (ଦୁଃ+ମୁଖ) ଯାହାର ମୁଖରୁ କଦର୍ଯ୍ୟ ଭାବ ହେତୁ ଅଶ୍ଳୀଳ ଭାଷା ଓ ବାକ୍ୟ ନିର୍ଗତ ହୁଏ ।

(୬୦) ଦୁର୍ଭାଷ : (ଦୁଃ+ଭାଷ) ଅଶ୍ଳୀଳ କଥୋପକଥନ ବା ଆଲୋଚନା ଯେଉଁ ଭାବରୁ ସୃଷ୍ଟି ହୁଏ । ମିଠାକଥା କହି ସ୍ୱାର୍ଥ ହାସଲ କରିବାର ଭାବ ।

(୬୧) ଦୁର୍ଭାବ : (ଦୁଃ+ଭାବ) ଭାବ ବୈକଲ୍ୟରୁ ଯାହାର ମନ୍ଦ ସ୍ୱଭାବ ପ୍ରବଳ ମାତ୍ରାର ଥାଏ ।

(୬୨) ଦୁଷ୍କର : (ଦୁଃ+କର) ପ୍ରଜାଙ୍କୁ ପ୍ରହାର କରି ଦଣ୍ଡ ବିଧାନ ଦେବା ଅବସ୍ଥାର ବିବେକ (ବିଚାରବୁଦ୍ଧି) ଅନ୍ୟକୁ କଷ୍ଟ ଦେଇ ପାଉଣା ଆଦାୟ କରିବା ।

(୬୩) ଦୁଃଶବ : (ଦୁଃ+ଶବ) ଯିଏ ଜୀବନ କାଳରେ ଅତ୍ୟନ୍ତ କୃପଣତା, ପରଶ୍ରୀକାତରତା, ପରଦୋଷଚର୍ଚ୍ଚା, କପଟତା ହେତୁ ଶବ ତୁଲ୍ୟ ଘୃଣ୍ୟ ।

(୬୪) ଦୁର୍ମୋହ : (ଦୁଃ+ମୋହ) ଯେଉଁ ଭାବର ଆଧିକ୍ୟ ହେତୁ ଜୀବ ଅତ୍ୟଧିକ ଆସକ୍ତି ଗ୍ରସ୍ତ ହୋଇ ମନ୍ଦ ଲୋକ, ମନ୍ଦ କର୍ମ, ମନ୍ଦ ଆଚରଣ, ମନ୍ଦ ସ୍ଥାନ ଇତ୍ୟାଦି ସହିତ ଜଡ଼ିତ ହୋଇ ରହିଥାଏ । କୁକାର୍ଯ୍ୟରେ ମୋହ ଗ୍ରସ୍ତ ହୋଇ ଲୁପ୍ତ ହୋଇଯିବା ଅବସ୍ଥା ।

(୬୫) ଦୁର୍ଭୋଗ : (ଦୁଃ+ଭୋଗ) ଯେଉଁ ଭାବରୁ ଦୁଃସ୍ଥତା ଭୋଗ ହୋଇଥାଏ ।

(୬୬) ଦୁର୍ଲୟ : (ଦୁଃ+ଲୟ) ଯାହାର ଲୟ ବା ଲକ୍ଷ୍ୟ ଶ୍ରେୟରେ ନ ଥାଇ ପ୍ରେୟରେ, ତ୍ୟାଗରେ ନ ଥାଇ ଭୋଗରେ ଓ ଅନ୍ୟଠାରୁ କିଛି ଗ୍ରହଣ କରିବାପାଇଁ ନିୟୋଜିତ ଥାଏ । ଏମନ୍ତ ବ୍ୟକ୍ତି ଆତ୍ମନିର୍ଭରଶୀଳ ନ ହୋଇ ପ୍ରତିଦିନ ଅନ୍ୟଠାରୁ କିଛି ନା କିଛି ଗ୍ରହଣ କରିବାରେ ଇଚ୍ଛୁକ ଥାଏ ।

(୬୭) ଦୁର୍ଭୟ : (ଦୁଃ+ଭୟ) ଏହି ଭାବରୁ ଜୀବ ବିନା କାରଣରେ ସର୍ବଦା ଭୟଭୀତ ହୋଇ କାଳାତିପାତ କରୁଥାଏ ।

(୬୮) ଦୁରାମୟ : (ଦୁଃ+ଆମୟ) ଯେଉଁ ସ୍ୱଭାବକୁ ସହଜରେ ଦୂରେଇ ହୁଏ ନାହିଁ ।

(୬୯) ଦୁର୍ବିସହ : (ଦୁଃ—ବି-ସହ୍+ଅ) ଦୁରକୁକ ମନ୍ତ୍ରଣା ଭୋଗ କରିବା ଭାବ । ଯେ ବୁଦ୍ଧି ଦିଏ ଓ ଯେ ବୁଦ୍ଧି ଗ୍ରହଣ କରେ ଓ ଏହି ମନ୍ତ୍ରଣାରୁ କୁକର୍ମ କରି ଦୁଃଖ ଭୋଗ କରିବାର ଭାବ ।

(୭୦) ଦୁର୍କେତୁ : ଅନ୍ୟର ସାମାନ୍ୟତମ ଛିଦ୍ର ଖୋଜି ପାଇଲେ, ସେହି ଛିଦ୍ରର ସୂତ୍ର ଧରି ଅନ୍ୟ ସମସ୍ତ ଛିଦ୍ର ଅନ୍ୱେଷଣ କରି ତାହାକୁ ଅନ୍ୟମାନଙ୍କ ଆଗରେ ବଡ଼ ଆକାରରେ ଥୋଇ ନଷ୍ଟ ବୁଦ୍ଧି ସମ୍ପନ୍ନ ହୋଇଥାଏ ।

(୭୧) ଦୁରାୟନ : କୌଣସି ସାତ୍ତ୍ୱିକ ମତ ବା କାର୍ଯ୍ୟକୁ ସମର୍ଥନ ନ କରି ତା'ର ବିରୁଦ୍ଧାଚରଣ କରିବାର ଭାବ । ଏମାନେ ସାଧାରଣତଃ ତର୍କପ୍ରବଣ ।

(୭୨) ଦୁଃସିଦ୍ଧି : ମନ୍ଦ ସ୍ୱଭାବରୁ ସିଦ୍ଧିକୁ ଯେଉଁ ଭାବ ଅନିଷ୍ଟକର କ୍ଷେତ୍ରରେ ପ୍ରୟୋଗ କରେ ।

(୭୩) ଦୁଃତନୁ : ଯେଉଁ ଭାବ ହେତୁ ଜୀବର ଶରୀର କୁତ୍ସିତ, କଦାକାର ହୁଏ ।

(୭୪) ଦୁଃସିଂହ : କଦର୍ଯ୍ୟ ଭାବରେ ସିଂହ ପରାକ୍ରମରେ ଅନ୍ୟର କ୍ଷତି ସାଧନ କରିବାର ସ୍ୱଭାବ ।

(୭୫) ଦୁରାଶୟ : (ଦୁଃ-ଆ-ଶୀ+ଅ) ମନ୍ଦ ଅଭିପ୍ରାୟ ପୋଷଣର ଭାବ ।

(୭୬) ଦୁର୍ବାହ : (ଦୁଃ+ବାହ) ଯେଉଁ ଭାବ ବ୍ୟକ୍ତିକୁ ସତ୍‌କର୍ମ ସମ୍ପାଦନ କରାଇ ନ ଦେଇ, ମନ୍ଦ କର୍ମରେ ଲିପ୍ତ କରେ ।

(୭୭) ଦୁର୍ନିରୀକ୍ଷ : (ଦୁଃ+ନିରୀକ୍ଷ) ଯେଉଁ ସ୍ୱଭାବ ସ୍ଥୂଳ ଦର୍ଶନରେ କେବଳ ମନ୍ଦ ଓ କ୍ଷତିକାରକ ହୋଇଥାଏ ।

(୭୮) ଦୁର୍ବହ : (ଦୁଃ+ବହ) ଜ୍ଞାତସାରରେ କୁବୋଝ ବହନ କରବା ।

(୭୯) ଦୁର୍ମଦ : ଯେଉଁଭାବ ଜୀବଠାରେ ଅନିଷ୍ଟକର ଗର୍ବ ଓ ଅହଂକାର ତୋଳେ ।

(୮୦) ଦୁରାତ୍ମା : ଯେଉଁ ଦୁଃସ୍ଥ ଭାବରୁ ଅନ୍ତରାତ୍ମା ଦୁଃଖୀ ହୁଏ ।

(୮୧) ଦୁରାଚାର : ଯେଉଁ ସକଳ ଭାବରୁ ଜୀବ ମନ୍ଦ ଆଚାର ଆଚରଣ ଯୁକ୍ତ ହୋଇଥାଏ ।

(୮୨) ଦୁସ୍ତେଜ : ଯେଉଁ ଭାବରୁ ଜୀବର ଓଜଃ ଓ ତେଜଃ ଅନିଷ୍ଟକର ହୋଇ ବ୍ୟକ୍ତ ହୁଏ ।

(୮୩) ଦୁରାସଦ : ବ୍ୟକ୍ତିଗତ ସ୍ୱାର୍ଥ ଦୃଷ୍ଟିରୁ ଅନ୍ୟକୁ ଭଲ ପାଇ ତା'ର ଗୁଣ ଗାଇବା, ମାତ୍ର ପ୍ରକୃତ ସତ୍ୟକୁ ଅସ୍ୱୀକାର କରି ଯୁକ୍ତି କରିବାର ଭାବ । ଏ ଭାବସମ୍ପନ୍ନ ବ୍ୟକ୍ତିମାନେ ସତ୍ୟାନ୍ୱେଷୀ ହୋଇ ପାରନ୍ତି ନାହିଁ ।

(୮୪) ଦୁର୍ମୋକ : କାମାସକ୍ତ ଭାବ ହେତୁ ମନ୍ଦ ଆଚରଣକୁ ମଧ୍ୟ ଆଦର କରିବା ଓ ସହି ନେବାର ଭାବ ।

(୮୫) ଦୁଷ୍ପରାଜୟ :ଯେଉଁ ସ୍ୱଭାବକୁ ସହଜରେ ପରାଜୟ କରାଯାଇପାରେ ନାହିଁ ।

(୮୬) ଦୁର୍ଦ୍ଦାନ୍ତ : ଯେଉଁ ସ୍ୱଭାବ ଅନ୍ତଃସ୍ଥଳରେ ଭୟଙ୍କର ପ୍ରକୃତି ପୋଷଣ କରାଏ ।

(୮୭) ଦୁଃଶଳ : ଭଲ ପାଉଥିବା ବ୍ୟକ୍ତିକୁ ଆଦରି ତାହାର ତ୍ରୁଟି ବିଚ୍ୟୁତିକୁ ଭଲ ଭାବି ନେବା ଓ ସେ ସମସ୍ତ ଭୁଲ୍‌କୁ ନିଜ ଉପରକୁ ଟାଣି ନେବାର ଭାବ । ଏହା ମଧ୍ୟ କାମାସକ୍ତର ଏକ ଲକ୍ଷଣ ।

(୮୮) ଦୁର୍ବାକ : ଯାହାର ମଧୁର ବଚନ ଅନ୍ୟର ଗାତ୍ରଦାହ କରେ ।

(୮୯) ଦୁର୍ବିଗାହ : ସତ୍ତ୍ୱଭାବ ଏବଂ ଧର୍ମକଥା ଇତ୍ୟାଦିକୁ ମଥାକୁ ନ ନେବାର ଭାବ ।

(୯୦) ଦୁର୍ବୀନିତ : ଯେଉଁ ଭାବରେ ମଜ୍ଜି ରହି ଜୀବ ବିନୀତ ବା ବିନୟୀ ହୋଇ ମଧ୍ୟ ଅନ୍ୟର ମନ୍ଦ ପାଞ୍ଚୁ କ୍ଷତି ସାଧନ କରେ ।

(୯୧) ଦୁରାଧ : ଏହା ମଧ୍ୟ ଏକ ପ୍ରକାର କାମ ବିକାର ଭାବ । କାମନା ପୂର୍ଣ୍ଣ ନ ହେଲେ ବିପରୀତ ସ୍ୱଭାବ ହେତୁ ବିମୁଖ ହୋଇ କ୍ରୋଧାନ୍ୱିତ ହେବା ।

(୯୨) ଦୁରକ୍ଷକ : ରକ୍ଷକ ହୋଇ ଭକ୍ଷକ, ଶାସକ ହୋଇ ଶୋଷକ ହେବାର ଭାବ ।

(୯୩) ଦୁରଭିସନ୍ଧି : ଏହି ଭାବରୁ ଜୀବ ଛଳନାତ୍ମକ ଚକ୍ରାନ୍ତ କରି ଅନ୍ୟର ଅନିଷ୍ଟ ସାଧନ କରେ ।

(୯୪) ଦୁର୍ଣ୍ଣୟ : (ଦୁଃ+ନୟ)'ମନ୍ଦ ନୀତି, କ୍ଷତିକାରକ ଉପଦେଶ ଏବଂ ଅମଙ୍ଗଳକର ବିଧିବିଧାନ ଦେବା ଆଚରଣ କରିବାର ଭାବ ।

(୯୫) ଦୁରୂହ : ଏହି ଭାବର ପ୍ରବଳତାରୁ କୌଣସି କାର୍ଯ୍ୟ ସିଦ୍ଧି ହୋଇପାରେ ନାହିଁ ।

(୯୬) ଦୁର୍ମେଧ୍ୟ : ଅଖାଦ୍ୟ ଭକ୍ଷଣ କରିବାର ଭାବ ।

(୯୭) ଦୁର୍ଦ୍ଧର୍ଷ : (ଦୁଃ-ଧୃଷ୍+ଅ) ପ୍ରବଳ ପରାକ୍ରମଶାଳୀ ଓ ଦୁର୍ଜୟ ହେବାର ଭାବ ।

(୯୮) ଦୁର୍ବିମୋଚନ : (ଦୁଃ-ବି-ମୁଚ୍+ଅନ) ଅତ୍ୟନ୍ତ ମୋହ, ମାୟା, ଆସକ୍ତି ଗ୍ରସ୍ତ । ଏହି ଭାବ ଥିବା ଜୀବ ସର୍ବଦା ବଦ୍ଧ । ସେମାନଙ୍କ ମୁକ୍ତି ବିଳମ୍ବିତ ।

(୯୯) ଦୁର୍ଭେଦ୍ୟ : (ଦୁଃ+ଭିଦ୍+ଯ) ଏହି ଭାବକୁ ଭେଦ କରିବା ସହଜ ନୁହେଁ । ଅତ୍ୟନ୍ତ କୁଟିଳ ସ୍ୱଭାବ ସମ୍ପନ୍ନ ।

(୧୦୦) ଦୁଃସାଧ୍ୟ : (ଦୁଃ+ସାଧ୍ୟ) କୁ ନିଷ୍ପାପର ଜିଦ୍‌ରଖି ବାରମ୍ବାର ତାହା ସାଧନ କରିବା ପାଇଁ ଦମ୍ଭ ଧରିବା ଭାବ । ଏହି ହେତୁ ସହଜରେ କର୍ମ ସିଦ୍ଧି ହୁଏ ନହିଁ ।

ଏବଂ ଏକ ମାତ୍ର କନ୍ୟା (୧୦୧) ଦୁଃଶୀଳା : (ଦୁଃ+ଶୀଳ+ଆ) ନଷ୍ଟ ସ୍ୱଭାବଯୁକ୍ତା । ଆଚରଣ ଅଶୁଦ୍ଧି ଅବସ୍ଥାରେ ମାନସିକ ଭାବ । ଅଶ୍ଳୀଳ କଥା କହି ବା ଆଲୋଚନା କରି ଶରୀରରେ କମ୍ପନ ସୃଷ୍ଟି କରିବାର ଭାବ ।

**ଗା**ନ୍ଧାର ରାଜକନ୍ୟା ଗାନ୍ଧାରୀ ପିଣ୍ଡତତ୍ତ୍ୱରେ ମାୟା । ଏହି ମାୟା ହିଁ ପ୍ରକୃତି ଏବଂ ପ୍ରକୃତି ହିଁ ମାୟା । ମାୟା ଅନ୍ଧ, ବିସ୍ତୃତ ଏବଂ ଅବିଚ୍ଛିନ୍ନ । ସତ୍ତ୍ୱରଜ ମିଶ୍ରିତ ତମ ଭାବ ହେଉଛି ବ୍ୟାପକ । ସେ ଅନୁମାନରେ ଠିକ୍ ଭୁଲ୍ କରିଚାଲେ । ମାୟାବୀ ଜୀବ ଭାବ ରଖେ ଏବଂ ସବୁ ଠିକ୍ ବୋଲି ନିଷ୍ପତ୍ତି ନିଏ । ଆନୁମାନିକ ବୁଦ୍ଧି ବା ଧୃତରାଷ୍ଟ୍ର ସହିତ ମାୟା ବା ପ୍ରକୃତି (ଗାନ୍ଧାରୀ)ର ପରିଣୟ ହେତୁ ସ୍ୱାମୀ ପ୍ରତି ବିଶ୍ୱସ୍ତତା ବା ପତିବ୍ରତା ଗୁଣରୁ ଅନ୍ଧ ଆନୁମାନିକ ବୁଦ୍ଧିର ଅନ୍ଧତ୍ୱ ଗ୍ରହଣ କରି ମାୟା ପ୍ରକୃତି ବା ଗାନ୍ଧାରୀ ନିଜ ଆଖିରେ ଅନ୍ଧପୁଟୁଳି ବାନ୍ଧି ଅନ୍ଧୁଣୀ ସାଜେ; ଯଦିଓ ପ୍ରକୃତରେ ସେ ଅନ୍ଧୁଣି ନୁହେଁ । ଏହି ଅନ୍ଧପୁଟୁଳି ହେଉଛି, ଅମୀମାଂସିତ ବୁଦ୍ଧି, ବିବେକ ଓ ଜ୍ଞାନ । ପିଣ୍ଡତତ୍ତ୍ୱ ଅନୁସାରେ ଜୀବର ପାଞ୍ଚ ମନ ଓ ପଚିଶ ପ୍ରକୃତି । ଜୀବାତ୍ମାର ପାଞ୍ଚଟି ସ୍ୱରୂପ-ପଞ୍ଚଆତ୍ମା । ପଞ୍ଚ ଆତ୍ମାର ପଞ୍ଚ ପ୍ରତିଚ୍ଛବି ହେଉଛି ପାଞ୍ଚମନ । ପାଞ୍ଚ ମନର ପଚିଶ ପ୍ରକୃତି ବା ମାୟା । ପ୍ରତିଟି ପ୍ରକୃତି ବା ମାୟାର ଚାରିଗୋଟି ଭାବ ବା ସ୍ଥୂଳମୋହ । ତେଣୁ ପଚିଶ ମାୟାରୁ ଏକ ଶହ ମୋହର ଜନ୍ମ । ପିଣ୍ଡତତ୍ତ୍ୱ ଅନୁସାରେ ମାୟା ସ୍ୱରୂପ ଗାନ୍ଧାରୀର ଏକ ଶତ ପୁତ୍ର । କନ୍ୟାଟି ତେବେ କିଏ ? ମାୟାଠାରୁ ଜାତ ଏବଂ ମୋହର ସହୋଦରୀ ରୂପେ କୁମତି ହିଁ ଏହି କନ୍ୟା ଦୁଃଶୀଳା । ଯାହାର ମତି କୁସଂସ୍କାର ଦ୍ୱାରା ଆଚ୍ଛନ୍ନ ସେ ସର୍ବଦା ନଷ୍ଟ ସ୍ୱଭାବଯୁକ୍ତା, ଅଶୁଦ୍ଧ ଓ ଅସଂସ୍କୃତ ଆଚରଣ ସମ୍ପନ୍ନା ହୋଇ ମାନସିକ ଭାରସାମ୍ୟ ହରାଇ ଉନ୍ମାଦିନୀ ଅବସ୍ଥାରେ ନାନାଦି ଅଶ୍ଳୀଳ କଥା ଆଲୋଚନା କରି ଶ୍ରୋତାମାନଙ୍କ ଦେହରେ ଅଯଥା କମ୍ପନ ବା ଶୀତ୍କାର ସୃଷ୍ଟି କରିଥାଏ ।

ଅଧୁନା ବିଭିନ୍ନ ଧର୍ମପ୍ରବକ୍ତାମାନେ ଏହି ପିଣ୍ଡତତ୍ତ୍ୱ ପ୍ରତି ଆପଣା ଆପଣାର ପ୍ରବଚନରେ ଗୁରୁତ୍ୱ ଆରୋପ ନ କରି ଯାହା ସତ୍ୟ, ସନାତନ, ଶାଶ୍ୱତ ଓ ଚିରନ୍ତନ ତାହା ସମାଜକୁ ଶିକ୍ଷା ଦେଉ ନ ଥିବା ହେତୁରୁ ବହୁ ସରଳ ପ୍ରାଣ ଧର୍ମ ବିଶ୍ୱାସୀ ନରନାରୀ ସାଧନ କ୍ଷେତ୍ରରେ ଆବଶ୍ୟକ ତତ୍ତ୍ୱ ବୁଝି ଜାଣି ନ ପାରି ଅଯଥାରେ ସାଧନ ନାମରେ ଶକ୍ତିକ୍ଷୟ, କାଳ(ସମୟ), ଧନ, ତନୁ, ମନକ୍ଷୟ କରୁଅଛନ୍ତି ସତ, ମାତ୍ର ପ୍ରକୃତ, ପ୍ରକୃଷ୍ଟ ଓ ପର୍ଯ୍ୟାପ୍ତ ଶୁଦ୍ଧଜ୍ଞାନ ଲାଭରୁ ବଞ୍ଚିତ ହୋଇ ଚିତ୍ତଶୁଦ୍ଧି ଅବସ୍ଥା ଲାଭ କରି ପାରୁନାହାନ୍ତି ଏବଂ ସ୍ୱାର୍ଥାନ୍ୱେଷୀ, କପଟାଚାରୀ, ଛଳନାଯୁକ୍ତ, ସ୍ୱାର୍ଥପର, ମିଥ୍ୟାଚାରୀ ପଣ୍ଡିତମନ୍ୟ ଭଣ୍ଡ ଧର୍ମପ୍ରଚାରକମାନଙ୍କର ମଧୁର ବଚନ/ପ୍ରବଚନ ଦ୍ୱାରା ଠକି ଯାଉଛନ୍ତି । ଆଜିର ଅବକ୍ଷୟମାଣ ସାମାଜିକ, ସାଂସ୍କୃତିକ, ପାରମ୍ପାରିକ, ଧାର୍ମିକ, ନୈତିକ, ଆଧ୍ୟାତ୍ମିକ ବିଧିବ୍ୟବସ୍ଥାର ଘୂର୍ଣ୍ଣିପାକ ମଧ୍ୟରୁ ବିଶ୍ୱର ଅଗଣିତ ସରଳ ପ୍ରାଣ, ସରଳ ବିଶ୍ୱାସୀ, ଶାନ୍ତିକାମୀ, ପ୍ରେମପ୍ରିୟ, ସ୍ନେହଯୁକ୍ତ, ମମତାମୟ, ଈଶ୍ୱରବିଶ୍ୱାସୀ, ଅଧ୍ୟାତ୍ମପ୍ରେମୀ, ଧର୍ମାତ୍ମା ଭାଇଭଉଣୀମାନଙ୍କୁ ଶଠ, ଭଣ୍ଡ, ଠକ, ଧର୍ମପ୍ରବଚକ, ଧାର୍ମିକ ବୋଲି ଦେଖାଇ ହେଉଥିବା ଧର୍ମପ୍ରବକ୍ତା/ବ୍ୟକ୍ତି/ଅନୁଷ୍ଠାନ/ପ୍ରତିଷ୍ଠାନ କବଳରୁ ଉଦ୍ଧାର କରି ରକ୍ଷା କରିବା ଅଭିପ୍ରାୟରେ ଏହା ଏଠାରେ ସଂଯୋଜିତ ହୋଇଛି ।

☆☆☆

ମନ ନିରିମଳ ହୃଦ ପବିତ୍ର ।
ଥିଲେ ତମ ସହ ହେବୁଁ ଏକତ୍ର ।।

ଗୁରୁ ପାଶେ ସଦା ବସିବା ସୁଖ ।
ଛାଡ଼ି ଦିଅ ମନ, ନ କରି ଦୁଃଖ ।।

ଅନ୍ତରରେ ଆମ ପ୍ରେମ ମନ୍ତର ।
ଉଚ୍ଚାରିଲେ ଆମେ ନୋହୁ ଅନ୍ତର ।।

# ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

## ମୋହ



*ପରମ ପ୍ରେମମୟ ''ଶ୍ରୀ ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରୁ'' ଏକ ନିୟମିତ ଧାରାବାହିକ ସ୍ତମ୍ଭ ରୂପେ 'ଚରମ'ର ପୃଷ୍ଠା ମଣ୍ଡନ କରି ପତ୍ରସ୍ଥ ହେଉଛି । ଜ୍ଞାନସାଗର ତତ୍ତ୍ୱ ଦ୍ରଷ୍ଟା ପୁରୁଷଙ୍କର ଦର୍ଶନତତ୍ତ୍ୱ ସାମ୍ପ୍ରତିକ କାଳରେ ଜାତି, ବର୍ଣ୍ଣ, ଧର୍ମ, ସମ୍ପ୍ରଦାୟ ନିର୍ବିଶେଷରେ ସବୁ ବୟସର ସବୁ ବର୍ଗର ପାଠକପାଠିକାଙ୍କ ପଠନୋପଯୋଗୀ । ଅନୁସନ୍ଧିତ୍ସୁମାନଙ୍କର ଅଧ୍ୟାତ୍ମ ଶିକ୍ଷାର ପଥ ସୁଗମ ସରଳ ସହଜ କରିବା ନିମନ୍ତେ ଏହା ଅପରିହାର୍ଯ୍ୟ । ଏ ସକଳ ଦର୍ଶନତତ୍ତ୍ୱର ଅନୁଶୀଳନ ସାଧକସାଧିକାମାନଙ୍କୁ ସାଧନପଥର ବାଧାବନ୍ଧ ଅତିକ୍ରମ କରି ଧିର ସ୍ଥିର ଭାବରେ ସାଧନ ମାର୍ଗରେ ଧାରା ଅନୁସରଣ କରି କର୍ମଯୋଗ ଅଭ୍ୟାସରେ ନିୟତ ନିୟୋଜିତ ହେବାର ଉତ୍ସାହ ଓ ପ୍ରେରଣା ପ୍ରଦାନ କରେ । ମୋହ ସଂପର୍କିତ ଆଲୋଚନାରେ ଏହି ପାଖୁଡ଼ାରେ ବିଦୈହ୍ୟ ମୋହ ଓ ତାହାର ଦୁଇଟି ବିଭାଗ : ଦୈବାତ୍ ମୋହ ଓ ଅର୍ଦ୍ଧ ଦୈବାତ୍ ମୋହର ସୂଚନା ଦିଆଯାଇଛି ।*

ପ୍ରାଣୀ ଯେତେବେଳେ ସ୍ଥୂଳତଃ ସାତ୍ତ୍ୱିକ ବୃତ୍ତିରେ ସ୍ଥିତ ହୋଇ ନୂତନ ସ୍ଥିତି ଗଢ଼େ ଏବଂ କ୍ରମଶଃ ସେହି ନୂତନ ଭାବେ ଗଠିତ ସ୍ଥିତିର ସୋପାନରେ ଚଢ଼ି ଗଠନ ମୂଳକ କ୍ରିୟାରେ ବ୍ୟାପୃତ ଥାଏ, ସେହି ସମୟରେ ପୂର୍ଣ୍ଣ ସୌନ୍ଦର୍ଯ୍ୟମୟୀ ମନୋହାରୀ ରୂପ ଦଣ୍ଡାୟମାନ ହେବାର ଦେଖି ପୁନଶ୍ଚ ନିଜର ପୂର୍ବ ସ୍ଥିତିକୁ ଫେରି ଆସେ । ଏହା ବିଦୈହ୍ୟ ମୋହ ହେତୁ ବ୍ୟକ୍ତି ଚରିତ୍ରରେ ଫୁଟି ଉଠେ । ନୂତନକୁ ଭାଙ୍ଗିରୁଜି ପୁରାତନ ସ୍ଥିତିକୁ ଯେଉଁ ମୋହ ଫେରାଇ ନିଏ, ତାହାକୁ ବିଦୈହ୍ୟ ମୋହ କୁହାଯାଏ । ବିଦୈହ୍ୟ ମୋହ ଅଧୀନରେ ମନ ରହି ଯିବାରୁ, ମନ ଏହି ମୋହର ବଶ୍ୟତା ସ୍ୱୀକାର କରି ବ୍ୟକ୍ତିକୁ ନୂତନ ସ୍ଥିତିରେ ରଖାଇ ଦିଏ ନାହିଁ ।

ପୁରାଣ ପୃଷ୍ଠାରେ ବିଶ୍ୱାମିତ୍ରଙ୍କ ଉପାଖ୍ୟାନ ଲିପିବଦ୍ଧ ହୋଇ ରହିଛି । ବିଶ୍ୱାମିତ୍ର ଜଣେ ରାଜାଥିଲେ । ଏକଦା ବନବିହାର ଓ ମୃଗୟା ବିନୋଦ ଉଦ୍ଦେଶ୍ୟରେ ସେ ପାତ୍ର, ମନ୍ତ୍ରୀ, ସେନାପତି ଓ ସେନାବାହିନୀ ସହିତ ପରିଚାରବର୍ଗଙ୍କ ଗହଣରେ ଗହନ ବନକୁ ଯାଇଥିଲେ । ଦୈବଦୁର୍ବିପାକରୁ ତାଙ୍କୁ ବଶିଷ୍ଠଙ୍କ ଆଶ୍ରମରେ ଆତିଥ୍ୟ ଗ୍ରହଣ କରିବାକୁ ପଡ଼ିଥିଲା । କାମଧେନୁ ନନ୍ଦିନୀର ଲିପ୍ସା ତାଙ୍କୁ ବିବ୍ରତ କଲା । ଲୁବ୍ଧ ବିଶ୍ୱାମିତ୍ର ଅବଲୀଳା କ୍ରମେ ବ୍ରହ୍ମର୍ଷି ବଶିଷ୍ଠଙ୍କର ବ୍ରହ୍ମତେଜରୁ ନିଜକୁ ଅପମାନିତ ବୋଧ କଲେ ଓ ନୀରବ ନ ରହି ଅପମାନର ପ୍ରତିଶୋଧ ନିମନ୍ତେ ନିଜେ ସାଧନା ବଳରୁ ବ୍ରହ୍ମର୍ଷି ହେବାର ଦୃଢ଼ ମାନସିକ ସଂକଳ୍ପ କଲେ । ବ୍ରହ୍ମର୍ଷି ହେବାର ବାସନାରେ ଆନମନା ହୋଇ ସେ ମୁହୂର୍ତ୍ତକ ମଧ୍ୟରେ ପୁତ୍ର, କଳତ୍ର, ରାଜ୍ୟ ଓ ରାଜଭୋଗ ତ୍ୟାଗ କରି ବନକୁ ଗମନ କରି ସାତ୍ତ୍ୱିକ ବୃତ୍ତି ଆଚରଣ କଲେ । ସେ ଗଭୀର ନିର୍ଜନ ବନରେ ଏକାକୀ କଠୋର ତପସ୍ୟାରେ ମଗ୍ନ ହେଲେ । ରାଜାଙ୍କର କଠୋର ତପସ୍ୟାରେ ଦେବରାଜ ଦେବେନ୍ଦ୍ର ଭୟଭୀତ ହୋଇ ତପସ୍ୟା ଭଙ୍ଗ କରିବା ପାଇଁ ଅପରୂପା ରୂପସୀ ସ୍ୱର୍ଗ ଅପ୍ସରା ମେନକାକୁ ପ୍ରେରଣ କଲେ । ଇନ୍ଦ୍ରଙ୍କ ଆଜ୍ଞା ଓ ଆଦେଶକୁ ଶିରୋଧାର୍ଯ୍ୟ କରି ସ୍ୱର୍ଗ ଅପ୍ସରୀ ଲାସ୍ୟମୟୀ ରୂପସୀ ନବଯୌବନୀ ମେନକା ବିଶ୍ୱାମିତ୍ରଙ୍କ ଯୋଗପଥରେ ପୂର୍ଣ୍ଣଯୌବନ, କୋମଳତନୁ ହାସ୍ୟମୟୀ ଅପରୂପା ମନୋହାରୀ ବେଶ ଧାରଣ କରି ଯୋଗଭଗ୍ନ ଆଶା ପୋଷଣ କରି ଶୁଭଲଗ୍ନରେ ଉପସ୍ଥିତ ହେଲେ । ଇନ୍ଦ୍ରଙ୍କ ନିର୍ଦ୍ଦେଶ ଅନୁସାରେ ଯଥା ସ୍ଥାନରେ

ଯଥା ସମୟରେ ନବଯୌବନୀ ତନ୍ୱୀ ସ୍ୱର୍ଗ ଅପ୍ସରୀ ମେନକା ଅପୂର୍ବ ଦିବ୍ୟ ପରିପାଟୀରେ କାମବନ୍ଧ ଶୈଳୀରେ ନୃତ୍ୟଗୀତାଦି ପରିବେଷଣ କରି ରାଜା ବିଶ୍ୱାମିତ୍ରଙ୍କୁ ବିମୋହିତ କରିବାକୁ ଚେଷ୍ଟା କଲେ । ଏହି ଅବସ୍ଥାରେ ବିଶ୍ୱାମିତ୍ର ଯୋଗରେ ସିଦ୍ଧିଲାଭ କରିପାରି ନ ଥିଲେ, ମାତ୍ର ତପସ୍ୟା ବଳରେ କାମଶକ୍ତିକୁ ଦମନ କରିଥିଲେ । କିନ୍ତୁ ତାଙ୍କର ଅନ୍ତଃକରଣରୁ ସୂକ୍ଷ୍ମ କାମବୀଜ ସଂପୂର୍ଣ୍ଣ ନଷ୍ଟ ହୋଇ ନଥିବା ହେତୁ ମେନକାର ଲାସ୍ୟମୟୀ ହାସ୍ୟମୟୀ ଭୁବନ ମୋହିନୀ ଅପରୂପା ରୂପଶ୍ରୀରେ ବିମୁଗ୍ଧ ହୋଇ ଯୋଗପଥ ଛାଡ଼ି ପୁଣି ପୂର୍ବର ସ୍ଥିତିକୁ ଫେରିଯାଇ ତନ୍ୱୀ ରୂପସୀ ନବ ଯୌବନୀ ମେନକାସହ କାମ ଉପଭୋଗରେ ବହୁବର୍ଷ ଅତିବାହିତ କଲେ । ସେ ଯୋଗଭ୍ରଷ୍ଟ ହେଲେ; ତାଙ୍କର କଠୋର ତପସ୍ୟା ଭଗ୍ନ ହେଲା, ଦେବେନ୍ଦ୍ରଙ୍କର ଭୟ ଦୂରୀଭୂତ ହେଲା । ବିଦୈହ୍ୟ ମୋହବଶରୁ ତାପସ ରାଜା ବିଶ୍ୱାମିତ୍ର ମେନକାର ବିଶ୍ୱମୋହିନୀ ରୂପରେ ବିମୋହିତ ହୋଇ ତପସ୍ୟାଭଳି ସାତ୍ତ୍ୱିକ ବୃତ୍ତିରୁ ଟାଣି ହୋଇ ନିମ୍ନକୁ ଖସି ଆସି ପୂର୍ବସ୍ଥିତି ପ୍ରାପ୍ତ ହେଲେ । ଭୋଗପଥରୁ ତ୍ୟାଗପଥକୁ ଯାଇ ପୁନର୍ବାର ତ୍ୟାଗକୁ ପରିତ୍ୟାଗ କରି ଭୋଗପଥର ପଥିକ ସାଜିଥିଲେ ।

**ବି**ଦୈହ୍ୟ ମୋହ କବଳରେ ପଡ଼ିଲେ ଯୋଗଶକ୍ତି ନଷ୍ଟ ହୁଏ । ଯୋଗୀ ଏହି ମୋହବଶରୁ ଯୋଗଭ୍ରଷ୍ଟ ହୋଇଥାଏ । ଯୁଗେ ଯୁଗେ ସୂକ୍ଷ୍ମ ରାଜ୍ୟରେ ଦେବଗଣ ଏହି ମୋହ ସାହାଯ୍ୟରେ ସ୍ଥୂଳ ଜଗତର ଯୋଗୀମାନଙ୍କର କଠୋର ଯୋଗ ସାଧନକୁ ନଷ୍ଟକରି ନିଷ୍କଣ୍ଟକ ହୋଇଥାଆନ୍ତି । ପ୍ରାଣୀ ଜାଗତିକ ବିଷୟାଭୋଗ ମାର୍ଗରୁ ସାତ୍ତ୍ୱିକ ଗୁଣାବିଷ୍ଟ ହୋଇ ତ୍ୟାଗ ମାର୍ଗରେ ଯୋଗ ତପସ୍ୟାଦି ସାଧନ କରୁଥିବା କାଳରେ ଦେବଗଣଙ୍କ ଉଦ୍ୟମରୁ ଏହି ମୋହବଳରେ ରୂପସୀ ତରୁଣୀ, ନାନାଦି ଭୋଗ ପଦାର୍ଥ, ମନୋରମ ଦୃଶ୍ୟ, ସୌଖୀନ ଜୀବନଚର୍ଯ୍ୟା, ଅର୍ଥ ଲାଳସା, ଅତ୍ୟଧିକ ସଞ୍ଚୟ ଲିପ୍ସା, ମହତ ଦାନ ଦେବାର କୁଣ୍ଠା ଇତ୍ୟାଦିର ମାୟାଜାଲରେ ପଡ଼ି ପଥଭ୍ରଷ୍ଟ, ଯୋଗଭ୍ରଷ୍ଟ, ସାଧନଚ୍ୟୁତ ହୁଏ । ତେଣୁ, କୈତବ (ମିଥ୍ୟାଚାର, ଛଳନା, କପଟଚାରିତା), ମୃଗୟା (ଶିକାର), ଅକ୍ଷକ୍ରୀଡ଼ା (ଜୁଆଖେଳ), ଦିବାନିଦ୍ରା, ପରଦୋଷ କଥନ, ସ୍ତ୍ରୀ ସମ୍ଭୋଗ, ମଦ୍ୟପାନ, ନୃତ୍ୟ, ଗୀତ, ବାଦ୍ୟ, ବୃଥା ପର୍ଯ୍ୟଟନ, କୃପଣତା, ଦାନ ଦେବାରେ କୁଣ୍ଠିତ ଭାବ, ସୌଖୀନ ଜୀବନଚର୍ଯ୍ୟା, ମନଭୁଲା ଦୃଶ୍ୟ, ବିଭିନ୍ନ ପ୍ରକାର ଉପଭୋଗ ସାମଗ୍ରୀ, ରୂପସୀ ତରୁଣୀ, ଅର୍ଥ ଲାଳସା, ଆଳସ୍ୟପରାୟଣତା, ଆବଶ୍ୟକତାଠାରୁ ଅଧିକ ସଞ୍ଚୟ, ସଞ୍ଚିତ ଅର୍ଥକୁ ଗୁରୁଦ୍ୱାରରେ ବିନିଯୋଗ ନ କରି ଆତ୍ମସ୍ୱାର୍ଥ ପରାୟଣତାରେ ବ୍ୟୟ କରିବା, ଜିଦ୍ ଖୋର ମନୋଭାବ ଇତ୍ୟାଦି ଆଚାର ଆଚରଣ ସାଧକମାନଙ୍କୁ ଏହି ମୋହରେ ବାନ୍ଧି ମହତ୍ତମ ଲକ୍ଷ୍ୟ : ଚରମ ପ୍ରାପ୍ତି ପଥରୁ ବିଚ୍ୟୁତ କରିନିଏ । ଚରମ ପ୍ରାପ୍ତି ବା ମୁକ୍ତି; ମୋକ୍ଷ, ନିର୍ବାଣ ଲାଭରେ ଆଶା ରଖିଥିବା ପ୍ରତ୍ୟେକ ଶିଷ୍ୟ, ଭକ୍ତ, ଅନୁଗତ ଏଥିନିମନ୍ତେ ସର୍ବଦା ସତର୍କତା ଅବଲମ୍ବନ କରିବା ଏକାନ୍ତ ଆବଶ୍ୟକ । ସାମାନ୍ୟତମ ଅସତର୍କତା, ଅସାବଧାନତା, ଅବହେଳା ଓ ତ୍ରୁଟି ବିଚ୍ୟୁତିରୁ ଏହି ମୋହ ଯେ କୌଣସି ବ୍ୟକ୍ତିକୁ ଶିକାର କରି ତାହାକୁ ଯୋଗଭ୍ରଷ୍ଟ, ପଥଭ୍ରଷ୍ଟ, ସାଧନ ବିଚ୍ୟୁତ କରି ତାହାର ସାତ୍ତ୍ୱିକ ସ୍ଥିତିରୁ ନିମ୍ନଗାମୀ କରି ବହୁଦିନର ଯୋଗାଭ୍ୟାସରୁ ସଞ୍ଚିତ ଯୋଗଶକ୍ତିକୁ ନଷ୍ଟ କରିଦିଏ । ମୁକ୍ତିକାମୀ ବଦ୍ଧଜୀବ ପ୍ରେୟକୁ ତ୍ୟାଗ କରି ଶ୍ରେୟ ପଥରେ ଚାଲୁଥିବା କାଳରେ ବିଦୈହ୍ୟ ମୋହ ସର୍ବଦା ପ୍ରାଣୀର ନୂତନ ଶ୍ରେୟ ସ୍ଥିତିକୁ ଭାଙ୍ଗି ପୁଣି ପୁରାତନ ପ୍ରେୟ ପଥକୁ ଆଣିବା ପାଇଁ ଚେଷ୍ଟା କରୁଥାଏ ଓ ସାଧକର ଚାରିପାଖରେ ସୁଯୋଗ ଉଣ୍ଡି ଚକ୍କର କାଟି ଘୂରି ବୁଲୁଥାଏ ।

ଏ ମୋହ ବିଭାଗ ଦୁଇଟି । ଦୈବାତ, ଅର୍ଦ୍ଧ ଦୈବାତଟି ।।

ବିଦୈହ୍ୟ ମୋହ ଦୁଇ ପ୍ରକାର । ଯଥା : (୧) ଦୈବାତ୍ ମୋହ ଏବଂ (୨) ଅର୍ଦ୍ଧ ଦୈବାତ୍ ମୋହ ।

ଆପଣା ଖିଆଲ ଖୁସିରେ । ପ୍ରାଣୀ ଯେ ହତ୍ୟାମାନ କରେ ।।
ନଥାଇ ଆବଶ୍ୟକ ପୁଣି । ପ୍ରାଣୀ ଜୀବକୁ ଥାଏ ହାଣି ।।
ଦୈବାତ୍ ମୋହର ବଶରେ । ଗଛ ଲତାଦି ଛିନ୍ନ କରେ ।।

**ଖୁ**ଆଇ ଖୁସିରେ ଯେଉଁ ବ୍ରହ୍ମ ହତ୍ୟାମାନ କରାଯାଏ, ଅର୍ଥାତ୍ ପ୍ରାଣୀର ଆବଶ୍ୟକ ନଥିଲେ ମଧ୍ୟ ଯେଉଁ ଜୀବ ହତ୍ୟାମାନ କରେ, ଏପରିକି ଅନାବଶ୍ୟକ ଓ ଅହଙ୍କାର ଭାବରେ ଯେଉଁ ବୃକ୍ଷ ଲତାଦିର ଶାଖା ପ୍ରଶାଖା, ପତ୍ର ପୁଷ୍ପ ଫଳାଦି ଛିନ୍ନ ବିଚ୍ଛିନ୍ନ କରିଥାଏ । ତାହା ଏହି ଦୈବାତ୍ ମୋହ-ବଶରୁ ସମ୍ପନ୍ନ ହୋଇଥାଏ । କେତେକ କ୍ଷେତ୍ରରେ ଦେଖାଯାଏ, କୌଣସି ନିର୍ଦ୍ଦିଷ୍ଟ କାରଣ ବା ଆବଶ୍ୟକତା ନ ଥାଇ ଲୋକେ ବାଟରେ ଯାଉଁ ଯାଉଁ ସାପ, ବେଙ୍ଗ, ଏଣ୍ଡୁଅ, ପକ୍ଷୀ, ଜନ୍ଦା, ପିମ୍ପୁଡ଼ି ଇତ୍ୟାଦି ସରୀସୃପ ପକ୍ଷୀ ଇତ୍ୟାଦିଙ୍କୁ ଅଯଥାରେ ହତ୍ୟା କରିଥାଆନ୍ତି । କେତେକ ଲୋକ ବିନା କାରଣରେ ଗଛଲତାର ଡ଼ାଳ ପତ୍ର ତ଼ଙ୍କ, ଫୁଲ ଫଳ ଇତ୍ୟାଦି ଛିଡ଼ାଇ ପକାନ୍ତି । ଏସବୁ ତାଙ୍କର କୌଣସି କାର୍ଯ୍ୟରେ ଲାଗେ ନାହିଁ, ତଥାପି ଏ ପ୍ରକାର କୁକର୍ମ ସେମାନେ ଆପଣାଛାଏଁ କରିଥାଆନ୍ତି । ଏହି ପ୍ରକାର ଅହେତୁକ ଅକାରଣ ଜୀବହିଂସାର ମୋହକୁ ଦୈବାତ୍ ମୋହ କୁହାଯାଏ । ଏହି ମୋହ ବଶରୁ ଫୁଟି ଉଠୁଥିବା କର୍ମ ପ୍ରାଣୀର କୌଣସି କାର୍ଯ୍ୟରେ ଲାଗେ ନାହିଁ ସତ୍ୟ, ମାତ୍ର ଏହି କର୍ମ ଫଳରୁ ଧର୍ମନାଶ ହୋଇଥାଏ ।

କୃତ୍ତିକା ରୋହିଣୀ ନକ୍ଷତ୍ର । ବେନିଏ ସଙ୍ଗମେ ଏକତ୍ର ॥
ସ୍ଥଳରୁ ମୋହ ପ୍ରାକୃତିକ । ଉପାୟେ ସୃଷ୍ଟ ମନେରଖ ॥
ଯେଉଁ ବ୍ୟକ୍ତିର ଏ କାଳରେ । ବିନ୍ଦୁ ସ୍ଥାପନ କେବଳରେ ॥
ସେ ବ୍ୟକ୍ତି ଏହି ମୋହେ ପଡ଼ି । ବିକଳେ ଛାଡ଼ିଥାଏ ରଡ଼ି ॥

**କୃ**ତ୍ତିକା ଓ ରୋହିଣୀ ନକ୍ଷତ୍ରର ସଙ୍ଗମ ସ୍ଥଳରୁ ଏହି ପ୍ରକାର ମୋହ ପ୍ରାକୃତିକ ଉପାୟରେ ସୃଷ୍ଟି ହୋଇଥାଏ । ପୁଣି ଯେଉଁ ବ୍ୟକ୍ତିର ଏହି ନକ୍ଷତ୍ର ଦ୍ୱୟର ସଙ୍ଗମ କାଳରେ ବିନ୍ଦୁ ସ୍ଥାପନା ହୋଇ ମାତୃଗର୍ଭରେ ସଂସ୍ଥାପନ ହୋଇଥାଏ, କେବଳ ସେହି ବ୍ୟକ୍ତି ଏହି ମୋହରେ ପଡ଼ି ବିନା କାରଣରେ ଜୀବବଧ କରି ଧର୍ମନାଶରୁ ପରବର୍ତ୍ତୀ ଜନ୍ମରେ ସରୀସୃପ ଯୋନିରେ ଜନ୍ମନିଏ ।

ଦୈହିକ ବିଳାସିତା ପାଇଁ । ସୌଖିନ ଦ୍ରବ୍ୟ ଦିଗେ ଧାଇଁ ॥
ସୁଗନ୍ଧ ଦ୍ରବ୍ୟ ଶରୀରରେ । ଅଥବା ବେଶ ପୋଷାକରେ ॥
କରଇ ବ୍ୟକ୍ତି ବ୍ୟବହାର । ଏହାହିଁ ଏ ମୋହ ବେଭାର ॥
ଅର୍ଚ୍ଚଦୈବାତ୍ ମୋହ ଏହି । ସତର୍କେ ମନେରଖ ନେଇ ॥

**ଅର୍ଚ୍ଚ**ଦୈବାତ୍ ମୋହବଶରୁ ବ୍ୟକ୍ତି ନାନା ପ୍ରକାର ସୁବାସିତ, ସୁଗନ୍ଧିତ ପ୍ରସାଧନ ସାମଗ୍ରୀ ସଂଗ୍ରହ କରି ଆପଣା ତଥା ଆପଣାପ୍ରିୟ ବ୍ୟକ୍ତିର ଶରୀର ଅର୍ଚ୍ଚନରେ ବ୍ୟବହାର କରିବାକୁ ଆକାଂକ୍ଷିତ ହୋଇଥାଏ । ଶରୀର ପରିଚର୍ଯ୍ୟା ନିମନ୍ତେ ଅତର, ବାସତେଲ, ବାସ ପାଉଡ଼ର, ସ୍ନୋ, କେଶରଙ୍ଗ, ବାସ ସାବୁନ୍, ନଖରଙ୍ଗ, ମୁଖରଙ୍ଗ, ଅଧର (ଓଠ) ରଙ୍ଗ, ନାନା ପ୍ରକାର ପ୍ରସାଧନ ଦ୍ରବ୍ୟ ଇତ୍ୟାଦି ଅନେକେ ବ୍ୟବହାର କରନ୍ତି । ଏ ଦିଗରେ ସେମାନଙ୍କର ମାନସିକ ପ୍ରକ୍ରିୟା ସର୍ବଦା ତତ୍ପର । ସେମାନେ ଏସବୁ ସୌଖିନ ପ୍ରସାଧନ ଦ୍ରବ୍ୟାଦି ଦ୍ୱାରା ଖୁବ୍ ଶୀଘ୍ର ଆକୃଷ୍ଟ ହୋଇପଡ଼ନ୍ତି । ଅନେକ ନବ୍ୟ ସଭ୍ୟ ଶିକ୍ଷିତ ବ୍ୟକ୍ତି ବ୍ୟବହୃତ ରୁମାଲ୍ ଓ ବେଶପୋଷାକରେ ଅତର ସିଞ୍ଚିଥାଆନ୍ତି । କେହି କେହି ନାନାଦି ସୁବାସିତ ଫୁଲ କାନରେ ଖୋସନ୍ତି, ପକେଟରେ ରଖନ୍ତି, ମାଳାକରି ହାତରେ ବା ବେକରେ ଲଗାଇ ରଖନ୍ତି । ଏ ସକଳ କର୍ମ ଅର୍ଚ୍ଚଦୈବାତ୍ ମୋହର ଆବେଶରୁ ହୋଇଥାଏ । ଯେଉଁମାନେ ଏହି ମୋହର ପାଶରେ ପଡ଼ିଥାଆନ୍ତି, ସେମାନେ ଏପ୍ରକାର ଅଭ୍ୟାସର ବଶବର୍ତ୍ତୀ ହୁଅନ୍ତି ।

ନାନାଦି ସୁବାସିତ ଦ୍ରବ୍ୟ । ଏ ମୋହ ବଶେ ହୁଏ ସେବ୍ୟ ॥
ନାନା ସାମଗ୍ରୀ ପ୍ରସାଧନ । କରନ୍ତି ଶରୀର ଅର୍ଚ୍ଚନ ॥
ଉତ୍କଟ ଗନ୍ଧ କାରଣରୁ । କେ ପାରେ ରୋକି ମରଣରୁ ॥
ଇନ୍ଦ୍ରିୟ କାର୍ଯ୍ୟବାହୀ କୋଷ । ଉତ୍କଟ ଗନ୍ଧେ ଯାଏ ନାଶ ॥


ନଷ୍ଟ ହୁଅଇ ସୂକ୍ଷ୍ମ ସ୍ନାୟୁ । ଅକାରଣରେ ହାନି ଆୟୁ ॥
ସୃଜଇ ନାନା ରୋଗ ଏହି । ଯୋଗ ସାଧନା ନଷ୍ଟ ଯାଇ ॥
ଏ ମୋହ ବଶ ନ ହୋଇବ । ଆପଣା ମାର୍ଗେ ସୁଖେ ଥିବ ॥

**ସୁ**ବାସିତ ଓ ସୁଗନ୍ଧଯୁକ୍ତ ପ୍ରସାଧନ ସାମଗ୍ରୀ ବ୍ୟବହାର ଦ୍ୱାରା ତଜ୍ଜନିତ ଉତ୍କଟ ଓ ତୀବ୍ର ଗନ୍ଧକୁ ଦେହ ଗ୍ରହଣ କରିବାକୁ ବାଧ୍ୟ ହୁଏ । ଫଳରେ ଶରୀରସ୍ଥ ଜୀବକୋଷ ଏବଂ ସୂକ୍ଷ୍ମଗ୍ରାହୀ ସ୍ନାୟୁ ସକଳ ଅଯଥାରେ ଅକାଳରେ ନଷ୍ଟହୋଇ ଯାଆନ୍ତି । ଇନ୍ଦ୍ରିୟ କାର୍ଯ୍ୟବାହୀ କୋଷ ଓ ସ୍ନାୟୁ (ସଂଜ୍ଞାବାହୀ ସ୍ନାୟୁ ଓ କୋଷ ସମୂହ)ଗୁଡ଼ିକ ନଷ୍ଟ ହେବାଦ୍ୱାରା ଇନ୍ଦ୍ରିୟ ଯନ୍ତ୍ରଗୁଡ଼ିକରେ ନାନାଦି ଅସାଧ୍ୟ ରୋଗ ସୃଷ୍ଟି ହୁଏ । ମନେରଖ, ଏହିପରି ସୌଖିନ ଓ ବିଳାସୀ ପ୍ରସାଧନ ସାମଗ୍ରୀ ଯୋଗମାର୍ଗର ଶତ୍ରୁ ସଦୃଶ । ତେଣୁ, ଉତ୍କଟ ଓ ତୀବ୍ର ଗନ୍ଧଯୁକ୍ତ ପ୍ରସାଧନ ସାମଗ୍ରୀ ଆଦୌ ବ୍ୟବହାର କରିବା ଉଚିତ୍ ନୁହେଁ ।

**କେ**ବଳ ଚନ୍ଦନକୁ ଛାଡ଼ି ଦେଲେ ଆଉ ସବୁ ପ୍ରସାଧନ ସାମଗ୍ରୀ କ୍ଷତିକାରକ । ଏପରିକି ଚୁଆ, କସ୍ତୁରୀ, କର୍ପୂର ଓ କୁଙ୍କୁମ ମଧ୍ୟ କ୍ଷତିକାରକ ଅଟେ । ଚନ୍ଦନ ବ୍ୟବହାର କରିବା ସାତ୍ତ୍ୱିକ ଗୁଣର ଲକ୍ଷଣ ଅଟେ ।

ତନୁ ମନ୍ଦିର ଅଟେ ସଦ୍ମ । ତହିଁ ବିରାଜିଛନ୍ତି ବ୍ରହ୍ମ ॥
ବ୍ରହ୍ମପୁରୁଷ ପୂଜାର୍ଚ୍ଚନ । ନିମନ୍ତେ ଲୋଡ଼ିବ ଚନ୍ଦନ ॥
ଚନ୍ଦନ ନୁହେଁ କ୍ଷତିକର । କରିବ ଏହା ବ୍ୟବହାର ॥
ଆନ ଦ୍ରବ୍ୟାଦି ପ୍ରସାଧନ । ବସ, ନ ବଳା ତହିଁ ମନ ॥

**ଜୀ**ବ ଦେହରେ ଶିବ ସ୍ୱରୂପ ବ୍ରହ୍ମପୁରୁଷ ବିରାଜମାନ କରିଅଛନ୍ତି । ଏ ଦେହ ସେହି ଦେବତାଙ୍କର ମନ୍ଦିର, ତାଙ୍କର ପୂଜାର୍ଚ୍ଚନା ନିମନ୍ତେ ଚନ୍ଦନର ଆବଶ୍ୟକତା ରହିଛି । ତେଣୁ ଚନ୍ଦନ ପରିଚର୍ଯ୍ୟା ଦ୍ୱାରା ଦେହର କୌଣସି କ୍ଷତି ହୁଏ ନାହିଁ । ଲଲାଟ, କଣ୍ଠ, ବକ୍ଷ ଇତ୍ୟାଦି ଶରୀରର କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ଚନ୍ଦନ ତିଳକ ଧାରଣ କରିବା ଉଚିତ୍ । ଏହାଦ୍ୱାରା ତନୁ ମନ୍ଦିରରେ ହୃଦସିଂହାସନରେ ସତତ ଅଧିଷ୍ଠିତ ବ୍ରହ୍ମପୁରୁଷଙ୍କର ହିଁ ଅର୍ଚ୍ଚନା କରାଯାଇଥାଏ ।



**ତମ ହାନିଲାଭ ବୁଝଇ ଯେହୁ ।**
**ଅଳି ଶୁଣି କରେ ବିଧାନ ସେହୁ ॥**
**ତା'ପାଇଁ ତମର କର୍ତ୍ତବ୍ୟ ହେଳ ।**
**ପାରିବିଅ ହୃଦ କଅଁଳ ଶେଯ ॥**

**ଶିକ୍ଷାର ଯୋଗ୍ୟତା ନ ମାପ କେବେ ।**
**ତତ୍ତ୍ୱ ଜ୍ଞାନ ଲାଭ କରିବ ତେବେ ॥**

**ମୁକ୍ତି ପାଇଁ କିଆଁ ହେଉଛ ବାୟା ।**
**ଧାରା ଧରି ଭୁଲ ଆପଣା କାୟା ॥**

## ଆମର ଲକ୍ଷ୍ୟ ଚରମ ପ୍ରାପ୍ତି

*ଅଗଣିତ ଅନିସନ୍ଧିତ୍ସୁ ଅନୁଗତ, ଭକ୍ତ, ଶିଷ୍ୟ, ଗ୍ରାହକ, ଗ୍ରାହିକା, ପାଠକ, ପାଠିକା ଗୁରୁ ଭାଇଭଉଣୀମାନଙ୍କର ଅଧ୍ୟାତ୍ମ ଅନୁସନ୍ଧିତ୍ସା, ଧାର୍ମିକ ଶିକ୍ଷା ଓ ପରମାର୍ଥ ଜୀବନର ପରିପୁଷ୍ଟି ନିମନ୍ତେ ଧାରାବାହିକ ଭାବରେ ନିୟମିତ ''ଆମର ଲକ୍ଷ୍ୟ: ଚରମପ୍ରାପ୍ତି'' 'ଚରମ'ର ପ୍ରଥମ ପୃଷ୍ଠ : ପ୍ରଥମ ପାଖୁଡ଼ାରୁ ଏଯାବତ୍ ନିରବଚ୍ଛିନ୍ନ ଛନ୍ଦ ଭାବରେ ପଦ୍ରସ୍ଥ ହୋଇଆସୁଛି । ଧର୍ମ ଜୀବନର ଏକ ସ୍ୱୟଂସଂପୂର୍ଣ୍ଣ ବୃତ୍ତ । ଏହି ଅଖଣ୍ଡ ଧର୍ମବଳୟର ପରିଧି ଅସଂଖ୍ୟ ସ୍ଥିତିବାନ ବିନ୍ଦୁର ସମାହାର ମାତ୍ର । ପ୍ରତିଟି ବିନ୍ଦୁରେ ଗୋଟିଏ ଗୋଟିଏ ସିନ୍ଧୁର ସମ୍ଭାବନା ବିଦ୍ୟମାନ । ଉକ୍ତ ଅନୁସନ୍ଧିତ୍ସୁ ଭଗବଦ୍ ବିଶ୍ୱାସୀ ଭକ୍ତ ଅନୁଗତମାନେ ଏହି ସ୍ତମ୍ଭରେ ସଂଯୋଜିତ ଆଲୋଚନାମୂଳକ ତାତ୍ତ୍ୱିକ ପ୍ରବନ୍ଧରୁ ପରମାର୍ଥ ଜୀବନର ଚଲାପଥ ପାଇଁ ଉପଯୁକ୍ତ ଯୁଗୋପଯୋଗୀ ପାଥେୟ ସଂଗ୍ରହ କରି ଲକ୍ଷ୍ୟ ପଥରେ ଆଗେଇ ମୁକ୍ତି, ମୋକ୍ଷ ଓ ନିର୍ବାଣ ସୋପାନରେ ଉପନୀତ ହୋଇପାରିବେ । ଆବଶ୍ୟକ କେବଳ : ତ୍ୟାଗ, ନିଷ୍ଠା, ବିଶ୍ୱାସ, ସେବା ଓ ଆନ୍ତରିକତା ।*

# ଭାବକୁ ନିକଟ ମୁରାରି

ଆଧ୍ୟାତ୍ମିକ ସାହିତ୍ୟରେ 'ଭାବ' ଏକ ମାନସିକ ସ୍ଥିତାବସ୍ଥା । 'ଭାବପ୍ରବଣତା' ମଧ୍ୟ ଅନ୍ୟ ଏକ ମାନସିକ ସ୍ଥିତାବସ୍ଥା । 'ଭାବପ୍ରବଣତା' ପ୍ରାୟତଃ ସାମୟିକ; ତେଣୁ କ୍ଷଣସ୍ଥାୟୀ । ମାତ୍ର 'ଭାବ' ଚିରସ୍ଥାୟୀ ବା ଦୀର୍ଘସ୍ଥାୟୀ । 'ଭୂ +ଅ'='ଭାବ' । ହେବା ବା ଥିବା ଅର୍ଥରେ 'ଭାବ' ଶବ୍ଦର ପ୍ରୟୋଗ ଯଥାର୍ଥ । ସାହିତ୍ୟରେ 'ଭାବ' ଶବ୍ଦରୁ ଭବଗତ, ଭାବଗର୍ଭ(କ), ଭାବଗ୍ରାହୀ, ଭାବପ୍ରବଣ, ଭାବବିଳାସୀ, ଭାବବିହ୍ୱଳ, ଭାବବୋଧକ, ଭାବବ୍ୟକ୍ତି, ଭାବଭଙ୍ଗୀ, ଭାବଭୋଳା, ଭାବମିଶ୍ର, ଭାବଶୁଦ୍ଧି, ଭାବାତ୍ମ, ଭାବାନୁଗ, ଭାବାନୁଷଙ୍ଗ, ଭାବାନ୍ତର, ଭାବାବେଶ, ଭାବାଭାସ, ଭାବାର୍ଥ(କ), ଭାବାଳୁ, ଭାବିନୀ, ଭାବୁକ, ଭାବୋଚ୍ଛ୍ୱାସ, ଭାବୋଦୟ, ଭାବୋଦ୍ଦୀପକ, ଭାବୋନ୍ମତ୍ତ, ଭାବୋନ୍ମାଦ, ଭାବ୍ୟ ଇତ୍ୟାଦି ବହୁଶବ୍ଦର ସୃଷ୍ଟି ଓ ପ୍ରଯୁକ୍ତି ଦୃଷ୍ଟିଗୋଚର ହୁଏ । ଆଧ୍ୟାତ୍ମିକ ସାହିତ୍ୟରେ ଏ ସକଳ ଶବ୍ଦର ପ୍ରୟୋଗ କାଳରେ ସତର୍କତା ଅବଲମ୍ବନ କରିବାକୁ ପଡ଼େ । ଆଧ୍ୟାତ୍ମିକ ସାହିତ୍ୟ ଓ ସାଧାରଣ ସାହିତ୍ୟ ମଧ୍ୟରେ ପାର୍ଥକ୍ୟ ନିଶ୍ଚୟ ରହିଛି । ସାଧାରଣ ଲୋକସାହିତ୍ୟ ଲଳିତ ସାହିତ୍ୟର ଅନ୍ତର୍ଭୁକ୍ତ । ଏହା ଲାଳିତ୍ୟ ମାଧ୍ୟମରେ ସମାଜକୁ ଆନନ୍ଦ ଓ ଆନନ୍ଦ ମାଧ୍ୟମରେ ଜନମାନସକୁ ଦିଗ୍‌ଦର୍ଶନ ଦେଇଥାଏ । ତେଣୁ ଆନନ୍ଦ ଦେବା ଏହାର ମୌଳିକ ଆଭିମୁଖ୍ୟ । ଆଧ୍ୟାତ୍ମିକ ସାହିତ୍ୟ ତତ୍ତ୍ୱ ସମ୍ବଳିତ । ଏହା ତତ୍ତ୍ୱ ମାଧ୍ୟମରେ ସମାଜକୁ ଉପଦେଶ ଦିଏ । ନୀତି, ଅନୀତି; ଭଲ, ମନ୍ଦ; ଉଚିତ, ଅନୁଚିତ; ଶ୍ରେୟ, ପ୍ରେୟ; ପ୍ରବୃତ୍ତି; ନିବୃତ୍ତି, ଭୋଗ, ତ୍ୟାଗ ଇତ୍ୟାଦି ସମ୍ବନ୍ଧରେ ସଚେତନଶୀଳତା ସୃଷ୍ଟି କରେ । ତେଣୁ ଉଭୟ ପ୍ରକାର ସାହିତ୍ୟ ସୃଷ୍ଟିର ଶବ୍ଦ ବିନ୍ୟାସ, ଭାଷା ବିନ୍ୟାସ ଓ ଶୈଳୀ ବିନ୍ୟାସ ଏବଂ ରସଚର୍ଯ୍ୟା ଇତ୍ୟାଦି ନିଶ୍ଚିତ ଭାବରେ ଭିନ୍ନ ଭିନ୍ନ ।

**'ଭୂ + ଅ'**='ଭାବ' । 'ଭାବ' ଶବ୍ଦର ସୃଷ୍ଟି ରହସ୍ୟରୁ ଏହାର ବିଭିନ୍ନ ଅର୍ଥ ବିଭିନ୍ନ ପର୍ଯ୍ୟାୟରେ ଏଯାବତ୍ ଲଳିତସାହିତ୍ୟ ଓ ଆଧ୍ୟାତ୍ମିକ ସାହିତ୍ୟରେ ବ୍ୟବହୃତ ହୋଇ ଆସୁଛି । ସାଧାରଣ ଲଳିତ ଜନସାହିତ୍ୟରେ ଏହା ଯେଉଁସବୁ ଅର୍ଥରେ ବ୍ୟବହୃତ ହେଉନା କାହିଁକି, ଆଧ୍ୟାତ୍ମିକ ସାହିତ୍ୟରେ ଏହା ଏକ ସ୍ୱତନ୍ତ୍ର ମାନସିକ ସ୍ଥିତାବସ୍ଥା ଅର୍ଥରେ ସର୍ବଦା ଓ ସର୍ବଥା ବ୍ୟବହୃତ । ମନଗହନର ସୂକ୍ଷ୍ମାତିସୂକ୍ଷ୍ମ ପ୍ରଦେଶରେ ଏହାର ସୂକ୍ଷ୍ମବୀଜ ବପନ ହୁଏ । ଏହି ଉପ୍ତ ସୂକ୍ଷ୍ମବୀଜରୁ ଗଭୀରଚିନ୍ତା, ଧ୍ୟାନ, ଭକ୍ତିର ଆବେଶ, ଅନୁଭୂତିର ଆଧିକ୍ୟ ବା ଆବେଗ ସୃଷ୍ଟି ହୁଏ । କ୍ରମଶଃ ଏହା ଦାନା ବାନ୍ଧି ଏକ ସ୍ଥାୟୀ ଅସ୍ତିତ୍ୱ ବା ସ୍ଥିତିଲାଭ କରେ । ସାଧକ ସାଧନା ମାର୍ଗରେ ଅଗ୍ରସର ହୋଇ ଜାଗତିକ ସ୍ଥୂଳ ମଣ୍ଡଳ ଅତିକ୍ରମ କଲେ, ଏହି 'ଭାବ'ରୁ ଆତ୍ମଦର୍ଶନ ହୁଏ ଓ ସୂକ୍ଷ୍ମମଣ୍ଡଳ ବା ସୂକ୍ଷ୍ମଜଗତରେ ସେ ମହାନନ୍ଦରେ ସଦାସର୍ବଦା ବିଚରଣ କରେ । ଏହାପରେ ଘଟେ ଆତ୍ମମିଳନ । ଏହାକୁ ଆତ୍ମରତି ମଧ୍ୟ କୁହାଯାଇଥାଏ । 'ଭାବ'ରୁ ଭଗବଦ୍ ପ୍ରଣୟ ସମ୍ଭବ ହୁଏ । ଏହା ପୂର୍ଣ୍ଣାନନ୍ଦ ପ୍ରଦାନ କରେ । ନିଖିଳ ବିଶ୍ୱ ଅମୃତମୟ ଅନୁଭୂତ ବା ଉପଲବ୍ଧ ହୁଏ । ସେତେବେଳେ ଏହି 'ଭାବ' ସାଧକର ସ୍ୱଭାବରେ ପରିଣତ ହୋଇଥାଏ ।

ମଙ୍ଗଳମୟ ସ୍ୱୟଂ ପରମେଶ୍ୱର ହିଁ ଭାବଗ୍ରାହୀ । ସେ ହିଁ ମର୍ମଜ୍ଞ, ଭକ୍ତବନ୍ଧୁ । ଭକ୍ତର ଅନ୍ତର୍ଗତ ଭାବ ଅବଧାରଣରେ ସେ ହିଁ କ୍ଷମ, ସମର୍ଥ । ଭକ୍ତଅନୁଗତମାନଙ୍କର ଅନ୍ତରତଳର ଅନ୍ତରଙ୍ଗ କୋଣ ଅନୁକୋଣରେ ଉଦିତ ଭାବର ସନ୍ନିକଟରେ ସେ ଅବସ୍ଥାନ କରିବା, ତେଣୁ ସ୍ୱାଭାବିକ ଭାବରେ ସମ୍ଭବ । ସେହି ସ୍ଥାୟୀ ଭାବକୁ ସେ କେବଳ ପଲକ ମାତ୍ରକେ ଗ୍ରହଣ କରି ନ ଥାନ୍ତି, ଭାବାନୁସାରୀ କର୍ମପଥରେ ତାହାକୁ ଚଳାଇ ନେବାରେ ପ୍ରଭୂତ ଭାବରେ ସହାୟକ ମଧ୍ୟ ହୋଇଥାଆନ୍ତି । ଏହି ବିଶେଷ ବିଭାବର ସାହାଯ୍ୟରେ ସେ ତାଙ୍କର ଅନନ୍ତଲୀଳା ମଧ୍ୟ ସଂଗଠନ କରନ୍ତି । ଏହି ଅନନ୍ତଲୀଳା ପ୍ରସଙ୍ଗରେ ଅନୁପ୍ରବେଶ କରିବା ସାଧାରଣ ଲୋକଙ୍କ ପକ୍ଷରେ ସମ୍ଭବପର ହୋଇ ନ ପାରେ, ଅମୀୟ ଦିବ୍ୟଲୀଳା ମଧ୍ୟ ସେମାନଙ୍କର ସହଜବୋଧଗମ୍ୟ ହୁଏତ ନ ହୋଇପାରେ । ଏହି ଅବବୋଧର ଅଭାବରୁ ଅନେକ ଆଧ୍ୟାତ୍ମିକବାଦୀ ତତ୍ତ୍ୱପରିଶୀଳନାତ୍ମିକା ମନୋବୃତ୍ତି ପୋଷଣ ନ କରି ଯୁକ୍ତି ବାଢ଼ନ୍ତି : ''କରି କରାଉଥାଏ ମୁହିଁ । ମୋ ବିନୁ ଅନ୍ୟଗତି ନାହିଁ ।।'' ଏବଂ ''ତ୍ୱୟା ବାସୁଦେବ ହୃଦିସ୍ଥିତେନ, ଯଥା ନିଯୁକ୍ତୋଽସ୍ମି ତଥା କରୋମି ।।''

ଏକଥା ଅବଶ୍ୟ ଅନସ୍ୱୀକାର୍ଯ୍ୟ ଯେ, ତାଙ୍କ ବିନା ଜୀବର ଅନ୍ୟଗତି ନାହିଁ । ସେ ହିଁ ଅଗତିର ଗତି, ଅନାଥର ନାଥ । ସେ ସବୁ କରୁଛନ୍ତି, ସବୁ କରାଉଛନ୍ତି ମଧ୍ୟ । ଏହି ତତ୍ତ୍ୱର ଅନ୍ତରାଳରେ ନିବିଡ଼ଭାବରେ ଜୀବର ଭାବାବସ୍ଥାକୁ କୌଣସି ଗୁଣରେ କିନ୍ତୁ, ନ୍ୟୁନ ବା ହେୟ ଜ୍ଞାନ କରାଯିବା ଉଚିତ ନୁହେଁ । ସେହିପରି ବାସୁଦେବ/ ହୃଷିକେଶ ପରମେଶ୍ୱର ସକଳ ଘଟରେ ନାରାୟଣ ସ୍ୱରୂପ ହୃଦ୍ଦେଶରେ ଅବସ୍ଥିତ । ସେ ପ୍ରାଣୀକୁ ଯେଉଁ କର୍ମରେ ନିଯୁକ୍ତ କରୁଛନ୍ତି, ପ୍ରାଣୀ ସେହି କର୍ମ ହିଁ ସମ୍ପାଦନ କରୁଛନ୍ତି । ଭକ୍ତ ସାଧକଙ୍କର ଏତାଦୃଶ ମନ୍ତବ୍ୟ ତ୍ରୁଟିଶୂନ୍ୟ । ଏହା ନିଃସନ୍ଦେହ । ତ୍ରୁଟି ରହେ ଏହାର ଯଥାର୍ଥ ତର୍ଜମାରେ । ଯଥେଚ୍ଛାଚାର ଭାବରେ ଆପଣାର ଦୁଷ୍କୃତିକୁ ଆଚ୍ଛନ୍ନ ରଖି ଆପଣାକୁ ଦୋଷମୁକ୍ତ ବୋଲି ପ୍ରତିପାଦନ କରିବା ପାଇଁ ଆତ୍ମପକ୍ଷ ସମର୍ଥନ କରି ଯୁକ୍ତି ବାଢ଼ିବାରେ ପାଟବ ଅର୍ଜନ କରିଥିବା କତିପୟ ସାଧକ ପଣ୍ଡିତମନ୍ୟ ବ୍ୟକ୍ତି ବିଶେଷ ଶାସ୍ତ୍ରୋପଦେଶକୁ ସ୍ୱେଚ୍ଛାଚାର ଭାବରେ ବ୍ୟବହାର କରିବାଠାରୁ ଜଘନ୍ୟ ମନୋଭାବ ଆଉ କ'ଣ ଥାଇପାରେ ? ଏତାଦୃଶ ବାଚନ ଶୈଳୀପୂର୍ଣ୍ଣ ଓ କୌଶଳପୂର୍ଣ୍ଣ ସ୍ୱେଚ୍ଛାଚାରିତା ସାଧାରଣ ସରଳ ଜନମାନସକୁ କୁହେଳିକାଚ୍ଛନ୍ନ କରିବା ସ୍ୱାଭାବିକ ।

ଏହି ପ୍ରସଙ୍ଗରେ ବ୍ୟକ୍ତିର ମନୋଭାବ, ଭାବାବସ୍ଥା ଓ ଭାବବୃତ୍ତିକୁ ସର୍ବାଦୌ ମୌଳିକ ସ୍ଥାନରେ ରଖି ବିଚାର କଲେ, ହୁଏତଂ କୌଣସି ପ୍ରମାଦପୂର୍ଣ୍ଣ ତର୍ଜମା ଦୃଷ୍ଟିଗୋଚର ହେବ ନାହିଁ । ବ୍ୟକ୍ତି ଏ ସ୍ଥୂଳ ଜଗତରେ ସାଂସାରିକ ଜୀବନ ଧାରଣ ପାଇଁ ନାନାଦି ବୃତ୍ତି ଅବଲମ୍ବନ କରେ । ଏ ସକଳ ବୃତ୍ତି ବା ସ୍ୱଧର୍ମ ତାହାର ପୂର୍ବ ସଂସ୍କାରନିଷ୍ପନ୍ନ । ପୂର୍ବ ସଂସ୍କାର ଅନୁରୂପ ଗୁଣସୂତ୍ର/ଗୁଣପିଣ୍ଡ (ଆତ୍ମସ୍ୱରୂପ) ଧରି ସେ ଧୂଳିର ଧରଣୀରେ ଦେହ ଧାରଣ କରେ । ତଦନୁଯାୟୀ ତାହାର କୋଷକେନ୍ଦ୍ର ଓ ଜୀବକୋଷ ସକଳ ପଞ୍ଚଭୂତର ଶରୀରରେ ସଜ୍ଜୀକରଣ ହୋଇଥାଏ । ସେହି ସଂସ୍କାର ଜନିତ ଭାବ ପୋଷଣ କରିବା ବ୍ୟକ୍ତିର ଏକାନ୍ତ ନିଜସ୍ୱ । ତେଣୁ ବିଭିନ୍ନ ବ୍ୟକ୍ତି ବିଭିନ୍ନ ମନୋବୃତ୍ତି ଓ ମନୋଭାବ ପୋଷଣ କରନ୍ତି । ସେମାନଙ୍କର କର୍ମଧାରା ବା ବୃତ୍ତି ମଧ୍ୟ ଭିନ ଭିନ ହେବା ସ୍ୱାଭାବିକ । ଏହା ବହୁଳ ଭାବରେ ସଂସ୍କାର ସମ୍ପୃକ୍ତ କର୍ମଫଳ ଦ୍ୱାରା ନିୟନ୍ତ୍ରିତ । ଏଥିନିମନ୍ତେ ଜଗତପତି ଜଗଦୀଶ୍ୱରଙ୍କ ଉପରେ ଦୋଷାରୋପ କରି ଆପଣାକୁ ତାଙ୍କର ସଖୀ କହେଇ ବୋଲି ଲୋକଲୋଚନରେ ପ୍ରଚାର ମାଧ୍ୟମରେ ବ୍ୟକ୍ତ କରି ଏବଂ ଆପଣାକୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରି, ଆପଣା ମନର ପରିଚାଳନାରେ ସ୍ୱେଚ୍ଛାଚାର କରିବା ସର୍ବାଦୌ ଅନୁଚିତ । ଏହାଦ୍ୱାରା ବ୍ୟକ୍ତିର ଅହଂକାର ଓ ଅଭିମାନ ବଢ଼େ; ମୋହଗ୍ରସ୍ତ ହୁଏ ଏବଂ ମଦମାତ୍ସର୍ଯ୍ୟର ପ୍ରାବଲ୍ୟରେ ତା'ର ବ୍ୟକ୍ତିତ୍ୱ ଅତିଷ୍ଠ ହୁଏ ।

କତିପୟ ଉଦାହରଣ ମାଧ୍ୟମରେ ଏହି ତତ୍ତ୍ୱନିଷ୍ଠ ସତ୍ୟକୁ ପ୍ରକାଶ କରିବାରେ ଆଦୌ ଅସୁବିଧା ନାହିଁ । ମନେକର, ଜଣେ ବ୍ୟକ୍ତି ସାଂସାରିକ ଜୀବନରେ ସ୍ୱାର୍ଥପର ଏବଂ ଆତ୍ମକୈନ୍ଦ୍ରିକ । ସ୍ୱାର୍ଥସିଦ୍ଧି ବା ଆପଣାର ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ସେ ନାନାଦି କର୍ମରେ ଲିପ୍ତ । ଏହାକୁ ଚରିତାର୍ଥ କରିବା ଉଦ୍ଦେଶ୍ୟରେ ସେ ଅନେକ କ୍ଷେତ୍ରରେ ମିଥ୍ୟା କହେ, ଛଳନା କରେ, ପ୍ରବଞ୍ଚନା ମଧ୍ୟ କରେ । ଆପଣାର ମୁଖା ଖୋଲିଯିବାର ଅବ୍ୟବହିତ ପୂର୍ବରୁ ସେ ଆପଣାକୁ ଈଶ୍ୱରଙ୍କ ନିକଟରେ ପୂର୍ଣ୍ଣ ସମର୍ପିତ ଭାବରେ ବ୍ୟାଖ୍ୟା କରେ । ସେ ଯେ ନିଜ ଆୟତ୍ତରେ ନାହିଁ, ପ୍ରଭୁ ହୃଷିକେଶ/ବାସୁଦେବ ତାହାର ହୃଦ୍ଦେଶରେ ଅଧିଷ୍ଠିତ ହୋଇ ତାହାକୁ ଯାହା କରିବା ପାଇଁ ପ୍ରେରଣା ଦେଉଛନ୍ତି; ସେ ତାହା ହିଁ କରୁଛି, କହୁଛି, ଭାବୁଛି ବୋଲି ସର୍ବସାଧାରଣରେ ବ୍ୟକ୍ତ କରେ । ତା'

ନିକଟରେ ସତେ ଯେପରି ଈଶ୍ୱରୀୟ ଇଚ୍ଛା ପ୍ରକଟିତ । ତାହାର ନିଜସ୍ୱ ଇଚ୍ଛା ବୋଲି କିଛି ନାହିଁ । ଏତାଦୃଶ ମତ ପୋଷଣ କରି ଓ ଆପଣାମତକୁ ବାକ୍ୟରେ ସର୍ବଜନ ସମକ୍ଷରେ ପ୍ରକାଶ କରି ସେ ଆତ୍ମପ୍ରବଞ୍ଚନାର ଶିକାର ହୁଏ । ତା'ର ଛଳନା ଓ ପ୍ରବଞ୍ଚନାର ଶିକାର ହୁଅନ୍ତି ଅଗଣିତ ସରଳପ୍ରାଣ ସାମାଜିକ ଜୀବ । ଥରେ ଏହି କପଟୀ ଆପଣାର ମତକୁ ଅନ୍ୟ ସମସ୍ତଙ୍କ ମନରେ ରୋପଣ କରିଦେଲେ, ତା'ର କାର୍ଯ୍ୟଧାରା ସୁଗମ ହୋଇଯାଏ । ଏଣିକି ସେ ଯାହା କିଛି କହେ ବା କରେ, ତାହା ତା' ମଧ୍ୟରେ କୃଷ୍ଣବାସୁଦେବ ବସି କହୁଛନ୍ତି ବା କରୁଛନ୍ତି ବୋଲି ଅନେକେ ହୁଏତ ସରଳତା ଗୁଣରୁ ବିଶ୍ୱାସ କରନ୍ତି । ସେ ସ୍ୱେଚ୍ଛାଚାରୀ ବା ଭ୍ରଷ୍ଟାଚାରୀ ହୁଏ । ସେହି କୁଟିଳ ବ୍ୟକ୍ତିର ଏପରି ହେବା ଅତ୍ୟନ୍ତ ସ୍ୱାଭାବିକ । କିନ୍ତୁ ବିଚାରକରି ଦେଖିଲେ, ପ୍ରକୃତରେ ଭଗବାନ କୃଷ୍ଣ ବାସୁଦେବ ତା'ର ହୃଦ୍ଦେଶରେ, ତା'ର ତନୁମନ୍ଦିରରେ, ପ୍ରାଣସତ୍ତା ବା ଚୈତନ୍ୟ ସ୍ୱରୂପ ବିଜେ କରି ଅସ୍ୱସ୍ତି ଅନୁଭବ କରୁଥାଆନ୍ତି । ସେ କଦାପି ଏପରି ଲାଞ୍ଚ, ମିଛ, ଛଳନା, ସ୍ୱାର୍ଥପରତା, ପରଶ୍ରୀକାତରତା, ହିଂସା, ଈର୍ଷା, କପଟଚାରିତା, ପଶୁତ୍ୱ, ପରମୁଖାପେକ୍ଷିତା, ପରନିର୍ଭରଶୀଳତା, ସ୍ୱେଚ୍ଛାଚାର, ଭ୍ରଷ୍ଟାଚାର, ଅନୀତି, ଦୁର୍ନୀତି, ପ୍ରବଞ୍ଚନା ଆଦି ଆଚରଣ ପ୍ରଦର୍ଶନ କରିବାକୁ ବ୍ୟକ୍ତିସତ୍ତାକୁ ନିର୍ଦ୍ଦେଶ ଦେଇ ନ ପାରନ୍ତି । ଏତାଦୃଶ ଆଚରଣର ସୂକ୍ଷ୍ମବୀଜଟି ବ୍ୟକ୍ତିର ବିକେନ୍ଦ୍ରିୟ ପ୍ରକୋଷ୍ଠରେ ଚେତନଶୀଳ ହୋଇ ରହିଥାଏ । ଏହା ମନକୋଣରେ ଭାବ ସ୍ୱରୂପ ସୂକ୍ଷ୍ମବୀଜ ଆକାରରେ ରହି ବ୍ୟକ୍ତିକୁ ତଦନୁରୂପ ସ୍ଥୂଳକର୍ମରେ ନିୟୋଜିତ କରେ । ବ୍ୟକ୍ତିର ସତ୍ୱେନ୍ଦ୍ରିୟ ପ୍ରକୋଷ୍ଠର ଦ୍ୱାର ରୁଦ୍ଧ ହୋଇ ରହିଥିବାରୁ, ମନୋଭାବ ନିୟନ୍ତ୍ରଣାଧୀନ ହୁଏ ନାହିଁ । ଅନିୟନ୍ତ୍ରିତ ମନୋଭାବରୁ ନାନା ଦୁଷ୍କୃତି, ଦୁଶ୍ଚିନ୍ତାରେ ବ୍ୟକ୍ତି ଲିପ୍ତ ରହେ । କୁହେଳିକାଚ୍ଛନ୍ନ ଚୈତନ୍ୟ କ୍ରିୟାଶୀଳ ହୋଇପାରେ ନାହିଁ । ତଥାପି, ଏପରି ଭାବାପନ୍ନ ବ୍ୟକ୍ତି ନିଜକୁ ଈଶ୍ୱରଙ୍କ ଠାରେ ପୂର୍ଣ୍ଣ ସମର୍ପିତ ଭାବରେ ପ୍ରତିପାଦନରେ ପ୍ରୟାସୀ ହୋଇଥାଏ । ଏହାଠାରୁ ଅଧିକ ବିଡ଼ମ୍ବନା ଆଉ କ'ଣ ଥାଇପାରେ ?

ପୁନଶ୍ଚ ପରିଲକ୍ଷିତ ହୁଏ ଯେ, ଏପରି ବ୍ୟକ୍ତି ସ୍ଥଳରେ ଗୁରୁ/ଠାକୁରଙ୍କ ସନ୍ନିଧାନରେ ନିଜର କର୍ମଧାରା ସମ୍ବନ୍ଧରେ ଜିଜ୍ଞାସା କରି ସ୍ୱୀକୃତି ପାଇ ନିଜକୁ ଧନ୍ୟ ମନେ କରେ । ଗୁରୁ ବା ଠାକୁରେ ଭାବଗ୍ରାହୀ । ତେଣୁ ପଲକମାତ୍ରେ ତାହାର ମନୋଗତ ଭାବ ସେ ଗ୍ରହଣ କରିପାରନ୍ତି ଓ ସେହି ମନୋଭାବ ସମ୍ବଳିତ ଚିନ୍ତାଧାରା ତତ୍‌କ୍ଷଣାତ୍ ତାହାକୁ ହିଁ ଫେରସ୍ତ ଦିଅନ୍ତି । ସେ ତହିଁର ଭାଗୀଦାର ବା ଅଂଶୀଦାର ହୁଅନ୍ତି ନାହିଁ । ତେଣୁ ତାଙ୍କୁ କର୍ମଫଳ ଭୋଗ କରିବାକୁ ପଡ଼େ ନାହିଁ । ଏଇ ସମସ୍ତ କର୍ମଫଳ ବ୍ୟକ୍ତି ହିଁ ଭୋଗ କରେ । ସେ ଯେତେ ପ୍ରକାରେ ଛଳନା ବା ପ୍ରବଞ୍ଚନା କଲେ ମଧ୍ୟ ମନର ଭାବ ନିକଟରେ ମୁରାରି ବସି ତାହାକୁ ଠିକ୍ ଭାବରେ ଚିହ୍ନଟ କରିସାରିଥାଆନ୍ତି । ବ୍ୟକ୍ତି ତେଣୁ କୌଣସି ପ୍ରକାରେ ନିସ୍ତାର ପାଇପାରେ ନାହିଁ । ''ମରଣ କାଳେ ନିଦ୍ରାଗଲେ । ଯମ କି ଛାଡ଼ିଦେବ ଭଲେ ।।'' ସାଧାରଣ ସରଳ ମଣିଷ ସକଳ ପ୍ରବଞ୍ଚିତ ହୋଇପାରନ୍ତି, ମାତ୍ର ଭାବଗ୍ରାହୀ ଭଗବାନ ଠାକୁର ଏହାର ବହୁ ଊର୍ଦ୍ଧ୍ୱରେ । ସେ ସବୁ ଜାଣନ୍ତି, କିନ୍ତୁ କିଛି ଜାଣି ନ ଥିବାର ଅଭିନୟ କରନ୍ତି । ମନଗହନର କୋଣଅନୁକୋଣରେ ଲୁକ୍କାୟିତ ସୂକ୍ଷ୍ମାତିସୂକ୍ଷ୍ମ ଭାବର ସନ୍ନିକଟରେ ସେ ସତତ ବିଚରଣ କରୁଅଛନ୍ତି । କ'ଣ ବା ତାଙ୍କ ଅଜ୍ଞାତସାରରେ ରହିପାରେ ? କିଏ ତାଙ୍କର ଅଜ୍ଞାତସାରରେ ରଖିପାରେ ? ମୁହଁ ଖୋଲି ସେ କିଛି କହନ୍ତି ନାହିଁ ବା ଯାହା କିଛି କହନ୍ତି ମନୋଗତ ଭାବର ଅନୁସରଣ କରି କହନ୍ତି । ଏ ସତ୍ୟକୁ ଯେ ଅସ୍ୱୀକାର କରେ ତା'ପରି ମୂଢ଼ ବା ଜଡ଼ ଆତ୍ମା ଆଉ କିଏ ଥାଇପାରେ ?

ଗୁରୁ ବା ଠାକୁର ହୁଅନ୍ତୁ, ସେ ଏକ ସ୍ୱଚ୍ଛତମ ସ୍ଫଟିକ ଫଳକ ତୁଲ୍ୟ । ଅନୁଗତ, ଭକ୍ତ, ଶିଷ୍ୟ, ଦାସ, ସଖା ଯେ କେହି ହେଉ, ତାଙ୍କ ସନ୍ନିଧାନରେ ଉପସ୍ଥିତ ମାତ୍ରେ ତାହାର ମନୋଗତ ଭାବ ପ୍ରଭୁଙ୍କ ହୃଦୟରେ ପ୍ରତିଫଳିତ ହୋଇଥାଏ । ତେଣୁ ବ୍ୟକ୍ତି ଯେପରି ମନୋଭାବ ପୋଷଣ କରିଥାଏ, ପ୍ରଭୁଙ୍କୁ ସେହି ଭାବରେ ହିଁ ଦର୍ଶନ କରିଥାଏ । ତେଣୁ ପାପାତ୍ମାମାନଙ୍କୁ ସେ ଯମତୁଲ୍ୟ, ସାଧକମାନଙ୍କୁ ଜ୍ଞାନୀତୁଲ୍ୟ, ଭକ୍ତମାନଙ୍କୁ ବାଳକତୁଲ୍ୟ ଓ ବୈଷ୍ଣବମାନଙ୍କୁ ଦେବତାତୁଲ୍ୟ ପ୍ରତୀୟମାନ ହୋଇଥାଆନ୍ତି । ଆପଣାର ରୂପକୁ ବିଶ୍ୱରୂପରେ ପ୍ରତିଫଳିତ ହେବାର ସେ ଦେଖେ ସିନା, କିନ୍ତୁ ଏହା ପଶ୍ଚାତ୍‌ରେ ଥିବା ପ୍ରକୃତ ସତ୍ୟ ତତ୍ତ୍ୱଟି ତା'ର ବୋଧଗମ୍ୟ ହୁଏ ନାହିଁ । ସାଧାରଣ ମନୋଭାବସମ୍ପନ୍ନ ଲୋକ ଠାକୁରଙ୍କ ପଞ୍ଚଭୂତର ମାନୁଷୀତନୁ ଦର୍ଶନ କରି ତାଙ୍କୁ ଜଣେ ସାଧାରଣ ବ୍ୟକ୍ତି ବିଶେଷ ଭାବରେ ଦେଖେ ସିନା, ମାତ୍ର ମାନୁଷୀ ତନୁର ପ୍ରଚ୍ଛନ୍ନରେ ଲୁକ୍କାୟିତ ମହାମହେଶ୍ୱର ଭାବକୁ ଚିହ୍ନିବା, ଦେଖିବା ବା ଜାଣିବା ତା'ପକ୍ଷରେ ସମ୍ଭବ ହେବ କାହୁଁ ? କାହିଁ ତା'ର ସେ ଭାବ ? ଭାବର ଅଭାବ ହେଲେ, ମୁରାରି ଦୂରେଇ ରହନ୍ତି ଅର୍ଥାତ୍ ବ୍ୟକ୍ତିର ଭାବ ଯେପରି ମୁରାରି ସେପରି ଭାବରେ ତାକୁ ଧରାଦେଇ ଥାଆନ୍ତି । ଯେଉଁପରି ଭାବର

ନିକଟରେ ସେ ବିରାଜିତ, ସେହିପରି ଭାବରେ ସେ ପ୍ରକାଶିତ ହୋଇ ଥାଆନ୍ତି । ତେଣୁ ଠାକୁରଙ୍କୁ ଯିଏ ଯେପରି ଭାବରେ ଧ୍ୟାନ, ଭଜନ, ମନନ କରିଥାଏ, ସେ ସେହିପରି ଭାବ ରୂପରେ ଦର୍ଶନ କରିବା ସ୍ୱାଭାବିକ । ଯେଉଁ ବ୍ୟକ୍ତିର ସ୍ୱାଭାବିକ ଭାବ ଯେପରି, ଠାକୁରେ ତାହାକୁ ସେହିପରି ଅନୁଭୂତି ସମ୍ପନ୍ନ କରିଥାଆନ୍ତି । ଏହି ବିଧିବିଧାନରୁ ସ୍ୱୟଂବିଧି ମଧ୍ୟ ବାଦ ପଡ଼ନ୍ତି ନାହିଁ । ଦର୍ପଣ ସମ୍ମୁଖରେ ହାତୀର ପିତୁଳିଟିଏ ଟେକି ଧରିଲେ, ତହିଁରେ ଘୋଡ଼ାର ପ୍ରତିଚ୍ଛବି ପ୍ରତିଫଳିତ ହେବ କିପରି ?

ବହୁ ସ୍ଥଳରେ ପଣ୍ଡିତମନ୍ୟ ବ୍ୟକ୍ତି ହୃଦୟର ଅନ୍ତରତମ ନିବିଡ଼ ଅନ୍ତରଙ୍ଗ ପ୍ରଦେଶରେ ଏକ ପ୍ରକାର ଅଭିପ୍ରାୟ ପୋଷଣ କରି ଥାଆନ୍ତି । ସେମାନେ ହୁଏତ ଭାବନ୍ତି ଠାକୁରେ ତାଙ୍କ ବଚନ/ଆଚରଣ/ କର୍ମଧାରାରେ ପ୍ରୀତ ହୋଇ ତାଙ୍କର ଅତି ଆପଣାର ହୋଇ ଯାଉଛନ୍ତି । ତାଙ୍କ ବ୍ୟତୀତ ଠାକୁରେ ଅନ୍ୟ କାହା ଉପରେ ଆସ୍ଥା ସ୍ଥାପନ କରିପାରନ୍ତି ନାହିଁ । ସେ ହିଁ ଠାକୁରଙ୍କର ସର୍ବଶ୍ରେଷ୍ଠ ଭକ୍ତ, ତାଙ୍କ ଭକ୍ତିପରି ଆଉ କାହାରି ଭକ୍ତି ନାହିଁ ଇତ୍ୟାଦି । ଏ ମନୋଭାବ ଘୋର ଅହଂକାରର ସୂକ୍ଷ୍ମବୀଜ ମନ ମଧ୍ୟରେ ସଂଗୋପନରେ ବପନ କରେ । ପ୍ରାଣୀ ହୁଏତ ତାହା ଜାଣିପାରେନା । ମାତ୍ର, ଏତାଦୃଶ ଛଳକପଟମୟ ମନୋଭାବର ସନ୍ନିକଟରେ ଠାକୁରେ ବିରାଜମାନ କରିଥାଆନ୍ତି । ପଣ୍ଡିତମନ୍ୟ ବ୍ୟକ୍ତିଟି ଆପଣେ ଆପଣାକୁ ଠକେ । ଏହାକୁ ଆତ୍ମପ୍ରବଞ୍ଚନା କୁହାଯାଏ । ଠାକୁରେ ସେହି ଭାବ ଗ୍ରହଣ କରି ସଙ୍ଗେ ସଙ୍ଗେ ତାହା ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଫେରାଇ ଦିଅନ୍ତି । ବ୍ୟକ୍ତି ବିଚରା ଆପଣା ଭାବ ସିନ୍ଧୁରେ ଆପେ ଆପେ ଉବୁଟୁବୁ ହୁଏ । ପ୍ରଭୁଙ୍କୁ ଦୋଷ ଲାଗେ ନାହିଁ । ''ମନ ତୋହର ନିଜ ଗୁରୁ । ଉଦ୍ଧବ, କେତେ ତୁ ପଚାରୁ ।।'' କଥାରେ କହନ୍ତିନି : 'ଯାହାର ମନ ଯେଡ଼େ, ତାହାର ପ୍ରଭୁ ତେଡ଼େ ।' ମନୋଭାବ ଅନୁସାରି ପ୍ରଭୁଙ୍କୁ ପ୍ରାଣୀ ଦର୍ଶନ କରେ, ଅନୁଭବ କରେ ।

ପୁଣି କେତେକ ଭକ୍ତ ଅନୁଗତ ଅଛନ୍ତି, ଯେଉଁମାନେ ସତ୍‌ସଙ୍ଗରେ, କୀର୍ତ୍ତନରେ, ପ୍ରଭୁଙ୍କ ଦର୍ଶନ ଲାଭରେ ହୃଦୟ ମଧ୍ୟରେ ଭାବୋଚ୍ଛ୍ୱାସର ଆଧିକ୍ୟ ଉପଲବ୍ଧି କରନ୍ତି । ଅଧିକ ଭାବୋଚ୍ଛ୍ୱାସକୁ ସମ୍ଭାଳି ନ ପାରି ଅସମ୍ଭାଳ ହୁଅନ୍ତି । ଭାବର ବହିଃପ୍ରକାଶ ସଙ୍ଗେ ସଙ୍ଗେ ଘଟିଥାଏ । ନିଜେ ଅସ୍ତବ୍ୟସ୍ତ ହୋଇ ଅନ୍ୟମାନଙ୍କୁ ମଧ୍ୟ ବ୍ୟତିବ୍ୟସ୍ତ କରି ପକାନ୍ତି । କହିବାକୁ ଗଲେ ସେମାନେ ତତ୍‌କ୍ଷଣାତ୍ ଏକ ଏକ ନାଟକ ଅଭିନୟ କରି ଯାଆନ୍ତି । ଏହାକୁ ସାମୟିକ ଭାବପ୍ରବଣତା କୁହାଯାଏ । ଏହା ସଂପୂର୍ଣ୍ଣ କ୍ଷଣସ୍ଥାୟୀ । ଏତାଦୃଶ ଭାବରେ ଠାକୁରଙ୍କୁ ବାନ୍ଧି ପାରିବା ଅସମ୍ଭବ । କାରଣ, ସମୟର ଗତି ସହିତ ଏହି କ୍ଷଣସ୍ଥାୟୀ ସାମୟିକ ଭାବ ପ୍ରବଣତା ସଂପୂର୍ଣ୍ଣ ଭାବେ ମାନସପଟରୁ ପୋଛି ହୋଇଯାଏ । ସାମୟିକ ଭାବୋଚ୍ଛ୍ୱାସ ଜନିତ ସେହି ଅଶ୍ରୁ, ଆନନ୍ଦ, ଉନ୍ମତ୍ତତା ବା ଉଦ୍ଦାମତା ସବୁବେଳେ ପାଇଁ ରହି ନ ଥାଏ । ଏପରି ବାହ୍ୟଆଚରଣ ସାତ୍ତ୍ୱିକ ଭାବାପନ୍ନ ସାଧକ ଭକ୍ତର ସ୍ୱଭାବରେ ଆଦୌ ପରିଲକ୍ଷିତ ହୁଏ ନାହିଁ, କାରଣ ତାହାର ଭାବ ଅନ୍ତଃସ୍ଥଳରେ ଜମାଟ ବାନ୍ଧି ରହିଥାଏ ।

ମନୋଗତ ଚିରସ୍ଥାୟୀ ଭାବର ନିକଟରେ ମୁରାରି ରହିଥାଆନ୍ତି । ଯେପରି ଭାବ, ସେହିପରି ବିଭାବରେ ସେ ବ୍ୟକ୍ତିର ଦର୍ଶନ ଓ ଅନୁଭୂତିରେ ପ୍ରକଟ ହୁଅନ୍ତି । ଯେ ଯେଉଁଭଳି ଭାବରେ ତାଙ୍କୁ ଅନ୍ତରଙ୍ଗ କରେ, ସେ ସେହିଭଳି ଭାବ ଗ୍ରହଣ କରି, ସେହି ଗୃହୀତ ଭାବକୁ ବହୁ ଗୁଣିତ କରି ବ୍ୟକ୍ତିକୁ ଫେରାଇ ଦିଅନ୍ତି । ବ୍ୟକ୍ତିର ସ୍ୱଭାବ (ନିଜଭାବ) ବ୍ୟତୀତ ଅନ୍ୟ ସମସ୍ତ ହିଁ ତା'ର ଅଭାବ । ସେହି ଅନ୍ୟ ସକଳ ଭାବ (ଯାହା ବ୍ୟକ୍ତିର ଅଭାବ)କୁ ପ୍ରଭୁ ତା' ମନରୁ ପୋଛି ଦୂରେଇ ଦିଅନ୍ତି । ତେଣୁ ଜଣେ ଅହଂକାରୀ ବ୍ୟକ୍ତିର ଦାସ୍ୟଭାବ ଆସିବ କିପରି ? ଜଣେ ଲିପ୍‌ସୁ ବା ଲୁବ୍ଧର ତ୍ୟାଗଭାବ ଆସିବ କିପରି ? ଜଣେ କୃପଣର ବଦାନ୍ୟ ଭାବ ଆସିବ କିପରି ? ସେହିପରି ଜଣେ ସରଳପ୍ରାଣ ବ୍ୟକ୍ତିର କୁଟିଳକପଟ ମନୋଭାବ ଆସିବ କେଉଁଠୁ ? ଜଣେ ସେବକ ସେବାଗ୍ରହଣ ପାଇଁ ଆକାଂକ୍ଷିତ ହେବ ବା କିପରି ? ଜଣେ ତ୍ୟାଗ ସର୍ବସ୍ୱବ୍ୟକ୍ତି ଭୋଗଲାଳସାର ଶିକାର ହେବ ବା କିପରି ?

ତେଣୁ, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଷାରେ :

''ଭାବକୁ ନିକଟ ମୁରାରି । ଅଭାବ ଥା'ନ୍ତି ଦୂରକରି ।।''



## ଯତ୍ର ନାର୍ଯ୍ୟସ୍ତୁ ପୁଜ୍ୟନ୍ତେ

*ମାତୃଶକ୍ତିର ଜୟଗାନ କର । ମାତୃତ୍ୱର ଶରଣ ନିଅ । ମାତୃଜାତିର ଚରଣସ୍ପର୍ଶ କରି ଶକ୍ତି ଭିକ୍ଷାକର । ଶାନ୍ତି, ମୁକ୍ତି, ପ୍ରଗତି ଭିକ୍ଷାକର । ବିଶ୍ୱବକ୍ଷରେ ମାତୃତ୍ୱର ଜୟଗାନ ଆଧ୍ୟାତ୍ମିକ ବିପ୍ଳବର ସୂତ୍ରପାତ କରୁ । ଆମରଣ ତ୍ୟାଗ, ଧୈର୍ଯ୍ୟ, ସହିଷ୍ଣୁତା, ମମତା, ସ୍ନେହ, ପ୍ରେମ, ପ୍ରୀତି, କୋମଳତା ଇତ୍ୟାଦି ସୁଷମା ମଣ୍ଡିତ ଦିବ୍ୟଗୁଣ ବିଭୂଷିତା ସୁପ୍ତ ମାତୃଜାତିର ଜାଗୃତି ଯଜ୍ଞରେ ସକଳ ସ୍ୱାର୍ଥ, ଦୁରଭିସନ୍ଧି, କୂଟକପଟ କୌଶଳ ଆହୁତି ଦିଅ । ମାତୃଜାତିର ଜାଗୃତି ହିଁ ସତ୍ୟଯୁଗର ଶୁଭ ଆବାହନିର ସର୍ବଶ୍ରେଷ୍ଠ ସଙ୍କେତ । ମାତୃଜାତିର ସମ୍ମାନ ଓ ମର୍ଯ୍ୟାଦା ରକ୍ଷା କରିବା ନିମନ୍ତେ କଠୋର ସଂଯମ ରକ୍ଷାକର । ମାତୃତ୍ୱର ଜୟଗାନ କର । ମାତୃଜାତିର ଜାଗୃତି ହେଉ, ମାତୃଶକ୍ତିର ଉପାସନା କର । ଆଜନ୍ମ ସଜଳ ପ୍ରାଣ, କୋମଳ ହୃଦୟ, ତରଳ ମମତା, ସୁନ୍ଦର ସୁଷମା ଏବଂ ବିମଳ ପ୍ରେମର ଅର୍ଘ୍ୟଧରି ଏହି ଜନନୀ ଜଗତକୁ ଅକୁଣ୍ଠ ଚିତ୍ତରେ ଦେଇ ଚାଲିଛି ପ୍ରେରଣା । ପ୍ରାଣ ସଂଚାର କରି ଆଗକୁ ମାଡ଼ି ଚାଲିବାର ଉତ୍ସାହ ଦେଇ ଚାଲିଛି । ମାଆ ତ୍ୟାଗର ଦେବୀ, ଜନନୀ ସେବାରେ ମୂର୍ତ୍ତ ବିଗ୍ରହ । ସେହି ମାତୃତ୍ୱର ଉପାସନା କର ।*

## ମାତୃତ୍ୱର ଉପାସନା

**ନା**ରୀ ପ୍ରଗତିର ଦ୍ୱାହି ଦେଇ ମହିଳା ବିକାଶ ନାମରେ ଆଜି ସମାଜରେ ଯାହାସବୁ ଘଟିଯାଉଛି, ତାହା ପ୍ରକୃତରେ ସଂସ୍କୃତି ନା ଅପସଂସ୍କୃତି, ତାହା ବିଚାର କରିବ ଇତିହାସ । ଭବିଷ୍ୟତ ବଂଶଧରମାନଙ୍କ ପାଇଁ ସାମ୍ପ୍ରତିକ ସମାଜ ଓ ସାମାଜିକ ବ୍ୟବସ୍ଥା କେଉଁ ଆଦର୍ଶର ପୁଞ୍ଜି ସଞ୍ଚୟ କରି ରଖୁଛି, ତାହାର ମୂଲ୍ୟାୟନ କରିବ ଆଗାମୀପିଢ଼ିର ଗବେଷକ । କ୍ଷୁଦ୍ର ସ୍ୱାର୍ଥର ମୁଖା ପିନ୍ଧି ସ୍ୱାର୍ଥ ସିଦ୍ଧି ନିମନ୍ତେ ମୁହଁରେ ବଡ଼ ବଡ଼ କଥା କହି ଅନ୍ତଃସ୍ଥଳରେ କାମ-କାମନାର କୋଟିକୋଟି କଳ୍ପନା ସଞ୍ଚରଖି କଦାପି କସ୍ମିନ୍‌କାଳେ ନାରୀ ପ୍ରଗତି କରାଯାଇପାରେନା । ନାରୀ ବା ମହିଳା ବୋଲି ସମ୍ବୋଧନ ନ କରି ମାଆ ବୋଲି ସମ୍ବୋଧନ କରିବାରେ ସନାତନ ମାନବିକ ଧର୍ମଧାରାର ମଧୁର ବିକାଶ ହୁଏ । ସଂସ୍କୃତିର ସଂରକ୍ଷଣ ନିମନ୍ତେ ମାତୃଶକ୍ତିର ଉପାସନା ହିଁ ସର୍ବୋତ୍କୃଷ୍ଟ ପନ୍ଥା ।

**ମା**ତୃତ୍ୱର ଉପାସନା ନିମନ୍ତେ ସର୍ବପ୍ରଥମେ ମାତୃଜାତିର ସମସ୍ୟା ସକଳ ସମାଧାନ କରିବାର ଯୋଗ୍ୟତାରେ ମାତୃଶକ୍ତିକୁ ଅଭିଷିକ୍ତ କରିବାକୁ ହେବ । ମାତୃବୃନ୍ଦ ଯେପରି ନିଜେ ନିଜଭାବରେ ସ୍ୱାଭାବିକ ହୋଇ ସ୍ୱସମସ୍ୟାର ସମାଧାନ କରିବାର ଯୋଗ୍ୟତା ଲାଭ କରିପାରିବେ, ସେ ଦିଗରେ ଯତ୍ନ ଓ ଆନ୍ତରିକତାର ସହିତ ବାସ୍ତବ କର୍ମ କରିବା ହିଁ ପ୍ରକୃତ ମାତୃଜାତିର

ଉପାସନା । ଦୁଃଖର ବିଷୟ ଆଜିର ଜ୍ଞାନ ଗରିମାମୟ ଯୁଗରେ ମଧ୍ୟ ମଣିଷ ମଣିଷର ସ୍ୱାଭାବିକ ଧର୍ମାଚରଣକୁ ଭୂଲୁଣ୍ଠିତ କରି ପଶୁଠାରୁ ହୀନ ପ୍ରବୃତ୍ତିରେ ପ୍ରବୃତ୍ତ ହୋଇ ସମାଜର ଧ୍ୱଂସ ସାଧନ ନିମନ୍ତେ ତିଳେମାତ୍ର କୁଣ୍ଠିତ ହେଉନାହିଁ ! ପାଶବିକ ଓ ରାକ୍ଷସୀ ପ୍ରବୃତ୍ତିରେ ଉନ୍ମତ୍ତ ମଣିଷ ହୀନ କାର୍ଯ୍ୟକରି ଆପଣାର ପାଗିଲାପଣକୁ ନିର୍ଲଜ ଭଳି ଜାହିର କରୁଛି । ଲଜ୍ଜିତ ହେବା ଦୂରର କଥା, ଗର୍ବ ଅହଂକାରରେ ଫାଟି ପଡୁଛି । ଆପଣାର ହୀନ କାମନାବାସନା ପୂରଣ କରିବା ଅଭିପ୍ରାୟରେ ନାନା ପ୍ରକାର କୂଟ କପଟ, ଛଳନାର ଆଶ୍ରୟ ନେଉଛି । ବିବେକର ଦଂଶନରେ କାତର ନ ହୋଇ ଅବିବେକୀ ପଣରେ ଅକାତରରେ ନିର୍ଲଜ୍ଜ ଭଳି ହୀନତମ ନିମ୍ନମାନର କୁକର୍ମରେ ନିଜକୁ ନିୟୋଜିତ କରୁଛି । ଏହିପରି ବ୍ୟକ୍ତିମାନଙ୍କ ଦ୍ୱାରା ମାତୃଜାତିର ମର୍ଯ୍ୟାଦା ରକ୍ଷା ହେବ କିପରି ? ସେମାନେ ମାତୃତ୍ୱର ଜୟଗାନ କରି ପାରିବେ ବା କିପରି ? କିପରି ସେମାନଙ୍କ ଦ୍ୱାରା ମାତୃଜାତିର ଜାଗୃତି ସମ୍ଭବ ହେବ ? କିପରି ବା ସେମାନେ ମାତୃତ୍ୱର ଉପାସନା କରି ପାରିବେ ?

**ନା**ମକୁ ମାତ୍ର ନାରୀ ପ୍ରଗତି ନାମରେ ଉଚ୍ଚକଣ୍ଠରେ ଧ୍ୱନିଦେଇ ଧର୍ମକୁ ଆଖିଠାର ମାରିଲେ, ପ୍ରକୃତ ସମସ୍ୟାର ସମାଧାନ ତ ହେବ ନାହିଁ; ବରଂ ଗୋଟିଏ ସମସ୍ୟାରୁ କୋଟିଏ ସମସ୍ୟା ମଥାଟେକି ସମଗ୍ର ସମାଜକୁ କ୍ଷତ-ବିକ୍ଷତ, ରୋଗାକ୍ରାନ୍ତ, ରକ୍ତାକ୍ତ କରିଦେବ । ଆମ ସମାଜର ଅଗଣିତ ଜାୟା, ଜନନୀ, ଭଗିନୀ, କନ୍ୟାମାନଙ୍କର ଯଥାର୍ଥ ସୁଶିକ୍ଷା ବ୍ୟବସ୍ଥା କରାଯିବା ଉଚିତ । ଏହା ଫଳରେ ସେମାନେ ଜଗତରେ ଆଦର୍ଶ ମାତୃଶକ୍ତି ସଂଗଠନ କରି ପାରିବେ । ସୁସଂଗଠିତ ଆଦର୍ଶ ମାତୃଜାତି ସେମାନଙ୍କର ବହୁଜଟିଳ ସମସ୍ୟାର ସମାଧାନ ନିଜେ ନିଜେ କରିପାରିବେ । ସତ୍‌ଶିକ୍ଷାର ଯାଦୁସ୍ପର୍ଶରେ ସକଳ ଅସମ୍ଭବ କ୍ଷଣକ ମଧ୍ୟରେ ସମ୍ଭବ ହୋଇ ପାରିବ । ଇତିହାସ, ଭୂଗୋଳ, ବିଜ୍ଞାନ, ସାହିତ୍ୟ, ଧର୍ମ, କଳା, ଗୃହସ୍ଥଧର୍ମ, ରନ୍ଧନ ପ୍ରଣାଳୀ, ସେବା, ସ୍ୱାସ୍ଥ୍ୟରକ୍ଷା, ଚରିତ୍ରବଳ, ସୃଷ୍ଟିରହସ୍ୟ, ଧର୍ମଧାରା ଇତ୍ୟାଦି ସକଳ ବିଷୟ ସରଳ ପ୍ରାଞ୍ଜଳ ଭାବରେ ସେମାନଙ୍କୁ ବୁଝାଇ ଦିଆଗଲେ ସେମାନେ ଆଦର୍ଶ ଗୃହିଣୀ, ଜନନୀ, ଜାୟା, ଆଦର୍ଶ ଭଗିନୀ ଏବଂ ଆଦର୍ଶ କନ୍ୟାରେ ରୂପାନ୍ତରିତ ହୋଇ ସାମାଜିକ, ପାରିବାରିକ, ଦାମ୍ପତ୍ୟ ତଥା ବ୍ୟକ୍ତିଗତ୍ ଜୀବନକୁ ସୁଶୃଙ୍ଖଳିତ କରିବାକୁ ସମର୍ଥ ହେବେ । କେବଳ ପୂଜାପଦ୍ଧତି, ଉପାସନା ଓ ଧର୍ମଧାରା ଶିକ୍ଷାଦେଲେ ହେବ ନାହିଁ, ଏ ସବୁ ସହିତ ସେମାନଙ୍କୁ ଏଭଳି ବ୍ୟବହାରିକ ଜ୍ଞାନ ଶିକ୍ଷା ଦିଆଯିବା ଉଚିତ, ଯାହାଦ୍ୱାରା ସଂସାରର ସକଳ ବିଷୟରେ ସେମାନଙ୍କର ଯଥାର୍ଥଜ୍ଞାନର ପରିସର ପରିବ୍ୟାପ୍ତ ହେବ । ନିଃସ୍ୱାର୍ଥପର, ନିର୍ଲିପ୍ତ, ଅନାସକ୍ତ, ଅପ୍ରତ୍ୟାଶୀ, ନିଷ୍କାମ ସେବାପରାୟଣତା ମାତୃଜାତିର ସ୍ୱଭାବ ସୁଲଭଗୁଣ ଏବଂ ଏହି ମହନୀୟ ଗୁଣରେ ମାତୃତ୍ୱକୁ ଅଭିଷିକ୍ତ କରିବା ଏକାନ୍ତ ଆବଶ୍ୟକ ।

**ବ**ର୍ତ୍ତମାନର ପରିପ୍ରେକ୍ଷୀରେ ସମାଜ ଓ ସାମାଜିକ ଜୀବନକୁ ତନ୍ନ ତନ୍ନ କରି ନିରୀକ୍ଷଣ କଲେ, ଗଭୀର ଦୁଃଖରେ ମୂହ୍ୟମାନ ହେବାକୁ ପଡ଼େ । ଜୀବନ ନିରର୍ଥକ ବୋଧହୁଏ । କ୍ଷୀଣ ସ୍ୱାସ୍ଥ୍ୟ, ନୀଚବୁଦ୍ଧି, ଦାରିଦ୍ର୍ୟ ବ୍ୟାଧିରେ ସଢ଼ି ସଢ଼ି ମାତୃଜାତି ହତାଶାର ଘନ ଅନ୍ଧକାର ମଧ୍ୟରେ ପଥବଣା । ନିରାନନ୍ଦ ଏବଂ ବିଷାଦର କଳାଛାଇ ଆଜି ଘୋଟିଯାଇଛି ସେମାନଙ୍କର ତନୁମନରେ । ସେମାନଙ୍କର ବାହାରିଆ ପୋଷାକ ପରିଚ୍ଛଦର ଚାକଚକ୍ୟ, ଧନସମ୍ପତ୍ତିର ବାହ୍ୟାଡ଼ମ୍ବର ତଥା ରୂପଯୌବନର ବାହୁଲ୍ୟ ସହିତ କଥା କହିବାର ଚାତୁରୀରୁ ଅନ୍ତରର ମୂଲ୍ୟାଙ୍କନ କ'ଣ କରିହୁଏ ?

**ସ**ର୍ବୋପରି ଏ ସମାଜରେ ଆଜି ନାହିଁ ଐକ୍ୟତାନ, ନାହିଁ ସମତା । ସର୍ବଦା ସର୍ବଥା ବିଷମତାର ହିଁ ପ୍ରତିଫଳନ ପରିଦୃଷ୍ଟ । ଏକ ପକ୍ଷରେ ଅମୃତର ମନ୍ଦାକିନୀ ଧାରା, ଅନ୍ୟପକ୍ଷରେ ହଳାହଳ ବିଷର ବନ୍ୟା । ଗୋଟିଏ ପଟେ ଶାନ୍ତି ଏବଂ ବିପୁଳ ଆନନ୍ଦର ଲହରୀ, ଅନ୍ୟ ପଟରେ ଅତିଷ୍ଠତାର ବିକ୍ଷୁବ୍ଧ ସାଗର । ଗୋଟିଏ ଜୀବନ ଓ ବର୍ଦ୍ଧନର ପୁଷ୍ପିଳ ପଥ, ଅନ୍ୟଟି ମୃତ୍ୟୁର କଣ୍ଟକିତ ପଥ । ଅନବରତ ପରିବର୍ତ୍ତନର ଉଦ୍ଦାମ ଭାବତରଙ୍ଗ । ତରଙ୍ଗମୟ ଏ ସୃଷ୍ଟି; ତରଙ୍ଗାୟିତ ଏ ସମାଜ ଜୀବନ । ନାରୀ ଓ ପୁରୁଷ ଯଦିଓ ପରସ୍ପରର ପରିପୂରକ, ତଥାପି ଭାବର ଅଭାବରୁ ପୁରୁଷ ଆଜି ସାଜିଛି ଦାନବ, ଆଉ ନାରୀ ସାଜିଛି ଦାନବୀ । ମାନବିକ ମହତ୍ତର ଗୁଣ ସତେଯେପରି ଜୀବନ ବଳୟରୁ ଅପସରି ଯାଇଛି । ତେଣୁ, ପାରସ୍ପରିକ ସଂପର୍କରେ ମଧୁରତା ନାହିଁ, ଆତ୍ମୀୟତା ନାହିଁ, ନାହିଁ ଆନ୍ତରିକତା । ଏହାଠାରୁ ବଳି ଦୁଃସ୍ଥତା ଆଉ କ'ଣ ଥାଇପାରେ ?

ସମାଜ ଓ ବ୍ୟକ୍ତିକୁ କେବଳ ଧ୍ୱନି ଦେଇ ବା ଶାସ୍ତ୍ର ମୁଖସ୍ଥ କରି ବିଦ୍‌ବତ୍ତା ବଳରେ ମଧ୍ୟ ବଦଳାଇ ହେବନାହିଁ । ସେଥିପାଇଁ ଏକ ସରଳ ସୁଖକର ସୂତ୍ର ରହିଛି । ତାହା ହେଉଛି ଉତ୍ତମ କୋଷ ଓ ସ୍ନାୟୁଗଠନ ଏବଂ ନୂତନ ଚରିତ୍ର ନିର୍ମାଣ ଯୋଜନା । ଏହି ସହଜ ସରଳ ସୁନ୍ଦର ସୁଖକର ସୂତ୍ର ବା ଧାରା ଧରି ଯେ କୌଣସି ବିବ୍ରତ, ବ୍ୟତିବ୍ୟସ୍ତ, ଉତ୍‌କ୍ଷିପ୍ତ ମଣିଷ– ସେ ନର ବା ନାରୀ ହେଉ– ଅତିଅଳ୍ପ ସମୟ ମଧ୍ୟରେ ଆପଣାକୁ ଧିରସ୍ଥିର କରିପାରିବ ଏବଂ ଆତ୍ମିକ ଉନ୍ନୟନ ଲାଭ କରିପାରିବ । ଯାହାର ଶରୀର ଓ ମନ ଦିବ୍ୟ, ତା'ର ଭାବ ମଧ୍ୟ ଦିବ୍ୟ । ପ୍ରଭୁପାଦ ଗୁରୁସ୍ୱାମୀଙ୍କର ଦିବ୍ୟଭାବ ମାନବ ଦେହରେ ସଂଚାରିଣୀ କ୍ରିୟା ମାଧ୍ୟମରେ ସଂଚାର କରି ଅତି ଅଳ୍ପ ସମୟର ସାଧନା କାଳ ମଧ୍ୟରେ ଈଶ୍ୱରୋପଲବ୍ଧି କରିବା ଅତ୍ୟନ୍ତ ସ୍ୱାଭାବିକ ଭାବରେ ସମ୍ଭବ । ସନାତନ ମାନବିକ ଧର୍ମଧାରା ଧରି ଧାରାନୁଯାୟୀ ସାଧନ ପ୍ରକ୍ରିୟାରେ ଚଳିଲେ, ଏହାରି ମାଧ୍ୟମରେ ଧରଣୀ ରୂପକ ନିଜ ହୃଦୟରୁ ମ୍ଳେଚ୍ଛବୁଦ୍ଧି ବା ଦୁର୍ବୁଦ୍ଧିର ସଂହାର କରିବା ଅତ୍ୟନ୍ତ ସହଜ ।

ମାତୃତ୍ୱର ଉପାସନା ନିମନ୍ତେ ଉଭୟ ନର ଏବଂ ନାରୀ, ସ୍ତ୍ରୀ ପୁରୁଷ, ସ୍ୱାମୀ-ସ୍ତ୍ରୀ ଏକମନ, ଏକପ୍ରାଣ ଏବଂ ଏକ ହୃଦୟରେ ପରସ୍ପରର ପରିପୂରକ ହୋଇ ଧର୍ମଧାରା ଧରି କର୍ମଯୋଗରେ ନିଯୁକ୍ତ ହେବା ଆବଶ୍ୟକ । ସ୍ୱାମୀ ସ୍ତ୍ରୀର ଉତ୍ତର ରକ୍ଷକ । ତେଣୁ ପୁରୁଷ ନାରୀର ମର୍ଯ୍ୟାଦା ରକ୍ଷା କରିବା ସର୍ବାଦୌ ବାଞ୍ଛନୀୟ । ନାରୀ ବିନା ପୁରୁଷର ଶୈଶବ, ଯୌବନ ଏବଂ ବାର୍ଦ୍ଧକ୍ୟ ଦୁର୍ବିସହ ହୋଇ ଉଠେ, ନିରାନନ୍ଦ ଓ ସାନ୍ତ୍ୱନାହୀନ ହୋଇଯାଏ । ନୈସର୍ଗିକ ପ୍ରେମ ଏବଂ ଅନାବିଳ ମମତା ପାଖରେ କିଏ ମଥାନତ ନ କରେ ? ମାଆ ପ୍ରେମମୟୀ, ସ୍ନେହମୟୀ, ମମତାମୟୀ ।  ମାଆର ସେବା ନିଃସ୍ୱାର୍ଥପର । ତା'ର ବାତ୍ସଲ୍ୟମମତାରୁ ଯେଉଁ ଶିଶୁ ଶୈଶବାବସ୍ଥାରେ ବଞ୍ଚିତ , ସାଧାରଣତଃ ସେ ନିଷ୍ଠୁର ହୃଦୟ ହୋଇଥାଏ । ଏହା ଏକ ସର୍ବସାଧାରଣ ସତ୍ୟନିଷ୍ଠ ସତ୍ୟ । ଯୌବନାବସ୍ଥାରେ ଯେଉଁ ଯୁବକ ଦାମ୍ପତ୍ୟ ସୁଖରୁ ବଞ୍ଚିତ, ସେ ମଧ୍ୟ ସେହିପରି ନିର୍ଦ୍ଦୟ ନିଷ୍କରୁଣ ହୋଇଥାଏ । ବୃଦ୍ଧାବସ୍ଥାରେ ଯେଉଁ ବ୍ୟକ୍ତି ସେବା ପରିଚର୍ଯ୍ୟାରୁ ବଞ୍ଚିତ, ତା'ର ଅବଶିଷ୍ଟ ଜୀବନ କାଳ ଦୁଃସହ ହୋଇଉଠେ । ନାରୀଠାରେ ବନ୍ଧନ ଶକ୍ତି ରହିଛି । ସଂସ୍କାର ଦ୍ୱାରା ଏହି ବନ୍ଧନ ଶକ୍ତି ସଂଚାରିଣୀ ଶକ୍ତିରେ ରୂପାନ୍ତର କରିପାରିଲେ, ସେ ତା'ର ଗୃହାଙ୍ଗନକୁ ବେଳକାଳରେ ବିଭିନ୍ନ ଆଳରେ ସ୍ନେହସେବା ମମତାର ପ୍ରଲେପରେ ବାନ୍ଧି ଦେଇ ଅପୂର୍ବ ପ୍ରେରଣା ଓ ଉତ୍ସାହ ସଂଚାର କରିପାରେ । ଫଳରେ ତା'ର ସେବା, ଧୈର୍ଯ୍ୟ, ସହିଷ୍ଣୁତା, ସୁକୌଶଳ ତ୍ରୁଟିଶୂନ୍ୟ କର୍ମଧାରା ପୁରୁଷ ପାଇଁ ଦିବ୍ୟ ଉପଢ଼ୌକନ ହୁଏ । ସ୍ୱର୍ଗର ପାରିଜାତର ମଧୁର ମହକ ଗୃହସ୍ଥଳୀକୁ ଆମୋଦଭରା କରେ । କାମବାସନାର ଆକର୍ଷଣ ଏ ନୁହେଁ, ଏହା ହିଁ ଯଥାର୍ଥ ମାତୃତ୍ୱର ମହକ ମାତ୍ର ।

ଜଗତର ମାତୃତ୍ୱ ଯେତେବେଳେ ଶରଣାଗତି ଓ ଅନନ୍ୟା ଭକ୍ତିରେ ପଦ୍ମପାଦପୀଠରେ ବନ୍ଧାପଡ଼ି ମାତୃସତ୍ତାର ବିକାଶ ସାଧନ କରେ, ସେତେବେଳେ ମାତୃହୃଦୟରେ ଗୁରୁ ହିଁ ଅଧିରୂଢ଼ ଥାଆନ୍ତି । ସେତେବେଳେ 'ନିରାଶ୍ରୟ ମାଂ ଜଗଦୀଶ ରକ୍ଷ' ହିଁ ତା'ର ରକ୍ଷା କବଚ, ଈଶ୍ୱର ସତ୍ତାଠାରେ ପୂର୍ଣ୍ଣପ୍ରାଣରେ ଆପଣାକୁ ସମର୍ପଣ କରିଦେଇଥିବା ମାଆର ମର୍ଯ୍ୟାଦା ରକ୍ଷା କରିବା, ମାତୃତ୍ୱର ଉପାସନା ଓ ଜୟଗାନ କରିବା ଏବଂ ମାତୃଶକ୍ତି ଜାଗୃତିରେ ପୂର୍ଣ୍ଣତଃ ସହଯୋଗ କରିବା ସଚରାଚର ପୁରୁଷ ସମାଜର ଏକମାତ୍ର କର୍ତ୍ତବ୍ୟ, ସାଧନା ଏବଂ ଏକମାତ୍ର କର୍ମଯୋଗ । ଏତାଦୃଶ ସାଧନରେ ସେ ସିଦ୍ଧିଲାଭ କରିଛି, ଯେ କୌଣସି ନାରୀକୁ ମାତୃଜ୍ଞାନରେ ଆଚାର ଆଚରଣ ପ୍ରଦର୍ଶନ କରିପାରିଛି, ସେ ହିଁ ପ୍ରକୃଷ୍ଟ ଯୋଗୀ, ପ୍ରକୃତ ସିଦ୍ଧ ପୁରୁଷ । ତାଙ୍କରିଠାରେ ହିଁ ସକଳ ବିଭୂତି କେନ୍ଦ୍ରୀଭୂତ ।

ମାତୃତ୍ୱର ମମତାରେ ଏ ସମଗ୍ର ଜଗତକୁ ପ୍ଲାବନ କରିଦେବା ପାଇଁ ମାତୃଜାତି ଯୁଗେ ଯୁଗେ ପାଗଳ । ଅକୁଣ୍ଠିତ ସ୍ନେହମମତା ପ୍ରେମପ୍ରୀତି ପାଇବାକୁ ଜଗତର ପ୍ରତ୍ୟେକ ମନୁଷ୍ୟ ମଧ୍ୟ ଯୁଗେ ଯୁଗେ କାଙ୍ଗାଳ । କିନ୍ତୁ ଆନ୍ତରିକତା, ଆତ୍ମୀୟତା ଓ ମମତ୍ୱ ବୋଧ ବିନା ସ୍ନେହମମତା ପ୍ରେମପ୍ରୀତି ମଞ୍ଜୁଷାର ଢ଼ାଙ୍କୁଣି ଖୋଲେନି । ଏଥିପାଇଁ ନାରୀ ଦାବିକରେ ବିଶ୍ୱସ୍ତତା, ତ୍ୟାଗ, ସହଯୋଗ ଏବଂ ସହାନୁଭୂତି । ତ୍ୟାଗରେ ହିଁ ପ୍ରେମର ପରାକାଷ୍ଠା, ଭୋଗରେ କେବଳ କାମର ପରିତୃପ୍ତି । ମାଆର ପାଦତଳେ ସନ୍ତାନ ଯେତେବେଳେ ଆପଣାକୁ ଅଜାଡ଼ିଦିଏ, ସେତେବେଳେ ମାତୃହୃଦୟ କରକା ପ୍ରାୟ ବିଗଳିତ ହୋଇଯାଏ ।

ଅବାରିତ ବାତ୍ସଲ୍ୟସ୍ନେହର ପବିତ୍ର ମନ୍ଦାକିନୀ ଧାରା ପୃଥିବୀ ବକ୍ଷକୁ ସିକ୍ତ କରେ । ଏ ମଣିଷ ଜାତି ଧନ୍ୟ ହୁଏ । ଅନାବିଳ ସ୍ନେହର **ଆକର୍ଷଣ ଅତି ତୀବ୍ର**, ଅତୀବ ପ୍ରଚଣ୍ଡ ଏବଂ ବେଗଶାଳୀ । ଏହି ଆକର୍ଷଣରେ ହିଁ ସଂଚାରିଣୀ ଶକ୍ତି ନିହିତ । ଏହା ସରାପୋଷଣି ମନୋବୃତ୍ତି, ସୃଜନଶୀଳତାର ପ୍ରେରଣା, ବିଭୁକୃପା ଲାଭ ନିମନ୍ତେ ମନୋନିବେଶ ମନୁଷ୍ୟର ଅନ୍ତଃସ୍ଥଳରେ ସଂଚାରକରେ । ଏହା ପରିପ୍ରେକ୍ଷୀରେ ମାଆର ଏତାଦୃଶ ମମତାମୟୀ ମୂର୍ତ୍ତିର କୋମଳ କରସ୍ପର୍ଶ, କୋଳ ସ୍ୱର୍ଗ ଏବଂ ହୃଦୟର ସ୍ପର୍ଶ ଯେ ପାଇଛି, ସେ ତା'ର ମାନବ ଜନ୍ମ ଓ ଜୀବନକୁ ଧନ୍ୟ କରିଛି ।

**ଆ**ଜିର ଅବକ୍ଷୟମାଣ ସାମାଜିକ ସଂସ୍କୃତି, ସଦ୍ୟୋଦ୍‌ଭୂତ ଅପସଂସ୍କୃତିର ଭିତ୍ତିଭୂମିରେ ମାଆପରି ମାଆ ସୃଷ୍ଟି କରିବା ନିମନ୍ତେ ମାତୃତ୍ୱର ଉପାସନା ହିଁ ଅପରିହାର୍ଯ୍ୟ । ବିଶ୍ୱ ମାତୃତ୍ୱର ଜୟଗାନ ବ୍ୟତୀତ ମାନବ ସମାଜକୁ ଧ୍ୱଂସମୁଖୀ ବିସ୍ଫୋରଣ କବଳରୁ ଆଉ କିଏ ବା ରକ୍ଷା କରିପାରିବ ? ସ୍ୱୟଂ ମହାକାଳ ଯେଉଁଠି ଶେଷ ସୂର୍ଯ୍ୟାସ୍ତକୁ ଅପେକ୍ଷମାଣ, ସେଠାରେ ମାଆର ପଣତ ବିନା ଏ ମଣିଷର ଆଉ ଅନ୍ୟ ଆଶ୍ରୟ ନାହିଁ । କିନ୍ତୁ, କାହିଁ ? କେଉଁଠି ସେ ମାଆ ? ସର୍ବ ପ୍ରଥମେ ଆମକୁ ମାଆଟିଏ ସୃଷ୍ଟି କରିବାକୁ ହେବ ।

**ର**କ୍ତର ଆକର୍ଷଣ ଅପେକ୍ଷା ମାତୃତ୍ୱର ଆକର୍ଷଣ ଅତୀବ ତୀବ୍ର । ମାଆ ପରି ମାଆ ସାଜି ଏ ଉଦ୍‌ଭ୍ରାନ୍ତ ମଣିଷକୁ ମାଆର ସ୍ୱରୂପ, ମାଆର ମମତା, ସ୍ନେହ, ପ୍ରେମ, ପ୍ରୀତି ଦେଇ ସତ୍‌ପଥକୁ ଫେରାଇବାର ଗୁରୁଦାୟିତ୍ୱ ମାତୃଜାତିର । ନିଃସଙ୍କୋଚ ସେବାକର, ଅକୁଣ୍ଠିତ ଆନ୍ତରିକତା ଦିଅ; ଦୁଷ୍କୃତିର ଛାତିରେ କିନ୍ତୁ ପଦାଘାତ କରିବାକୁ ପଛାଇ ଯାଅନାହିଁ । ଧର୍ମର ଜୟଜୟକାର କର, ପୁଣ୍ୟର ବିଜୟ ଘୋଷଣା କର । ଅଧର୍ମର ପରାଜୟ ହେଉ, ପାପର ପ୍ରଳୟ ହେଉ । ବିଶ୍ୱଜନନୀ ଭୂମିକାରେ ଅବତୀର୍ଣ୍ଣ ହୁଅ । ମାଆ ପରି ମାଆ ହୁଅ ।

**ପୂ**ଜ୍ୟା ମାତୃଜାତିର ସମ୍ମୁଖରେ ଆଜି ଗୁରୁଦାୟିତ୍ୱର ଆହ୍ୱାନ । ଆପଣାକୁ ଈଶ୍ୱର ନିର୍ଭରଶୀଳା କରି ନିର୍ଭୀକ ହୋଇ ନିର୍ଭୟରେ ଅନ୍ୟ କାହା ଉପରେ ନିର୍ଭର ନ କରି ସମାଜର ମୋଡ଼ ବଦଳାଇବା ପାଇଁ ମାତୃଜାତି ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ । ବ୍ୟକ୍ତିଗତ ଜୀବନର ପବିତ୍ରତା, ଦାମ୍ପତ୍ୟ ଜୀବନର ସଂଯମତା, ପାରିବାରିକ ଜୀବନର ସମତା, ଏକତା, ମମତା, ସେବା ଏବଂ ସର୍ବୋପରି **ସାମାଜିକ ଜୀବନର** ସେବା, ତ୍ୟାଗ, ଆନ୍ତରିକତା ଇତ୍ୟାଦି ମାତୃଶକ୍ତିର **ପରାକାଷ୍ଠା** । ଏହା ବିନା ମାତୃତ୍ୱର ମହତ୍ୱ ଆଉ କିଛି ନୁହେଁ ।

**ଜା**ଗତିକ ଜୀବନରେ ଗୃହିଣୀଟିଏ ଆପଣା ଗୃହକୁ ଏକ ଆଦର୍ଶ ଆଶ୍ରମ ପରି ସଜାଡ଼ି ରଖିବା ହିଁ ଉଚିତ୍ । ଗୃହର ଶିକ୍ଷା, ସଂସ୍କୃତି, **ସ୍ୱାସ୍ଥ୍ୟ, ଅର୍ଥନୀତି** (ଆୟବ୍ୟୟ), ସାମାଜିକତା, ଶୃଙ୍ଖଳା, ଆଚାରଆଚରଣ ଇତ୍ୟାଦିକୁ ସଂରକ୍ଷଣ କରିବା ଜଣେ ଆଦର୍ଶ ଗୃହିଣୀର ସର୍ବନିମ୍ନ ଆବଶ୍ୟକତା । ଏହା ବିନା ଗୃହଟି ଗୃହ ହେବା ତ ଦୂରର କଥା ଶ୍ମଶାନଟିଏ ହୋଇଯିବା ବିଚିତ୍ର ନୁହେଁ । ଆମର ଲକ୍ଷ୍ୟ କିନ୍ତୁ ଘରଟିକୁ ବୈକୁଣ୍ଠରେ ପରିଣତ କରିବା । ଆଦର୍ଶ ମାଆମାନଙ୍କ ସହାୟତାରେ ଆମର ଏ ଲକ୍ଷ୍ୟ ପୂରଣ ହେବ ହିଁ ହେବ । କର୍ତ୍ତାବୋଧ ମନରେ ନ ଆଣି, ନିମିତ୍ତ ମାତ୍ର କର୍ତ୍ତୃତ୍ୱ ଜାରି ରଖିଲେ, ମାଆର ଉଦ୍ୟମରୁ ପରିବାରରେ ଶୃଙ୍ଖଳା ରକ୍ଷା କରାଯାଇ ପାରିବ । ମାଆର ମନଭୁଲା ହସଟି ପାଖରେ ଏ ଜଗତ ପରାଜୟ ସ୍ୱୀକାର କରେ । ସେହି ଅକପଟ ନିର୍ମଳ ସୁନ୍ଦର ହସଖିଏ ବିଶ୍ୱର ହୃଦୟକୁ ଜୟ କରିପାରେ । ହସ ହସ ସୁନ୍ଦର ମୁହଁଟି ମାଆର ସର୍ବଶ୍ରେଷ୍ଠ ସମ୍ପତ୍ତି । ଏଠାରେ ସକଳ ଅହଂକାର ପରାଜୟ ସ୍ୱୀକାର କରେ ।

**ରୁ**ଚିସମ୍ପନ୍ନ ସ୍ନିଗ୍ଧ ବ୍ୟବହାର, ସରଳ ମନପ୍ରାଣ, ନିର୍ଭୟ ନିର୍ଭରତା ନିମନ୍ତେ ଧର୍ମଧାରାର ଯଥାର୍ଥ ଅଭ୍ୟାସ ହିଁ ଏକମାତ୍ର ଉପାୟ । ଏହାଦ୍ୱାରା ଅନ୍ତଃକରଣରେ ମାତୃତ୍ୱର ସୂକ୍ଷ୍ମବୀଜ ଅଙ୍କୁରିତ ହୁଏ । ଏକଲୟରେ ଏକମୁଖୀ ହୋଇ ମାନସଜପ ଦ୍ୱାରା ଦୈନନ୍ଦିନ ସକଳ କାର୍ଯ୍ୟ ଯଥାବିଧି ତ୍ରୁଟିଶୂନ୍ୟ ଭାବରେ କରାଯାଇପାରେ । ଧର୍ମଧାରା ନେଇ ଗୃହିଣୀ ତା'ର ସ୍ୱାଭାବିକ ଜୀବନ ଯାତ୍ରାକୁ ଅଧିକ ସରସ ସୁନ୍ଦର କରି ତୋଳିବା ସହିତ ଆତ୍ମୋନ୍ନୟନ ପଥରେ ଆଗେଇ ଯାଇପାରେ । ଗୃହକର୍ମ ଏବଂ କର୍ମଯୋଗର ସୁମଧୁର ସମନ୍ୱୟ ରକ୍ଷା କରାଯାଇ ପାରିଲେ, ମାତୃତ୍ୱର ଯଥାର୍ଥ ଉପାସନା ହୁଏ ।

☆☆☆

# ବାଲ୍ୟକାଳୁ ଧର୍ମଧନ ସଞ୍ଚିବି

*କୋମଳମତି ଶିଶୁ ଓ କିଶୋରକିଶୋରୀମାନେ ସ୍ୱତଃ ମନଲାଖି ଗଳ୍ପ ଶୁଣିବାକୁ ଓ ପଢ଼ିବାକୁ ଭଲପାଆନ୍ତି । ସେମାନଙ୍କର ଏହି ସରଳ ମନର ଆଗ୍ରହକୁ ଯଥାର୍ଥ ସମ୍ମାନଦେବା ଆମର କର୍ତ୍ତବ୍ୟ । ବାଳକବାଳିକା, କିଶୋର କିଶୋରୀମାନଙ୍କର ଏହି ସରଳ ତରଳ କୋମଳ ମନପ୍ରାଣର ପ୍ରବଣତାକୁ ଲକ୍ଷ୍ୟଭ୍ରଷ୍ଟ କରି ଯଥେଚ୍ଛାଚାର ଭାବରେ ନିର୍ଦ୍ଦିଷ୍ଟ ନୀତି ହୀନ, ଲକ୍ଷ୍ୟହୀନ ଓ ଶ୍ରେୟଶୂନ୍ୟ ଗଳ୍ପ କବିତା ରଚନା କରି ପତ୍ରପତ୍ରିକାରେ ପ୍ରସ୍ତୁତ କରିଦେଲେ ବା ପୁସ୍ତକପୁସ୍ତିକା ଆକାରରେ ପ୍ରକାଶ କଲେ ଯେ ତାହା ଯୁଗୋପଯୋଗୀ ଶିଶୁ ସାହିତ୍ୟ ପଦବାଚ୍ୟ ହେବ, ତାହା ନୁହେଁ । ଶିଶୁ ସାହିତ୍ୟ ସ୍ରଷ୍ଟାମାନେ ଏ ଦିଗରେ ଯଥେଷ୍ଟ ସାବଧାନତା ଓ ସତର୍କତା ଅବଲମ୍ବନ କରିବା ସର୍ବାଦୌ କର୍ତ୍ତବ୍ୟ । ବିଷୟ ନିର୍ବାଚନ, ବସ୍ତୁବିନ୍ୟାସ, ଶୈଳୀବିନ୍ୟାସ, ଶବ୍ଦ ନିର୍ବାଚନ ଓ ପ୍ରୟୋଗ, ଭାବ ବିନ୍ୟାସ ଏବଂ ରସଚର୍ଯ୍ୟା ଇତ୍ୟାଦି ସାରସ୍ୱତ ବିଭାବ ସକଳର ସବୁଦିଗରୁ ସବୁ ମତେ ବିଚାରକରି ସାର୍ବଜନୀନ ଭାବରେ ବିଶ୍ୱଶିଶୁ ସମାଜର ମନୋରଂଜନ ସହିତ ମାନବିକ ଧର୍ମଜ୍ଞାନ, ସମାଜବିଜ୍ଞାନ ଇତ୍ୟାଦିର ଶିକ୍ଷାଦାନ ଲକ୍ଷ୍ୟରେ ଶିଶୁ ସାହିତ୍ୟ ସୃଷ୍ଟିହେବା ଏକାନ୍ତ ବାଞ୍ଛନୀୟ । ଶିଶୁ, ବାଳକବାଳିକା ତଥା କିଶୋରକିଶୋରୀମାନଙ୍କୁ ଉପଯୁକ୍ତ ସାରସ୍ୱତ ମୂଲ୍ୟବୋଧ ସମ୍ବଳିତ ମାନବିକ ଗୁଣାବଳୀ ଶିକ୍ଷାଦେବା ଲକ୍ଷ୍ୟରେ 'ତରଙ୍ଗ'ର ନିୟମିତ ସ୍ତମ୍ଭ: 'ବାଲ୍ୟକାଳୁ ଧର୍ମଧନ ସଞ୍ଚିବି'ର ସୃଷ୍ଟି । ଏହି ସ୍ତମ୍ଭରେ ରୁଚିବନ୍ତ ଗଳ୍ପ/ପ୍ରବନ୍ଧମାନ ପ୍ରକାଶ କରାଯିବାର ପ୍ରତିଶ୍ରୁତି ସଂପାଦନା ପ୍ରଦାନ କରେ ।*

## ସରଳ ହେଉ ଆମ ସାଧନା

ସରଳତା ହିଁ ଶିଶୁର ବୈଶିଷ୍ଟ୍ୟ । ଶିଶୁମାନଙ୍କ ସହିତ ଖେଳିବାକୁ ଈଶ୍ୱର ମଧ୍ୟ ଭଲ ପାଆନ୍ତି । ଶିଶୁସୁଲଭ ସରଳତା ଗୁଣରେ ଭଗବାନ ଆକୃଷ୍ଟ ହୋଇ ଆସନ୍ତି ସତେଯେପରି ସେ ମଧ୍ୟ ଶିଶୁଟିଏ ହୋଇ ଲୀଳା କରନ୍ତି । ଶିଶୁର ସରଳ ଜିଦ୍ ନିକଟରେ ସେ ବାରମ୍ବାର ପରାଜୟ ସ୍ୱୀକାର କରନ୍ତି । ହାର୍ ମାନି ଆନନ୍ଦଲାଭ କରନ୍ତି । ଭକ୍ତଠାରେ ଏହିପରି ଶିଶୁସୁଲଭ ସରଳତା ଦେଖିଲେ ଭଗବାନ ଆମୋଦିତ ହୁଅନ୍ତି । ଯୁଗେଯୁଗେ ସରଳପ୍ରାଣ ଭକ୍ତଜନଙ୍କର ମାନମହତ ରକ୍ଷା କରିବା ପାଇଁ ଭଗବାନ ସରଳଲୀଳା ରଚନା କରିଯାଇଅଛନ୍ତି । ପୁରାଣପୃଷ୍ଠାର ଗଳ୍ପାଂଶରେ, ବିଭିନ୍ନ ଆଖ୍ୟାୟିକାରେ, ଲୋକମୁଖରେ କିମ୍ବଦନ୍ତୀ ରୂପରେ ଏହାର ବହୁତ ପ୍ରମାଣ ରହିଛି । ମାନବିକ ଧର୍ମ ସଂସ୍କାର ଉଦ୍ଦେଶ୍ୟରେ ବିଭିନ୍ନ କାଳରେ ଧରାଧାମକୁ ଆସିଥିବା ପ୍ରାୟ ସବୁ ଈଶ୍ୱରପୁତ୍ରମାନେ ଜନସମାଜକୁ ସତ୍‌ଶିକ୍ଷା ଦେବା, ସାମାଜିକ ସଂସ୍କାର ଆଣିବା ଏବଂ ଉନ୍ନତ ମାନବିକ ମୂଲ୍ୟବୋଧ ପ୍ରତିଷ୍ଠା ପାଇଁ ଗଳ୍ପକଥନ ପ୍ରଣାଳୀକୁ ସର୍ବୋତ୍ତମ ଉପାୟ ଭାବେ ଗ୍ରହଣ କରିଅଛନ୍ତି । ଯୀଶୁଖ୍ରୀଷ୍ଟ, ବୁଦ୍ଧଦେବ, ରାମକୃଷ୍ଣ ପରମହଂସ, ସ୍ୱାମୀ ଶିବାନନ୍ଦ ଏବଂ ଅନେକେ ଅଧ୍ୟାତ୍ମ ଶିକ୍ଷାଧର୍ମୀ ଉନ୍ନତମାନର ମାନବିକ ଧର୍ମାଶ୍ରୟୀ କ୍ଷୁଦ୍ର କ୍ଷୁଦ୍ର ଗଳ୍ପ ମାଧ୍ୟମରେ ଦାନ, ଧର୍ମ, ତ୍ୟାଗ, ସେବା, ନିଷ୍ଠା, ପରୋପକାରିତା, ସରଳତା, ସ୍ନେହ, ଶ୍ରଦ୍ଧା, ମମତା, ପ୍ରେମ, ପ୍ରୀତି, ବିଶ୍ୱାସ, ବିଶ୍ୱସ୍ତତା, କୃତଜ୍ଞତା ପ୍ରଭୃତି ଦିବ୍ୟଗୁଣର ପ୍ରଚାର ଓ ପ୍ରସାର କରିଯାଇଅଛନ୍ତି ।

**ର**କ୍ତମାଂସର ମାନବ ଦେହ ଧରି ପ୍ରଭୁ ପରମେଶ୍ୱର ଏହି ପୃଥିବୀକୁ ଓହ୍ଲାଇ ଆସନ୍ତି ଅଗଣିତ ମଣିଷ ଗହଣରେ ଲୀଳାଖେଳା କରି ପଥବଣା ମଣିଷକୁ କୁପଥରୁ ସୁପଥକୁ ଫେରାଇ ଆଣିବା ପାଇଁ । କୁସଂସ୍କାର, ଅନ୍ଧବିଶ୍ୱାସ, ଧର୍ମାନ୍ଧତା ଆଦିର କୁଟିଳ ଜାଲରୁ ମଣିଷ ସମାଜକୁ ଉଦ୍ଧାର କରିବା ଓ ବଦ୍ଧ ମଣିଷର ବିଷବନ୍ଧନ ଖୋଲିଦେଇ ମୁକ୍ତ, ଭକ୍ତ କରିବା ପାଇଁ । ଈଶ୍ୱରଙ୍କର ଏହି ସଦିଚ୍ଛା ପୂରଣ କରିବା ନିମନ୍ତେ ଯାହାକିଛି ଲୋଡ଼ା ହେଉ ବା ନ ହେଉ, ନିତାନ୍ତ ଏକାନ୍ତ ଭାବରେ ଲୋଡ଼ା ଶୁଦ୍ଧ ସରଳତା । ସରଳପ୍ରାଣରେ ତାଙ୍କୁ ଡ଼ାକିଲେ, ସେ ଧରାଦିଅନ୍ତି । ସରଳତାର ସହିତ ତାଙ୍କର ପୂଜାଅର୍ଚ୍ଚନା କଲେ, ସେ ଗ୍ରହଣ କରନ୍ତି । ସରଳ ହୃଦୟରେ ପ୍ରାଣଖୋଲି ତାଙ୍କୁ ସମସ୍ୟା ଜଣାଇଲେ, ସେ ତା'ର ସମାଧାନ କରିଦିଅନ୍ତି । ସରଳ ମନରେ ମନଖୋଲା କଥା କହିଲେ, ସେ ଶୁଣନ୍ତି ।

**ଲ**କ୍ଷେ ଯୋଜନରୁ ଗଜ ଡ଼ାକିଲା, ହରିଣୀ ଗହନବନରେ ବ୍ୟାଧ କବଳରେ ପଡ଼ି ସ୍ମରଣ କଲା, ପ୍ରଭୁ ରକ୍ଷା କଲେ । ଦାସିଆ ବାଉରୀ ନଡ଼ିଆ ପଠାଇଲେ; ହାତ ବଢ଼ାଇ ଆଦରରେ ତୋଳି ନେଲେ । ଯାଜପୁରିଆ ବନ୍ଧୁ ମହାନ୍ତି ଆସିଲା, ରତ୍ନଥାଳୀରେ ଦିବ୍ୟପ୍ରସାଦ ଦେଇ ବନ୍ଧୁତ୍ୱ ରକ୍ଷାକଲେ । ଏପରି ଆହୁରି ଅନେକ । ଏସବୁ ଆଖ୍ୟାୟିକା ସତ୍ୟ ବା ମିଥ୍ୟା ତାହା ଆମର ଅହଂଜ୍ଞାନ ହିଁ ବିଚାର କରି ବସେ । ଭକ୍ତପ୍ରାଣ ଏସବୁ ଗଳ୍ପ ଆଖ୍ୟାୟିକାର ଅନ୍ତର୍ନିହିତ ତତ୍ତ୍ୱ ଗ୍ରହଣ କରି ଆପଣାର ତ୍ରୁଟି ସଂଶୋଧନ କରେ, ଅଧ୍ୟାତ୍ମ ଶିକ୍ଷା ଲାଭକରେ, ପରମାର୍ଥିକ ଜୀବନର ବିକାଶ ନିମନ୍ତେ ସଚେଷ୍ଟ ହୁଏ, ଆତ୍ମିକ ଉନ୍ନୟନରେ ବ୍ରତୀ ହୁଏ ।

**ହେ**ତୁହେବା ପୂର୍ବରୁ ଶିଶୁମାନଙ୍କୁ ସତ୍ୟ ସନାତନ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ଦେବାର ଉଦ୍ୟମ ହେଲେ, ଏ ସମାଜରେ ମିଥ୍ୟାଚାର, କୁଟକପଟତା ଏତେ ପ୍ରବଳ ହୁଅନ୍ତା ନାହିଁ । ଜଡ଼ପ୍ରତିମାକୁ ଦେବତା ଜ୍ଞାନରେ ସକଳ ସରଳତାର ସହିତ ଭକ୍ତିନିଷ୍ଠ ହୋଇ ଉପାସନା କଲେ, ସେ ଯଦି ଜୀବନ୍ତ ହୋଇ ସରଳତାଠାରେ ହାର୍ ସ୍ୱୀକାର କରି ଧରାଦେଉଛନ୍ତି; ତେବେ ନରଦେହଧାରୀ ଧୂଳିର ଧରଣୀକୁ ମଣିଷ ଗହଣକୁ ଓହ୍ଲାଇ ଆସିଥିବା ଦେବତା ବା କାହିଁକି ଧରା ନ ଦେବେ ? ହେଲେ, ତାଙ୍କୁ ଧରିବାର ସୂତ୍ରଟି ଏବେବି ଆମେ କ'ଣ ଜାଣିଲୁଣି ? ଗର୍ବ, ଅହଂକାର, ଅସ୍ମିତା, ଆତ୍ମଶ୍ଳାଘା, ଅହଂଜ୍ଞାନ, ଅହଂବୁଦ୍ଧି କୁଟକପଟତା, ଛଳନା, ମିଥ୍ୟାଚାର ଇତ୍ୟାଦି କ'ଣ ଛାଡ଼ିଲୁଣି ? ଶିଶୁପରି ସରଳ, ଅବୋଧ, ନିଷ୍କପଟ ହେଲୁଣି ? ସ୍ୱାର୍ଥପରତା, ସ୍ୱେଚ୍ଛାଚାରିତା ଛାଡ଼ିଲୁଣି ?

**ଉ**କ୍ତ ମର୍ମରେ ଆସନ୍ତୁ ଶୁଣିବା ଗଳ୍ପଟିଏ । ଏପରି ଗଳ୍ପ କବିସୂର୍ଯ୍ୟ ବଳଦେବଙ୍କ ବାଲ୍ୟଜୀବନରେ ଘଟିଥିଲା । ରାମକୃଷ୍ଣ ପରମହଂସ ଦେବଙ୍କ ମୁଖରୁ ଦିନେ ଉଚ୍ଚାରିତ ହୋଇଥିଲା ଭକ୍ତମାନଙ୍କୁ ଶିକ୍ଷାଦେବା ପାଇଁ । ଅନେକ ଏହା ଜାଣନ୍ତି, ଜାଣି ମଧ୍ୟ ଅଜଣାର ଛଳନା କରନ୍ତି । ସରଳଗୁଣ ଭଲ ବୋଲି ମୁହଁରେ ବାରମ୍ବାର ଉଚ୍ଚାରଣ କରନ୍ତି, ମାତ୍ର ନିଜେ ଆଚରଣରେ ଫୁଟାନ୍ତି ଠିକ୍ ଓଲଟା । ନୁହେଁ ? ଆଜି ପୁଣିଥରେ ଏହିପରି ଗଳ୍ପଟିଏ କହିବାର ଇଚ୍ଛା ହେଉଛି । ଅନେକ କଢ଼ି ଏ ସମାଜ ବୃକ୍ଷରେ ଲେସି ହୋଇଛନ୍ତି । ସେହି ଶିଶୁମାନଙ୍କ ମଧ୍ୟରୁ କେହି କେହି ହୁଏତ ଏହାକୁ ପ୍ରାଣକେନ୍ଦ୍ରରେ ଅନୁଭବ କରି ଦିବ୍ୟାତ୍ମା, ଦେବାତ୍ମା ହୋଇ ପ୍ରଭୁ ଜଗଦୀଶ୍ୱରଙ୍କ ବଗିଚାକୁ ମଧୁର ମହକରେ ଭରି ଦେଇପାରନ୍ତି । ଏଇ ଆଶାରେ-ପୁରାତନ ଗଳ୍ପଟିର ନୂତନ କଥନିକା ।

**ଆ**ଜକୁ ବହୁତ ଦିନ ତଳର କଥା । ତମରି ପରି ପିଲାଟିଏ ବାପା ମା', ଭାଇଭଉଣୀ, ପରିବାର ପରିଜନଙ୍କ ସହିତ ଥାଏ । ତାଙ୍କ ଘରେ ଖଟୁଳିରେ ନାରାୟଣ ମୂର୍ତ୍ତି ପୂଜା ପାଉଥାଆନ୍ତି । ପିଲାଟିର ବାପା ପ୍ରତିଦିନ ନିଷ୍ଠାର ସହିତ ନାରାୟଣଙ୍କର ପୂଜା କରନ୍ତି, ଭୋଗ ଲଗାନ୍ତି । ପିଲାଟି ତାହା ଲକ୍ଷ୍ୟ କରେ । ମଙ୍ଗଳ କାମନାରେ ଘରେ ଘରେ ଦିଅଁଦେବତାଙ୍କର ପୂଜା ଉପାସନା ହୁଏ । ସେହିପରି ଏ ପିଲାଟିର ଘରେ ମଧ୍ୟ ନାରାୟଣଙ୍କର ପୂଜା ହେଉଛି । ଏଥିରେ ବା ଅଧିକ ବିଶେଷତ୍ୱ କ'ଣ ଅଛି ? ଏହି ଭାବରେ ପିଲାଟିର ବାପା ଅତି ସ୍ୱାଭାବିକ ଭାବରେ ନିତିଦିନ ପୂଜାର୍ଚ୍ଚନା କରୁଥାଆନ୍ତି ।

**ସା**ଧାରଣତଃ ନାରାୟଣଙ୍କ ପୂଜାରେ ଅବହେଳା ସେ କରନ୍ତି ନାହିଁ । ଦିନେ ଦୈବାତ୍ ତାଙ୍କୁ କୌଣସି ଜରୁରୀ କାମରେ ବାହାରକୁ ଯିବାକୁ ହେଲା । ଯିବାବେଳେ ସେ ନିଜ ପୁଅ ସେହି ପିଲାଟିକୁ ଡ଼ାକି ବୁଝେଇ କହିଗଲେ, **"ନାରାୟଣ ପୂଜାରେ ଅବହେଳା କରିବୁ ନାହିଁ । ଠାକୁରଙ୍କୁ ଭୋଗ ଖୁଆଇବୁ । ଆମ ଘରେ ଥାଇ ଠାକୁରେ କ'ଣ ଉପାସ ରହିବେ ?"** ପିଲାଟି ବାପାଙ୍କ କଥା ମନେରଖିଲା । ନାରାୟଣଙ୍କ ପୂଜାରେ ଅବହେଳା କରିବ ନାହିଁ, ପ୍ରଭୁଙ୍କୁ ଭୋଗ ଖୁଆଇବ, ଠାକୁରଙ୍କୁ ଉପାସରେ ରହିବାକୁ ହେବନାହିଁ । ଏହି ଭାବ ତା' ମନରେ ତରଙ୍ଗ ଖେଳାଇ ଦେଲା । ସରଳ ମନ, ସରଳ ପ୍ରାଣ, ସରଳ ହୃଦୟ, ସରଳ ଭାବ, ସରଳ ଜୀବନ । ସବୁ ତା' ଠିଁ ସରଳ । ଧନର ଗର୍ବ, ଜ୍ଞାନର ଅହଂକାର, ମାନସମ୍ମାନର ଲୋଭ ନାହିଁ । ନାହିଁ ଛଦକପଟ । ଏପରି ହୃଦୟ ସିନା ପ୍ରଭୁଙ୍କର ନିତ୍ୟ ନିବାସ । ସେପରି ସରଳ ହୃଦୟ ଆସନଟିଏ ପାଇଲେ, ପ୍ରଭୁ ବା କାହିଁକି ସେଠାରେ ବିଜେ ନ ହେବେ ଯେ !

**ନା**ହିଁ ନ ଥିବା ସରଳ ନିର୍ମଳ ପିଲାଟି ଆଗ୍ରହରେ ତା' ପରଦିନ ସ୍ନାନ ଶୌଚ ହୋଇ ଠାକୁର ଘରେ ପ୍ରବେଶ କଲା । ଏକ ମନପ୍ରାଣରେ ଏକମୁଖୀ ହୋଇ କପଟଶୂନ୍ୟ ହୃଦୟରେ ପ୍ରଭୁଙ୍କର ପୂଜାରେ ଲାଗିଗଲା । ସେ ଓ ପ୍ରଭୁ ନାରାୟଣଙ୍କ ବ୍ୟତୀତ ଏ ବିଶ୍ୱବ୍ରହ୍ମାଣ୍ଡରେ ଆଉ ଯେପରି କେହି ନାହାଁନ୍ତି । ଧୂପ, ଦୀପ, ଚନ୍ଦନ, ଫୁଲ, ତୁଳସୀ ଦେଇ ସେ ପ୍ରଭୁଙ୍କର ପୂଜା ବଢ଼ାଇଲା । ଥାଳିରେ ପ୍ରଭୁଙ୍କ ପାଇଁ ଭୋଗ ବଢ଼ା ହୋଇଥାଏ । ଶେଷରେ ପିଲାଟି କହିଲା : **"ଠାକୁରେ, ଏବେ ସବୁତ ସରିଲା, ତମେ ଶୀଘ୍ର ଶୀଘ୍ର ଭୋଗ ଖାଇଦିଅ ।"** ଠାକୁରେ ବା କାହିଁକି ଭୋଗ ଖାଇବେ ? ପୁଣି ଥରେ ପିଲାଟି କହିଲା : **"ସତରେ ଠାକୁରେ, ଆଉ ଡ଼େରି ନ କରି ଭୋଗ ଖାଇଦିଅନା ।"** ବାରମ୍ବାର ନେହୁରା ହୋଇ କହୁଁ କହୁଁ ପିଲାଟି କାନ୍ଦି ପକାଇଲା : **"ତମେ କାହିଁକି ଖାଉନ ଠାକୁରେ, ଉପାସ ରହିଲେ ତମକୁ ଭୋକ ହେବ । ବାପା ଶୁଣିଲେ ମୋତେ ରାଗିବେ, ମାଡ଼ ମାରିବେ କି କ'ଣ ? ତମେ ନ ଖାଇଲେ, ମୁଁ ଏବେ କ'ଣ କରିବି ଯେ !"** ପିଲାଟିର ସରଳତା ପାଖରେ ନାରାୟଣ ଠାକୁର ହାର୍ ମାନିଲେ । ସୁନା ପିଲାଟି ପରି ଖଟୁଲିରୁ ଓହ୍ଲାଇ ଆସି ଥାଳିରୁ ପୋଛି ପୋଛି ଭୋଗତକ ଖାଇ ପୁଣି ଯାଇ ଠାକୁର ପ୍ରତିମା ପରି ଯେମିତିକୁ ସେମିତି ଖଟୁଳିରେ ବସିଗଲେ । ପିଲାଟିର ମନ ଦିବ୍ୟ ଆନନ୍ଦରେ ପୂରି ଉଠିଲା । କହିଲ ପିଲେ, ସେ ପିଲାଟି କ'ଣ ନିଜର ଭକ୍ତି ପରାକାଷ୍ଠା ଦେଖାଇଲା ? କ'ଣ ତ୍ୟାଗର ମହାତ୍ମ୍ୟରେ ଠାକୁରଙ୍କୁ ପାଇଲା ? ସେ କ'ଣ ଅଲୌକିକ ବିଭୂତି ଦେଖାଇବାର ଇଚ୍ଛା କରିଥିଲା ? ସେ କ'ଣ ସେଠାରେ ପ୍ରଭୁଙ୍କୁ ସନ୍ତୁଷ୍ଟ କଲା ? ସେ ବା କେଉଁଠି ତତ୍ତ୍ୱଜ୍ଞାନର ଏକମାତ୍ର ଅଧିକାରୀ ହୋଇଥିଲା ? କେବଳ ବିଶୁଦ୍ଧ ସରଳତାର ଫାଶରେ ଆପଣାଛାଏଁ ଠାକୁରେ ତାଙ୍କୁ ଧରାଦେଲେ । ନୁହେଁ ? ତମେମାନେ ସମସ୍ତେ ଏପରି ସରଳପ୍ରାଣ ହୁଅ । ନରନାରାୟଣ ମଧ୍ୟ ତମଠାରେ ଧରାଦେବେ ।

☆☆☆

ବିଷୟା ଜାଲକୁ କାଟି,
ଜିଳିଦିଅ ତୋର ଭିତର ଟାଟି;
ଚାହାଁ ଜଳୁଛି ଯହିଁ ତ୍ରିକୁଟି ।।

ତ୍ୟାଗ, ନିଷ୍ଠା, ଶ୍ରଦ୍ଧା, ଦୃଢ଼ତା ଥିବ ।
ତେବେ ଯାଇ ମନ, ମୋତେ ପାଇବ ।।

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ଉଠ, ଜାଗିଉଠ, ତମର ଲକ୍ଷ୍ୟ- ଚରମ ପ୍ରାପ୍ତି । ସେହି ପରମ ଲକ୍ଷ୍ୟ ହାସଲ ନ ହେବା ପର୍ଯ୍ୟନ୍ତ ନିର୍ଦ୍ଧାରିତ କର୍ମପଥରୁ ନିବୃତ୍ତ ହୁଅନାହିଁ । ତମେ ଶକ୍ତିର ତନୟ, ଅମୃତର ପୁତ୍ର ; ତମ ସମ୍ମୁଖରେ ବିସ୍ତୀର୍ଣ୍ଣ କର୍ମଭୂମି । ବୁଦ୍ଧିବିବେକ ଖଟାଇ କର୍ମ କରିଚାଲ, ମନକୁ ନିବେଶକର ଯୁଗପୁରୁଷଙ୍କର ପଦ୍ମପାଦପୀଠରେ । ସକଳକର୍ମ ତାଙ୍କୁହିଁ ସମର୍ପଣ କର । ନିଷ୍କାମ କର୍ମଯୋଗରେ ସିଦ୍ଧିଲାଭ କରିବାର ଏହାହିଁ ମୂଳସୂତ୍ର । ଉନ୍ନତ ହୁଅ, ରୁଚିବନ୍ତ ହୁଅ । ହେ ବିଶ୍ୱର ଯୁବଗୋଷ୍ଠୀ ! ତମେ ହିଁ ସକଳ ସମ୍ଭାବନାର କେନ୍ଦ୍ରସ୍ଥଳ । ସ୍ୱାର୍ଥ ଭୁଲି ପରାର୍ଥରେ ବିଶ୍ୱକଲ୍ୟାଣର ବ୍ରତ କର । ମାନବ ସମାଜର ସକଳ ଆଶାଭରସାକୁ ସାକାର କର । ବାସ୍ତବ ଜନମଙ୍ଗଳକର କର୍ମରେ ନିଜକୁ ନିୟୋଜିତ କର । ବିଶ୍ୱଭ୍ରାତୃତ୍ୱର ପ୍ଲାବନରେ ସସାଗରା ପୃଥିବୀ ପ୍ଲାବିତ ହେଉ । ସାମ୍ପ୍ରଦାୟିକତା, ଧର୍ମାନ୍ଧତା, ସ୍ୱାର୍ଥପରତାର ବନ୍ଧନରୁ ମୁକ୍ତ ହୋଇ ସତ୍ୟ ସନାତନ ମାନବିକ ଧର୍ମଧାରାରେ ଅବଗାହନ କର । ଉଚିତ ମାର୍ଗରେ ପରିଚାଳିତ ହୋଇ ସନାତନ ପୁରୁଷର ଜୟଗାନ କର । ସନାତନ ଧର୍ମର ଉପାସନା କର । ସନାତନୀ ଚେତନ ଉତ୍ତୋଳନ କର ।*

## ଦିବ୍ୟାତ୍ମାମାନଙ୍କର ବିଶ୍ୱଭ୍ରାତୃତ୍ୱ –

ଉଦାର କଣ୍ଠରେ ଅପୌରୁଷେୟ ବେଦ ଆଜିବି ମଧୁର ମୂର୍ଚ୍ଛନାରେ ଗାଇ ଉଠୁଛି; 'ବସୁଧୈବ କୁଟୁମ୍ବକମ୍' । ଏ ବସୁଧାରେ କିଏ ଆପଣାର ? ଆଉ କିଏ ପର ? ସାଂସାରିକ ବ୍ୟକ୍ତିଗତ ସଂପର୍କ କେବଳ ସ୍ଥୂଳ ଉପାଧି ସିନା । ବାପା, ମାଆ, ଭାଇ, ଭାଉଜ, ଭଉଣୀ, ଭିଣୋଇ, ଭାଇ, ପୁତ୍ର, କନ୍ୟା, ସ୍ତ୍ରୀ, ସ୍ୱାମୀ, ବନ୍ଧୁ, ପରିଜନ ଇତ୍ୟାଦି କେବଳ ମାତ୍ର ଗୋଟିଏ ଜନ୍ମର ଗୋଟିଏ ଶରୀର ଉପାଧିଗତ ସଂପର୍କ । ମାତ୍ର ଟିକିଏ ତଳେଇ ତଉଲି ଦେଖିଲେ ଶରୀରରେ ଅବସ୍ଥିତ ଆତ୍ମାପୁରୁଷର ଜନ୍ମ କିମ୍ବା ମୃତ୍ୟୁ ନାହିଁ । ଆତ୍ମା ଅବିନଶ୍ୱର, ଶାଶ୍ୱତ, ସନାତନ, ଚିରନୂତନ । ନଶ୍ୱର ଦେହଟି ସିନା କ୍ଷୟଶୀଳ, କ୍ଷୟ ହୋଇଯାଏ; ମାତ୍ର ଅବିନଶ୍ୱର ଆତ୍ମା କେବଳ ଘଟ ପରିବର୍ତ୍ତନ କରିଚାଲେ । ଗୋଟିଏ ଶରୀରରେ ଅବସ୍ଥିତ ଆତ୍ମା ସେହି ଶରୀରରେ ଥାଇ ବହୁଜନଙ୍କ ସହିତ ବିଭିନ୍ନ ସଂପର୍କରେ ଜଡ଼ିତ ଥାଏ, ଅନ୍ୟ ଗୋଟିଏ ଶରୀର ପରିଗ୍ରହ କଲେ, ପୁରାତନ ସଂପର୍କ ଛିନ୍ନ ହୁଏ ଓ ପୁଣି ଏକ ନୂତନ ସମ୍ପର୍କର ଜାଲ ବୁଣି ବସେ । ଏହିପରି ବିଚାରି ଦେଖିଲେ ଗୋଟିଏ ଆତ୍ମା ବିଭିନ୍ନ ଶରୀରରେ କୋଟି କୋଟି ସଂପର୍କର କେନ୍ଦ୍ରବିନ୍ଦୁ ହୋଇଥାଏ । ଅଜ୍ଞତାବଶତଃ ମାୟାବୀ ଜୀବ ଜନ୍ମଜନ୍ମାନ୍ତରର ଏହି ସଂପର୍କର ସୂତ୍ର ଧରି ନ ପାରି ପର ଆପଣାର କ୍ଷୁଦ୍ର ଓ ସୀମିତ ଗଣ୍ଡି ମଧ୍ୟରେ ନିଜକୁ ଆବଦ୍ଧ କରିଥାଏ । ଏହାହିଁ ବିଶ୍ୱସ୍ରଷ୍ଟାଙ୍କର ସୃଷ୍ଟି ରହସ୍ୟର ଅନ୍ୟତମ ବିଭାବ ।

**ଆ**ମ ଚାରିପାଖରେ ଆମେ ଦେଖୁଥିବା ଲୋକ ସମାଗମ ମଧ୍ୟରୁ ଯେ କୌଣସି ଜଣକ ସହିତ ଜନ୍ମଜନ୍ମାନ୍ତରବାଦରେ ପୂର୍ବରୁ ଆମର ନାନା ପ୍ରକାର ସମ୍ବନ୍ଧ ଥିଲା, ପରବର୍ତ୍ତୀ ଜନ୍ମମାନଙ୍କରେ ମଧ୍ୟ ସେହିପରି ନାନା ପ୍ରକାର ସଂପର୍କ ଗଢ଼ି ଉଠିବା ସମ୍ଭବ । ଏହି ଦୃଷ୍ଟିରୁ ଆତ୍ମିକ ବିଚାରରେ ଜଗତର ସକଳ ଜୀବଙ୍କ ସହିତ ଆମର ପ୍ରତ୍ୟକ୍ଷ ବା ପରୋକ୍ଷରେ ସଂପର୍କ ରହିଥିଲା, ରହିଛି ଏବଂ ରହିବ ମଧ୍ୟ । ଏହାକୁ ଅସ୍ୱୀକାର କରିବା ସଂକୀର୍ଣ୍ଣ ହୃଦୟ ଓ ସଙ୍କୁଚିତ ମନର ପରିଚାୟକ ମାତ୍ର । ଏହି ଜ୍ଞାନ ଆତ୍ମଜ୍ଞାନ ସ୍ୱରୂପ, ମାୟାନ୍ଧକାର ଦୂର କରିବାର ଜ୍ଞାନାଲୋକବର୍ତ୍ତିକା ।

**ପୁ**ନଶ୍ଚ ଆମ୍ଭେମାନେ ସମସ୍ତେ ଜୀବାତ୍ମା, ଉତ୍ସପୁରୁଷ ହିଁ ପରମାତ୍ମା । ଏକ ଈଶ୍ୱରଙ୍କର ଆମ୍ଭେମାନେ ସମସ୍ତେ ସନ୍ତାନ ସନ୍ତତି । ସେହିଁ ଆମର ପରମପିତା ଏବଂ ଆମେ ସମସ୍ତେ ତାଙ୍କର ପୁତ୍ରକନ୍ୟା । ତେଣୁ ଆମ୍ଭମାନଙ୍କର ପାରସ୍ପରିକ ସଂପର୍କ ହିଁ ଭ୍ରାତୃତ୍ୱ ସଂପର୍କ । ଏହି ଭ୍ରାତୃତ୍ୱ ସଂପର୍କର ପରିଧି ବିଶ୍ୱକୁ ବ୍ୟାପି ଯାଇଛି । ତେଣୁ ବିଶ୍ୱଭ୍ରାତୃତ୍ୱ ହିଁ ଆମର ସଙ୍ଗଠନ । ବିଶ୍ୱଭ୍ରାତୃତ୍ୱ

ସୀମାବଦ୍ଧ ନୁହେଁ । ଏହା ଜଗତବ୍ୟାପୀ ଏକ ବ୍ୟାପକ ଚିନ୍ତାଧାରା । ଏହା ସମଗ୍ର ମାନବ ସମାଜକୁ ଆବୋରି ବସିଛି । ତ୍ରୁଟି ରହିଛି କେବଳ ବୁଝାମଣାରେ । ବିଚାର ବିଭ୍ରାଟରୁ ମଣିଷ ମଣିଷକୁ ଘୃଣା କରୁଛି, ଭୟ କରୁଛି, ହିଂସା କରୁଛି ଓ ଈର୍ଷା କରୁଛି । ଅଜ୍ଞାନତାରୁ ଆଜି ସମଗ୍ର ବିଶ୍ୱରେ ବିଶ୍ୱଭ୍ରାତୃତ୍ୱର ସମନ୍ୱୟ ରକ୍ଷା ହୋଇପାରିନି । ମଣିଷ ମଣିଷକୁ ସନ୍ଦେହ କରୁଛି ପରସ୍ପର ପରସ୍ପରର ଶତ୍ରୁ । ମଣିଷ ମଣିଷକୁ ହତ୍ୟା କରୁଛି । ଏହା ମାନବ ଜାତି ଓ ମାନବିକ ଧର୍ମର ଜଘନ୍ୟ କଳଙ୍କମୟ ଅଧ୍ୟାୟ ।

**ଆ**ତ୍ମାଭଳି ଏକ ସୂକ୍ଷ୍ମତମ ସତ୍ତାର ବିଚାର ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ । ତେଣୁ, ସ୍ଥୂଳ ଶରୀରର ବିଚାର କଲେ ମଧ୍ୟ ସେହି ଏକ ସତ୍ୟ ସିଦ୍ଧାନ୍ତରେ ଉପନୀତ ହେବାକୁ ହୁଏ । ସୃଷ୍ଟି ରହସ୍ୟରୁ ଜଣାଯାଏ ଯେ, ଅବ୍ୟକ୍ତ ବ୍ରହ୍ମବିନ୍ଦୁର କମ୍ପନରୁ ଅଣୁ ପରମାଣୁର ସୃଷ୍ଟି ହୋଇ ପର୍ଯ୍ୟାୟକ୍ରମରେ ଆକାଶ, ପବନ, ତେଜ, ଜଳ ଏବଂ ପୃଥିବୀର ସୃଷ୍ଟି ହୋଇଛି । କ୍ଷିତି, ଅପ, ତେଜ, ମରୁତ୍, ବ୍ୟୋମ– ଏହି ପଞ୍ଚଭୂତରେ ବିଶ୍ୱ ସୃଷ୍ଟି । ବିଶ୍ୱର ଗୋଟିଏ ଗୋଟିଏ କଣିକା ସଦୃଶ ପ୍ରତ୍ୟେକ ମାନବ ଶରୀର ମଧ୍ୟ ଏହି ପଞ୍ଚଭୂତରେ ସୃଷ୍ଟି । ତେଣୁ ବିଶ୍ୱର ମାନବମାନଙ୍କ ମଧ୍ୟରେ ଏକମାତ୍ର ସତ୍ୟ ସମ୍ବନ୍ଧ ଓ ଶାଶ୍ୱତ ସମ୍ପର୍କ ହିଁ ବିଶ୍ୱଭ୍ରାତୃତ୍ୱ । ଏହି ବିଶ୍ୱଭ୍ରାତୃତ୍ୱର ସ୍ୱର ଉତ୍ତୋଳନ କରିଛି ସର୍ବପ୍ରଥମେ ବେଦ । ଏ ସମଗ୍ର ବସୁଧା ହିଁ ଆମ୍ଭର କୁଟୁମ୍ବ । ଏହି ମହାନ୍ ଚିନ୍ତନରୁ ହିଁ ବିଶ୍ୱଭ୍ରାତୃତ୍ୱ ଭଳି ମହାଭାବର ଉଦ୍ଭବ ।

**ବି**ଶ୍ୱଭ୍ରାତୃତ୍ୱ ଭାବରେ ବିଶ୍ୱବାସୀ ଦିବ୍ୟାତ୍ମାଗଣ କୌଣସି କ୍ଷୁଦ୍ର ଗଣ୍ଡି ମଧ୍ୟରେ ଆବଦ୍ଧ ନୁହଁନ୍ତି । ସେମାନେ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଗୋଷ୍ଠୀ, ଦେଶ, ପ୍ରଦେଶ ଇତ୍ୟାଦି ସଙ୍କୋଚନ ମନୋଭାବର ଊର୍ଦ୍ଧ୍ୱରେ । ସେମାନେ ସୀମାବଦ୍ଧ ନୁହଁନ୍ତି । ସୀମିତ ନୁହେଁ ସେମାନଙ୍କର ମନୋଭାବ । ଭୌଗୋଳିକ ସୀମାରେଖା ସେମାନଙ୍କର ହୃଦୟର ଭାବକୁ ଆବଦ୍ଧ କରିପାରିନି, ପାରେନା । ସମଗ୍ର ବିଶ୍ୱମାନବ ସମାଜକୁ ଏହି ଦିବ୍ୟାତ୍ମାମାନଙ୍କର ବିଶ୍ୱଭ୍ରାତୃତ୍ୱ ଆପଣାର କରିବାକୁ ସତତ ବ୍ୟାକୁଳ । ମାନବିକ ମୂଲ୍ୟବୋଧ ଏବଂ ସମ୍ବେଦନଶୀଳତାକୁ ମାନବିକ ଧର୍ମର ଆଦର୍ଶ ବୋଲି ଗ୍ରହଣ କରି ବିଶ୍ୱଭାତୃତ୍ୱର ଭାବରେ ଦିବ୍ୟାତ୍ମାଗଣ ସତ୍ୟ ସନାତନର ଉପାସକ, ସାଧକ, ସତ୍ୟସନାତନର ପୂଜାରୀ । ଆମେ ଯିଏ ହେଉଁନା କାହିଁକି, ଯେଉଁଠି ଥାଉଁନା କାହିଁକି, ଯାହା ବି କରୁନା କାହିଁକି; ସ୍ଥାନ, କାଳ, କାର୍ଯ୍ୟ, ପାତ୍ର ନିର୍ବିଶେଷରେ ଆମ୍ଭେମାନେ ଜଗଦାତ୍ମା ପଞ୍ଚମହାଭୂତରୁ ସୃଷ୍ଟ । ଆମ ସମସ୍ତଙ୍କ ମଧ୍ୟରେ ଆତ୍ମା ଅବସ୍ଥାନ କରେ । ତେଣୁ ଆତ୍ମିକ ଏବଂ ଦୈହିକ ଦୃଷ୍ଟିକୋଣରୁ ଆମେ ସମସ୍ତେ ଭାଇଭଉଣୀ । ଛୁଆଁ ଅଛୁଆଁ, ଜାତିଭେଦ, ସାମ୍ପ୍ରଦାୟିକତା, ବର୍ଣ୍ଣବୈଷମ୍ୟ, ଭୌଗୋଳିକ ସୀମାରେଖାଭଳି ସଂକୀର୍ଣ୍ଣ ଓ ସଙ୍କୁଚିତ ଜାଗତିକ ଭାବଦ୍ୱାରା ଆମର ମହାଜାଗତିକ ମହାନ୍ ଚିନ୍ତା ଓ ବିଶ୍ୱଭ୍ରାତୃତ୍ୱ ଭାବକୁ ଖଣ୍ଡିତ କରାଯାଇ ନ ପାରେ । ଏହି ଆଦର୍ଶରେ ପୁଷ୍ଟ ଏବଂ ବିଶ୍ୱାସୀ ଦିବ୍ୟାତ୍ମାଗଣ ଆଜି ବିଶ୍ୱର ଗୋଟିଏ କୋଣରୁ ବିଶ୍ୱସଂହତି ଓ ବିଶ୍ୱଶାନ୍ତିର ମନ୍ତ୍ର ଉଚ୍ଚାରଣ କରୁଅଛନ୍ତି । ସମୟ ଆସିବ, ଯେତେବେଳେ ସମଗ୍ର ବିଶ୍ୱରେ ଏହି ଗୋଟିଏ ଭାବଧାରା ଚିନ୍ତାଚେତନା ଜଗତରେ ଆଲୋଡ଼ନ ସୃଷ୍ଟି କରିବ । ବିଶ୍ୱଭ୍ରାତୃତ୍ୱ ମାଧ୍ୟମରେ ବିଶ୍ୱସଂହତି ଓ ବିଶ୍ୱଶାନ୍ତି ପ୍ରତିଷ୍ଠା ହେବ ।

**ଶ**ରୀରରେ ଆତ୍ମା ସୀମାବଦ୍ଧ ହେଲେ ମଧ୍ୟ ଏହା ଏକ ଅସୀମ ଶକ୍ତିର ପରିଚାୟକ । ତେଣୁ ଆମର ପରିସର ଅକଳନୀୟ । ଆମ ହୃଦୟବରା ହିଁ ଆମ ଜଗତର ବିସ୍ତୃତିର ପରିମାପକ । ଆମେ ସମସ୍ତେ ହିଂସା, ଦ୍ୱେଷ, ଈର୍ଷା, ପରଶ୍ରୀକାତରତା ଇତ୍ୟାଦି ଦୁର୍ଗୁଣଠାରୁ ଦୂରେଇ ରହି ପରସ୍ପରକୁ ସ୍ନେହ, ଆଦର କରିବା ଦ୍ୱାରା ବିଶ୍ୱଭ୍ରାତୃତ୍ୱର ପରିଚୟ ଦେଇପାରିବା । ସାହାଯ୍ୟ, ସହଯୋଗ ଓ ସହାନୁଭୂତି ପାରସ୍ପରିକ ଭାବରେ ପରିଦୃଷ୍ଟ ହେଲେ, ବିଶ୍ୱଭ୍ରାତୃତ୍ୱର ତୂର୍ଯ୍ୟନାଦରେ ଗଗନପବନ ମୁଖରିତ ହେବ ।

**ପ**ରମାତ୍ମା ଜୀବାତ୍ମାକୁ ଦୁର୍ଲଭ ଶରୀର ଦେବା ସଙ୍ଗେ ସଙ୍ଗେ ମନ, ବୁଦ୍ଧି, ସଂସ୍କାର ମଧ୍ୟ ଦେଇଅଛନ୍ତି । ଏହି ଆତ୍ମସ୍ୱରୂପ ଲାଭ କରି କେତେକ ସ୍ୱଚକ୍ରରେ ଘୁରୁଛନ୍ତି ତ ଆଉ କେତେକ ଆତ୍ମ ଉନ୍ନୟନ ପଥରେ ଆଗକୁ ମାଡ଼ି ଚାଲିଛନ୍ତି । ଆତ୍ମା ଶରୀର ମଧ୍ୟରେ ପ୍ରବେଶ କଲେ ସ୍ୱାଧୀନ ଭାବରେ କର୍ମ କରିଚାଲେ । ଏହି କର୍ମଫଳରୁ ସେ ଜଗତରେ ତମଗୁଣୀ ହୋଇ ଦୁଃସହ

ସଂଘର୍ଷ ମଧ୍ୟରେ କାଳାତିପାତ କରେ ବା ସତ୍ତ୍ୱଧର୍ମୀ ହୋଇ ବିଶ୍ୱକଲ୍ୟାଣ ଅର୍ଥେ ସମସ୍ତଙ୍କୁ ସମଜ୍ଞାନ କରି ସମଦର୍ଶୀ ହୋଇ ଅଖଣ୍ଡ ପରମାନନ୍ଦରେ ଦିନଯାପନ କରେ । ରଜଗୁଣୀମାନେ ନାନାଦି ରାଜସିକ ବା ବାହ୍ୟାଡ଼ମ୍ବରପୂର୍ଣ୍ଣ କର୍ମରେ ଅନ୍ତଃସାରଶୂନ୍ୟ ହୋଇ କର୍ମ ତତ୍ପର ହୁଅନ୍ତି । ଅନେକତ୍ର ମିଶ୍ରିତ ଗୁଣୀ (ତମ+ରଜ/ରଜ+ସତ୍ତ୍ୱ/ସତ୍ତ୍ୱ+ତମ) ମାନେ ପର୍ଯ୍ୟାୟାନୁକ୍ରମେ ଗୁଣର ତାରତମ୍ୟ ଦୃଷ୍ଟିରୁ ସ୍ୱଗୁଣଧର୍ମୀ କର୍ମରେ ନିଜନିଜକୁ ନିୟୋଜିତ କରନ୍ତି । ଆତ୍ମାପୁରୁଷ ଏହି କର୍ମ ପର୍ଯ୍ୟାୟକୁ ନିୟନ୍ତ୍ରଣ କରନ୍ତି ନାହିଁ ବା ପ୍ରେରଣା ମଧ୍ୟ ଦିଅନ୍ତି ନାହିଁ । ତେଣୁ ସେ ଜୀବ ମଧ୍ୟରେ ଅବସ୍ଥିତ ହୋଇ ମଧ୍ୟ କର୍ମଫଳ ଭୋଗ କରନ୍ତି ନାହିଁ । ସେ କେବଳ କର୍ମ ସମ୍ପାଦନ ନିମନ୍ତେ ଶକ୍ତି ସଂଚାର କରନ୍ତି ମାତ୍ର । ଜୀବ ସ୍ୱାଧୀନ ଭାବରେ ଆତ୍ମଶକ୍ତି ବଳରେ ଯେପରି କର୍ମ କରେ, ସେହିପରି ଫଳ ମଧ୍ୟ ଭୋଗ କରେ ।

**ଜୀ**ବ ମଧ୍ୟରେ ବାସ୍ତବ ଆତ୍ମା ବିଦ୍ୟମାନ । ସେ ଅମର, ନିତ୍ୟ, ଅପରିବର୍ତ୍ତନୀୟ ଏବଂ ଅବିକାର । ଅତୀତରେ ସେ ଯାହାଥିଲା, ବର୍ତ୍ତମାନ ମଧ୍ୟ ତାହାଅଛି ଏବଂ ଭବିଷ୍ୟତରେ ଚିରକାଳ ପାଇଁ ମଧ୍ୟ ତାହା ସେହିପରି ରହିବ, ସେପରି ରହିଥିବ, ରହିଥାଏ । ମନୁଷ୍ୟ ଦେହ ମଧ୍ୟରେ ଏପରି ଏକ ଶକ୍ତିଶାଳୀ ବସ୍ତୁ (ସୂକ୍ଷ୍ମ) ଅଛି, ଯାହାର ମୃତ୍ୟୁ, ବିକାର କିମ୍ବା ପରିବର୍ତ୍ତନ ବୋଲି କିଛି ନାହିଁ ।

**ସ୍ୱା**ଧୀନ ହେବାର ଇଚ୍ଛା ଜୀବର ଜନ୍ମଗତ ପ୍ରବୃତ୍ତି । ଏ ପୃଥିବୀରେ ସମସ୍ତେ ସ୍ୱାଧୀନହେବା ପାଇଁ ଇଚ୍ଛା କରନ୍ତି । ଏହି ସ୍ୱାଧୀନ ହେବାର ଇଚ୍ଛା ସାର୍ବଜନୀନ । ସ୍ୱାଧୀନତା ନାମରେ ପୃଥିବୀ ପୃଷ୍ଠରେ ଜାତିଜାତି ମଧ୍ୟରେ କେତେଂଯେ ରକ୍ତାକ୍ତ ବିପ୍ଳବ ଘଟି ନ ଯାଇଛି, ନରଶୋଣିତରେ ଏ ସୌମ୍ୟ ଧରାବକ୍ଷ କେତେଥର ଯେ ରକ୍ତସିକ୍ତ ନ ହୋଇଛି ତା'ର ହିସାବ କରିବା ସମ୍ଭବ ନୁହେଁ । ସେହିପରି ସମ୍ପ୍ରଦାୟକୁ ଧର୍ମଜ୍ଞାନ କରି ଅଜ୍ଞାନତା ଅସୂୟାବଶରୁ ଧର୍ମାନ୍ଧମାନଙ୍କର ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତା ଫଳରୁ ସବୁଜ ଧରିତ୍ରୀର ସୌମ୍ୟ ମୁଖମଣ୍ଡଳ ନିର୍ମମ ହତ୍ୟାକାଣ୍ଡ ଦ୍ୱାରା ରକ୍ତ ପ୍ଳାବିତ ହୋଇଛି, ଏବେବି ହେଉଛି । ଧର୍ମଗତ, ରାଜନୈତିକ, ଅର୍ଥନୈତିକ, ଭୌଗୋଳିକ, ମୌଳବାଦ ଇତ୍ୟାଦିର ଦ୍ୱାହି ଦେଇ ମଣିଷ ମଣିଷ ମଧ୍ୟରେ ବିଦ୍ୱେଷ, ହିଂସା, ଈର୍ଷାର ଅନଳ କତିପୟ ନ୍ୟସ୍ତସ୍ୱାର୍ଥ ଧର୍ମନେତା, ଜନନେତା, ଶାସକ ନିର୍ବିକାର ଭାବରେ ଜାଳି ଦେଉଛନ୍ତି । ଏପରି ବ୍ୟବସ୍ଥା ମଧ୍ୟରେ ବିଶ୍ୱଭ୍ରାତୃତ୍ୱ ପ୍ରତିଷ୍ଠାର ସଂକଳ୍ପ କିଏ ନେବ ? କିଏ ନେବ ଏ ଦୁର୍ବାର ଶପଥ ? ଯୁବସମାଜ ସମ୍ମୁଖରେ ଆଜି ଏହି ଗୋଟିଏ ଦାୟିତ୍ୱ । ଦାୟିତ୍ୱହୀନ ହୋଇ ହୀନମନ୍ୟତାର ଶିକାର ସାଜି ନିଷ୍କ୍ରିୟ, ଅଥର୍ବ ହେବାର ଏ ବେଳ ନୁହେଁ । ଜାଗି ଉଠିବାର ଏହା ହିଁ ପ୍ରକୃଷ୍ଟ ସମୟ ।

**ହେ ପ୍ରିୟତମ ଯୁବଗୋଷ୍ଠି !**

**ତ**ମେମାନେ ହିଁ ଭବିଷ୍ୟତ ମାନବଜାତିର ମୂଳଭିତ୍ତି । କେତେ ବହୁମୂଲ୍ୟ ସମୟର ଅନ୍ତେ ଏହି ଅମୂଲ୍ୟ ମାନବ ଜୀବନ ଲାଭ କରିଛ । ଯଥାର୍ଥ ପଥରେ ଜୀବନ କାଳକୁ ବିନିଯୋଗ ନ କରି ପ୍ରବୃତ୍ତିର ଖିଆଲରେ ଅଯଥା ବ୍ୟୟ କରି ଚାଲିଛ ପ୍ରାଣ ସତ୍ତା ଶକ୍ତିକୁ । କ'ଣ ପାଇଛ ? କ'ଣ ପାଉଛ ? କ'ଣ ପାଇବା ଆଶାରେ ? ଥରେ ଭାବି ଦେଖ, ଏହା ହିଁ କ'ଣ ତମର ଶେଷ ନିଷ୍ପତ୍ତି ? ଭଲଘର, ଗାଡ଼ିଘୋଡ଼ା, ଟଙ୍କାକଉଡ଼ି, ଧନସମ୍ପତ୍ତି, ପ୍ରତିପତ୍ତି, ନାମଯଶ— ଏହା ହିଁ କ'ଣ ଶେଷ ପ୍ରାପ୍ତି ? ଏହା ଯେ ଅଦରକାରୀ, ତାହା ନୁହଁ; ମାତ୍ର ଏହା କ'ଣ ମାନବ ଜନ୍ମ ଓ ଜୀବନର ଚରମ ପ୍ରାପ୍ତି ? ଥରେ ବ୍ୟାଧିଗ୍ରସ୍ତ, ବୃଦ୍ଧ, ବଦନାମୀ, ବିକାରଗ୍ରସ୍ତ ଶରୀରଧାରୀଙ୍କୁ ପଚାରି ବୁଝ, କାହିଁକି ଆଜି ତାଙ୍କର ଏହି ଦୁଃସ୍ଥ ଅବସ୍ଥା ? ତମେ କ'ଣ ସେହି ଅବସ୍ଥା ପ୍ରାପ୍ତ ହେବାକୁ ଚାହଁ କି ? କିନ୍ତୁ ତମେ ତାହା ନ ଚାହିଁଲେ ମଧ୍ୟ ତମକୁ ଦିନେ ନା ଦିନେ ସେ ଅବସ୍ଥା ଭୋଗ କରିବାକୁ ହେବ ହିଁ ହେବ । ଜରା, ବ୍ୟାଧି ଏ ଶରୀରର ପର୍ଯ୍ୟାୟ କ୍ରମିକ ଭୋଗ । ତମର କୋଷ ଶରୀର ମଧ୍ୟରେ ନାନା କୁଚିନ୍ତା, କୁଭାବନା, କୁବାକ୍ୟ, କୁକାର୍ଯ୍ୟ, ଅସଦାଚରଣ, ଅସତ୍ୟ, କୂଟକପଟତାର ସୂକ୍ଷ୍ମବୀଜ ଗଚ୍ଛିତ ଥିବା ହେତୁ ତମଠାରୁ ଯେଉଁ ନବାଗତ ସନ୍ତାନସନ୍ତତି ଜନ୍ମନେବେ ସେମାନେ ମାନବ ସମାଜରେ କେଉଁ ପର୍ଯ୍ୟାୟଭୁକ୍ତ ହେବେ, ତାହା କେବେ ସ୍ଥିର ଚିତ୍ତରେ ଭାବିଛକି ଥରେ ? ଥରେ ବ୍ୟାକୁଳ ହୃଦୟରେ ଅନୁସନ୍ଧିତ୍ସା ନେଇ ଜିଜ୍ଞାସୁ ସାଜି ନିଜକୁ ନିଜେ ଏକାନ୍ତରେ ପ୍ରଶ୍ନକର : ମୁଁ କିଏ ? ମୁଁ କାହିଁକି

ଏ ପୃଥିବୀରେ ଜନ୍ମ ନେଇଛି ? ମୋର ଲକ୍ଷ୍ୟ କ'ଣ ? ମୁଁ କ'ଣ ହେବାକୁ ଚାହୁଁଛି ? ଆଉ ମୁଁ ବାସ୍ତବରେ କରୁଛି କ'ଣ ?

ପିତାମାତା, ପରିବାରପରିଜନ, ଶିକ୍ଷକଶିକ୍ଷୟତ୍ରୀ, ସାଙ୍ଗସାଥୀ, ବନ୍ଧୁବାନ୍ଧବଙ୍କ ଠାରୁ ଆରମ୍ଭ କରି ସମାଜ, ଦେଶ ଓ ବିଶ୍ୱ ପର୍ଯ୍ୟନ୍ତ ସମସ୍ତଙ୍କଠାରୁ ତମେ ଋଣ ଗ୍ରହଣ କରିଛ । ଏମାନଙ୍କର ସାହାଯ୍ୟ, ସହଯୋଗ ଓ ସହାନୁଭୂତି ବିନା ତମେ ଆଜି ଯେଉଁ ଯୋଗ୍ୟତା ଲାଭ କରିଛ, ତାହା ପାଇ ପାରିନଥାନ୍ତ । ତମେ ଅବହେଳିତ ହୋଇ ସମାଜର ଅଦରକାରୀ ସଦସ୍ୟଟିଏ ହୋଇ ଘୋର ଦୁଃସ୍ଥତା ମଧ୍ୟରେ କାଳଯାପନ କରୁଥାଆନ୍ତ । ତେଣୁ, ହେ ବୀର ଯୁବଗୋଷ୍ଠି ! ଯେଉଁମାନଙ୍କଠାରୁ ତମେ ଋଣୀ, ସେମାନଙ୍କର ଋଣ ପରିଶୋଧ କର । ବୃଦ୍ଧ ପିତାମାତାଙ୍କର ସେବା କର, ନିଜକୁ ନିୟୋଜିତ କର । ସ୍ଥିର ଲକ୍ଷ୍ୟରେ, ଆତ୍ମବିଶ୍ୱାସର ସହିତ ଆପଣାର ପୁରୁଷାର୍ଥ ବଳରେ ଆଗେଇ ଆସ । ହେ ତରୁଣ ନବୀନ ଯୁବ ସମାଜ ! ନୂତନ ବିପ୍ଳବରେ ନିଜକୁ ମିଶାଇ ଦେଇ ଏକାକାର ହୋଇଯାଅ । ତମର ଚିରବାଞ୍ଛିତ ଚିରନ୍ତନ ଆନନ୍ଦ, ନିତ୍ୟଶାନ୍ତି ଆଜି ଅଖଣ୍ଡ ଜ୍ୟୋତିରେ ପ୍ରକାଶିତ । ଅନୁଭବ କର ପ୍ରାଣେ ପ୍ରାଣେ, ତନ୍ତ୍ରିରେ ତନ୍ତ୍ରିରେ । ଥରେ ମାତ୍ର ଶରଣାଗତ ହୁଅ, ନତଜାନୁ ନତ ଶିରରେ ନିଜକୁ କାୟମନବାକ୍ୟରେ ତାଙ୍କଠାରେ ସମର୍ପଣ କରିଦିଅ । ଥରେ ମୁକ୍ତ କଣ୍ଠରେ ନିଷ୍କପଟ ହୃଦୟରେ କୁହ : ହେ ମୋର ପ୍ରାଣର ପ୍ରାଣ ! ହେ ମୋର ପ୍ରେମଘନ ବିଗ୍ରହ ! ହେ କରୁଣା ସାଗର ! ମୋ ଚକ୍ଷୁ ଖୋଲିଦିଅ । ମୋ ନୟନ ଦେଖୁ ତୁମର ନବଘନ ଶ୍ୟାମ ସୁନ୍ଦର ମୂର୍ତ୍ତି । ମୋ କର୍ଣ୍ଣରେ ବାଜିଉଠୁ ତୁମରି ସତ୍‌ନାମର ପୂତ ପବିତ୍ର ଧ୍ୱନି । ନାସିକା ଘ୍ରାଣ କରୁ ତୁମରି ସୁରଭି । ତମେ ମୋ ହୃଦୟରେ ଉଦ୍‌ଭାସିତ ହୁଅ । ତମେ ମୋର ଆପଣାର । ତମ ସୃଷ୍ଟିର ସକଳ ମୋର ଆପଣାର । ମୋଠାରେ ଉଚ୍ଚନୀଚ ଭେଦଭାବ ନାହିଁ । ମୁଁ ଜାତିଭେଦ ମାନେନା । ମୁଁ ସାମ୍ପ୍ରଦାୟିକତାର କ୍ଷୁଦ୍ରଗଣ୍ଡି ମଧ୍ୟରେ ଆବଦ୍ଧ ନୁହେଁ । ବିପୁଳା ପୃଥିବୀର ସକଳ ମୋର କୁଟୁମ୍ବ । ବିଶ୍ୱଭ୍ରାତୃତ୍ୱର ସୂତ୍ରରେ ମୁଁ ବନ୍ଧା । ମାନବିକତା ମୋର ଧର୍ମ । ସେବା ଓ ତ୍ୟାଗ ମୋର କର୍ମ ।

ଦେଖ, ପ୍ରାପ୍ତ ବୟସରେ, ପରିପୁଷ୍ଟ ଶରୀରରେ ଏକ ନବ ଉନ୍ମାଦନାର ବିଦ୍ୟୁତ୍ ତରଙ୍ଗ ଖେଳି ଯାଉଛି । ଏହାପରେ ଯେ କୌଣସି ଜନକଲ୍ୟାଣକର କର୍ମରେ ଝାସ ଦିଅ; ଅନୁଭବ କର, ନବୀନ ତେଜ ଓ ନୂତନ ଆହ୍ଲାଦରେ ତମ ଜୀବନ ଉଦ୍ଭାସିତ ହୋଇଯାଉଛି । ଜଡ଼ତ୍ୱ କ୍ରମଶଃ କଟି କଟି ଯାଉଛି । ଆନନ୍ଦର ତରଙ୍ଗମାଳରେ ତନୁମନ ପ୍ରାଣ ଉଲ୍ଲସିତ ହେଉଛି । ଏଥିରୁ ତମ ଜୀବନ ହିଁ ସାର୍ଥକ ହେବ, ଜନ୍ମ ସଫଳ ହେବ । ତମେ ଦିବ୍ୟତ୍ୱ ପ୍ରାପ୍ତ ହେବ, ଦିବ୍ୟାତ୍ମା ହୋଇଯିବ । ଦିବ୍ୟାତ୍ମାମାନଙ୍କର ବିଶ୍ୱଭ୍ରାତୃତ୍ୱର ଅଙ୍ଗ ହୋଇଯିବ ତମେ ।

ଏହା ବିନା ତ୍ରିତାପର ତୀବ୍ରଦାହ ଭୋଗିବାକୁ ପଡ଼ିବ ହିଁ ପଡ଼ିବ । ତନୁମନ ପ୍ରାଣ ଆଧିବ୍ୟାଧିରେ ଭରିଯିବ । ଅଣନିଃଶ୍ୱାସୀ ହୋଇଯିବ ତମେ । ହତାଶାରେ ହାହାକାର କରିବ ଯେ ! ଜୀବନ ଓ ଜୀବିକା ବିଷତୁଲ୍ୟ ମନେ ହେବ । ଏ ସଂସାର ଅସାର ବୋଧ ହେବ । ସନ୍ଦେହ, ଅବିଶ୍ୱାସ, ପ୍ରତାରଣା, ବଞ୍ଚନା, ବିଶ୍ୱାସଘାତକତା, କୃତଘ୍ନତା ଆଦି କରାଳ ମୁଖ ବ୍ୟାଦାନ କରି ଅତି ସହଜରେ ତୋତେ ଗ୍ରାସ କରିଯିବେ ! ତୁ ଅସହାୟ ହୋଇଯିବୁ । ଆପଣା କପାଳକୁ ନିନ୍ଦା କରିବୁ ।

ସମ୍ମୁଖରେ ତୋର ଦୁଇଟି ପଥ : ଗୋଟିଏ ଶ୍ରେୟର, ଭୋଗର, ଦୁଃଖ ଯାତନା ଓ ଦହନର, ମରଣର; ଅନ୍ୟଟି ପ୍ରେୟର, ତ୍ୟାଗର, ସୁଖଶାନ୍ତି ଓ ଆନନ୍ଦର, ଜୀବନର । ତମେ ସ୍ୱାଧୀନ । ନିଜେ ନିଜର ବିବେକ ବୁଦ୍ଧି ଖଟାଇ ଆପଣାର ପଥ ବାଛି ନିଅ । ଏ ମାର୍ଗରେ ବାଧ୍ୟ ବାଧକତା ନାହିଁ । ଏହା ସ୍ୱେଚ୍ଛାର ମାର୍ଗ, ରୁଚିର ମାର୍ଗ ଓ ବିଶ୍ୱାସର ମାର୍ଗ ।

ହେ ନବୀନ ଯୁବ ସମାଜ ! ତମେ ସୁଖୀ ହୁଅ, ଆନନ୍ଦଲଭ, ତମେ ଶାନ୍ତିରେ କାଳାତିପାତ କର । ତମେ ବୀର ହୁଅ, ଅମର ହୁଅ ।

☆☆☆

# ଜିଜ୍ଞାସା : ଜିଜ୍ଞାସୁ

କ୍ଷିତିଜ୍ୟୋତି ଆଶ୍ରମର ପ୍ରଥମାଚାର୍ଯ୍ୟ ଦିବଂଗତ ଯତୀଶଦା'ଙ୍କ ସହିତ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର କଥୋପକଥନ ଏବଂ ଆଲୋଚନା ପ୍ରସଙ୍ଗରେ ଆଧ୍ୟାତ୍ମିକ ଚିନ୍ତନ ଏବଂ ଅଧ୍ୟାତ୍ମଶିକ୍ଷାମୂଳକ କେତେକ ପ୍ରଶ୍ନୋତ୍ତର ନିୟମିତ ଭାବରେ 'ଚରମ'ର ଏହି ସ୍ତମ୍ଭରେ ପ୍ରକାଶ କରି ଜିଜ୍ଞାସୁ ଭକ୍ତ ଅନୁଗତ ଶିଷ୍ୟମାନଙ୍କର ପରମ ପରିତୃପ୍ତି ବିଧାନର ବିହିତ ବ୍ୟବସ୍ଥା ସଂପାଦନା ତରଫରୁ ଗ୍ରହଣ କରାଯାଇଛି । ଚିତ୍ତ ମନୋଭାବ ତୀବ୍ର ସଂଶୟ ଓ ସନ୍ଦେହରୁ ଉତ୍ପନ୍ନ ହୁଏ । ସଂଶୟ ମୋଚନ ଓ ସନ୍ଦେହର ସମାଧାନ କେବଳ ପ୍ରଗାଢ଼ ବିଶ୍ୱାସ ଏବଂ ଦୃଢ଼ ଭକ୍ତିଭାବରୁ ଜାତ ହୁଏ । ଏହି ସ୍ତମ୍ଭରେ ସନ୍ନିବିଷ୍ଟ ପ୍ରଶ୍ନୋତ୍ତରରୀ ଆଲୋଚନା ଏତାଦୃଶ ଭକ୍ତି ପ୍ରାଣରେ ଉଦ୍ଭବ କରିପାରିଲେ, ଶ୍ରମ ସାର୍ଥକ ହେବ ।

## ଶ୍ରୀ ଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗେ

ଯତୀଶ ଦା' - ଶରୀରରେ ସ୍ୱଧର୍ମ କିଏ ?

ଶ୍ରୀଶ୍ରୀ ଠାକୁର - ଆତ୍ମା, ମନ, ଚୈତନ୍ୟ, ସତ୍ୟ, ଶାନ୍ତି, ଦୟା, କ୍ଷମା - ଏସବୁ ହେଉଛି ସ୍ୱଧର୍ମ ।

ଯତୀଶ ଦା' - ଏ ଉତ୍ତର ମୋତେ ଦ୍ୱନ୍ଦ୍ୱରେ ପକାଉଛି । ଆସୁରୀ ଧର୍ମ କଥା ମଧ୍ୟ କୁହାଯାଏ, ତାହା କ'ଣ ?

ଶ୍ରୀଶ୍ରୀ ଠାକୁର - ଶରୀରରେ ଥିବା ତ୍ରିଗୁଣ - ସତ୍ତ୍ୱ, ରଜ ଓ ତମ - ଧର୍ମର ବିଭିନ୍ନ ଅଙ୍ଗରେ ଭାଗ ଭାଗ ହୋଇ ରହିଛି । ଆମେ ତାହାରି ମଧ୍ୟରେ ଅଛୁଁ । କାର୍ଯ୍ୟକଳାପରେ ତାହାହିଁ ଦେଖାଯାଏ । ଜୀବ କିନ୍ତୁ ଜାଣିପାରେନା, କିଏ କେଉଁ କାର୍ଯ୍ୟକରୁଛି । ତମ ଗୁଣରେ ଆସୁରୀ ଧର୍ମ ଅଛି । ଷଡ଼ରିପୁର ତୃପ୍ତିବିଧାନ ଆସୁରୀ ଧର୍ମର ଅଂଶ । ଦୁରାଚାର, ଦୁର୍ବୁଦ୍ଧି, ଅବିବେକତା, ଅଚେତନତା, ଦେହଜ୍ଞାନ, ଦେହଧର୍ମ, ଯୌନ ପ୍ରବୃତ୍ତି, ପାଶବିକ ପ୍ରବୃତ୍ତି ନିମ୍ନଗାମୀ, ଭୋଗଧର୍ମୀ, ସ୍ଥୂଳତ୍ୱ ହିଁ ଆସୁରୀ ଧର୍ମ । ଏ ସବୁ ଦେହ ଭିତରେ ଭାଗ ଭାଗ ହୋଇଥାଇ ସୁଦ୍ଧା ରଜଗୁଣାଶ୍ରୟୀ ତମ ପରସ୍ପର ଯୋଗ ହୋଇଯାଏ । କେମିତି ଯୋଗ ହୁଏ ? ମନେକର ତମେ ରାଗିଛ । ଏହି ରାଗର କାର୍ଯ୍ୟ ତମଗୁଣ ଦ୍ୱାରା ହୁଏ । ତାପରେ ପୁଣି ବିବେକ ଚାଲିଆସେ । ବୁଦ୍ଧି ମନକୁ ବୁଝାଇ ଦିଏ । ସାନ୍ତ୍ୱନା ମଧ୍ୟ ଦିଏ । ରାଗଭାବ ଦୂରେଇ ଯାଏ ଆପେ ଆପେ । ମନେକର ତମ ସାନଭାଇର ଭୁଲ୍ ତ୍ରୁଟି ଦେଖି ତୁମେ ରାଗରେ ପାଚି ଲାଲ୍ ହୋଇଗଲ । ପୁଣି, ସ୍ନେହ ମମତାରେ ତା'କୁ ଆଲିଙ୍ଗନ କଲ । ଶତ୍ରୁତା ନାହିଁ ମାତ୍ର କ୍ରୋଧ ଅଛି, ଏହା ହେଉଛି ରଜତମ ମିଶ୍ରିତ ଭାବ ।

ଯତୀଶ ଦା' - ରଜଗୁଣରେ ଯେଉଁ ଅଂଶୀୟ ଭାବଧର୍ମ ରହିଲା ତାହା କ'ଣ ?

ଶ୍ରୀଶ୍ରୀ ଠାକୁର - ତମ ଗୁଣର ଅଂଶ ହେଉଛି ରାକ୍ଷସୀ ବା ଆସୁରୀ ଧର୍ମ । ରଜ ଗୁଣରେ ମାନବ ଧର୍ମ ରହିଛି ।

ଯତୀଶ ଦା' - ମାନବ ଧର୍ମ କାହାକୁ କୁହାଯାଏ ?

ଶ୍ରୀଶ୍ରୀ ଠାକୁର - ଆଚାର, ବିଚାର, ବୁଦ୍ଧି, ବିବେକ, ସଚେତନ, ସାଧାରଣ ଜ୍ଞାନ, ମନୋବିଜ୍ଞାନ, ମନୋଧର୍ମୀ ଆଚାରୀ ଯୌନଜୀବନ, ମାନବିକତା, ମଧ୍ୟଗାମୀ ଓ ସୂକ୍ଷ୍ମଭୋଗଧର୍ମୀ ସୂକ୍ଷ୍ମତ୍ୱକୁ ମାନବଧର୍ମ କୁହାଯାଏ ।

ଯତୀଶ ଦା' - ଆଚାରୀ ଯୌନ ଜୀବନର କର୍ତ୍ତବ୍ୟ କ'ଣ ?

ଶ୍ରୀଶ୍ରୀ ଠାକୁର - ଗୃହସ୍ଥାଧର୍ମରେ ଆଚରଣ ଅବଲମ୍ବନ କରି ସ୍ତ୍ରୀପୁରୁଷର ଯୌନ ସଂପର୍କ ପରିଚାଳିତ ହେଲେ, ଆଚାରୀ ଯୌନଜୀବନ ମନୋଧର୍ମୀ ହୋଇ ସୁସନ୍ତାନ ସୃଷ୍ଟିର କାରଣ ହୁଏ । ଏହାକୁ ଆଚାରୀ ଯୌନଜୀବନ କୁହାଯାଏ । ଏହା ଭିନ୍ନ ଅନ୍ୟ ସମସ୍ତ ଅନାଚାରୀ ଯୌନବିକୃତିର ପର୍ଯ୍ୟାୟ ବାଚକ । ଶ୍ରୀମଦ୍ ଭାଗବତରେ ଅଛି ''ନାରୀ ସଙ୍ଗମ ଋତୁ ମତେ । କେବଳ ପୁତ୍ର ଜନ୍ମ ଅର୍ଥେ ।'' ଗୃହସ୍ଥାଶ୍ରମରେ ପୁତ୍ର ଜନ୍ମ କରିବା ପାଇଁ ଯୌନ ସମ୍ଭୋଗର ଆବଶ୍ୟକତା ଅଛି । ତାହା ମଧ୍ୟ ଆଚରଣରେ ହେବା ଆବଶ୍ୟକ । ପୂର୍ବରୁ ମହାତ୍ମାମାନେ କହିଯାଇଅଛନ୍ତି ଯେ ପୂର୍ଣ୍ଣିମା, ଅମାବାସ୍ୟା, ମାସାନ୍ତ, ସଂକ୍ରାନ୍ତି, ଏକାଦଶୀ, ସୋମବାର, ଗୁରୁବାର, ଚନ୍ଦ୍ରଗ୍ରହଣ, ସୂର୍ଯ୍ୟପରାଗ ଇତ୍ୟାଦି ତିଥିବାରରେ ସ୍ତ୍ରୀ ସଙ୍ଗମ ନିଷେଧ । ଏ ସବୁ ତିଥିରେ, ଦିବସ କାଳରେ ଯୌନତା ହିଁ ଅନାଚାରୀ ଯୌନଜୀବନର ପରିଚାୟକ । କାରଣ ଏହା ଫଳରୁ ଉଭୟ ସ୍ତ୍ରୀପୁରୁଷଙ୍କର ଆୟୁହାନି ହୁଏ । ସନ୍ତାନ ଜାତ ହେଲେ ବିକଳାଙ୍ଗ, ବୁଦ୍ଧିହୀନ, ଦୁର୍ବଳ, ଦୁଶ୍ଚରିତ୍ର, ଅବିବେକ, ଅଳ୍ପାୟୁ, ବିଧର୍ମୀ ହୁଅନ୍ତି । ତେଣୁ ଆଚାରୀ ଯୌନଜୀବନ ସଂପର୍କରେ ପୂର୍ବେ ଗୁରୁକୁଳ ଆଶ୍ରମରେ ଶିକ୍ଷା ଦିଆଯାଉଥିଲା । ବର୍ତ୍ତମାନ ସେ ଶିକ୍ଷା ନାହିଁ । ସାମାଜିକ, ପାରିବାରିକ, ଦାମ୍ପତ୍ୟ ଜୀବନର ଶୈଳୀ ବଦଳି ଯାଉଛି । ଅନେକାଂଶରେ ଭ୍ରଷ୍ଟାଚାର, କଦାଚାର, ଅନାଚାର ଏହି ପବିତ୍ରତାକୁ ନଷ୍ଟ କରିଛି । ନାରୀକୁ ସୌଖିନ ଭୋଗ ସାମଗ୍ରୀ ମନେ କରି ଯୌନ ସଂପର୍କ ରକ୍ଷା କରିବା ମହାପାପ ।

ଯତୀଶ ଦା' - ଯେଉଁ ତିଥିବାର ଅଛି, ତା'ର ସମୟ ନିରୂପଣ ଥିଲା କି ?

ଶ୍ରୀଶ୍ରୀ ଠାକୁର - ହଁ, ଉପରୋକ୍ତ ନିଷେଧ ତିଥିବାରକୁ ଛାଡ଼ି ଅନ୍ୟଦିନ ତିଥିବାରରେ ନକ୍ଷତ୍ର ଓ କାଳବେଳାର ହିସାବ ମଧ୍ୟ ଥିଲା । ଉପଯୁକ୍ତ ବେଳ, କାଳ, ତିଥି, ବାର, ନକ୍ଷତ୍ର ଇତ୍ୟାଦି ନିରୂପଣ କରି ଶୁଚିମନ୍ତ ଶୁଦ୍ଧପୂତ ହୋଇ ଉଭୟ ସ୍ୱାମୀ/ସ୍ତ୍ରୀ ସୁସନ୍ତାନ କାମନାରେ ସଂଯୁକ୍ତ ହେଲେ, ଗାନ୍ଧୀ ଗୋପବନ୍ଧୁ ବୁଦ୍ଧଙ୍କ ପରି ପୁତ୍ର ସନ୍ତାନ ଲାଭ କରିପାରିବେ । ଯେବେଠାରୁ ସମାଜ ଏ ବିଧିବିଧାନକୁ ଛାଡ଼ିଛି, ସେ ଦିନରୁ ସମାଜରେ ମଣିଷ ରୂପୀ ଅସାମାଜିକ ଅମଣିଷ ଗୁଡ଼ାଏ ଜନ୍ମହୋଇ ଆତଯାତ ହେଉଅଛନ୍ତି ।

ଯତୀଶ ଦା' - ପୁରାଣ ପୃଷ୍ଠାରୁ ଦେଖୁଛୁ, ପୂର୍ବେ ରାଜା ମହାରାଜାମାନେ ସୁନିର୍ବାଚିତ ଗୃହସ୍ଥ ସନ୍ୟାସୀ, ଗୁରୁ, ଦୀକ୍ଷାଗୁରୁ, ଶିକ୍ଷାଗୁରୁ, ମୋକ୍ଷଗୁରୁ କ'ଣ ଏଥିପାଇଁ ପାଖରେ ରଖୁଥିଲେ ?

ଶ୍ରୀଶ୍ରୀ ଠାକୁର - ହଁ, ଗୃହସ୍ଥାଶ୍ରମରେ ଗୃହକରି ରହିଲେ, ଆଚରଣ, ସଦାଚାର, ଅତିଥିପରାୟଣତା ଇତ୍ୟାଦି ଦରକାର । ପୂର୍ବବର୍ତ୍ତୀ ସେହି ଗୁରୁମାନେ ସେ ସବୁ ଅତ୍ୟାବଶ୍ୟକ ଶିକ୍ଷା ସେମାନଙ୍କୁ ନିତିପ୍ରତି ଦେଉଥିଲେ ।

ଯତୀଶ ଦା' - ବର୍ତ୍ତମାନ ସେସବୁ ଶିକ୍ଷା ଦିଆଯାଉନାହିଁ କାହିଁକି ?

ଶ୍ରୀଶ୍ରୀ ଠାକୁର - ବର୍ତ୍ତମାନ ବର୍ଣ୍ଣାଶ୍ରମ ଭିତ୍ତିକ ଗୁରୁକୁଳ ଶିକ୍ଷାନାହିଁ । ପାଶ୍ଚାତ୍ୟାଭିମୁଖୀ ବୈଷୟିକ ଶିକ୍ଷା ଏବେ ମୁଖ୍ୟ ହୋଇଛି । ପରମାର୍ଥିକ ଶିକ୍ଷାର ସ୍ଥାନ ଏ ଭିତରେ ରଖି ନାହାନ୍ତି । ତେଣୁ ସେ ଶିକ୍ଷା ଉଠିଗଲାଣି । ଆଉ ଦିଆଯାଉନାହିଁ ।

ଯତୀଶ ଦା' - ଏହି ଶିକ୍ଷା ଉଠାଇଦେବା ଦ୍ୱାରା ସମାଜର କି କ୍ଷତି ହେଉଛି ?

ଶ୍ରୀଶ୍ରୀ ଠାକୁର - କ'ଣ ହେଉଛି ନ ହେଉଛି ତମେ କ'ଣ ତାହା ଜାଣି ପାରୁନା ? ପଚାରୁଛ ? ଏ ଶିକ୍ଷା ଉଠିଯିବା ଦ୍ୱାରା ସମାଜରେ ସମତା ରକ୍ଷା ହୋଇପାରୁନି । ଉଚ୍ଚନୀଚ ଭେଦଭାବ ରହୁଛି । ହିଂସା, ଈର୍ଷା, ପରଶ୍ରୀକାତରତା,

ଶ୍ରୀହୀନତା, ନିନ୍ଦାଗାନ, ଦୁଃଖଯାତନା ଭରିଯାଇଛି । ଗୁରୁ, ଗୁରୁଜନ, ପିତାମାତାଙ୍କ ପ୍ରତି ଭକ୍ତିଭାବ ନାହିଁ । ପିଲାଏ ବଡ଼ ହୋଇ ଅହଂକାରର ବାପାମା'ଙ୍କ ମନରେ କଷ୍ଟ ଦେବା ଭଳି କାର୍ଯ୍ୟ କରୁଛନ୍ତି ଓ କଥା କହୁଛନ୍ତି । କିଏ କିଏ ମଧ୍ୟ ବାପାମା'ଙ୍କୁ ଗୋଡ଼େଇ ବାଡ଼ଉଛନ୍ତି । ଏସବୁ କୁସନ୍ତାନ ରୀତି । କାରଣ : ପିତାମାତା ସଂଯୋଗ କାଳେ । ବି ି ଯା' ଲେଖିଲା କପାଳେ । ଯଦି ବର୍ଣ୍ଣାଶ୍ରମ ଶିକ୍ଷା ଥାଆନ୍ତା, ତା'ହେଲେ ପିତାମାତା ଶିକ୍ଷାପାଇ ସଦାଚାର ଅବଲମ୍ବନ କରି ସୁସନ୍ତାନ ଜନ୍ମ ଦିଅନ୍ତେ । ଏହାର ଅଭାବରେ ବିପରୀତ ମତେ ଅସଦାଚାର ନୀତି ଓ ବେନିୟମ କାର୍ଯ୍ୟକଳାପରୁ କୁପୁତ୍ର ଜାତ ହେଉଛନ୍ତି ସେମାନେ ସମାଜରେ ଭ୍ରଷ୍ଟାଚାର କରୁଛନ୍ତି । ଶାନ୍ତିଶୃଙ୍ଖଳା, ସ୍ନେହମମତା ସମାଜରୁ ଉଭେଇ ଗଲାଣି କହିଲେ ଚଳେ ।

ଯତୀଶ ଦା' - ବର୍ତ୍ତମାନ ସମାଜରେ ଦେଖାଯାଏ, ଏପରି ବ୍ୟକ୍ତି ମଧ୍ୟ ଅଛନ୍ତି, ଯେଉଁମାନେ ଶାନ୍ତ, ସରଳ, ନିଷ୍କପଟ, କାହାରି କଥା ଅନ୍ୟ କାହା ଆଗରେ କହନ୍ତି ନାହିଁ । ନିଜ କାମ ଭଲତ, ନିଜେ ଭଲ ନୀତିରେ ନୀରବତା ଅବଲମ୍ବନ କରି ଚଳୁଥାଆନ୍ତି । ଏସବୁ ପୁଣି କିପରି ସମ୍ଭବ ହେଉଛି ।

ଶ୍ରୀଶ୍ରୀ ଠାକୁର - ଏହା ହେଉଛି ଦୈବାତ୍ ଯୋଗର ଫଳ । ପିତାମାତାଙ୍କ ସଂଯୋଗର ଗତି, କାଳ, ଦିନ, ବାର, ତିଥି, ନକ୍ଷତ୍ର ଇତ୍ୟାଦି ପ୍ରତ୍ୟକ୍ଷରେ ଚାଲିଛି । ପରୋକ୍ଷରେ ଶୁଭବେଳାରେ ଯଦି ବିନ୍ଦୁସ୍ଥାପନ ହୋଇ ଯାଇଥାଏ, ତେବେ ତ ସୁସନ୍ତାନ ଜାତ ହେବ ହିଁ ହେବ । ଆଉ ଯେଉଁମାନେ ସ୍ୱଚେଷ୍ଟାରୁ କାଳବେଳ ଦେଖି ସମ୍ଭୋଗ କରନ୍ତି, ସେମାନେ ସୁକର୍ମରୁ ସୁଫଳ ପାଉଛନ୍ତି । ଯେଉଳି କର୍ମ, ସେଉଳି ଫଳ, । କର୍ମ ଉପରେ ତମର ଅଧିକାର; ସ୍ରଷ୍ଟା ହେଉଛନ୍ତି ଫଳଦାତା । ପୁରୁଷାର୍ଥ ତମର; ଦୈବୀକୃପା ଆମର ।

ଯତୀଶ ଦା' - ସତ୍ତ୍ୱଗୁଣର ଅଂଶୀୟଭାଗ ସମ୍ବନ୍ଧରେ ଏବେ କୁହନ୍ତୁ ।

ଶ୍ରୀଶ୍ରୀ ଠାକୁର - ସତ୍ତ୍ୱଗୁଣର ଅଂଶୀୟ ଭାଗ ଦେବଧର୍ମ । ସତ୍‌ବୁଦ୍ଧି, ସତ୍‌ଜ୍ଞାନ, ସତ୍‌କର୍ମ, ସତ୍‌ଚିତ୍ତ, ସତ୍‌ବାକ୍ୟ, ସତ୍‌ନୀତି, ସତ୍‌ଆଚାର, ସୁବିବେକ, ଦିବ୍ୟ ଚୈତନ୍ୟ, ଦିବ୍ୟଜ୍ଞାନ, ଆତ୍ମଜ୍ଞାନ, ଆତ୍ମଧର୍ମୀ, ଆତ୍ମମିଳନ, ଦୈବୀ ପ୍ରକୃତି, ଯୋଗଧର୍ମୀ, ତ୍ୟାଗୀ, ଉର୍ଦ୍ଧ୍ୱଗାମୀ, କାରଣ ତତ୍ତ୍ୱ ଇତ୍ୟାଦି ଦେବଧର୍ମ ପର୍ଯ୍ୟାୟ ବାଚକ ।

☆☆☆



# ପରାର୍ଦ୍ଧ ସଂହିତା :

‘ଚରମ’ର ଦ୍ୱିତୀୟ ପୁଷ୍ପ– ପ୍ରଥମ ପାଖୁଡ଼ାର ‘ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!’ ସ୍ତମ୍ଭରେ ଅଚ୍ୟୁତଙ୍କ ଲେଖନୀ’ରୁ ପ୍ରସଙ୍ଗରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ରଚନାରୁ ନିର୍ବାଚନ କରି ପରାର୍ଦ୍ଧ ସଂହିତା-ତୃତୀୟ ଖଣ୍ଡର ୨୧/୨୨ ପୃଷ୍ଠାରୁ ମାତ୍ର ଦଶପଦ ଉଦ୍ଧୃତ ହୋଇଥିଲା । ଉଦ୍ଧୃତି ଶେଷରେ ଆମ ପ୍ରତିଶ୍ରୁତି ରକ୍ଷାକରି ଏହି ବ୍ୟାଖ୍ୟା ଦିଆଗଲା ।

**ନିରାକାର କହନ୍ତି ଅଚ୍ୟୁତ ମୁଖ ଚାହିଁ । କୁବେର ଅଂଶ ମାଦଳି ଦେଉଛି ବତାଇ ॥୧॥**

**ସା**ଧନାବଳରୁ ନିରାକାର ପୁରୁଷଙ୍କ ସହିତ ସଂଯୋଗ ସ୍ଥାପନ କରି ମହାପୁରୁଷ ଅଚ୍ୟୁତାନନ୍ଦ ଯେଉଁ ପ୍ରଶ୍ନ ପଚାରିଥିଲେ, ତାହାର ଯଥାର୍ଥ ଉତ୍ତର ନିରାକାର ଦେଉଅଛନ୍ତି । ସେହି ଉତ୍ତର ପରାର୍ଦ୍ଧ ସଂହିତାର ତୃତୀୟ ଖଣ୍ଡରେ ସ୍ୱୟଂ ମହାପୁରୁଷ ଲିପିବଦ୍ଧ କରିଯାଇଅଛନ୍ତି । ଅଚ୍ୟୁତ ତାଙ୍କର ପ୍ରିୟଶିଷ୍ୟ ରାମଦାସଙ୍କ ସହିତ ଆଲୋଚନା ପ୍ରସଙ୍ଗରେ ଏହି ଲବ୍ଧ ସନ୍ଦେଶ ପ୍ରଦାନ କରୁଅଛନ୍ତି । ନିର୍ଗୁଣ ବ୍ରହ୍ମଙ୍କଠାରୁ ଯେଉଁ ଆଦେଶ ଅଚ୍ୟୁତାନନ୍ଦ ପାଇଥିଲେ, ତାହା ସେ ପ୍ରିୟଶିଷ୍ୟ ରାମଦାସଙ୍କୁ ଜଣାଉଛନ୍ତି । ‘‘ମାଦଳି’’ ବ୍ରହ୍ମଙ୍କୁ ବୁଝାଏ । ଜୀବବ୍ରହ୍ମ ଶରୀରରେ ଛାୟ ସଦୃଶ ଆସିଥାଏ । ଯେପରି ଜଳାଶୟରେ ଜଳ ଥିଲେ ତହିଁରେ ଚନ୍ଦ୍ର, ସୂର୍ଯ୍ୟଙ୍କର ଛାଇ ପଡ଼େ; ଜଳ ଶୁଖିଗଲେ, ଛାୟା ଦୃଶ୍ୟ ହୁଏ ନାହିଁ । ସେହିଭଳି ସିଦ୍ଧଯୋଗୀ ମହାପୁରୁଷ ଯୋଗ ସାଧନ କରି ବ୍ରହ୍ମ ସହିତ ଯୁକ୍ତ ହୋଇ ସାଧନା ମାର୍ଗରୁ ଫେରିଲେ, ଏହି ଅବସ୍ଥାରେ ବ୍ରହ୍ମତେଜ ଥାଏ । ସେହି ତେଜସ୍ୱୀ ଅବସ୍ଥାକୁ ମାଦଳ ବା ମାଦଳି କୁହାଯାଏ । ‘‘କୁବେର ଅଂଶ’’ ବୋଇଲେ, ବ୍ରହ୍ମକୁ ଛାଡ଼ି ଦେହରେ ଯେଉଁ ଇନ୍ଦ୍ରିୟ ସକଳ ରହିଲେ, ତାହାକୁ କୁବେର ଅଂଶ କୁହାଯାଏ । ଧନପତି କୁବେର ଯେପରି ଧନ ଠୁଳ କରିବାର ଆଜ୍ଞା ପାଇଛି, ଧନ ଛିଡ଼ାଇ ଦେବାର ଆଜ୍ଞା ମଧ୍ୟ ପାଇଛି । ଏହି କୁବେର ଅଂଶ ବା ଇନ୍ଦ୍ରିୟର୍ ଗତି ହିଁ ପ୍ରକୃତି ଗତି । ଏହାକୁ ଯଥାର୍ଥ ବିନିଯୋଗ କଲେ, ବ୍ରହ୍ମତେଜରେ ତେଜୀୟାନ ହୋଇପାରିବ; ଅଯଥା ଅପବ୍ୟୟ କଲେ, ଆପଣେ ନଷ୍ଟ ମଧ୍ୟ ହୋଇଯିବ । ଏହା ପିଣ୍ଡବ୍ରହ୍ମାଣ୍ଡ ତତ୍ତ୍ୱମତେ ସିଦ୍ଧାନ୍ତ ।

**ବିରୂପା ପାଶେ ଅଛଇ ତ୍ରିବେଣୀ ଦୂରରେ । ଛତିଆ ବଟକ ରାମ ଶନିଶ୍ଚର ପାରେ ॥୨॥**

**ତ୍ରି**ବେଣୀ ବୋଇଲେ ଗଙ୍ଗା, ଯମୁନା, ସରସ୍ୱତୀ । ଚୈତନ୍ୟର ବ୍ରହ୍ମ ହେଉଛି ‘ହେତୁମରା’ । ଏହା ମତିରେ କାର୍ଯ୍ୟକରି ତଡ଼ିତ୍ ବେଗରେ ହେତୁ ଆଣେ । ବି, ରୂପା ଅର୍ଥାତ୍ ବିଷ୍ଣୁରୂପା । ଛତିଆବଟ ହିଁ ହୃଦ୍‌ଚକ୍ର । ଲକ୍ଷ୍ମୀ ସରସ୍ୱତୀଙ୍କୁ କରାମ ବୋଲାଯାଏ । ମହାଶୂନ୍ୟରେ କରାମ ମଣ୍ଡଳରେ ରହି ଲକ୍ଷ୍ମୀନାରାୟଣ କାର୍ଯ୍ୟ କରୁଥାଆନ୍ତି । ଯକ୍ଷ କରାମମଣ୍ଡଳର ଅଂଶରେ ବା ନିକଟବର୍ତ୍ତୀ ହୋଇ ଗ୍ରହ ରୂପରେ ଶନିଶ୍ଚର ବ୍ରହ୍ମ ବିଦ୍ୟମାନ । ପିଣ୍ଡ ବ୍ରହ୍ମାଣ୍ଡରେ ଛତିଆବଟ ବା ହୃଦଚକ୍ର ସନ୍ନିକଟରେ ଶନିଶ୍ଚର ମେଳା ଅଛି ।

**ପିତା ନାମ ଭୋଳି ସାହୁ ମାତା ଯେ କନିଆ । ‘ଧ’ ଅକ୍ଷରରେ ତପ ଯେ କରିଛି ଦୁରିଆ ॥୩॥**

**ପି**ତା ନିରାକାର ବ୍ରହ୍ମ । ଭୋଳରେ ଧନୀ । ସାହୁ ଅର୍ଥାତ୍ ମହାଜନୀ । ଏଠାରେ ସର୍ବତ୍ର ସକଳ ସମାନ । ନିର୍ଗୁଣ ବ୍ରହ୍ମଭୋଳ, ଭାବରେ ଭୋଳ ଓ ଜ୍ଞାନରେ ଭୋଳ । ସତ୍ୟ, ଶାନ୍ତି, ଦୟା, କ୍ଷମାରେ ଭୋଳ । ସବୁ ସମାନ । ମାତା ବୈଷ୍ଣବୀ ମାୟା । ନୂଆ ବାହା ହୋଇଥିବା ବୋହୂକୁ କନିଆ କୁହାଯାଏ । ସେହିପରି ଜୀବ ଅଚେତନ ହେବାର କାରଣ, ବୈଷ୍ଣବୀ ମାୟା ଓଢ଼ଣା ପରି ଢ଼ାଙ୍କି ରଖିଛି । ଚୈତନ୍ୟକୁ ଘୋଡ଼ାଇ ରଖିଛି । ତେଣୁ ଜୀବ ଅଚେତନ । ସାଧାରଣ ଜୀବଙ୍କ ଚକ୍ଷୁରେ ମୋହମାୟାର ଢ଼ାଙ୍କୁଣି ବା ପରଦା ପଡ଼ିଥିବାରୁ ଦେହ ମଧ୍ୟରେ ବ୍ରହ୍ମଙ୍କୁ ଉପଲବ୍ଧି କରି ପାରୁନାହିଁ, ଅନୁଭବ ହେଉନାହିଁ । ମହାପୁରୁଷ ଓଢ଼ଣା

ବାହାରେ ଅର୍ଥାତ୍ ଯୋଗ ସାଧନା ବଳରୁ ପରଦା ବାହାରକୁ ବାହାରି ଆସିଥିଲେ । ''ଧ'' ଅର୍ଥାତ୍ ଧୃତିସମ୍ପନ୍ନ ତପସ୍ୱୀ । ତାଙ୍କୁ ଶିବ ବା ଧୁଣ୍ଡା କୁହାଯାଏ ।

**ନାମ ତା'ର 'ଧ୍ରୁବ' ହୀନ ସରଳ ଜୀବନ ।  ଭଟକ୍ଷ ଋଷିଙ୍କ ନାମ ନୂଆ ଯେ ପାଟଣ ॥୪॥**

**ଶ**ରୀର ତତ୍ତ୍ୱରେ ଦେବଦେବ ମହାଦେବ ସର୍ବାଧିକାର ତପସ୍ୱୀ ଓ ଯୋଗୀ ବୋଲାଏ । 'ଧ୍ରୁବବତୀ' ଆତ୍ମାକୁ ବୁଝାଏ । ନିର୍ଲିପ୍ତ, ନିରହଂକାର ଗୁଣକୁ ସରଳ କୁହାଯାଏ । ''ଭଟକ୍ଷ ମଣ୍ଡଳ''ର ନାମ– ପରମରୁ ଆତ୍ମା ଅନେକ କରାଗଲା । ଭ=ଭାବ, ଟ=ଟାଣ, କ୍ଷ=କ୍ଷମତା । ଋଷି ଜୀବକୁ ବୋଲାଯାଏ । ପ୍ରକୃତିର ବାସକୁ ପାଟଣା ବୁଝାଯାଏ ।  ହରି=ଯେ ହରଣ କରେ, ଜନ=ଜୀବ । ଭଟକ୍ଷ=ଭାବ ଟାଣ କରି କ୍ଷମତା ବିସ୍ତାର କଲା । ପ୍ରକୃତି ଇନ୍ଦ୍ରିୟଗଣ ଜୀବସତ୍ତାକୁ ହରଣ କଲେ ।

**ହରିଜନ ସାହିପାଶେ ଭଟକ୍ଷ ଆଶ୍ରମ ।  ସତସଙ୍ଗେ କେଶବ ଯେ ଦେଉଥିବେ ନାମ ॥୫॥**

**ଜୀ**ବସତ୍ତାକୁ ହରଣ କରୁଥିବା ଇନ୍ଦ୍ରିୟଗଣ ଓ ଆତ୍ମାର ପରିଷଦବର୍ଗକୁ ନେଇ ଭାବ ଟାଣ କରି କ୍ଷମତା ବିସ୍ତାର କରି ଗ୍ରାମ ବସାଇଲା । ଶ୍ରମ କରି ଭଟକ୍ଷ ହେଲା । କ+ଈଶ+ଅବ=କେଶବ=ବ୍ରହ୍ମା, ବିଷ୍ଣୁ, ଶିବଙ୍କର ନାମ ଭଜନ କରାଇବା । ସତ୍ୟ ଆତ୍ମପୁରୁଷଙ୍କ ସଙ୍ଗ ଲାଭ କରିବା ନିମନ୍ତେ ଏହା ହିଁ ମାର୍ଗ ।

**ଏଥୁ ଅନ୍ତେ ରାମ ଶୁଣ ଗୁପତ କାରଣ ।  ମାଘ 'ମ'କାର ଦିନରେ ବାର ଅଛି ଜାଣ ॥୬॥**

**ବ୍ର**ହ୍ମଜ୍ଞାନତତ୍ତ୍ୱ ହିଁ ଗୁପ୍ତ । ଏହା କାରଣ ଜଗତରୁ କ୍ଷରିତ ହୁଏ । ସ୍ଥୂଳ, ସୂକ୍ଷ୍ମ, କାରଣ– ଜୀବ ଏହି ତିନି ପ୍ରକାର ଶରୀର ଧାରଣ କରିଥାଏ । ମାଘ 'ମ' କାର ମୁଖମଣ୍ଡଳକୁ ବୁଝାଏ । ଦିନରେ ବା ଜୀବନରେ ବ୍ରତ(ବାର) କରି ମାଳା ଜପ କରିବାକୁ ହୁଏ ।

**ଅଙ୍ଗଅଳ ବାର ଯୋଗ ରାମ ତୁ କରିବୁ ।  ମକର ବେଳ ସଢ଼େ ଯେ ଧ୍ରୁବକୁ ଭେଟିବୁ ॥୭॥**

**ଅ**ଙ୍ଗଅଳ ଅର୍ଥାତ୍ ତ୍ରିକୂଟକୁ ଲୟ ରଖି, ଅର୍ଦ୍ଧମୂର୍ଦ୍ଧନୀ ଓଲଟ ଚକ୍ଷୁ ହୋଇ ଯୋଗ ସାଧନା ବ୍ରତରେ ବ୍ରତୀ ହେବାକୁ ହେବ । ମକର ବେଳ ଅର୍ଥାତ୍ ଧବଳ ବର୍ଣ୍ଣ ଧ୍ରୁବ ଯେ ଆତ୍ମାକୁ ଭେଟିବାକୁ ହେବ । ସଢ଼େ ଅର୍ଥାତ୍ ଖୋଳପା ସଦୃଶ ଏହି ପିଣ୍ଡ ବା ଶରୀରରେ ସେହି ଆତ୍ମା ଅବସ୍ଥିତ ।

**ବାରଣ ଥୋଇବୁ ରାମ ଭଟକ୍ଷ ଗ୍ରାମରେ ।  ଉଡ଼ିବ ଧ୍ୱଜାଟି ମୋର ନୂଆ ପାଟଣାରେ ॥୮॥**

ବାର+ଣ ଅର୍ଥାତ୍ ବାରମଣ୍ଡଳର ଜ୍ଞା ବା ତତ୍ତ୍ୱ କେବଳ ଭକ୍ତିଭାବର ଟାଣ ହେତୁ କ୍ଷମତା ସମ୍ପନ୍ନ ହେଲେ ପ୍ରାପ୍ତ ହୁଏ । ନୂଆପାଟଣା ଅର୍ଥାତ୍ ନୂତନ କୋଷରେ ସୃଷ୍ଟ ଶରୀରରେ ଜ୍ଞାନର ଧ୍ୱଜା ଉଡ଼ିବ ।


**କୁବେର ପତି ଧ୍ରୁବ କମର ଭିଡ଼ିବ ।  ସହସ୍ର ଏକ ନ ଶହ ନଅ ଚାରି ଥିବ ॥୯॥**

ଇନ୍ଦ୍ରିୟାଦି ଅଧିପତି ଆତ୍ମା ଜୀବକୁ ସଚେତନ କରିବ । ସହସ୍ରାରରେ ଆତ୍ମଦର୍ଶନ ନ=ନବଧା ଭକ୍ତିରୁ ଏକ ଭକ୍ତି ଲୟାଙ୍ଗ ବଳରୁ ଶତଯୁବନ୍ତୀ ଅର୍ଥାତ୍ ମାୟାର ଅଂଶ ନବଦ୍ୱାର ରୁଦ୍ଧ କରି ଚାରିବେଦକୁ ଭେଦି ଜ୍ଞାତ ହେବ ।

**ଏତଲ୍ଲ ପରାର୍ଦ୍ଧ ରାମ ଗୁପତର ମୁଣି ।  କହିଲି ବତାଇ ଦିନବାର ଯୋଗ ଗଣି ॥୧୦॥**

ପର+ଅର୍ଦ୍ଧ=ପରମାତ୍ମା, ଅର୍ଦ୍ଧବିନ୍ଦୁ ଯୋଗ ଓଁକାରକୁ ବୁଝାଏ । ଦିନବାର ଯୋଗରେ ଓଁକାର ଦର୍ଶନ ହୁଏ । ଏଥି ନିମନ୍ତେ ପ୍ରତିଦିନ ଯୋଗ ସାଧନ ବ୍ରତରେ ବ୍ରତାଚାରୀ ହେବାକୁ ହୋଇଥାଏ । ଏହା ମହାପୁରୁଷଙ୍କର ନିଜସ୍ୱ ଅନୁଭବ ।''

# ସମ୍ଭବାମି ଯୁଗେ ଯୁଗେ
# ରଙ୍ଗବେଦୀ



ଯୁଗେ ଯୁଗେ ପରମପୁରୁଷ ସାଧୁସଜ୍ଜନମାନଙ୍କର ପରିତ୍ରାଣ, ଦୁଷ୍କୃତର ବିନାଶ ସାଧନ ଏବଂ ଧର୍ମ ସଂସ୍ଥାପନ– ଏହି କର୍ମତ୍ରୟ ସମ୍ପାଦନ ନିମନ୍ତେ ପୃଥିବୀପୃଷ୍ଠକୁ ଅବତରି ଆସନ୍ତି ମାନୁଷୀ ତନୁରେ । ସେଥିପାଇଁ ପରମାତ୍ମା ନିଜେ ନିଜକୁ ନିଜ ଆତ୍ମାରୁ ସୃଷ୍ଟିକରି ଲୌକିକ ମତେ ଜନନୀ ଜଠରସ୍ଥ ଜରାୟୁରେ ସ୍ଥାପନ କରନ୍ତି । ପଞ୍ଚମହାଭୂତରେ ତାଙ୍କର କଳେବର ଗଠିତ ହୋଇଥିଲେ ହେଁ, ପରମ ଭାବରେ ହିଁ ଅଧିଷ୍ଠିତ ହୋଇଥାଆନ୍ତି । ଯୁଗେ ଯୁଗେ ନରକଳେବର ଧରି ସେ ମଣିଷମାନଙ୍କ ଗହଣକୁ ଆସୁଥିଲେ ମଧ୍ୟ ତତ୍କାଳିକ ମଣିଷ ସମାଜ ଅହଂବୁଦ୍ଧିରୁ, ମାୟାମୋହରୁ, ଅଚେତନତାରୁ ତାଙ୍କୁ ଏତେ ସହଜରେ ଚିହ୍ନି ନ ପାରି ସାମାନ୍ୟ ସାଧାରଣ ମଣିଷ ଭାବି ହେୟଜ୍ଞାନ କରେ । ଟାହିଟାପରା ସହ ପ୍ରଭୁ ବୋଲି ଅସ୍ୱୀକାର କରେ । ତଥାପି, ସେ ପରମପିତୃହୃଦୟରେ ଶାନ୍ତଭାବରେ ସବୁ ଲାଞ୍ଛନା ସହି କ୍ଷମା ଦିଅନ୍ତି । ଏଥିପାଇଁ ତ ସେ ଭଗବାନ, ନର ବିଗ୍ରହରେ ନାରାୟଣ । ସାଧାରଣ ସ୍ୱାଭାବିକ ମଣିଷ ରୂପରେ ଅସାଧାରଣ, ଅଲୌକିକ ଶକ୍ତି ସଞ୍ଚାରକାରୀ ପରମପୁରୁଷ । ଶ୍ରୀଶ୍ରୀଶ୍ରୀ ଠାକୁର କେଶବଚନ୍ଦ୍ର ଅନ୍ତକଳିର ଅନ୍ତିମ ପର୍ଯ୍ୟାୟରେ ଗୀତାର ବାଣୀକୁ ସତ୍ୟ ପ୍ରତିପାଦିତ କରି ଅବତରି ଆସିଛନ୍ତି ମାତା ସୁକାନ୍ତି ଦେବୀଙ୍କ ଗର୍ଭ ମଣ୍ଡନ କରି । ଏହି ସଂଖ୍ୟାରେ ମାତୃ ଗର୍ଭରେ ପ୍ରଭୁଙ୍କର ପଞ୍ଚମ ମାସର ଅନୁଭୂତି ।

## ଜନନୀ ଜଠର ଜରାୟୁ

ମାତୃଗର୍ଭରେ ଚାରିମାସ ଏକୋଇଶ ଦିନ । ଶକଟକ ବ୍ରହ୍ମମଣ୍ଡଳର ଦୃଶ୍ୟମାନ ଅନୁଭବ ହୁଏ । ମାଆର ପଦ୍ମନାଡ଼ ସ୍ୱତନ୍ତ– ରକ୍ତକ୍ଷୀର ବର୍ଣ୍ଣ ମିଶ୍ରିତ ସୂକ୍ଷ୍ମାଦି ଅଙ୍ଗୁରୀୟ ବିନ୍ଦୁମାନ ଦୃଶ୍ୟ ହୁଏ । ଏହି ସକଳ ବିନ୍ଦୁ ମଧ୍ୟରେ ଚଉଦ ବ୍ରହ୍ମାଣ୍ଡରୁ ଦ୍ୱିଖଣ୍ଡିତ ବ୍ରହ୍ମଅଣ୍ଡର ଏକରୁ ଅନେକ ଅଣୁ ଚନ୍ଦ୍ରିକାମାନ ନୀଳବର୍ଣ୍ଣ ଧାରଣ କରି ଭାସମାନ ଅବସ୍ଥାରେ ଦେଖାଯାଆନ୍ତି । ଏହି ଭାସମାନ ଅବସ୍ଥାରେ ଅନ୍ତରୀକ୍ଷମଣ୍ଡଳ ମାଆର ଗର୍ଭପର୍ଯ୍ୟନ୍ତ ସୂକ୍ଷ୍ମ ହଳଦିଆବର୍ଣ୍ଣର ଜ୍ୟୋତି ଧାରଣ କରିଥାଏ । ସେହି ଜ୍ୟୋତି ମଧ୍ୟରେ ଅନେକ ପ୍ରେତାତ୍ମା ମଧ୍ୟ ଦେଖାଯାଏ । ଏହି ପ୍ରେତାତ୍ମାମାନେ ସମିତି ଗଠନ କରି ମାଆକୁ ଯନ୍ତ୍ରଣା ଦିଅନ୍ତି । ମାଆର ଧୈର୍ଯ୍ୟଶକ୍ତି ଅଧିକ ଥିଲେ, ତାର ସ୍ଥୂଳଦେହରେ ବିଶେଷ ଯନ୍ତ୍ରଣା ଅନୁଭୂତ ହୁଏ ନାହିଁ । ଯେଉଁ ମାଆ ଦୁର୍ବଳ ଶରୀରରେ ଗର୍ଭଭାର ବହନ କରିଥାଏ, ସେ କଷ୍ଟ ଅନୁଭବ କରେ । ଗର୍ଭର ଏହି ଅବସ୍ଥାରେ ସମୟେ ସମୟେ ପ୍ରେତାତ୍ମାମାନେ ଗର୍ଭାଶୟରେ ପଶି ହଳଦିଆ ବର୍ଣ୍ଣରୁ ଅଳିଆ ଲାଳୀୟ ଅଂଶତକ ଖାଇଯାଆନ୍ତି । ମାଆ ଦୁର୍ବଳ ଅବସ୍ଥାରେ ନିରୋଳା ରକ୍ତବର୍ଣ୍ଣ ପ୍ରସବ କରେ । ଶିଶୁ ଯଦି ସତ୍ତ୍ୱ ବର୍ଣ୍ଣ ବିଶିଷ୍ଟ ହୋଇଥାଏ, ତେବେ ମାଆକୁ ସେହି ସମୟରେ ପ୍ରେତମାନଙ୍କ କବଳରୁ ରକ୍ଷାକରେ । ଶିଶୁ ଗର୍ଭରେ ଘୂର୍ଣ୍ଣନ କାଳରେ (ଘୂର୍ଣ୍ଣନ ଅବସ୍ଥାରେ ଶିଶୁର କୌଣସି ପରାକ୍ରମ ନ ଥାଏ) ଅନନ୍ତ ନାଭି ବାହାରିଥାଏ । ଅନେକରୁ ଅନେକ ହୋଇ ମର୍ତ୍ତ୍ୟଧାମରେ ଯେତେ ଗର୍ଭଧାରିଣୀ ମାଆ ଥାଆନ୍ତି, ''ଚକ୍ର ଆହୁତ'' ମଣ୍ଡଳରେ ରହି ହରିଦ୍ରାବର୍ଣ୍ଣର ଆଲୋକ ରେଖାପାତ କରୁଥାଏ । ଏହା ଆପେ ଆପେ ହୁଏ । ଚେତନ ଭ୍ରୂଣ ଶିଶୁ ଏହା ଜାଣିପାରେ । କିନ୍ତୁ କିଛି କରିବାର ଉପାୟ ନ

ଥାଏ । ଭ୍ରୁଣ ଶିଶୁ ସୂକ୍ଷ୍ମ ଚକ୍ଷୁରେ ଚୈତନ୍ୟ ''ବୃହକ୍ଷ'' ମଣ୍ଡଳ ଭେଦ କରେ । ଏହି ଅବସ୍ଥାରେ ସ୍ଥୂଳଚକ୍ଷୁ ସୃଷ୍ଟି ହୋଇ ନ ଥାଏ । କପାଳ ତଳ ଅଂଶରେ ନୀଳଗାର (ରେଖା) ଦୁଇଟି ଲମ୍ବରେ ପଡ଼ିଥାଏ । ତାହା ସ୍ଥୂଳଚକ୍ଷୁ ସୃଜନର ଚିହ୍ନ ବା ସଙ୍କେତ ମାତ୍ର । ସୂକ୍ଷ୍ମ ଚକ୍ଷୁର ଭେଦ ବିଦ୍ୟୁତ୍ ପ୍ରାୟ ହେଲେ, ଶିଶୁ ପୁଣି ଗର୍ଭରେ ଘୂର୍ଣ୍ଣନ କରି ଏପଟ ସେପଟ ହୁଏ । ସେତେବେଳେ ମାଆ ଜାଣିପାରେ ଯେ, ଶିଶୁ ଘୂର୍ଣ୍ଣନ କରୁଛି । ମାଆ ବହୁ ଯନ୍ତ୍ରଣା ଭୋଗ କରେ । ମସ୍ତିଷ୍କ ବୁଲାଏ । ଏ ଅବସ୍ଥାରେ ମାଆ ଗ୍ରହଣ କରୁଥିବା ଖାଦ୍ୟ ବହୁ ବିଳମ୍ବରେ ଜୀର୍ଣ୍ଣ ହୁଏ ବା କେତେକାଂଶ ଅଜୀର୍ଣ୍ଣ ରହେ । ସୃଷ୍ଟି ରହସ୍ୟ ବିଚିତ୍ର ।

**ମା**ଆ ଅଶେଷ ଯନ୍ତ୍ରଣା ଅନୁଭବ କରୁଥିବା ବେଳେ ଗର୍ଭସ୍ଥ ଶିଶୁ ଆନନ୍ଦରେ ଜଳରେ ଭାସୁଥାଏ । ସୃଷ୍ଟିକର୍ତ୍ତା ବ୍ରହ୍ମା ସୃଜନ ପ୍ରକ୍ରିୟାରେ ପ୍ରଚ୍ଛନ୍ନରେ ରହି ଅଂଶ ଗ୍ରହଣ କରୁଥାଆନ୍ତି । ଛପି ଛପି ସେ ଗର୍ଭସ୍ଥ ଶିଶୁକୁ ପୂର୍ଣ୍ଣାଙ୍ଗ ରୂପ ଦେବା କ୍ରିୟାରେ ଅଂଶ ଗ୍ରହଣ କରନ୍ତି । ଏହିପରି ସେ ତାଙ୍କର ଲୀଳା ରଚନା କରନ୍ତି । ସେହି ଲୀଳା ମାତୃ ଜରାୟୁରେ ଗର୍ଭସ୍ଥ ଶିଶୁକୁ ଦୃଶ୍ୟ ହୁଏ । ବୃକ୍ଷରୁ ଯେପରି ପବନର ଆଘାତରେ ଅସଂଖ୍ୟ ପୁଷ୍ପ ଝରିପଡ଼େ, ସେହିପରି ଏହି ଦୃଶ୍ୟମାନ ଲୀଳା ସମୟରେ ଚେତନା ଜଗତରୁ ଶିଶୁ ଉପରେ ଅସଂଖ୍ୟ ଚୈତନ୍ୟ ରେଣୁ ଝରିପଡୁଥିବାର ସୂକ୍ଷ୍ମ ରହସ୍ୟମାନ ଲୀଳା ପରିଦୃଷ୍ଟ ହୁଏ । ଏହି ସୂକ୍ଷ୍ମ ରହସ୍ୟ ଲୀଳାରେ ଚୈତନ୍ୟ ରାଜ୍ୟର ତ୍ରିକୂଟ କାରଣ ଜଗତର ପ୍ରଭାତ ସମୟରେ ମାଆର ଗର୍ଭ ନୀଳବର୍ଣ୍ଣ ଧାରଣ କରିଥାଏ । ଏହା ନିଶା ଘ୨।୪୭ମି: ରୁ ଘ୪।୭ମି: ପର୍ଯ୍ୟନ୍ତ ସ୍ଥାୟୀ ରହି ନୀଳବର୍ଣ୍ଣର ଜ୍ୟୋତି ରାଶି ବିକିରଣ କରେ । ଉଜ୍ଜ୍ୱଳ ଅସଂଖ୍ୟରେଣୁ ପରି ସୂକ୍ଷ୍ମ ଅଣୁଚନ୍ଦ୍ରିକା ଏହି ସମୟରେ ସୂକ୍ଷ୍ମଚକ୍ଷୁର ଚତୁଃପାର୍ଶ୍ୱରେ ଭ୍ରମଣ କରୁଥାଆନ୍ତି । ବେଳେବେଳେ ସେଗୁଡ଼ିକ ଚକ୍ଷୁଭେଦ କରନ୍ତି, ବିଶ୍ରାମ ନିଅନ୍ତି । ପୁନଶ୍ଚ ଉଠିଯାଆନ୍ତି ଅନନ୍ତ ଛାୟାକୁ । ଏହି ସମୟରେ ଗର୍ଭସ୍ଥ ଶିଶୁ ମଧେ ମଧ୍ୟେ ଭୟଭୀତ ହୋଇଥାଏ । ସାହସ ଆପେ ଆପେ ବାନ୍ଧି ହୋଇଯାଏ । ମାଆ ଏହି ସମୟରେ ନିଦ୍ରାବସ୍ଥାରେ ଥିଲେ ତିନିଥର ଚମକି ଉଠେ । ନିଦ୍ରିତାବସ୍ଥାରେ କାନ୍ଦି ଉଠେ । ସ୍ୱପ୍ନାବସ୍ଥାରେ ପ୍ରଳାପ କରିବା ଭଳି ଅର୍ଥହୀନ ଅସଂଲଗ୍ନ ବାକ୍ୟାଳାପ କରେ । ବେଳେ ବେଳେ ମୁହୂର୍ତ୍ତକ ପାଇଁ ଚେତନାଶୂନ୍ୟ ମଧ୍ୟ ହୋଇଯାଏ ।

**ତ**ତ୍ପରେ କ୍ଷଣକମାତ୍ରେ ମାଆର ସ୍ଥୂଳଚକ୍ଷୁ ବନ୍ଦ ହେଲେ, ଭ୍ରୁଣଶିଶୁ ବ୍ରହ୍ମ ସୁଖାନନ୍ଦ ଚୈତନ୍ୟରାଜ୍ୟକୁ ୨୧ମିନିଟ୍ ଭାବତୋଳେ । ସେ ଭାବ ସ୍ଥାୟୀ ନୁହେଁ । ତଡ଼ିତ୍ ପ୍ରାୟେ ଭାବ ଆସେ ପୁଣି ଅଦୃଶ୍ୟ ହୋଇଯାଏ । ଏହାର ସୂକ୍ଷ୍ମ କାରଣ ହେଉଛି : ମାଆର ତ୍ରିକୂଟରୁ ଜରାୟୁ ପର୍ଯ୍ୟନ୍ତ (ଲଲାଟଚକ୍ରରୁ ମଣିପୁର ପର୍ଯ୍ୟନ୍ତ) ଧବଳବର୍ଣ୍ଣର ଲହରୀମାଳ ତୀବ୍ରବେଗରେ ଗତି କରୁଥାଆନ୍ତି । ଗତିଶୀଳ ଲହରୀମାଳ ପୁଣି ଅଦୃଶ୍ୟ ହୋଇ ଯାଆନ୍ତି । ସାଧାରଣତଃ ଏହା ପ୍ରଭାତ ଏବଂ ସନ୍ଧ୍ୟା ସମୟରେ ଅନୁଭୂତ ହୁଏଁ । ଏହା ସତ୍ତ୍ୱଗୁଣର ଲହରୀମାଳ ।

**ଯ**ଦି ମାଆ ପରମାର୍ଥିକ ହୋଇଥିବ ଅଥବା ଗୁରୁଗ୍ରହଣ କରି ମନ୍ତ୍ର ମନନ କରୁଥିବ, ମନନ କ୍ରିୟା ମାନସରେ ଖେଳିଲେ, ଗର୍ଭସ୍ଥ ଶିଶୁ ସୂକ୍ଷ୍ମ କର୍ଣ୍ଣ ଦ୍ୱାରା ତାହା ସ୍ପଷ୍ଟ ଶ୍ରବଣ କରିପାରେ । ଏଠାରେ ହୁଏତ ପ୍ରଶ୍ନ ଉଠିପାରେ : ସ୍ଥୂଳକର୍ଣ୍ଣତ ସମ୍ପୂର୍ଣ୍ଣ ସୃଷ୍ଟି ହୋଇନାହିଁ, ଶିଶୁ ମାତୃ ଜରାୟୁରେ ଥାଇ ଶ୍ରବଣ କରୁଛି କିପରି ? ପ୍ରଥମମାସରେ ରଜବୀର୍ଯ୍ୟ ସଂଯୋଗରେ ଯେଉଁ ଠୁଳବିନ୍ଦୁ ନାଭି ପାଖରେ ଅଣ୍ଡାକାର ଭୂମି ନେଲା, ସେ କାରଣ ଜଗତରୁ ସୂକ୍ଷ୍ମରେ ସମସ୍ତ ଶରୀର ଆଣିଲା । ସୂକ୍ଷ୍ମ ଜଗତର ବ୍ରହ୍ମସୂତ୍ରୀ ଖୋଳ ଠୁଳ ହୋଇ ନ ଥିଲେ, ସ୍ଥୂଳ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ସୃଷ୍ଟି ହେବ କିପରି ? ସୂକ୍ଷ୍ମରେ ସମସ୍ତ ଶରୀରର ଛାଞ୍ଚ ବିଦ୍ୟମାନ ଥିବାରୁ ମାତୃ ଜରାୟୁରେ ମାସକୁ ମାସ ପର୍ଯ୍ୟାୟକ୍ରମରେ ସ୍ଥୂଳ ଶରୀର ଗଠନ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇଥାଏ । ଏହା ଏକ ସ୍ୱତଃ ସଞ୍ଚାଳିତ ପ୍ରଣାଳୀ । ବିନ୍ଦୁସ୍ଥାପନାର ପୂର୍ବ କାଳରୁ ବିନ୍ଦୁସ୍ଥାପନ ସମୟ ପର୍ଯ୍ୟନ୍ତ ଓ ପରେ ବିନ୍ଦୁ ସ୍ଥାପନ କାଳରୁ ଗର୍ଭସ୍ଥ ଶିଶୁ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ମାଆ ଯେତେ ସଦାଚାର ପାଳନ କରିବେ, ମାଆର ମତି ଯେତେ ଶାନ୍ତ ରହିବ; ଶିଶୁ ସେତେ ଅଧିକ ଶାନ୍ତ, ବଳିଷ୍ଠ, ଦୀର୍ଘାୟୁ, ପବିତ୍ର ଭାବସମ୍ପନ୍ନ ହେବାର ଦୃଶ୍ୟମାନ ହୁଏ । ସମସ୍ତ ବ୍ରହ୍ମସୂତ୍ରୀକ ସଦାଚାର ଦାୟିତ୍ୱ ମାଆମାନେ ଅବଲମ୍ବନ କରିବା ଉଚିତ । ଗର୍ଭାବସ୍ଥାରେ ମାଆମାନେ ଧୈର୍ଯ୍ୟଶୀଳା, ଶାନ୍ତ, ନୀତିବତୀ ହେବା ଆବଶ୍ୟକ । ଧ୍ୟାନ, ସ୍ମରଣକେନ୍ଦ୍ର, ଶାସ୍ତ୍ର ଅଧ୍ୟୟନ, ପଠନ, ଶ୍ରବଣ କରିବା ହିଁ ସର୍ବୋତ୍ତମ । ଗର୍ଭାବସ୍ଥାରେ ଏହିସବୁ ପର୍ଯ୍ୟାୟବାଚକ କର୍ମ ଯେତେ

ଅଧିକ କରିବେ ଶିଶୁ ସେତେ ଧୀମାନ, ବଳିଷ୍ଠ, ଦୀର୍ଘାୟୁ, ନୀରୋଗ ହେବ । ପରମାର୍ଥ ବିବେକଜ୍ଞାନ ବଢ଼ିବ । ଦୁର୍ଜନ ହେବ ନାହିଁ । ମାଆ ଆତ୍ମିକ ଅମନଥିବା ପିଣ୍ଡତତ୍ତ୍ୱ ଏବଂ ଅମନ ସମ୍ବନ୍ଧୀୟ ତତ୍ତ୍ୱ ଗୁରୁଙ୍କଠାରୁ ଶ୍ରବଣ କରେ, ତାହା ମାଆର ମତିରେ ଶୁଦ୍ଧ ଭାବରେ ଲିପିବଦ୍ଧ ହୋଇ ଶିଶୁକୁ ପୂର୍ଣ୍ଣମାତ୍ରାରେ ସାହାଯ୍ୟ କରେ । ସନ୍ତାନର ଭାର ବହନ କରି ସୁଦ୍ଧା ମାଆ ସୂକ୍ଷ୍ମଛାୟା, ଅବଚାକ'ସୂତ୍ରୀ ଆଲୋକ ଜ୍ୟୋତି ଦ୍ୱାରା ଜାଣିପାରେ । ଏହି ଅବସ୍ଥାରେ ଶିଶୁ ବୈଷ୍ଣବୀ ଓ ବିଷ୍ଣୁପୁରୁଷ ଅକ୍ଷର ଜାଣିପାରେ । ଏହି ଅକ୍ଷର ଶିଶୁର ଚୈତନ୍ୟସୂତ୍ରୀ କୋଷରେ ଠୁଳ ହୋଇ ରହିଥାଏ । ତା'ପରେ ଅନନ୍ତ ସୂତ୍ରୀକରୁ ତାଳୁକା ପର୍ଯ୍ୟନ୍ତ ରେଖାପାତ କରେ । ଏହି ସମୟରେ ହରାଦିକ ସୂତ୍ରୀ ଅକ୍ଷର ଦେଖିବାକୁ ମିଳେ । ପୂର୍ଣ୍ଣ ଜ୍ୟୋତିମାତ୍ରା ସହ ଅକ୍ଷର ନୀଳବର୍ଣ୍ଣ ଦେଖାଯାଏ । ହରେ ଓଁକାର ସୂତ୍ରର ମନ୍ତ୍ର କୃଷ୍ଣବିନ୍ଦୁ ଅର୍ଦ୍ଧାଙ୍ଗ ଭ୍ରମାଦି ମନ୍ତ୍ରକୁ ଯୋଗ କରିବାର ଅନୁଭୂତି ମିଳେ । ଅକ୍ଷରରେ ସୂକ୍ଷ୍ମକୋଷଗୁଡ଼ିକ ଲାଲବର୍ଣ୍ଣର ବର୍ତ୍ତୁଳାକାର ଧାରଣ କରିଥାଏ । ମର୍ତ୍ତ୍ୟମଣ୍ଡଳର ଅକ୍ଷରଠାରୁ ସୂକ୍ଷ୍ମକୋଷର ଅକ୍ଷର ଭିନ୍ନ ଓ ସ୍ୱତନ୍ତ୍ର । ଶରୀର ମାଧ୍ୟମଦେଇ ଅକ୍ଷରଗୁଡ଼ିକ ପରିବର୍ତ୍ତନ ହେଉଥାଏ । ଚେତନାବସ୍ଥାରେ ଚୈତନ୍ୟରେ ତାହା ସ୍ମରଣକୁ ଆସି ଲିପିବଦ୍ଧ ହୋଇରହେ । ନିର୍ଗୁଣରୁ ଯେତେବେଳେ ସ୍ୱଚ୍ଛ ପଦାର୍ଥ କୋଷ ହୋଇ ଧିରେ ଧିରେ ସପ୍ତଲୋକ ଦେଇ ଆସୁଥାଏ, ତାହା ଦେହ ମଧ୍ୟରେ ପ୍ରବେଶ କରି ମାୟା ମୋହାଚ୍ଛନ୍ନ ହୋଇ ବିକୃତ ଛାୟା ଗ୍ରହଣ କରି ଶରୀର ଧାରଣ କରେ । ବିଶ୍ୱବ୍ରହ୍ମାଣ୍ଡର ଦୃଶ୍ୟମାନ ଜଗତ ବୈଷ୍ଣବୀମାୟା ପିଞ୍ଜରାରେ ବିକୃତ ହୋଇ ଜୀବ ସକଳକୁ ସ୍ଥୂଳ ରୂପରେ ଦେଖାଯାଏ । ପ୍ରକୃତ ଦ୍ରବ୍ୟ : ମାୟାଚକ୍ଷୁ ଦେଖିପାରେନା । କେବଳ ହେତୁ ଚୈତନ୍ୟରେ ପହଞ୍ଚି ପିଣ୍ଡତତ୍ତ୍ୱର ୮୪ (ଚୌରାଶି) ଚକ୍ରକୁ ନିରୀକ୍ଷଣ କରି ବୁଡ଼ି ରହିବାର ଅନୁଭବ ହୁଏ । ଏହାର ରଙ୍ଗ ନୀଳ । ଏହି ଅବସ୍ଥାରେ ମାଆ ନିଦ୍ରାଗଲେ, କ୍ଷଣକୁ କ୍ଷଣ ଚମକି ଉଠେ । ଧରିତ୍ରୀ ବିଛଣାରେ ଶୋଇବାକୁ ଭଲଲାଗେ । ଅନେକ ମାଆଙ୍କର ଏହି ଲକ୍ଷଣ ଦେଖାଯାଏ । ମାଆଙ୍କୁ କୁହୁଡ଼ି (ପାଣ୍ଡୁର) ବର୍ଣ୍ଣ ଦୃଶ୍ୟ ହେବାର ଦେଖାଯାଏ । ଜରାୟୁରେ ଶିଶୁ ଧୂମ୍ରବର୍ଣ୍ଣ କାୟା ଅନୁଭବ ଦେଖାଯିବାର କାରଣ, ଏହା ଆବାଡ଼କ ବ୍ରହ୍ମକୁଣ୍ଡରେ ଯୋଗମାୟାଙ୍କ କବଳରେ ଯୋଗତତ୍ତ୍ୱରେ ଥାଏ । ଏହି ଅବସ୍ଥାରେ ପ୍ରାରବ୍ଧକର୍ମର କୃତଫଳର ଭୋଗବିଚାର ଆତ୍ମା ପ୍ରେତମଣ୍ଡଳର ବାୟୁଯାନ ଦ୍ୱାରା ସୁଷୁମ୍ନା କଣିକାର ସୂକ୍ଷ୍ମରନ୍ଧ୍ରରେ ସ୍ଥାନ ପାଇଥାଏ । ଏହା ମତିଚୈତନ୍ୟରେ ଭୂମିଷ୍ଠ ହେବା ପର୍ଯ୍ୟନ୍ତ ସ୍ଥାୟୀ ଭାବରେ ନ ରହି ଭାସମାନ ଅବସ୍ଥାରେ ଥାଏ ।

ଏହି କୋଷରେ ଥିବା ମହତ୍ ଶକ୍ତି ଅବ୍ୟକ୍ତ ବଳରେ କାଳର ବଳ । ମହତ୍ ଜରାୟୁରେ ନିଷ୍କଳ ତ୍ରିଗୁଣର ଅଂଶ କାଳ । ଏହା ସୂର୍ଯ୍ୟସମ ତେଜୀୟାନ ଦୃଶ୍ୟମାନ ହୁଏ । ସୂକ୍ଷ୍ମ ବିକାରର ଅହଂକାର କାର୍ଯ୍ୟକାରଣ ଦେହରେ ତଥା ମନ ମଧ୍ୟରେ ଭୂତ ଇନ୍ଦ୍ରିୟ ଯାଇ ରାଜସ, ତାମସ କ୍ରିୟା ଆରମ୍ଭ କରେ । ବିଷ୍ଣୁମାୟା ବଳରେ ଜ୍ଞାନର ପରମ କାରଣ ଚୈତନ୍ୟ ପ୍ରକାଶ କରେ । ଶବ୍ଦ, ସ୍ପର୍ଶ, ରୂପ ଜ୍ୟୋତି ମଧ୍ୟ ତନୁରୁ ଜାତ ହୁଏ । ସୂକ୍ଷ୍ମ ଶରୀରରେ ରସ ସୂକ୍ଷ୍ମବୀଜର ମୂଳ ଅଟେ । ସୂର୍ଯ୍ୟଙ୍କ ପାରିଷଦ ଗ୍ରହ ନକ୍ଷତ୍ର ଭୂତାଦି, ଇନ୍ଦ୍ରିୟଗଣ ଅଧିଦେବତା ଆତ୍ମା ଅଧିନରେ ରହନ୍ତି । ଏହା ଜୀବମାନଙ୍କର ଅଗୋଚର ଥାଏ । ଏହି ସ୍ଥାନରେ ହେତୁ ଚୈତନ୍ୟ ସୂକ୍ଷ୍ମ ଦର୍ଶନ କଲେ, ଜୀବ ମୁକ୍ତିଲାଭ କରେ । ଶରୀର ମଧ୍ୟରେ ଯେତେ ଜ୍ଞାନ ଥାଉ ପଛକେ, ଜ୍ଞାନର ବୈରାଗ୍ୟ ଭାବ ନ ଥିଲେ, ତରି ପାରନ୍ତି ନାହିଁ । ବୈରାଗ୍ୟ ଏହି କୋଷରୁ ଜାଗ୍ରତ ହୁଏ । ଅନେକାଂଶରେ ଦେଖାଯାଏ, ଯଦି ବୈରାଗ୍ୟ ନ ଉପୁଜିବ, ତା'ହେଲେ ଯେତେ ବିଦ୍ୟା ଘୋଷି ଥାଉ ପଛକେ, ଗର୍ବ ଅହଂକାରରେ ମୋହିତ ହୋଇ ଅନଳ ଭୋଗିବ । ଏ କ୍ଷେତ୍ରରେ ଭକ୍ତିଭାବ ଅଭ୍ୟାସ କର୍ମ ତୋଳିଲେ, ହେତୁ ଚୈତନ୍ୟରେ ପୂର୍ଣ୍ଣ ସଚେତନତା ଫେରାଇ ବୈରାଗ୍ୟ ଆଣେ ।

ସକଳ ଶାସ୍ତ୍ର ଅଧ୍ୟୟନ କରିଥାଅ ପଛକେ, ଏହି କୋଷ ସାଧନ ଦ୍ୱାରା ଶାନ୍ତ, ସରଳ, ବିବେକବନ୍ତ, ଆଚରଣଶୀଳ ସଦାଚାରୀ ନ ହେଲେ, ମୁକ୍ତି ମୋକ୍ଷ ନିର୍ବାଣ ଲାଭ ହୋଇପାରେ ନାହିଁ । ଏହା ମାତୃଗର୍ଭରେ ମଧ୍ୟ ଅନୁଭୂତ ହୁଏ । ଭୂମିଷ୍ଠ ହେବା ପରେ କ୍ରମାନୁସାରେ ଯେଉଁ କ୍ଳେଶ ଭୋଗ ହୁଏ, ''ଏହିର୍ଯ୍ୟକୋଷ'' ଦ୍ୱାରା ତାହାର ମଞ୍ଜନ ହୁଏ । ଯେଉଁ ଶିଶୁ ମାତୃଗର୍ଭରେ ସୂକ୍ଷ୍ମଦର୍ଶନରେ ରତଥାଏ; ତାର ଶରୀର କ୍ଳେଶମୁକ୍ତ ହୋଇଯାଏ । ଜରାୟୁରେ ଭୃଙ୍ଗ ହୋଇ ସୂକ୍ଷ୍ମ ଅବସ୍ଥାରେ ରହିଲେ, କଲ୍ମଷ (ପାପ) ଲାଗେ ନାହିଁ ।

★★★



# କଲ୍ୟାଣ ଦେଲି ତୋତେ

**ଭକ୍ତ ଆକୁଳ ହୃଦୟରେ ପ୍ରାର୍ଥନା କରୁଛି : କିଛି ହେଲେ ମୋତେ ନ ମିଳୁ ପଛକେ ମିଳୁ ପ୍ରଭୁ ତୁମ କଲ୍ୟାଣ ।' ଭକ୍ତବନ୍ଧୁ ଭାବଗ୍ରାହୀ ଭକ୍ତର ଆକୁଳ ପ୍ରାର୍ଥନା ପୂର୍ଣ୍ଣକରି ଢ଼ାଳି ଦେଉଛନ୍ତି କଲ୍ୟାଣ- 'କଲ୍ୟାଣ ଦେଲି ତୋତେ' ପ୍ରଭୁଙ୍କ ଅଶେଷ କରୁଣା ଓ କଲ୍ୟାଣର ସ୍ୱାକ୍ଷର ବହନ କରେ । ଏହି ନିୟମିତ ଧାରାବାହିକ କ୍ରମରେ ଶ୍ରୀଶ୍ରୀ ଠାକୁର ନିଜହସ୍ତରେ ବିଶ୍ୱଜନତାର ବେଦନାର୍ତ୍ତ ମନପ୍ରାଣରେ ଆଶା ଆଶ୍ୱାସନାର ମମତାମୟ ପ୍ରଲେପ ବୋଳି ଆଶୀର୍ବାଣୀ ଲେଖିଛନ୍ତି । ସକଳ ବାଧାବନ୍ଧ ଅତିକ୍ରମ କରି ସାଧନା ପଥରେ ଆଗେଇ ଯିବା ନିମନ୍ତେ ଉତ୍ସାହପ୍ରଦ । ସ୍ଥିର ଅଚଞ୍ଚଳ ମନରେ ଏହା ପ୍ରତ୍ୟେକ ଦିନ, ପ୍ରତ୍ୟେକ ଶାଖା ସତ୍ସଙ୍ଗ ଦିନ, ପ୍ରତ୍ୟେକ ସତ୍ସଙ୍ଗ ଅନୁଷ୍ଠାନରେ ଅବଶ୍ୟ ପଠନୀୟ ଓ ଅନୁସରଣୀୟ ।**

**ଚ**ରମରେ, ମୋର ହୃଦନନ୍ଦନରେ, ଆଖିଖୋଲି ଟିକେ ମୋ ଆଡ଼େ ଚାହିଁଲୁରେ ଧନ ! ଶରଧାର ସୁଧା, ଶ୍ରୀମୁଖ ରସାମୃତ କିପରି ବିନ୍ଦୁ ବିନ୍ଦୁ ହୋଇ ତୋ ଅନ୍ତରରେ ପ୍ରବେଶ କରୁଛି, ଦେଖିଲୁ ବାୟା । ମୋର ସ୍ନେହପୂର୍ଣ୍ଣ, କରୁଣାଘନ କେଳି କମଳନୟନ ସଦୃଷ୍ଟ ତୋର ଚଲାପଥକୁ ଅପଲକରେ କିପରି ଚାହିଁ ରହିଛି ଦେଖିଲୁଣିଟି ! ମୁଁ ତୋତେ କଲ୍ୟାଣ କରୁଛିରେ ଧନ, ତୁ ଏ ଭବଜଗତରେ ଦ୍ୱାରକୁ ଦ୍ୱାରବୁଲି, ପ୍ରେମ ଭିକ୍ଷା କରି ମୋର ଶୁଭ ଆଗମନର ବାର୍ତ୍ତା ସମସ୍ତଙ୍କ ନିକଟରେ ପହଞ୍ଚାଇ ଦେ'ରେ । ଏ ବିଶ୍ୱବାସୀ ସେମାନଙ୍କର ଯୁଗ ଯୁଗର ପରମ ଆରାଧ୍ୟ ଦେବତାଙ୍କୁ ଆଜି ଅତି ନିକଟରେ ଜାଜଲି ଗ୍ରହଣରେ ନରତନୁରେ ପାଇଛନ୍ତି । ଏ ସମୟ ବିତିଗଲେ, ଆଉ ଖୋଜିଖୋଜି ଯେ ପାଇ ପାରିବେନି । ଏ ନିଗମ ଗୁପ୍ତ ସନ୍ଦେଶ ସେମାନଙ୍କୁ ଦେ'ରେ ଚରମ !

**ର**ଙ୍କରତନ ମୋ ଚରମରେ, ତୋତେ ଯେଉଁଦିନଠାରୁ ମୋର କୋଳଲୋଚା ଲୋଚାଳୁଅ ରୂପରେ କୋଳରେ ଧରିଛି, ସେହିଦିନଠାରୁ ତୋତେ ଚାହିଁ ଚାହିଁ ମୁଁ ମୋ ଆହାର, ବିହାର, ନିଦ୍ରା ସବୁ ଯେ ଭୁଲିଗଲିଣି । ମୋ ଅନ୍ତର ମାଧ୍ୟମରେ ସବୁବେଳେ କେବଳ ଚରମ, ଚରମ, ଚରମ ଶବ୍ଦ ନିନାଦିତ ହେଉଛି । ତୋପରି ଜ୍ଞାନୀପୁତ୍ର, ଧ୍ୟାନୀପୁତ୍ର, ଗୁଣୀପୁତ୍ର ଓ କର୍ମୀପୁତ୍ର ପାଇଛି । ତେଣୁ, କିପରି ଯଥାଶୀଘ୍ର ମୋର ଯୁଗଯୁଗର ସାଇତା ଧନ ତୋରି ହାତରେ ଟେକିଦେଇ ନିଶ୍ଚିନ୍ତ ହେବି, ସେଥିପାଇଁ ମୁଁ ତୋତେ ଅନେଇ ବସିଛିରେ ବାୟା ହାତୀ ! ମୋ ଗୁପ୍ତଧନ ପାଇ ତୁ ତାହା ଜଗତ କଲ୍ୟାଣରେ ବିନିଯୋଗ କରିବୁ । ମୋର ଇଚ୍ଛା ତୋରି ମାଧ୍ୟମରେ ପୂରଣ ହେବ । ସବୁବେଳେ ନିର୍ଜ୍ଜନରେ ବସି କାହିଁ ମୁଁ ଏହି କଥା ହିଁ ଚିନ୍ତା କରୁଛିରେ ଧନ ! ତୋ

ମୋର ମାନସ ପୁତ୍ର ! ତୋ ଦେହକୁ ଦେଖିଲେ ତହିଁରେ ମୋରି ପ୍ରତିଛବି ହିଁ ଫୁଟି ଉଠୁଛିରେ ବାବୁ । ଏ ନରଦେହର ସମସ୍ତ ଶକ୍ତି ଦେଇ ନିଜ ହାତରେ ମୁଁ ତୋତେ ଗଢ଼ିଛିରେ ଧନ ! ତୁ ମୋର ଅତିପ୍ରିୟ, ତୋତେ ଛାଡ଼ି ଏ ଧରାଧାମରେ ମୁଁ କ୍ଷଣେ ମାତ୍ର ରହିପାରିବି ନାହିଁରେ ଚରମ !

**ମ**ର୍ତ୍ତ୍ୟଧାମରେ ତୋର ପିତା ବିଭିନ୍ନ ଯୁଗରେ ଭିନ୍ନ ଭିନ୍ନ ଅସ୍ତ୍ରଶସ୍ତ୍ର ଧରି ସନ୍ଥପାଳନ, ଦୁଷ୍କୃତି ନାଶନ ଓ ଧର୍ମ ସଂସ୍ଥାପନ କରିଯାଇଛନ୍ତି । ସେହିସବୁ ଭାବ ଅନୁଯାୟୀ ତୋ ପିତାଙ୍କର ବହୁନାମ, ବହୁଧାମ । ନାମର ସୁଧାମୃତ ଧରାବକ୍ଷରେ ଝରିଯାଇଛିରେ ଚରମ ! ଜୀବମାନେ ଆର୍ତ୍ତରେ ସେହି ପବିତ୍ରନାମ ଜପି ପାପତାପରୁ ମୁକ୍ତ ହୋଇଛନ୍ତି । ସେହି ଶ୍ରଦ୍ଧାସ୍ପଦ ନାମ ଗୁଡ଼ିକ ହେଲା– ଚକ୍ରଧର, ଚକ୍ରପାଣି, ଗଦାଧର, ଶାରଙ୍ଗଧର ଇତ୍ୟାଦି । କେତେବେଳେ ସମ୍ମୋହନ ସପ୍ତସ୍ୱର ଆଧାରିତ ବଂଶୀରେ ଏ ଜୀବଜଗତକୁ ସମ୍ମୋହିତ କରି ବଂଶୀଧର, ବେଣୁପାଣି ନାମ ବହନ କରିଛନ୍ତି । କିନ୍ତୁ, ଆଜି ଯେତେବେଳେ ତୋ ପିତା ଧରାଧାମରେ କୈବଲ୍ୟପାଦ ଥାପିଛନ୍ତି, ସେ ପୂର୍ବର ସମସ୍ତ ଅସ୍ତ୍ରଶସ୍ତ୍ର କିମ୍ବା ମୋହନବେଣୁ ସାଥୀରେ ନ ଆଣି ରିକ୍ତହସ୍ତରେ ଶାନ୍ତ, ଦୁର୍ବଳ, ତନ୍ଦ୍ରୀ ଶରୀରରେ ସତ୍ୟ, ଶାନ୍ତି, ଦୟା, କ୍ଷମା, ପ୍ରେମ ଓ ଜୀବର ଅବତାର ହୋଇ ଆସିଛନ୍ତି; ସେତେବେଳେ ତାଙ୍କୁ ସହଜରେ ଚିହ୍ନିବା ବା ଧରିବା ସମସ୍ତଙ୍କ ପକ୍ଷରେ ସମ୍ଭବ ହେଉନାହିଁ । ଏଥରକ ଆମେ ସାଙ୍ଗରେ କ'ଣ ଆଣିଛୁ, ଜାଣୁ ? ଚରମରେ ! ତୁ ହିଁ ସେହି ଅମୂଲ୍ୟ ନିଧିରେ ! ଶ୍ରୀକରପଲ୍ଲବରେ ତୁ ହିଁ କେବଳ ଶୋଭା ପାଉଛୁ । ଆମେ ସତ କହୁଛୁରେ ଧନ, ଏ ଯୁଗରେ ଆମର ପ୍ରିୟନାମ– ଚରମପୁରୁଷ, ଚରମପାଣି, ଚରମଧାରୀ, ଚରମନାଥ, ଚରମପାଦ, ଚରମଧର ଇତ୍ୟାଦି । ଏ ସକଳ ନାମରେ ଆମେ ଜଗତବରେଣ୍ୟ । ଯେ କୌଣସି ଜୀବ ସ୍ନେହରେ, ଶ୍ରଦ୍ଧାରେ, ପ୍ରେମରେ, ଭକ୍ତିରେ ଆମଠାରେ ଭାବଯୁକ୍ତ ହୋଇ ଏ ସକଳ ନାମରୁ ଯେକୌଣସି ଗୋଟିଏ ନାମରେ ଡ଼ାକିବ, ଆମେ ତା' ନିକଟକୁ ଦଉଡ଼ିଯିବୁ । ଚରମରେ, ତୋ ପରି ସେ ମଧ୍ୟ ଆମର ଗେହ୍ଲାପୁଅ ହୋଇଯିବ । ଏହା ସତ୍ୟ, ସତ୍ୟ, ସତ୍ୟ, ତ୍ରିବାର ସତ୍ୟ ।

**ରେ** ମୋର ଗଳାମାଳି, ଏଥିରୁ ତୋର ଏ କାଳରେ ଗୁରୁତ୍ୱ ଓ ଦାୟିତ୍ୱ ବୁଝିବୁ । ଚରମରେ, ତୁ ମୋର ସତ୍ୟ ସନାତନ ଧର୍ମସ୍ୟନ୍ଦନର ଏକମାତ୍ର ସାରଥି । ଦେଖିଲୁରେ ଧନ, ସନାତନ ଧର୍ମ ରଥରେ କିପରି ତିନିରଙ୍ଗର ସତ୍ୟ ସନାତନୀ ବିଜୟ କେତନ ଉଲ୍ଲାସରେ ଉଡୁଛି । ଆଉ ବିଳମ୍ବ କରନା ରେ ଧନ, ମୁଁ ପାଞ୍ଚଜନ୍ୟ ଶଙ୍ଖନାଦ କରୁଛି, ତୁ ରଥ ବାହିନେ । ସାରାବିଶ୍ୱରେ ତୋର ବିଜୟ ରଥ ଗଡ଼ିଚାଲୁ । ଗଗନପବନରେ ସନାତନ ଧର୍ମର ବିଜୟ ନିର୍ଘୋଷ ନିନାଦିତ ହେଉ । ସନାତନୀ ବିଜୟ କେତନ ଫରଫର ହୋଇ ଗଗନ ପବନରେ ଉଡୁଥାଉ । ଜୀବ ହୃଦୟରୁ ଅହଂରୂପକ ମ୍ଳେଚ୍ଛର ବିନାଶ ହେଉ । ଚରମରେ, ମୁଁ ତୋତେ ୧୯୯୩ ମସିହା ଅକ୍ଟୋବର ୩୦ ତାରିଖରୁ ବୀରବେଶରେ ସଜାଇ ଦେଲିଣି । ଯେତେବେଳେ ଯେଉଁ ଜ୍ଞାନରୂପକ ଅସ୍ତ୍ର ଦରକାର ମୁଁ ତୋତେ ଯୋଗାଇ ଦେଉଛି; ଆହୁରି ବହୁତ ଅସ୍ତ୍ର ରହିଛି, ଠିକଣା ବେଳରେ ଯୋଗାଇ ଦେବିରେ ଧନ । ତୁ ସେହି ସକଳ ଜ୍ଞାନାସ୍ତ୍ରରେ ଅହଂକାରରୂପୀ ମ୍ଳେଚ୍ଛଦାନବକୁ ସଂହାର କରି ଏ ବିଶ୍ୱବକ୍ଷରେ ପ୍ରତି ଜୀବ ହୃଦୟରେ ଶାନ୍ତିର କୈବଲ୍ୟାମୃତର ବନ୍ୟା ଛୁଟାଇ ଦେ ।

**କ**ଳିକାଳ, ଘୋର କଳିକାଳର ଏ ଅନ୍ତିମ ପ୍ରହର । ଏପରି ଘଡ଼ିସନ୍ଧି ବେଳରେ ତୁ ମାୟା ସଂସାରକୁ ଆସିଛୁ । କାଳେ କେତେବେଳେ ମାୟାର ଅଠାକାଠି ଲାଗିଯିବ, ସଜାଗ ଥିବୁରେ ଧନ । ଚିନ୍ତା କରିବୁନି । ମୁଁ ପରା ତୋତେ ଗୁପ୍ତରେ କୁହୁକ ବାଡ଼ି ଦେଇଛି । ସବୁବେଳେ ତାହାକୁ ଧାରଣ କରିଥିବୁ । ତୋତେ କେହି ଆୟତ୍ତ କରିପାରିବେ ନାହିଁ । ତଥାପି, ସବୁବେଳେ ସାବଧାନତା ଅବଲମ୍ବନ କରିବୁ । ମୋତେ ନିର୍ଭର କରି ନିର୍ଭୀକ ହୋଇଥିବୁ । ଆଦୌ ଭୟ କରିବୁ ନାହିଁ । ତୋତେ ଯେପରି ମୁଁ ମୋର କୋଳପୋଛାପୁଅ କରି ସେ ଧାମରୁ ଏ ଧରାଧାମକୁ ଆଣିଛି, ସେହିପରି ତୋ ପୂର୍ବରୁ ମୋର ଅନେକ ଧର୍ମନନ୍ଦନଙ୍କୁ ମଧ୍ୟ ସେ ପୁରରୁ ଏ ପୁରକୁ ଆଣିଛି । ସେମାନେ ଗୁପ୍ତରେ ଧର୍ମନୀତି, କର୍ମଧାରା ପାଳନ କରି ତାଲିମ ହେଉଛନ୍ତି । ଠିକଣା ବେଳରେ ସେମାନେ ତୋତେ ସାହାଯ୍ୟ ସହଯୋଗ କରିବେ ରେ ଧନ । ସେମାନେ ସମସ୍ତେ ତୋର ଭାଇ ପରା ! ତୋ ସହିତ

ସମସ୍ତଙ୍କର ପରିଚୟ କରାଇଦେବି, ସମସ୍ତଙ୍କୁ ଚିହ୍ନାଇ ଦେବି । ଧୈର୍ଯ୍ୟ ଧରି ଅପେକ୍ଷା କରିବୁ ମୋ ମଣିଟି ପରା !

**ଇ**ଚ୍ଛା ମୋର ତୋରି ଭିତରେ ଫୁଟି ଉଠୁଛିରେ ଶବାମାଳି । ତୋ ଉପରେ ଆମେ କେତେ ଗୁରୁ ଦାୟିତ୍ୱ ଲଦି ଦେଉଛୁଁ । ବାବୁରେ, ସୁବିଧା ଅସୁବିଧାର ସମ୍ମୁଖୀନ ହୋଇ ସବୁ ସହିଯାଇ, ସବୁ କିଛି ନିଜ ପିଠିରେ ପକାଇ ବାହି ନେବୁ । ତୁ ପରା ସମଗ୍ର ମାନବ ଜାତିର ଦୁଃଖଶୋକ ପାଶୋରା ଅମୂଲ୍ୟ ରତ୍ନରେ । ଶବଟଙ୍କ ମଣ୍ଡଳରୁ କାରଣଜଗତ ପର୍ଯ୍ୟନ୍ତ ସ୍ଥୂଳ, ସୂକ୍ଷ୍ମ, କାରଣ ସମସ୍ତ ସନ୍ତାନ ତୋରି କର୍ମଧାରାକୁ ଅପେକ୍ଷା କରି ରହିଛନ୍ତି । ପିତାଙ୍କର ଆଦର୍ଶ ରଖିବୁରେ ଧନ ।

**ଲା**ଜ ସରମ କରୁଛୁ କି ଧନ ? ଧର୍ମ ରାଜ୍ୟରେ ପ୍ରବେଶ କରି ଲାଜ କଲେ କ'ଣ ଚଳିବରେ ବାୟା ? ଲାଜ, ଭୟ, କୁଣ୍ଠା, ଘୃଣା, ନିନ୍ଦା, ପ୍ରଶଂସା, ସମ୍ମାନ, ପ୍ରତିପତ୍ତି, ଐଶ୍ୱର୍ଯ୍ୟଭୋଗ ଲାଳସା ଇତ୍ୟାଦି ପରା ଗୋଟିଏ ଗୋଟିଏ ବନ୍ଧନ । ତୁ ଏ ସକଳ ବନ୍ଧନରେ ଆବଦ୍ଧ ହୋଇ ବଦ୍ଧଜୀବ ହେବୁ ନାହିଁଟି ! ଏ ସମସ୍ତ ବନ୍ଧନକୁ ଛିନ୍ନ କରି ମୁକ୍ତ ଜୀବ ହୋଇ ତୋର ଧର୍ମଧାରା ପ୍ରତିନିୟତ ଦୃଢ଼ ଆତ୍ମବିଶ୍ୱାସର ସହିତ ଅଭ୍ୟାସ କରିଚାଲିଥିବୁ । ତୋ ଚଲାପଥରେ ବାଟରେ ଘାଟରେ ଯେଉଁମାନଙ୍କୁ ଦେଖୁଛୁ, ସେମାନେ ସମସ୍ତେ ପରା ତୋର ଭାଇ । ସମସ୍ତେ ତୋର ପିତାଙ୍କଠାରୁ ଜନ୍ମ ନେଇଛନ୍ତି । କୀଟଠାରୁ ବ୍ରହ୍ମ ପର୍ଯ୍ୟନ୍ତ ଜାତି, ଧର୍ମ ବର୍ଣ୍ଣ, ଲିଙ୍ଗ, ଗୋଷ୍ଠୀ, ସମ୍ପ୍ରଦାୟ, ଶାଖା, ପ୍ରଶାଖା ନିର୍ବିଶେଷରେ ସମସ୍ତଙ୍କୁ କୋଳ କରିବୁରେ ଧନ ! ବାବୁରେ, ତୁ ସିନା ପିତାଧର୍ମରେ ସକ୍ରିୟ ଅଛୁ, ସେମାନେ ପରା ପ୍ରକୃତିପ୍ରବୃତ୍ତିରେ ଅହଂଜ୍ଞାନର ବଶବର୍ତ୍ତୀ ହୋଇ ପ୍ରକୃତ ମୌଳିକ ଧର୍ମରୁ ଦୂରେଇ ଯାଇଛନ୍ତି । କେଉଁଠି କେଉଁଠି ଭାଇ ମଧ୍ୟ ଭଗାରି ସାଜିଛି । ଯାହା ବି ହେଉନା କାହିଁକି, ସେମାନେ ତୋ ପିତାଙ୍କର ସନ୍ତାନ, ତୋର ଅତି ଆପଣାର ଭାଇ । ସେମାନଙ୍କୁ କେବେହେଲେ ଭାତୃସ୍ନେହରୁ ବଞ୍ଚିତ କରିବୁ ନାହିଁରେ ଧନ !

**ଣ'** ହିଁ ନିର୍ଗୁଣ । ତୁ ନିର୍ଗୁଣ ବ୍ରହ୍ମମଣ୍ଡଳରୁ ସଗୁଣ ବ୍ରହ୍ମଙ୍କ ଆଦେଶରେ ସ୍ଥୂଳ ଜଗତକୁ ଆସିଛୁ ସୃଷ୍ଟିତତ୍ତ୍ୱର ବାର୍ତ୍ତାବହ ହୋଇ । ତୋ କାମରେ ତୁ ନିରଳସ ନିଷ୍ଠାପର କର୍ମୀଟିଏ ପରି ଲାଗି ଯା'ରେ ମଣି । ନିଷ୍କାମ ପ୍ରେମର ସହିତ ନିଷ୍କାମ କର୍ମରେ ଲାଗିପଡ଼ । ନିନ୍ଦା ପ୍ରଶଂସାକୁ ମନ ମଧ୍ୟରେ ସ୍ଥାନ ଦେ'ନାହିଁ । ପିତାଙ୍କ ଶ୍ରୀଚରଣ ପୀଠରେ ଧ୍ୟାନ ରଖି ଏକ ଲୟରେ କାୟମନବାକ୍ୟରେ ଲକ୍ଷ୍ୟ ପଥରେ ଆଗେଇ ଚାଲ । କର୍ମ କର, ବାସ୍ତବ କର୍ମ କର, ବିଶ୍ୱକଲ୍ୟାଣକର କର୍ମ କର । ଏହି କର୍ମ ହିଁ ଧର୍ମ । ଏ କର୍ମର ବନ୍ଧନ ନାହିଁ । ସ୍ୱାର୍ଥପର ହୋଇ କାମନାଯୁକ୍ତ କର୍ମ କଲେ, କର୍ମବନ୍ଧନରେ ପଡ଼ିଯିବୁରେ ବାୟା ! କର୍ମଫଳ ଭୋଗ କରିବାକୁ ବାଧ୍ୟ ହେବୁ । କର୍ମଫଳ ଭୋଗିବାପାଇଁ ଧରାଧାମରେ ବାରବାର ଜନ୍ମ ନେବୁ ଯେ !

**ଦେ**ଖିରେ ଧନ, ଆମେ ତୋତେ ଦଶମୋଦକ ଦେଇଛୁଁ । ଦଶମୋଦକକୁ ପ୍ରତିଦିନ ସକାଳେ ସଞ୍ଜେ ତୁ ମାନସପାଠ କରୁଛୁ । ନୁହେଁ ? ସତ କହିଲୁ , ତୋ ଅନ୍ତରରେ ଦଶମୋଦକର କୌଣସି ଗୋଟିଏ ଭାବ ଚମାଟ ବାନ୍ଧିଲାଣି କି ? ବାବୁରେ, ଦିନ ଗଡ଼ି ଗଡ଼ି ଯାଉଛି, ଠିକଣା ବେଳ ଘନେଇ ଆସୁଛି, ସାଧନ ପଥରେ ଲାଖି ନ ରହିଲେ; ଆଖି ପଲକରେ କ'ଣ ଘଟିଯିବ କିଏ କହିବ ? ଗୁରୁ ଗ୍ରହଣ କରିଛୁ, ଗୁରୁଙ୍କୁ ମାନୁଛୁ; ଅଥଚ ଗୁରୁଙ୍କ ଆଜ୍ଞା ଆଦେଶ ନ ମାନି, ମତାମତ ନ ନେଇ, ମନମୁଖୀ ହୋଇ ଚଳିଲେ ଗୁରୁଙ୍କ ଆଶୀର୍ବାଦ ମିଳେ କିରେ ଧନମଣି ? ମୋ ସୁନାଟା ପରା !! ଅମାନିଆ, ଅବାଧ୍ୟ, ଅବୁଝା ହେବୁନାହିଁ । ଦଶମୋଦକକୁ ଆପଣାର ଆଚରଣରେ ସବୁବେଳେ ସବୁଠାରେ ଫୁଟାଇ ଚଳିବୁ ।

**ଲି**ପିବଦ୍ଧ ହୋଇ ତୋର ଜନ୍ମକୁଣ୍ଡଳୀ ରହିଛି । ତୁ ପରା ଆମରି ଘରର ପିଲାରେ ! ତୋ ଘରର ପରମ୍ପରା ତୁ ରଖିବୁ । ଲକ୍ଷ୍ୟଭ୍ରଷ୍ଟ, ଅହଂବୁଦ୍ଧି ସମ୍ପନ୍ନ ହୋଇ ଭାଇଭାଇ ମଧ୍ୟରେ ଭେଦ ସୃଷ୍ଟି କଲେ, ତୋ ଘରର ମର୍ଯ୍ୟାଦା ରହିବଟି ! ଏଠାରେ ଯିଏ ଯାହା କରୁଛି, ବିଶ୍ୱକଲ୍ୟାଣ ନିମନ୍ତେ ଆମକୁ ଲକ୍ଷ୍ୟ କରି କରୁଛି । ସେମାନଙ୍କ ସହିତ ଆନ୍ତରିକ ଭ୍ରାତୃତ୍ୱ ଭାବ ରଖି କାମରେ ନିଷ୍ଠାର ସହିତ ସହଯୋଗ କରିବୁ । ଗୁରୁକ୍ଷେତ୍ରରେ ଅହଂକାର ବଶରୁ ସାମୂହିକ କାର୍ଯ୍ୟରେ ଅସହଯୋଗ କଲେ, ବା କରିବା ନିମନ୍ତେ ଅନ୍ୟ ସରଳପ୍ରାଣ ଗୁରୁଭାଇଭଉଣୀମାନଙ୍କୁ ପ୍ରବର୍ତ୍ତେଇଲେ, ଗୁରୁଦ୍ରୋହ ଦୋଷରେ ଦୋଷୀ ହେବୁରେ, ଗୁରୁଦ୍ରୋହୀ

ହୋଇଯିବୁ । ଆମ କଥା ମାନି ତ୍ୟାଗ ନିଷ୍ଠାର ସହିତ ପୂର୍ଣ୍ଣପ୍ରାଣ ସହଯୋଗୀତାରେ ସକଳେ ମିଳିମିଶି କାର୍ଯ୍ୟବାହୀ ନେଲେ, ଘରପୁଅ ତୁ, ଘରର ମର୍ଯ୍ୟାଦା ସହଜରେ ରକ୍ଷା କରିପାରିବୁ । ପିତାଙ୍କର ମନବୁଝି ସେବାଧର୍ମ, ତ୍ୟାଗ, ଦାନ କଲେ ତାଙ୍କର ସତ୍‌ପୁତ୍ରରୂପେ କାଳକାଳକୁ ଅମର ହୋଇଯିବୁରେ !


**ତୋ**ପକମାଣର ଧମକ ଦେଇ କ'ଣ ହୃଦୟ ରାଜ୍ୟ ଜୟ କରି ହୁଏରେ ? ଏଥିପାଇଁ ଲୋଡ଼ା ସ୍ନେହ, ମମତା, ପ୍ରେମ, ପ୍ରୀତି, ସମତା, ଆନ୍ତରିକତା, ଶ୍ରଦ୍ଧା, ତ୍ୟାଗ, ଦାନ, ବନ୍ଧୁତ୍ୱ, ଭ୍ରାତୃତ୍ୱ, ଅହଂକାର ଶୂନ୍ୟତା, ଉଦାରତା, ସରଳତା, ସ୍ମିତହାସ୍ୟ, ମଧୁରବଚନ, ନିଃସ୍ୱାର୍ଥପରତା ଓ ନିର୍ଲିପ୍ତତା । ଏହି ଅଷ୍ଟାଦଶ ଦିବ୍ୟଗୁଣ ପରା ଆମର ଅଷ୍ଟାଦଶ ଚିହ୍ନରେ ବାବୁ । ଧର୍ମ, ଶାନ୍ତି, ଦୟା, କ୍ଷମା ଆମର ଶଙ୍ଖ, ଚକ୍ର, ଗଦା, ପଦ୍ମ । ଆମେ ତୋତେ ଏସବୁ ଦିବ୍ୟାସ୍ତ୍ର ଦେଇଛୁ । ଏହି ସମସ୍ତ ଦିବ୍ୟାସ୍ତ୍ରକୁ ଛାଡ଼ି ତୋଠାରେ ଗଚ୍ଛିତ ଥିବା ରାକ୍ଷସୀ ଓ ଧ୍ୱଂସକାରୀ ଅହଂକାର, ଅଭିମାନ, ଗର୍ବ, ପ୍ରଭୁତ୍ୱ, ମିଥ୍ୟାଚାର, କପଟାଚାର, ଘୃଣା, ଲଜ୍ଜା, କୁଣ୍ଠା, ଭେଦଭାବ ଇତ୍ୟାଦିକୁ ପ୍ରୟୋଗ କରି ସ୍ରଷ୍ଟାପୁରୁଷଙ୍କର ସୁନ୍ଦର ମଧୁମୟ ସୃଷ୍ଟିକୁ ବିକୃତ ଅସୁନ୍ଦର କରିବୁ ନାହିଁ । ନିଜେ କୁତ୍ସିତ ଓ ବିକାରଗ୍ରସ୍ତ ହେବୁ ନାହିଁ । ମୋ କଥାଟି ମାନ, ମାନି ଚଳିବୁ ଧନ !

**ତେ**ଜୋମୟ ଜ୍ୟୋତିପୁଞ୍ଜ ତୋର ଚଲାପଥକୁ ସର୍ବଦା ଆଲୋକିତ କରୁଛି । ତୋ ପଶ୍ଚାତ୍‌ରେ ଆମର ଅମୋଘ ଆଶୀର୍ବାଦ ରହିଛି । ତେଣୁ, ରେ ମୋର ବୀରପୁତ୍ର, ତୁ ବୀର୍ଯ୍ୟଶାଳୀ ହୋଇ ଅପ୍ରତିହତ ବିକ୍ରମରେ ସମଗ୍ର ମାନବ ସମାଜରେ ଜୀବକୁଳକୁ ଅମୃତମୟ ବିଶ୍ୱଭ୍ରାତୃତ୍ୱର ପବିତ୍ରରସରେ ସିକ୍ତ କରି ଆଦ୍ୟ ଆଷାଢ଼ର ନବ ଜଳଧର ସଦୃଶ ସ୍ୱର୍ଗସୁଧା ବୃଷ୍ଟିକରି ହତାଶାମୟ ପୃଥିବୀର ତୃଷା ନିର୍ବାପନ କରି ମୋର ଆଦରଣୀୟ ସନ୍ତାନ ରୂପେ ଆମର ବିଶ୍ୱକଲ୍ୟାଣକର ଇଚ୍ଛା ପୂରଣ କରି ପୁଣି ଥରେ ମୋରି କୋଳକୁ ଫେରିଆ । ଆଜି ତୋ ପାଇଁ ମୋର କଲ୍ୟାଣୀ କରୁଣାର ଅବାରିତ ଧାରା ତୋରି ନତଶିରରେ ସହସ୍ରଧାରରେ ଝରିପଡୁଛି । ମୁଁ ତୋତେ ଦୁଇହାତରେ ଅକୁଣ୍ଠିତ କଲ୍ୟାଣ ଦେଉଛି ।

ଇତି ତୋର ଶୁଭାକାଂକ୍ଷି

ପିତା

***



# କେଶବ କୈବଲ୍ୟ କଣିକା

- ଶ୍ରୀ ହାନି ଭୟରେ ଗୁରୁ ସନ୍ନିଧିରେ ଶରଣ ନେଉଛ ସିନା ହେଲେ ଶରଣାଗତି ତଥାପି ଆସୁନାହିଁ । ଶରଣାଗତି ଭାବ ପରିପକ୍ୱ ହେଲେ ଯାଇ ଗୁରୁ ତମକୁ ତ୍ରିତାପରୁ ଉଦ୍ଧାର କରିବେ ।
- ମୁହଁରେ ସବୁ ସମର୍ପଣ କରିଦେବାର କଥା ପ୍ରକାଶ କରି ଅନ୍ତରରେ ତାହା ମାନି ବାସ୍ତବରେ କାର୍ଯ୍ୟକାରୀ କର । ଦେଖ, ତମ ପଛରେ ଅବ୍ୟକ୍ତ ଶକ୍ତି ରକ୍ଷାକବଚ ପରି ତୁମକୁ ସୁରକ୍ଷିତ କରି ରଖିଛି ।
- ଖଳ ପ୍ରକୃତିର ଲୋକେ ମୁହଁରେ ଯାହା କହନ୍ତି, ଅନ୍ତରରେ ତା'ଠାରୁ ଭିନ୍ନ ଚିନ୍ତା ପୋଷଣ କରିଥାଆନ୍ତି । ପୁଣି କାମରେ ଓଲଟା କରନ୍ତି । ସେମାନଙ୍କୁ ଭରସା ନା ବିଶ୍ୱାସ କରି ହେବ ??
- ନିଃଶ୍ୱାସ ପ୍ରଶ୍ୱାସର ପ୍ରତିଟି ଗତି ସହିତ ସମତାଳରେ ସବୁବେଳେ ଗୁରୁପ୍ରଦତ୍ତ ବୀଜମନ୍ତ୍ରର ମାନସ ଜପ ଦ୍ୱାରା ଅସାଧ୍ୟ ସାଧନ ହୋଇପାରେ । ତମେ ନିଜେ ଏହା କରି ପରୀକ୍ଷା କରିନେଇପାର ।
- ସୃଷ୍ଟିକର୍ତ୍ତା କାହାରିକୁ ବଡ଼ସାନ କରି ସର୍ଜନା କରି ନ ଥାନ୍ତି । ବ୍ୟକ୍ତି ଆପଣା କଲାକର୍ମରୁ ଜଗତରେ ବଡ଼ ବା ସାନ ହୋଇଯାଏ । ତମେ ବଡ଼ସାନ ଭେଦଭାବ ନ ରଖି ଶ୍ରୀଗୁରୁଚରଣରେ ଶରଣ ନେଇ ତ୍ୟାଗ ମନୋଭାବ ପୋଷଣ କର । ନିଷ୍ଠାରେ ଦୃଢ଼ତା ଆସିଗଲେ ବିଷୟାବନ୍ଧନ ତୁଟିଯିବ । ତୁମେ ମୁକ୍ତ ହୋଇ ଭକ୍ତ ହୋଇଯିବ ।
- ତମର ବୋଲି ଯାହାସବୁ ମନେ କରି ଆବୋରି ଧରି ଗଣ୍ଠି ପକାଇ ବସିଛ, ସେ ସବୁ କ'ଣ ତମର ମୁକ୍ତି, ମୋକ୍ଷ, ନିର୍ବାଣର ପଥ ଖୋଲି ଦେଇ ପାରିବ ? ସେସବୁ କ'ଣ ତମ ସହିତ ଗୋଡ଼ାଇ ଯିବ ? ବିଷୟ ତ୍ୟାଗ କର । ମୁକ୍ତି ମୋକ୍ଷ ନିର୍ବାଣ ଭୋଗ କରିବ । ବିଷୟକୁ ଆପଣାର ଭାବି ଭୋଗ କରୁଥିବା ପର୍ଯ୍ୟନ୍ତ ମୁକ୍ତି ମୋକ୍ଷ ନିର୍ବାଣ ପଥରେ ପାଦ ପକେଇ ଚାଲିପାରିବ ନାହିଁ ।
- ବାଦାନୁବାଦରେ ସତ୍ୟ ସନ୍ଧାନ ହୁଏ ନାହିଁ । ସତ୍ୟ ସନ୍ଧାନ ଏବଂ ଈଶ୍ୱରୋପଲବ୍ଧି ନିମନ୍ତେ ଦୃଢ଼ ବିଶ୍ୱାସ ହିଁ ଲୋଡ଼ା । ଯାହାର ବିଶ୍ୱାସ ଗାଢ଼, ସେ ସେତେ ଅଧିକ ଅନୁଭୂତି ଲାଭ କରେ ।
- ଶୀର ଅର୍ଥ ପ୍ରତ୍ୟୟ । ପ୍ରତ୍ୟୟର ଅର୍ଥ ବିଶ୍ୱାସ । ପ୍ରଗାଢ଼ ବିଶ୍ୱାସର ସହିତ ଗୁରୁଙ୍କ ଆଜ୍ଞା ଓ ଆଦେଶକୁ ମାନି କର୍ମ କରି ଚାଲ । ବାଦବିସମ୍ବାଦ ଠାରୁ ଦୂରେଇ ରୁହ । ଦାନ, ଧର୍ମ, ତ୍ୟାଗ, ସେବା, ନିଷ୍ଠା ଓ ଆନ୍ତରିକତାର ସହିତ କର । ତମେ ମଧ୍ୟ ଈଶ୍ୱରଙ୍କର ପ୍ରିୟପାତ୍ର ହୋଇଯିବ ।
- ମର ଶରୀର ଧରି ଜୀବ ମାୟାରେ ପଡ଼ି କେତେ ଭାବରେ ଖେଳୁଛି । ମରମତଳେ ଈଶ୍ୱରୀୟ ଭାବଟି ମହାର୍ଣ୍ଣବଙ୍କ ସହିତ ମିଶିଯିବା ଆଶାରେ ଆକୁଳ ହେଉଛି । ଜୀବ ଏହି ସୂକ୍ଷ୍ମ ଅନୁଭୂତି ଟିକକ ଅନୁଭବରେ ଆଣିପାରୁନାହିଁ । ଗୁରୁ ଗ୍ରହଣ କରି ଏକମୁଖୀ ହେଲେ ସିନା ହେବ ! ବାଉଳା ହେଲେ ଅସଲ ଲକ୍ଷ୍ୟଟି ଭ୍ରଷ୍ଟ ହେବ ଓ ପ୍ରାପ୍ତିର ଦ୍ୱାର ଦେଶରେ ଥାଇ ମଧ୍ୟ ତାହା ଶେଷରେ ହରାଇ ବସିବ ।
- ନଶ୍ୱର ଜଗତରେ ଯୁଗେ ଯୁଗେ ନାରୀର ପ୍ରାଧାନ୍ୟ ରହିଛି । ନାରୀ ଭିତରେ ବନ୍ଧନର ଶକ୍ତି ରହିଛି । ବନ୍ଧନ ଶକ୍ତି ଯାହାଠାରେ ଅଛି, ସଂଚାରିଣୀ ଶକ୍ତି ମଧ୍ୟ ତା'ଠାରେ ଅଛି । ତେଣୁ ଆଧ୍ୟାତ୍ମିକ ଜଗତରେ ମଧ୍ୟ ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।
- ଧ୍ୟାନ ବେଳେ ମନ ଚଞ୍ଚଳ ହେଉଛି ? ଏକାଗ୍ରତା ଆସୁନାହିଁକି ? କାହିଁ ମନ ଅସ୍ଥିର ହେଉଛି ? ବାକ୍ ସଂଯମତା ରକ୍ଷାକର । ଅଯଥାରେ ବହୁଲୋକଙ୍କ ସହିତ ମିଳାମିଶା କର ନାହିଁ, ଗୁଡ଼ାଏ ଗପ ନାହିଁ । ଏକାକୀ ରହି ନୀରବତା ରକ୍ଷା କରିବାର ଅଭ୍ୟାସ କର । ଧିରେ ଧିରେ ଏଥି ନିମନ୍ତେ ସମୟ ବଢ଼ାଇ ଚାଲ । ଗୁରୁଙ୍କ ଶ୍ରୀଚରଣରେ ଅଧିକରୁ ଅଧିକ ମନୋନିବେଶ କର । ଦେଖ, ଧ୍ୟାନ ଠିକ୍ ହେଉଛି । ଏକାଗ୍ରତା ମଧ୍ୟ ଆସିଯାଇଛି ।

☞ ନତବଦନରେ ଜୀବର ବୋଧଶକ୍ତି ଓ ବିଶ୍ୱାସ ରହିଲେ, ଏହି ବୋଧ ଓ ବିଶ୍ୱାସ ଦୀର୍ଘସ୍ଥାୟୀ ହେଲେ, ତାହାକ୍ରମେ ସଂସ୍କାର ତୋଳିବ ଏବଂ ଜନ୍ମଜନ୍ମାନ୍ତରର ସାଧନାରେ ସିଦ୍ଧି ଲାଭ ହେବ ।

☞ ସମସ୍ତେ ଧର୍ମ କଥା ଶୁଣିପାରିବେ ନାହିଁ । କାରଣ ଶ୍ରୁତିମଣ୍ଡଳରୁ ଯିଏ ଆସିଥାଏ, ସେ କେବଳ ଆଗ୍ରହରେ ଧର୍ମ କଥା ଶୁଣିବେ । ବକ୍ତା ଅପେକ୍ଷା ଶ୍ରୋତା ଆଗେ ସମାଧିପ୍ରାପ୍ତ ହୁଅନ୍ତି । ପ୍ରତ୍ୟେକ ଗୁରୁଅଙ୍ଗ ଧରାପୃଷ୍ଠକୁ ଆସିବା ସମୟରେ ଧର୍ମ ପ୍ରଚାର ପାଇଁ ଶ୍ରୁତିମଣ୍ଡଳରୁ ଅନେକ ଶ୍ରୋତା ସଙ୍ଗରେ ନେଇ ଆସିଥାଆନ୍ତି ।

☞ ହଳକରି ଜମିକୁ ସାରା କରିବା ପରେ ଯେପରି ବିହନ ବୁଣିଲେ ଫସଲ ଭଲ ହୁଏ, ସେହିପରି ବିଶ୍ୱାସ, ଶରଣାଗତି ଓ ସମର୍ପଣ ଭାବ ଆସିବା ପରେ ବୀଜମନ୍ତ୍ର ଜପ କଲେ ସୁଫଳ ସହଜରେ ମିଳିଥାଏ । ଅନ୍ତଃକରଣରେ ଅହଂକାରକୁ ମୁଣ୍ଡାକରି ମନ୍ତ୍ର ଜପିବା ଯାହା ପଥର ଉପରେ ବିହନ ବୁଣିବା ମଧ୍ୟ ତାହା ।

☞ କାମନାବାସନାର ବିନାଶ କ'ଣ ଏତେ ସହଜରେ ହୁଏ ନା ହେବ ? ମନକୋଣରେ ଅନୁକୋଟି କାମନା ବାସନା ପ୍ରତିମୁହୂର୍ତ୍ତରେ ଗଜୁରି ଉଠୁନାହିଁ କି ? ମନ କିଆରି ତ ବାଳୁଙ୍ଗାରେ ପୂରିଯାଇଛି, ତହିଁରେ ନାମ ଚାଷ କରିବ କିପରି ? ତମକୁ ଯେଉଁ ଧର୍ମଧାରା ଦିଆଯାଇଛି, ତାହା ନିଷ୍ଠା ଓ ଆନ୍ତରିକତାର ସହିତ ଅଭ୍ୟାସରେ ପକାଇ କରିଚାଲ । ତ୍ୟାଗ ଓ ଦାନ ଅକୁଣ୍ଠିତ ମନରେ କର । ବିଷୟାବନ୍ଧନ ତୁଟିଯିବ । ସର୍ବସିଦ୍ଧି ଲାଭ କରିବ ।

☞ ରେ ମାୟାବୀ ଜୀବ ! ସାଧନାସୂତ୍ରକୁ ସିଦ୍ଧ କରିବା ପାଇଁ ସତ୍‌ସଙ୍ଗର ଆହ୍ୱାନ ଦିଆଯାଇଛି । କାହାକୁ ନେଇ ସତ୍‌ସଙ୍ଗ କରୁଛ ? ଗୁରୁଙ୍କୁ ନେଇ ସତ୍‌ସଙ୍ଗ । ସତ୍‌ସଙ୍ଗରେ ବିଶୃଙ୍ଖଳିତ ହେଲେ, ଗୁରୁଙ୍କୁ ଅବମାନନା, ଧର୍ମକୁ ଅବମାନନା । କେଉଁଭାବ ମନରେ ପୋଷଣ କରି ଶାଖା ସତ୍‌ସଙ୍ଗକୁ ନିୟମିତ ଆସୁନାହଁ ? ଗଣ୍ଠିଲି ଫିଟାଇ ତ୍ୟାଗ ଭାବରେ ଦାନଧର୍ମ କରୁନାହଁ ? ସ୍ୱାର୍ଥପର ଭାବକୁ ଦୃଢ଼ କଲେ, ଅହଂକାର ମନରେ ଜମାଟ ବାନ୍ଧିବ । ଶେଷରେ ଦେଖିବ, ତମେ ଲକ୍ଷ୍ୟଭ୍ରଷ୍ଟ ହୋଇଯାଇଛ ।

☞ ମାର୍ଗ ଗୋଟିଏ, ଭାବ ଭିନ୍ନ ଭିନ୍ନ । ଭାବର ଅଭାବରେ ପଥହୁଡ଼ି ଜୀବ ଅବାଟରେ ପାଦ ପକାଏ । ଗୁରୁଙ୍କୁ ଧରି, ତାଙ୍କ ନିର୍ଦ୍ଦେଶରେ ବାଟ ଚାଲିଲେ ପଥହୁଡ଼ି ଅବାଟକୁ ଯିବାର ଅବକାଶ ନ ଥାଏ ସତ, ମାତ୍ର ଗୁରୁଙ୍କୁ ମଥାରେ ଧରି କେତେଜଣ ବାଟ ଚାଲୁଛନ୍ତି ??


☞ ନିର୍ମୋକ ବା ସାପର କାତି ଆପେ ଆପେ ତା'ଦେହରୁ ଛାଡ଼ିଯାଏ, ସାପକୁ ଏଥି ନିମନ୍ତେ କଷ୍ଟ ସହିବାକୁ ପଡ଼େ ନାହିଁ । ତମେ ସେପରି ଗୁରୁଙ୍କ ସାନିଧ୍ୟ ଲାଭ କରି ଅଭ୍ୟାସ କର୍ମଯୋଗରେ ଲିପ୍ତ ରହିଲେ, ସବୁ ଅଳିଆ ଆପେ ଆପେ ତମ ମଧ୍ୟରୁ ବାହାରିଯିବ । ଏଥିପାଇଁ କୌଣସି କଷ୍ଟ ହେବ ନାହିଁ ।

☞ ଚାତକ ବର୍ଷାକୁ ଏକଲୟରେ ଅନାଇ ରହିବା ପରି ତମେ ଗୁରୁଙ୍କ ଶ୍ରୀପଦକୁ ଧ୍ୟାନ କର । ଦେଖ, ତମ ମନ ସ୍ଥିର ଅଚଞ୍ଚଳ ହୋଇଯାଇଛି । ଏହା ଏକ ଅଭ୍ୟାସ ଯୋଗ । ଅଭ୍ୟାସ କରି ପରଖି ଦେଖ ।


☞ ଲକ୍ଷ୍ୟ ତମର ଚରମ ପ୍ରାପ୍ତି । ଏହି ଲକ୍ଷ୍ୟ ସ୍ଥିର ରଖ । ବିଷୟାଜଗତର ସମସ୍ୟାରେ ଅସ୍ଥିର ହୁଅନାହିଁ । ସାଂସାରିକ ସମସ୍ୟାର ସମାଧାନ ପାଇଁ ଗୁରୁ ସନ୍ନିଧାନରେ ବ୍ୟସ୍ତ ହୁଅନାହିଁ । ଜାଗତିକ ପ୍ରାପ୍ତି ତମର ଲକ୍ଷ୍ୟ ନୁହେଁ । ବିଷୟାପ୍ରାପ୍ତି ଆଶା ପୋଷଣ କରି ଅଳି କଲେ, ଚରମ ପ୍ରାପ୍ତି ଠାରୁ ଦୂରେଇ ଯିବ । ସାବଧାନ ! ଆଗକୁ ଘୋର ଦୁଃଖ ସଙ୍କଟର କାଳ ଘନେଇ ଆସୁଛି ।

# ଚରମର ପ୍ରଚ୍ଛଦପଟ ସଂପର୍କରେ

*ଚରମର ପ୍ରଚ୍ଛଦପଟ ସାମଗ୍ରିକ ଭାବରେ ପ୍ରତୀକାତ୍ମକ ସୃଷ୍ଟିତତ୍ତ୍ୱର ପ୍ରଚ୍ଛାୟା ମାତ୍ର । ଏହି ପ୍ରତୀକ ଅନ୍ତରାଳରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ସ୍ଥୂଳ, ସୂକ୍ଷ୍ମ କାରଣ ତତ୍ତ୍ୱ ପ୍ରଚ୍ଛନ୍ନରେ ବିଦ୍ୟମାନ । କେବଳ ମାତ୍ର ବିହଙ୍ଗାବଲୋକନରୁ ଏହାର ରହସ୍ୟ ଭେଦ କରିବା ସମ୍ଭବ ନୁହେଁ । ସୃଷ୍ଟିତତ୍ତ୍ୱ ରହସ୍ୟମୟ । ଏହି ରହସ୍ୟାଚ୍ଛନ୍ନ ଗୁଢ଼ତତ୍ତ୍ୱ ଭେଦ କରିବା ସମସ୍ତଙ୍କ ପକ୍ଷରେ ଯଦିଓ ଦୁରୂହ, ତଥାପି ଧୈର୍ଯ୍ୟ, ସ୍ଥୈର୍ଯ୍ୟ, ବୀର୍ଯ୍ୟର ସହିତ ଧ୍ୟାନ ଓ ଲୟର ସହିତ ଏହାର ଅନୁଶୀଳନ କଲେ, ତାପସାତ୍ମା ସାଧକମାନଙ୍କର ହେତୁ ଉଦୟ ହେବା ସୁନିଶ୍ଚିତ । ସାଧାରଣ ଆତ୍ମା ଯେଉଁଠି ସ୍ଥୂଳ ଆକାରରେ ପଥଭ୍ରଷ୍ଟ ହୁଏ, ତାପସାତ୍ମା ସେଠାରେ ସୂକ୍ଷ୍ମସତ୍ତା ଅନୁଭବ କରି ଭଗବତ୍ ପ୍ରେମରେ ତଲ୍ଲୀନ ହୁଏ । ସିଦ୍ଧାତ୍ମା ସେଇଠି କାରଣ ଜଗତର ମହାଶୂନ୍ୟ ମଧ୍ୟରେ ନିରାକାରଙ୍କୁ ଉପଲବ୍ଧି କରି କଳ୍ପାନ୍ତକ ପର୍ଯ୍ୟନ୍ତ ନିର୍ବାଣ ପ୍ରାପ୍ତ ହୋଇ ଜନ୍ମମୃତ୍ୟୁର ସୀମା ଅତିକ୍ରମଣ କରି ସଚ୍ଚିଦାନନ୍ଦ ଲାଭକରେ । କ୍ଷୁଦ୍ର ନହୋଇ 'ଚରମ'ର ପ୍ରଥମ ସଂଖ୍ୟା ମର୍ଯ୍ୟାଦବରଣ ବିଶେଷାଙ୍କ (ପ୍ରକାଶନ ତା୩୦।୧୦।୯୩ରିଖ) ଠାରୁ ଏଯାବତ୍ ଧାରାବାହିକ ଭାବରେ 'ଚରମର ପ୍ରଚ୍ଛଦପଟ ସମ୍ପର୍କରେ' ନିୟମିତ ତତ୍ତ୍ୱଗର୍ଭକ ଓ ଅନୁଚିନ୍ତାମୂଳକ ପ୍ରବନ୍ଧମାନ ପ୍ରକାଶ ହୋଇଆସୁଛି । ଅନୁସନ୍ଧିତ୍ସୁ ଅଧ୍ୟାତ୍ମପ୍ରେମୀ ପାଠକପାଠିକା, ସାଧକସାଧିକା, ଅଗଣିତ ଦିବ୍ୟାତ୍ମା ଭାଇଭଉଣୀମାନଙ୍କର ଏହା ଆନନ୍ଦବର୍ଦ୍ଧକ, ଆମୋଦଦାୟକ, ଅନୁଶୀଳନାତ୍ମକ ସୁଖପାଠ୍ୟ ବିଭାଗ ବୋଲି ସମ୍ପାଦନା ବିଶ୍ୱାସ କରେ ।*



## ଦିବ୍ୟଚକ୍ଷୁ



''ଶ୍ରୀକୃଷ୍ଣର ଭକ୍ତିଭାବ କ୍ରିୟା ଯୋଗ ସାର । ଦୁର୍ଲଭ ମହିମା ତା' ଜାଣନ୍ତି ତିନିପୁର ॥
କୃଷ୍ଣଭକ୍ତି କ୍ରିୟା ଯୋଗ ସାର ଅଗୋଚର । ଚତୁର୍ମୁଖେ କହି ନ ପାରନ୍ତି ବେଦବର ॥''

**ଭ**କ୍ତିଭାବର ମୂଳତତ୍ତ୍ୱ ହିଁ କ୍ରିୟାଯୋଗ । କ୍ରିୟାଯୋଗର ମହିମା କାରଣ, ସୂକ୍ଷ୍ମ ଓ ସ୍ଥୂଳ ତିନିପୁରରେ ଦୁର୍ଲଭ ଅଟେ । ଏହି ତତ୍ତ୍ୱ ମହିମା ଓ କୃଷ୍ଣଭକ୍ତିର ସାରତତ୍ତ୍ୱ ଅଗୋଚର ଅଟେ । ଏପରିକି ବେଦପତି ବ୍ରହ୍ମା ମଧ୍ୟ ତାଙ୍କର ଚତୁର୍ମୁଖରେ ଏହା ପ୍ରକାଶ କରିପାରନ୍ତି ନାହିଁ ।

**ଗ**ଗନ ସଦୃଶ ସର୍ବତ୍ର ପରିବ୍ୟାପ୍ତ ଅବ୍ୟକ୍ତ ମହାବିଷ୍ଣୁଙ୍କୁ ହିଁ ଏହି ଗୁଢ଼ତତ୍ତ୍ୱ ଗୋଚର । ସେ ହିଁ ସକଳ ତତ୍ତ୍ୱର ତତ୍ତ୍ୱ, ସୃଷ୍ଟିର ପ୍ରାଣକେନ୍ଦ୍ର । ତାହା ହିଁ କାରଣଜଗତ ଆଦି ଅନାଦି ମଣ୍ଡଳର କେନ୍ଦ୍ରବିନ୍ଦୁ । ସେହି ଅବ୍ୟକ୍ତ କେନ୍ଦ୍ରବିନ୍ଦୁରୁ କାରଣ, ସୂକ୍ଷ୍ମ ଓ ସ୍ଥୂଳ ଜଗତ/ଆଦିଅନାଦି ମଣ୍ଡଳ, ଓଁକାର ମଣ୍ଡଳ ଏବଂ ଶକଟକ ମଣ୍ଡଳର ସୃଷ୍ଟି । ସେହି ଅବ୍ୟକ୍ତ ପୁରୁଷ ହିଁ କାରଣ ସ୍ୱରୂପ, ସୂକ୍ଷ୍ମ ଏବଂ ସ୍ଥୂଳ ସ୍ୱରୂପ ସର୍ବତ୍ର ବ୍ୟକ୍ତ ଏବଂ ପରିବ୍ୟାପ୍ତ ।

ବାଦାନୁବାଦ ରହିତ ଏକନିଷ୍ଠ ଦୃଢ଼ ବିଶ୍ୱାସରୁ ହିଁ ତାହା ଧ୍ୟାନସ୍ଥ ସାଧକର ଦିବ୍ୟଦୃଷ୍ଟିରେ ପ୍ରତିଭାତ ହୁଏ ।

''ମହାବିଷ୍ଣୁ ଜାଣ ହରି ବୈକୁଣ୍ଠରେ ବାସ । ଏକରୁ ଅନେକ ରୂପ ହୁଅନ୍ତି ପ୍ରକାଶ ॥
ଯେସନେ ଦୀପରୁ ଦୀପ ଜଳଇ ବହୁତ । ମହାବିଷ୍ଣୁ ମହିମା ଗୋ ଜାଣ ସେହି ମତ ॥
ଏକରୁ ଅନେକ ରୂପ ଧରନ୍ତି ସେ ପୁଣି । ସୃଷ୍ଟି ସ୍ଥିତି ପ୍ରଳୟର ଅଟନ୍ତି କାରଣୀ ॥
ଦକ୍ଷିଣାଙ୍ଗୁ ବ୍ରହ୍ମା ଜନ୍ମି ସୃଷ୍ଟିକି ସର୍ଜଇ । ବାମାଙ୍ଗରୁ ବିଷ୍ଣୁ ଜନ୍ମି ମହୀକି ପାଳଇ ॥
ହୃଦୁଁ ରୁଦ୍ର ରୂପ ଜନ୍ମି କରଇ ସଂହାର । ସତ୍ତ୍ୱ, ରଜ, ତମଗୁଣ ତିନି ଜଣଙ୍କର ॥''

**ନ**ଶ୍ୱର ଜଗତରେ ଆମେ ଯାହାକୁ ମହାବିଷ୍ଣୁ ଉପାଧିରେ ଭୂଷିତ କରି ଆଧ୍ୟାତ୍ମିକ ଶିକ୍ଷା ଛଳରେ ସୃଷ୍ଟି ରହସ୍ୟ ଉଦ୍‌ଘାଟନର ସାମାନ୍ୟତମ ପ୍ରୟାସ କରିଛୁ ବା କରୁଛୁ, ଅବିନଶ୍ୱର ଜଗତରେ ଅଧ୍ୟାତ୍ମ ଦର୍ଶନ ମତରେ ତାଙ୍କୁ ଅବ୍ୟକ୍ତ ମଣ୍ଡଳର

ଆଦିଅନାଦି ଜଗତର ଉର୍ଦ୍ଧ୍ୱରେ ଥିବା ଅବ୍ୟକ୍ତ ନିରାକାର ପୁରୁଷ ବୋଲି ଅଭିହିତ କରାଯାଇଛି । ସେ ହିଁ ସୃଷ୍ଟିର ଉତ୍ସ, କେନ୍ଦ୍ର, ଶକ୍ତି ଓ ସୃଷ୍ଟିର ଆଧାର ପୁଣି ଆଧେୟ । ନିରାକାର ଅବ୍ୟକ୍ତ ପୁରୁଷଙ୍କର ଅବ୍ୟକ୍ତ ଲୀଳା, ସ୍ଥୂଳଜଗତରେ ତାଙ୍କ ସଂଘଟିତ ବ୍ୟକ୍ତ ଲୀଳା ଅପେକ୍ଷା ଅଧିକରୁ ଅଧିକ ରହସ୍ୟମୟ ଏବଂ ଚିନ୍ତାଦ୍ୟୋତକ । ତାଙ୍କର ମହିମା ଅପାର । ଆପଣା ଇଚ୍ଛାରୁ ସେ ଏକରୁ ଅନେକ ରୂପରେ ପ୍ରକାଶମାନ ହୁଅନ୍ତି, ହୋଇଛନ୍ତି ଏବଂ ପ୍ରତି ମୂହୂର୍ତ୍ତରେ ମଧ ହେଉଛନ୍ତି । ସେ ହିଁ ସୃଷ୍ଟି, ସ୍ଥିତି ଓ ପ୍ରଳୟର ମୂଳକର୍ତ୍ତା । ମାତ୍ର ଏହି ପ୍ରକ୍ରିୟାତ୍ରୟ ସ୍ୱୟଂ ସେ ନ କରି ଅନ୍ୟଦ୍ୱାରା କରାଇ ନିଅନ୍ତି ଶୃଙ୍ଖଳା ଓ ବିଧାନର ସହିତ ।

**ଉ**ଦାହରଣ ସ୍ୱରୂପ କୁହାଯାଇପାରେ : ମହାଭାରତ ଯୁଦ୍ଧରେ ଭଗବାନ ଶ୍ରୀକୃଷ୍ଣ ଅସ୍ତ୍ର ଧାରଣ କରି ସାଧୁସନ୍ଥମାନଙ୍କର ପରିତ୍ରାଣ, ଦୁଷ୍କୃତ ଦୁଷ୍ଟମାନଙ୍କର ବିନାଶ ଏବଂ ଧର୍ମର ପୁନଃପ୍ରତିଷ୍ଠା ନିମନ୍ତେ ସ୍ୱୟଂ ଯୁଦ୍ଧ କରି ନ ଥିଲେ ମଧ୍ୟ ଏହି ଧର୍ମଯୁଦ୍ଧର ସେ ହିଁ ଥିଲେ ଉଦ୍‌ଗାତା ଏବଂ ଯୁଦ୍ଧ କରିବା ନିମନ୍ତେ ମଧ୍ୟମ ପାଣ୍ଡବ ଅର୍ଜୁନଙ୍କୁ ବାରମ୍ବାର ପ୍ରେରଣା ଓ ପ୍ରବୋଦନା ଦେଇ ନିମିତ୍ତ ମାତ୍ର କର୍ତ୍ତା ସଜାଇ ଏକ ମହାନ୍ ନାଟକ ସର୍ଜନା କରିଗଲେ । ଏହି ପୌରାଣିକ ଉପାଖ୍ୟାନକୁ ନିରାକାରଙ୍କର ଅବ୍ୟକ୍ତ ସୂକ୍ଷ୍ମ କାରଣ ଲୀଳାର ଅବିକଳ ନକଲ ରୂପେ ଗ୍ରହଣ କରି ମୂଳତତ୍ତ୍ୱଟି ବୁଝିବାକୁ ଆଗ୍ରହୀ ହେଲେ, ଆଉ କୌଣସି ଅସୁବିଧା ରହିବ ନାହିଁ ।

**ବା**ହ୍ୟତଃ ଆମେ ଜାଣୁ, ଶୁଣୁ ଏବଂ କହୁ ଯେ ବ୍ରହ୍ମା ରଜଗୁଣରେ ସୃଷ୍ଟି , ବିଷ୍ଣୁ ସତ୍ତ୍ୱଗୁଣରେ ପାଳନ ଏବଂ ଶିବ ତମଗୁଣରେ ଧ୍ୱଂସ ସାଧନ କରନ୍ତି । କିନ୍ତୁ ନିରାକାର ଅବ୍ୟକ୍ତବ୍ରହ୍ମ ନିର୍ଗୁଣ କାରଣ ତାଙ୍କଠାରେ ପୂର୍ଣ୍ଣମାତ୍ରାରେ ତ୍ରିଗୁଣ ସମତା ରକ୍ଷା କରି ସାମ୍ୟ ଅବସ୍ଥାରେ ରହିଛି । ସ୍ୱଇଚ୍ଛାରୁ ତାଙ୍କ ଅଙ୍ଗରୁ ବ୍ରହ୍ମା, ବିଷ୍ଣୁ ଓ ଶିବ ଏକ ଏକ ଗୁଣର ପୂର୍ଣ୍ଣ ଅଧିକାରୀ ହୋଇ ସ୍ୱଗୁଣ ବଶରୁ ସୃଷ୍ଟି, ସ୍ଥିତି ଓ ପ୍ରଳୟର କାର୍ଯ୍ୟକାରିଣୀ ଅଧିଷ୍ଠାତ୍ରୀ ଶକ୍ତି ରୂପରେ ସ୍ୱକ୍ରିୟା ଯୋଗରେ ନିୟୋଜିତ ଥାଆନ୍ତି । ଏହି ତ୍ରିଦେବ ହିଁ ନିମିତ୍ତ ମାତ୍ର, ମହାଭାରତ ଯୁଦ୍ଧର ମଧ୍ୟମପାଣ୍ଡବ ଅର୍ଜୁନଙ୍କ ପରି । ପ୍ରକୃତ କ୍ରିୟାର ଉଦ୍‌ଗାତା ଶ୍ରୀକୃଷ୍ଣଙ୍କ ପରି ନିରାକାର ବ୍ରହ୍ମ ।

**ଚ**ରମର ପ୍ରଚ୍ଛଦପଟରେ ପ୍ରଦତ୍ତ ପ୍ରତୀକାତ୍ମକ ଚିତ୍ରକୁ ଲକ୍ଷ୍ୟକଲେ, ଏହା ହିଁ ସ୍ପଷ୍ଟ ପ୍ରତୀୟମାନ ହୁଏ । ସର୍ବଶୀର୍ଷରେ ସ୍ଥିତ ଚକ୍ରାକାର ମଣ୍ଡଳ ହିଁ ଅବ୍ୟକ୍ତ ମଣ୍ଡଳ । କେନ୍ଦ୍ରରେ ସ୍ଥିତ ମୂଳ ହଳଦିଆ ରଙ୍ଗର ବିନ୍ଦୁ ହିଁ ନିରାକାର ସନାତନ- ସେ ହିଁ ଏକାଙ୍ଗରେ ନିତ୍ୟରାଧା ନିତ୍ୟକୃଷ୍ଣ- ଏକଭାବ, ଦୁଇଅଂଶ- ଏକତ୍ର, ସମ୍ମିଳିତ । ତାଙ୍କରି ଇଚ୍ଛାରେ ସେ ବ୍ୟକ୍ତ ହୋଇ ଅବ୍ୟକ୍ତ ପୁରୁଷ ଓ ଅବ୍ୟକ୍ତ ପ୍ରକୃତି ରୂପରେ ପ୍ରତିଭାତ । ମଧ୍ୟସ୍ଥ ପଦ୍ମଦଳ ପରିବେଷ୍ଟିତ ପ୍ରଣବ- ଓଁ ସୂକ୍ଷ୍ମଜଗତର ଦ୍ୟୋତକ - ଓଁକାର ମଣ୍ଡଳ । ଅବ୍ୟକ୍ତ ପୁରୁଷ- ମହାବିଷ୍ଣୁ- ନିରାକାରଙ୍କ ଦକ୍ଷିଣାଙ୍ଗରୁ ରଜଗୁଣର ପୂର୍ଣ୍ଣ ଅଧିକାରୀ ବ୍ରହ୍ମା, ବାମାଙ୍ଗରୁ ସତ୍ତ୍ୱଗୁଣାଧିକାରୀ ବିଷ୍ଣୁ ଏବଂ ହୃଦସ୍ଥଳରୁ ତମଗୁଣାଶ୍ରୟୀ ରୁଦ୍ର ବା ଶିବ ଜାତ ହୋଇ ଏହି ଓଁକାର ମଣ୍ଡଳ ବା ସୂକ୍ଷ୍ମଜଗତରେ ଆଦି ଅନାଦି ମଣ୍ଡଳ ବା କାରଣଜଗତର କେନ୍ଦ୍ର ନିରାକାରଙ୍କ ଇଚ୍ଛାରୁ ସୃଷ୍ଟି, ସ୍ଥିତି ଓ ପ୍ରଳୟର ସୂକ୍ଷ୍ମ ମୀମାଂସା ନିର୍ଦ୍ଧାରଣ କରି ନିରାମୟ ବ୍ରହ୍ମଙ୍କର ମହତୀ ଇଚ୍ଛା ଏକରୁ ଅନେକ ରୂପରେ ହୋଇ ବି ପ୍ରକାଶ-କୁ ସର୍ବନିମ୍ନସ୍ଥ ଶ୍ରୀଚରଣ ଶୋଭିତ ଶକଟକ ମଣ୍ଡଳ ବା ସ୍ଥୂଳଜଗତରେ ପଞ୍ଚଭୂତ, ପଞ୍ଚତନ୍ମାତ୍ରା, ପଞ୍ଚଇନ୍ଦ୍ରିୟ, ପଞ୍ଚପ୍ରାଣ, ପଞ୍ଚଚେତନା, ପଞ୍ଚଜଡ଼ତ୍ୱ ରୂପରେ ପୂର୍ଣ୍ଣତଃ ବ୍ୟକ୍ତ କରନ୍ତି । ଲୀଳାମୟ ଲୀଳା ରଚନା କରିବାକୁ ଆଗ୍ରହ ପ୍ରକାଶ କରି ବ୍ୟକ୍ତ ହୁଅନ୍ତି, ପ୍ରଚ୍ଛନ୍ନରେ, ପରଦାର ଆଢୁଆଳରେ । ରଙ୍ଗମଞ୍ଚରେ ସେ ଅବତୀର୍ଣ୍ଣ ହୋଇ ମଧ୍ୟ ଗୋପନରେ ରହି ଯାଆନ୍ତି । ଆମେମାନେ ସବୁ କର୍ତ୍ତାସାଜି, ମନକୁ ମନ ଆପଣା ମତେ ସବୁ ବାହାଦୁରୀ ନେଇ, ନିଜ ନିଜର ବଡ଼ପଣ ଅହମିକା, ଅହଂକାର, ଅସ୍ମିତା, ଆତ୍ମଶ୍ଳାଘା ବିସ୍ତାର କରିଥାଉ ସିନା ! ଆମେ କ'ଣ ବୁଝୁ - ଅର୍ଜୁନ ଭଳି ନିମିତ୍ତ ମାତ୍ର ଯେଉଁଠି ସ୍ୱୟଂ ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନକର୍ତ୍ତା ବିଷ୍ଣୁ ଏବଂ ସଂହାର କର୍ତ୍ତା ଶିବ, ସେଠାରେ ଆମର ସ୍ଥିତି, ଗତି, ପ୍ରକୃତି ବା କେଉଁଠି ? କଥାରେ ନାହିଁ ? ଶିଳ ଶିଳପୁଆ ଗଗନେ ଉଡ଼ିଲେ, ଶିମିଳିତୁଳାକୁ କିଏ ରଖିବ ? କାରଣ ଜଗତରୁ ସ୍ଥୂଳଜଗତ ପର୍ଯ୍ୟନ୍ତ ଅନନ୍ତ କୋଟି ବ୍ରହ୍ମାଣ୍ଡ ଯାହାଙ୍କର ଲୋମମୂଳରେ ବିଦ୍ୟମାନ, ଏହି କଳ୍ପନାତୀତ ବିଶାଳତା ତୁଳନାରେ

ଆମେ ସାମାନ୍ୟତମ ଧୂଳିକଣାର ସହସ୍ରକୋଟି ଅଂଶରୁ ଅଂଶଟିଏ ମାତ୍ର ହେବୁ କି ନା; ତାହା ମଧ୍ୟ ଆମର ଅଜ୍ଞାତ, ସେ ସମ୍ବନ୍ଧରେ ଆମେ ଅଜ୍ଞ ।

ଦିବ୍ୟରସାପ୍ଲୁତ ହରିବଂଶର ରଚୟିତା କବି ପୀତାମ୍ବର ଦ୍ୱାସ (୧୭୨୩-୧୭୭୩) ପଦ୍ମପୁରାଣରେ ଲେଖିଯାଇଛନ୍ତି :

''ମହାବିଷ୍ଣୁ ରୂପ ଜାଣ ବୈକୁଣ୍ଠରେ ବାସ । ସର୍ଜନା ପାଳନା ପୁଣି କରନ୍ତି ବିନାଶ ॥
ଏକ ନାରାୟଣ ବ୍ରହ୍ମା ବିଷ୍ଣୁ ଯେ ଶଙ୍କର । ତିନିଜଣ ଏ ସଂସାରେ କରନ୍ତି ବିଚାର ॥
ତେଣୁ ସେ ବୈଷ୍ଣବ ଜନେ ଭେଦ ନ କରନ୍ତି । କଲେ ବିଷ୍ଣୁ ଦ୍ରୋହୀ ହୋଇ ନରକେ ପଡ଼ନ୍ତି ॥''

**ବ୍ୟ**ବସ୍ଥା ଅନୁସାରେ କାରଣଜଗତର ସର୍ବମୟ କର୍ତ୍ତାଙ୍କ ନିର୍ଦ୍ଦେଶରେ ସୂକ୍ଷ୍ମଜଗତରେ ଓଁକାର ମଣ୍ଡଳରେ ନାଟକ ଅଭିନୀତ ହୁଏ । ବ୍ରହ୍ମା ଅବତାରରେ ସାବିତ୍ରୀ ରୂପରେ ସେ ସଂସାର ସର୍ଜନା (ସୃଷ୍ଟି)ର ଯେଉଁ ସୂକ୍ଷ୍ମଯୋଜନା କରନ୍ତି; ତଦନୁସାରେ ସ୍ଥୂଳଜଗତ ବା ଶକଟକ ମଣ୍ଡଳରେ ସୃଷ୍ଟି ପ୍ରକ୍ରିୟା ଚାଲେ । ବିଷ୍ଣୁ ଅବତାରରେ ଲକ୍ଷ୍ମୀ ରୂପରେ ସେ ପାଳନ କ୍ରିୟା ଏବଂ ଶିବ ଅବତାରରେ ମହାମାୟା ଦୁର୍ଗା ରୂପରେ ସେ ସଂହାର କ୍ରିୟା ଯୋଗରେ ଲିପ୍ତ ରହନ୍ତି । ସେ ନିଜେ ହିଁ ସୃଷ୍ଟି କରନ୍ତି, ସୃଷ୍ଟିର ପରିପାଳନ ଏବଂ ଲୀଳାକ୍ରମରେ ପାଳିତ ସୃଷ୍ଟିର ସଂହାର ମଧ୍ୟ ଅନୁଷ୍ଠାନ କରନ୍ତି ।

**ଚ**ରାଚର ସଂସାର ତାଙ୍କରି ନିର୍ଦ୍ଦେଶରେ ରଜଗୁଣରେ ବ୍ରହ୍ମା ଓ ସାବିତ୍ରୀ ସୃଷ୍ଟି କଲେ ସ୍ଥାବର, ଜଙ୍ଗମ, କୀଟ, ପତଙ୍ଗ, ପୃଥ୍ୱୀ, ଆପ, ତେଜ, ବାୟୁ, ଆକାଶ, ଭୂଲୋକ, ଭୁବଃଲୋକ, ସ୍ୱଃଲୋକ, ମହଃଲୋକ, ଜନଲୋକ, ତପଲୋକ, ସତ୍ୟଲୋକ– ଏହି ସପ୍ତଲୋକରେ ଛତିଶ କୋଟି ଦେବାଦେବୀ ରହିଲେ । ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ରସାତଳ, ପାତାଳ – ଏହି ସପ୍ତପାତାଳରେ ବାସୁକୀ ସହିତ ସର୍ପ ବା ନାଗମାନେ ରହିଲେ । ସପ୍ତଦ୍ୱୀପ– ଜମ୍ବୁ, ପ୍ଲକ୍ଷ, ଶାଲ୍ମଳୀ, କୁଶ, କ୍ରୌଞ୍ଚ, ଶାକ, ପୁଷ୍କର-ରେ ମନୁଷ୍ୟ, ପଶୁ ପକ୍ଷୀ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗାଦି ରହିଲେ । ଏହାକୁ ଏକବିଂଶ ବ୍ରହ୍ମାଣ୍ଡ କୁହାଗଲା । ପର୍ବତ, ବନ, ନଦନଦୀ, ହ୍ରଦ, ସପ୍ତସାଗର (ଲବଣ, ଇକ୍ଷୁ, ସୁରା, ଘୃତ, ଦଧି, କ୍ଷୀର, ଜଳ) ଇତ୍ୟାଦି ସ୍ଥୂଳରେ ଓ ଗ୍ରହ, ଉପଗ୍ରହ, ନକ୍ଷତ୍ର ମଣ୍ଡଳର ସୃଷ୍ଟି ହେଲା । ବ୍ରହ୍ମା ନିଜ ଦେହରୁ ନବ ପ୍ରଜାପତି ଜିଆଇଲେ– ଭୃଗୁ, ଅତ୍ରି, ଦକ୍ଷ, କ୍ରତୁ, କର୍ଦ୍ଦମ, ପୌଲସ୍ତି, ମରୀଚି, ପୁଲହ ଓ ଅଙ୍ଗିରା । କଶ୍ୟପଙ୍କଠାରୁ ଚରାଚର ସଂସାର ସୃଷ୍ଟି ହେଲା । କଶ୍ୟପ ଋଷିଙ୍କର ଚାରିଜଣ ପତ୍ନୀଥିଲେ– ଦିତି, ଅଦିତି, କଦ୍ରୁ ଓ ବିନତା । ଅଦିତିଙ୍କ ଗର୍ଭରୁ ଦେବତାମାନେ, ଦିତିଙ୍କ ଗର୍ଭରୁ ଅସୁରସକଳ, କଦ୍ରୁଙ୍କ ଠାରୁ ନାଗକୁଳ ଓ ବିନତାଙ୍କ ଗର୍ଭରୁ ଗରୁଡ଼ ଜନ୍ମ ନେଲେ । ପୁନଶ୍ଚ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ର ଚାରିବର୍ଣ୍ଣର ଲୋକେ ଆପଣା ଆପଣା ଗୁଣକର୍ମ ଅନୁସାରେ ସପ୍ତ ଭୂମଣ୍ଡଳରେ ବାସ କଲେ । କ୍ରମଶଃ ତାଙ୍କ ଠାରୁ ବର୍ଣ୍ଣଶଙ୍କରମାନେ ଜନ୍ମନେଲେ ।

**କ୍ଷୁ**ରଧାର ସଦୃଶ ତୀକ୍ଷ୍ଣ ଜ୍ଞାନ ଗର୍ଭକ ଶ୍ରୀମଦ୍ ଭାଗବତରେ ପଞ୍ଚଦଶ ଶତାବ୍ଦୀର ପଞ୍ଚସଖା କବି ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଷାରେ :

''ମାୟା ଈଶ୍ୱର ମାୟାବଳେ । ସୃଜେ ସ୍ୱଭାବେ କର୍ମଫଳେ ॥
ସେ କାଳ ଗୁଣ ବ୍ୟତୀତରେ । ସୃଜଇ ପାଳଇ ସଂସାରେ । ॥
ତା'ର ସ୍ୱଭାବ କର୍ମଯୋଗେ । ମହତ ଉପୁଜିଲା ବେଗେ ॥
ମହତ ବିକାରୁ ତକ୍ଷଣେ । ତ୍ରିଗୁଣ ଲିଙ୍ଗ ଆଭରଣେ ॥''

**ଦେ**ବ ଦେବ ମହାମହେଶ୍ୱର ଅବ୍ୟକ୍ତ ବ୍ରହ୍ମଙ୍କ ଆଜ୍ଞାରୁ ଓଁକାର ମଣ୍ଡଳରେ ବ୍ରହ୍ମା ଓ ସାବିତ୍ରୀ ବ୍ରହ୍ମାଣ୍ଡ ସୃଜନର ପ୍ରକ୍ରିୟା ଆରମ୍ଭ କଲେ । ତାଙ୍କରି ଇଚ୍ଛାରୁ ଭଗବତୀ ମହାମାୟା ଏ ଜଗତ (ସ୍ଥୂଳ, ଶକଟକ ମଣ୍ଡଳ)ରେ ମାୟାବଳରେ ବିମୋହିତ କରି

ଅଜ୍ଞାନମଦରେ ସକଳଙ୍କୁ ଆବୋରିଲେ । ଅଜ୍ଞାନତାରୁ ଜୀବକୁଳ ଭିନ୍ନା ଭିନ୍ନ, ଭେଦାଭେଦ ଭାବରୁ ପ୍ରକୃତ ଜ୍ଞାନ ଓ ମହାଭାବକୁ ଚିହ୍ନି ନ ପାରି ମାୟା ମୋହ-ଗ୍ରସ୍ତ ହୋଇ ଆପଣା ଆପଣା ସ୍ବଭାବରୁ କର୍ମ ସମ୍ପାଦି ପାପପୁଣ୍ୟ, କର୍ମାକର୍ମ, ଭଲମନ୍ଦ, ଦୁଃଖସୁଖ, ନୀତିଅନୀତି, ଉଚିତ ଅନୁଚିତ ଇତ୍ୟାଦିର ଫଳଭୋଗ କଲେ, କରୁଛନ୍ତି ଓ କରୁଥିବେ ମଧ୍ୟ ।

''ସେ ମାୟାବଳେ ଏ ଜଗତ । ଅଜ୍ଞାନ ମଦେ ବିମୋହିତ ॥
ମୁହିଁ ସୋଦର ଏ ଶରୀର । ଦାରା ସମ୍ପଦ ବନ୍ଧୁ ମୋର ॥
ଅଜ୍ଞାନ ଜନଙ୍କ ଏ ଭାବ । ସର୍ବ ସମ୍ପଦ ପଦ୍ମନାଭ ॥
ଏ ଦ୍ରବ୍ୟ କାଳ କର୍ମ ଜୀବ । ଜୀବର ଯେ ଅବା ସ୍ବଭାବ ॥
ଯେତେ ଦେଖଇ ଭିନ୍ନ ଭିନ୍ନ । ଏକଇ ଆତ୍ମା ସର୍ବଜନ ॥
ସ୍ବଭାବେ ଶକ୍ତି ମହାଘୋର । ତମ ତାମସ ଅହଂକାର ॥''

ଉତ୍ଥାପିତ ସତ୍ୟ ଓ ତତ୍ତ୍ୱର ପରିଶୀଳନରୁ ସ୍ଥୂଳଜଗତ ବା ଶକଟକ ମଣ୍ଡଳ ବୋଇଲେ କେବଳ ପୃଥିବୀ ନୁହେଁ । ଆମ ସୌର ପରିବାର ଭଳି କୋଟି କୋଟି ଗ୍ରହନକ୍ଷତ୍ର ଓ ସୌରମଣ୍ଡଳ ମହାକାଶରେ ସୁବିସ୍ତୃତ । ତାହା ଏ ପର୍ଯ୍ୟନ୍ତ ମନୁଷ୍ୟର କଳ୍ପନା ଓ ଅବବୋଧ ଏବଂ ଜ୍ଞାନ ଓ ଅନୁଭୂତିକୁ ଆସିନାହିଁ । କ୍ରମଶଃ ସେ ସବୁର ବିଦ୍ୟମାନତା ଉଦ୍‌ଘାଟିତ ହେଉଛି, ହେବ ମଧ୍ୟ । ମୌଳିକ ଭାବରେ ସୃଷ୍ଟି ରହସ୍ୟ ବିଚାର କଲେ : ମୂଳ ହିଁ ନାଦ । ନାଦରୁ ମାତ୍ରା । ନାଦ, ମାତ୍ରା ଓ ଗୁଣର ସମ୍ମିଶ୍ରଣରୁ ମହାକାଶ ବା ମହାଶୂନ୍ୟର ସୃଷ୍ଟିହୁଏ । ଏହାହିଁ ଶକଟକ ମଣ୍ଡଳର ସ୍ଥୂଳଜଗତର ସର୍ବ ପ୍ରଥମ ସୃଷ୍ଟି । ନଭର ବିକାରରୁ ବାୟୁ ଜାତ ହୁଏ । ବାୟୁର ବିକାରରୁ ତେଜ ଏବଂ ତେଜର ବିକାରୁ ଉଦକ (ଜଳ) ସୃଷ୍ଟି ହୁଏ । ଆପ ବା ଜଳର ବିକାରରୁ ମହୀ (ଏଠାରେ ମହୀ କହିଲେ ପୃଥିବୀ ପରି ଉପାଦାନରେ ଗଠିତ ସକଳ ଗ୍ରହ, ଉପଗ୍ରହ ଇତ୍ୟାଦି) ଜାତ ହୁଏ । ଆକାଶର ମାତ୍ରା ଶବ୍ଦ, ବାୟୁର ମାତ୍ରା ସ୍ପର୍ଶ, ତେଜର ମାତ୍ରା ରୂପ, ଜଳର ମାତ୍ରା ରସ, ପୃଥିବୀର ମାତ୍ରା ଗନ୍ଧ ଏବଂ ସକଳ ସାମଗ୍ରିକ ପଞ୍ଚତନ୍ମାତ୍ରା ଯଥା– ଶବ୍ଦ, ସ୍ପର୍ଶ, ରୂପ, ରସ ଏବଂ ଗନ୍ଧର ସୃଷ୍ଟି ହେଲା । ସତ୍ତ୍ୱଗୁଣର ବିକାରରୁ ମନ ସୃଷ୍ଟି ହୋଇ ଗଗନ ମଣ୍ଡଳରେ ପ୍ରକାଶ ପାଏ । ଏହି ମନରୁ ଦେବବଳଙ୍କର ସୃଷ୍ଟି । ତେଜର ବିକାରରୁ ଇନ୍ଦ୍ରିୟଗଣ, କ୍ରିୟାଜ୍ଞାନ ବୁଦ୍ଧି ଓ ପ୍ରାଣର ସୃଷ୍ଟି ହେଲା । ଦଶ ଇନ୍ଦ୍ରିୟଙ୍କ ଉପରେ ଦଶଦେବ ଅଧିକାର ସାବ୍ୟସ୍ତ କଲେ । ଭୂତ ଇନ୍ଦ୍ରିୟଙ୍କର ଗଣମାନେ ସ୍ଥାନ ନ ପାଇ ମହାଶୂନ୍ୟରେ ବହୁକାଳ ଧରି ଅପେକ୍ଷା କରି ରହିବା ପରେ ଅବ୍ୟକ୍ତଙ୍କ ଆଜ୍ଞାରୁ ଏବଂ ଆପଣାର ଶକ୍ତିବଳରୁ ଏକତ୍ର ହୋଇ ଏକ ସୁବର୍ଣ୍ଣ ଅଣ୍ଡରେ ପରିଣତ ହେଲେ । ସେହି ସୁବର୍ଣ୍ଣ ଅଣ୍ଡ ଉପରେ ତତ୍‌କ୍ଷଣାତ୍ ଜଳ ବୃଷ୍ଟି ହେଲା ।

''ଅନେକ ସହସ୍ର ବରଷେ । ସେ ଅଣ୍ଡ ମହାଜଳେ ଭାସେ ॥
ସେ ଅଣ୍ଡ ମଧ୍ୟେ ଜୀବଜାତ । କାଳକର୍ମ ସ୍ବଭାବେ ସ୍ଥିତ ॥
ସେ ସର୍ବଗୁଣ ସର୍ବସିଦ୍ଧି । କେତେ ହେଁ କାଳ ଅଣ୍ଡଭେଦି ॥
ପୁରୁଷ ହୋଇଲା ବାହାର । ଏବେ ହୋ ଶୁଣ ନୃପବର ॥''

ଛିନ୍ନ ଅଣ୍ଡରୁ ଯେଉଁ ପୁରୁଷ ଜାତ ହେଲେ ତାଙ୍କର ସହସ୍ରଶିର, ସହସ୍ର ଭୁଜ, ଅପ୍ରମିତ ତେଜ ଏବଂ ଶରୀର ମହାଶୂନ୍ୟ । ତାଙ୍କରି ଅଙ୍ଗରେ ଏକବିଂଶ ଭୁବନ ଅବସ୍ଥିତ । ତାଙ୍କ ଶ୍ରୀମୁଖରୁ ବ୍ରାହ୍ମଣ, ବାହୁମୂଳରୁ କ୍ଷତ୍ରିୟ, ଉରୁ ଯୁଗଳରୁ ବୈଶ୍ୟ ଓ ଶ୍ରୀଚରଣରୁ ଶୂଦ୍ରକୁଳ ଜାତ ହେଲେ । ଏହା ଏକ ପ୍ରତୀକାତ୍ମକ ବର୍ଣ୍ଣନା ମାତ୍ର । ପ୍ରତୀକର ଅନ୍ତରାଳରେ ତତ୍ତ୍ୱ ନିହିତ । ସେହି ତେଜସ୍ୱୀ ପୁରୁଷଙ୍କର କଟୀରେ ଭୂଲୋକ, ନାଭିରେ ଭୁବଲୋକ, ହୃଦୟରେ ସ୍ୱଃଲୋକ, ବକ୍ଷସ୍ଥଳରେ ମହଃଲୋକ, ଗ୍ରୀବା ତଟରେ ଜନଲୋକ, ବେନି ଓଷ୍ଠରେ ତପଃଲୋକ, ମୂର୍ଦ୍ଧନୀରେ ସତ୍ୟଲୋକ ଅବସ୍ଥିତ । ପୁନଶ୍ଚ ଉରୁରେ ବିତଳ, ଜାନୁମୂଳରେ ସୁତଳ,

ଜଂଘରେ ତଳାତଳ, ଗୁଲ୍ଫ ଦେଶରେ ମହାତଳ, ପଦାର୍ଦ୍ଧରେ ରସାତଳ ଏବଂ ପାଦତଳରେ ପାତାଳ ବିଦ୍ୟମାନ । ତେଣୁ ସେହି ପୁରୁଷ ହିଁ ବିଶ୍ୱଦେହ, ବିଶ୍ୱପ୍ରାଣ, ବିଶ୍ୱବନ୍ଧୁ, ବିଶ୍ୱନାଥ, ବିଶ୍ୱପତି, ବିଶ୍ୱପିତା, ବିଶ୍ୱନାୟକ ଓ ବିଶ୍ୱପୁରୁଷ । ଏହାହିଁ ସ୍ଥୂଳତଃ ସୃଷ୍ଟି ରହସ୍ୟ ଓ ପ୍ରକରଣର ବିଭୂତି ।

ତୋୟଦାନ କରି ଜଳଦ ଯେପରି ସୃଷ୍ଟିର ତୃଷ୍ଣା ନିବାରଣ କରେ, ସେହିପରି ଚରମର ପ୍ରଚ୍ଛଦପଟ ସଂପର୍କରେ ଆଲୋଚିତ ତତ୍ତ୍ୱ ଅଧ୍ୟାତ୍ମଶିକ୍ଷା ଓ ଜ୍ଞାନ ପ୍ରୟାସୀ ଅନୁସନ୍ଧିତ୍ସୁ ଦିବ୍ୟାତ୍ମାମାନଙ୍କର ଜିଜ୍ଞାସା ରୂପକ ତୃଷ୍ଣା ନିବାରଣ କରିବାକୁ ସମର୍ଥ ଓ କ୍ଷମ ।

''ଶୁଣ ନାରଦ ମହାଋଷି । ବିରାଧରୂପେ ବ୍ରହ୍ମ ଆସି ॥
ବ୍ରହ୍ମାଣ୍ଡ ରୂପେ ପ୍ରବେଶିଲା । ସେ ଅଙ୍ଗୁ ଯେବା ପ୍ରକାଶିଲା ॥
ତାହା କହିବା ତୋତେ ଭଲେ । ଇନ୍ଦ୍ରିୟ ଅର୍ଥେ ଇନ୍ଦ୍ରିତୁଲେ ॥
ବାକ୍ୟାର୍ଥ ବହ୍ନିମୁଖେ ବସେ । ଯେଣେ ତା' ଶବଦ ପ୍ରକାଶେ ॥
ଜଳାଧିପତି ଯେହ୍ନେ ବସେ । ରସନା ଷଡ଼ରସେ ରସେ ॥''

ତେଣୁ, କେବଳ ଶବ୍ଦର ସାଧାରଣ ଅର୍ଥ କରି ବସିଲେ, ତାତ୍ତ୍ୱିକ ବିଶେଷ ଭାବାର୍ଥଠାରୁ ଦୂରେଇ ରହିବାକୁ ହୁଏ । ତଦ୍ୱାରା ପ୍ରକୃତ ନିଗୂଢ଼ ତତ୍ତ୍ୱ ହୃଦୟଙ୍ଗମ ହୁଏ ନାହିଁ । ଅନ୍ଧକାର ଅଜ୍ଞାନ ଆଚ୍ଛନ୍ନ ଅହଂବୁଦ୍ଧି ଓ ଅହଂଜ୍ଞାନ ପଥରୁ ଅପଥକୁ ନେଇଯାଏ । ଜ୍ଞାନାଭିମାନୀ ଅଭିମାନର ଘୂର୍ଣ୍ଣିପାକରେ ପ୍ରକୃତ ତତ୍ତ୍ୱାର୍ଥଠାରୁ ଦୂରେଇ ଯାଇ ବିକୃତିରେ ପଥଚଣା ହୁଏ । ରସନାକୁ ରୁଚି ଅନୁଯାୟୀ ରସଯୁକ୍ତ ଖାଦ୍ୟ ଭଲ ଲାଗିଲା ଭଳି ନିଜର ମନୋଗତ ଭାବ, ଯୁକ୍ତି ଓ ଆଚରଣକୁ ସୁହାଇବା ଭଳି ପ୍ରବଚନ ଦେବା ବା ତତ୍ତ୍ୱବ୍ୟାଖ୍ୟା କରିବା କେବଳ ଇନ୍ଦ୍ରିୟପରାୟଣତା ମାତ୍ର । ପ୍ରତ୍ୟେକେ ଏଥିନିମନ୍ତେ ସତର୍କ ସାବଧାନତା ଅବଲମ୍ବନ କରିବା ବିଧେୟ ।



ଅର୍ଘ୍ୟଫଳ ସଦା ପାଖରେ ରଖ ।
ସଦାଚାର ପାଳି ପୀୟୂଷ ଚାଖ ॥
ବିଷ ନାଶିଥାଏ କଲେ ସେବନ ।
ଫଳଧୌତ ଜଳ ପ୍ରତ୍ୟେକ ଦିନ ॥

ନିଷ୍ଠା ତ୍ୟାଗ ବ୍ରତ ଧରି ଗୁରୁସେବା କରି ।
ବିଷୟ ବନ୍ଧନୁ ଶିଷ୍ୟ ହୋଇଥାଏ ପାରି ॥
ସେବାରେ ନଥିଲେ ନିଷ୍ଠା ନିଷ୍ଫଳ ହୁଅଇ ।
ବିଷବନ୍ଧନ ତାହାରେ ଅବଶ୍ୟ ଘାରଇ ॥

ତିଥିରେ ଫଳକୁ ନିଅ ଛୁଆଁଇ ।
ଅର୍ଘ୍ୟଦିନ ମନପ୍ରାଣ ପୂରାଇ ॥
ଅର୍ଥଟି ନୁହଁଇ କେବେ ପ୍ରଧାନ ।
ମୁଖ୍ୟ ଅଟେ ସିନା ଅର୍ଘ୍ୟ ପ୍ରଦାନ ॥





# ନୀଳଚକ୍ର ଚରମର ସଙ୍କେତ

ଚରମପୁରୁଷଙ୍କର ଆଜ୍ଞା ଆଦେଶକୁ ଅବଜ୍ଞା କରି ତମେ କେଉଁ ସାଧନାରେ କିପରି ସିଦ୍ଧିଲାଭ କରିବ ବୋଲି ପାଗ ବାନ୍ଧିବସିଛ ? ଆପଣା ଖିଆଲରେ ଖିଆଲି ହୋଇ ଆଧ୍ୟାତ୍ମିକ ଜୀବନରେ ସଫଳତା ମିଳି ନ ଥାଏ ୧ ପରମାର୍ଥିକ ଜୀବନରେ ସାର୍ଥକତା ନିମନ୍ତେ ନତି ଓ ନୀତି ନିତିପ୍ରତି ଆବଶ୍ୟକ । ସାଧନାର ଧାରାହିଁ ଏହା । ଏହି ପଥ ଛାଡ଼ି ଆଉ କେଉଁ ପଥରେ ତମେ ତମର ଲକ୍ଷ୍ୟ: ଚରମପ୍ରାପ୍ତି ହାସଲ କରିପାରିବ ?

ଚରମ ପ୍ରାପ୍ତି : ତମର ଲକ୍ଷ୍ୟ ପରା ! ଏହି ପ୍ରାପ୍ତି ଆଶାରେ ତମେ ଦଉଡୁଛ ନା ବିଷୟା ପଛରେ ତନ୍ମେ  ରାତିଦିନ ଦଉଡୁଛ ? ଏ ପ୍ରଶ୍ନ ତମେ ନିଜେ ନିଜକୁ ପଚାର ? ଥରେ ନିଜର ମନପ୍ରାଣକୁ ଏ ପ୍ରଶ୍ନ ପଚାରି ଦେଖତ ! ନିଜେ ନିଜର ସମୀକ୍ଷା କର । ଯେଉଁ ଚରମ ତମ ପ୍ରାପ୍ତିର ଲକ୍ଷ୍ୟ, ସେହି ଚରମପୁରୁଷଙ୍କର ମାନସସନ୍ତାନ ଏହି ଚରମ ପତ୍ରିକା । ଚରମପୁରୁଷଙ୍କର ସେବା ନିମନ୍ତେ ତମର ତ୍ୟାଗ ନିଷ୍ଠା ସହିତ ଚରମପତ୍ରିକା ନିମନ୍ତେ ମଧ୍ୟ ସମଭାବରେ ତ୍ୟାଗନିଷ୍ଠାର ପରାକାଷ୍ଠା ଦେଖାଇଦିଅ ।

ବାବୁ, ମାୟାରେ ପଡ଼ି ଦୁଃଖଜଞ୍ଜାଳରେ ଘାଣ୍ଟିଚକଟି ହୋଇ ଅସାର ବିଷୟାର ମୋହ ଏ ପର୍ଯ୍ୟନ୍ତ ଛାଡ଼ି ପାରୁନାହଁ । କି ସାଧନା କରୁଛ ? ମନ ଟାଣ କର, ଲକ୍ଷ୍ୟ ସ୍ଥିର କର, ସାଧନ ପଥରେ ନିତ୍ୟ ଅଭ୍ୟାସ କର୍ମଯୋଗ କର । ଫଳରେ ଦାନଧର୍ମ, ତ୍ୟାଗନିଷ୍ଠା ସାମର୍ଥ୍ୟ ଅନୁସାରେ ସ୍ୱାଭାବିକ ଭାବରେ କରିପାରିବ । ବିଷୟାର ମୋହ କଟିଯିବ । ମାୟାଜାଲରୁ ଖସି ଆସିବ । ମୁକ୍ତ ଜୀବ ହୋଇଯିବ । ଏ ଫଳ ଯଦି ବାସ୍ତବ ଜୀବନରେ ନ ଫଳିଲା, ତେବେ ସାଧନ କର୍ମରେ ତ୍ରୁଟି ରହିଯାଇଛି । ଗୁରୁଙ୍କୁ ପଚାରି ଏ ତ୍ରୁଟି ସଂଶୋଧନ କରିନିଅ । ଚରମ ଆମର । ଏଥିପାଇଁ ତ୍ୟାଗ ସ୍ୱୀକାର କର । କଷ୍ଟ ସହି ଚରମକୁ ତଳାଇ ରଖ । ପୃଷ୍ଠପୋଷକ, ଆଜୀବନ ବା ବାର୍ଷିକ ସଭ୍ୟ ହୁଅ ଏବଂ ସଭ୍ୟ ସଂଗ୍ରହ କର । ନିଜେ ଶ୍ରଦ୍ଧାରେ ଚରମ କିଣି ମନଦେଇ ପଢ଼ । ଅନ୍ୟମାନଙ୍କୁ ଚରମ କିଣିବା ପାଇଁ ପ୍ରବର୍ତ୍ତନା ଦିଅ । ଅର୍ଥ ସଂଗ୍ରହ କର । ଆଜିର ଯୁଗରେ ଅର୍ଥ ବିନା କ'ଣ କିଛି କାମ ହୋଇପାରେ ? ତମେମାନେ କ'ଣ ଚରମ ପରିବାରଭୁକ୍ତ ନୁହଁ ? ଚରମ ପ୍ରତି କ'ଣ ତମର କିଛି କର୍ତ୍ତବ୍ୟ ନାହିଁ ? ତମ ମନକୁ ଏକାନ୍ତରେ ଏ ସମସ୍ତ ପ୍ରଶ୍ନ ପଚାରି ଉତ୍ତର ଖୋଜି ନିଅ ।

ଚରମ ଆମର କଲ୍ୟାଣପ୍ରାପ୍ତ ସନ୍ତାନ । ଆମେ ଚରମର କଲ୍ୟାଣକାରୀ ପିତା । ଚରମ ପ୍ରତି ଆସ୍ଥା ନ ରଖି ଗୁରୁଦ୍ରୋହୀ ହୁଅନାହିଁ । ଚରମପୁରୁଷର ଦ୍ରୋହୀ ହୁଅନାହିଁ । ସିଦ୍ଧି ସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କର ତଥା

ନିରାକାରଙ୍କର ଦ୍ରୋହୀ ହୁଅ ନାହିଁ । ଏବେ ବି ସମୟ ଅଛି । ତମେ ନିଷ୍ପାପର କର୍ମରେ ଲାଗିପଡ଼ । ତ୍ୟାଗକର, ସେବା କର, ନିଷ୍ପାପର ହୁଅ, ଆନ୍ତରିକ ହୁଅ ।

**ଆ**ନନ୍ଦର କଥା ତମମାନଙ୍କ ନିମନ୍ତେ ଚିନ୍ତନ ସିରିଜ୍ ପ୍ରକାଶନର ଦାୟିତ୍ୱ ଚରମ ପ୍ରକାଶନ ସଂସ୍ଥା ଆମ ଆଦେଶ ଓ ଆଶୀର୍ବାଦରୁ ବହନ କରିଛନ୍ତି । ଚିନ୍ତନ ଆମର ଆଶୀର୍ବାଦ ପ୍ରାପ୍ତ ସୁଖପାଠ୍ୟ ତଥ୍ୟ ଓ ତତ୍ତ୍ୱମୂଳକ କ୍ଷୁଦ୍ର ପୁସ୍ତିକା । ଚିନ୍ତନ ( ୧ ) ଏ ମଧ୍ୟରେ ପ୍ରକାଶ ପାଇଛି । ଏହାର ପ୍ରସାର ଓ ପ୍ରଚାର କର । ନିଜେ କିଣ ଓ ପଢ଼ । ଅନ୍ୟମାନଙ୍କୁ କିଣିବା ଓ ପଢ଼ିବା ପାଇଁ ପ୍ରେରଣା ଦିଅ, ଉତ୍ସାହ ଦିଅ ।

**ପ**ରିଷଦ୍ ତମମାନଙ୍କ ପାଇଁ ଗଢ଼ା ହୋଇଛି । ଆମର ପରିଷଦ୍‌ରେ କି କାମ ? ତମମାନଙ୍କ ଆଧ୍ୟାତ୍ମିକ ସଂହତି ପାଇଁ ପରିଷଦ୍‌ର ଆବଶ୍ୟକତା ରହିଛି । ପରିଷଦ୍‌କୁ ଦୃଢ଼ କର । ଅକୁଣ୍ଠିତ ଚିତ୍ତରେ ଯାହା ପାରୁଛ ସାମର୍ଥ୍ୟ ଅନୁସାରେ ପରିଷଦ୍‌କୁ ଦାନ କର । ଆଶ୍ରମର ବାପୁଜୀ ଶିଶୁ ମନ୍ଦିର ଅନାଥ ବାଳକମାନଙ୍କ ନିମନ୍ତେ, ଅଖଣ୍ଡଦୀପ ଓ ଅଖଣ୍ଡ ମହାମନ୍ତ୍ର କୀର୍ତ୍ତନ ସଂଗୀତ ମହାବିଦ୍ୟାଳୟ ତଥା ଆଶ୍ରମରେ ପାଳିତ ଉତ୍ସବ ନିମନ୍ତେ ପାଣ୍ଠି ଗଠନ କର, ନିଜେ ଦିଅ ଓ ସଂଗ୍ରହ କର । ସ୍ୱାଭାବିକ ଭାବରେ ନିତ୍ୟ ଅଭ୍ୟାସ କର୍ମଯୋଗ ଧାରା ସହିତ ଏ ସକଳ କାର୍ଯ୍ୟ କରିଚାଲ । ଆମର ଆଶୀର୍ବାଦ ତମ ସାଥେ ସାଥେ ଅଛି । ବିଶ୍ୱାସ କର । ବିଶ୍ୱାସକୁ ଦୃଢ଼ କର ।

ମୋଦ ଦିଏ ଯାହା ତାହା ମୋଦକ ।
ଦଶ ମୋଦକକୁ ସାଧି ସାଧକ ॥
ନୀରବ ନିଶ୍ଚଳେ ଆନନ୍ଦ ଲଭେ ।
ମୁକ୍ତ ଜୀବ ସେହୁ ଏ ସ୍ଥୂଳ ଭବେ ॥

ଗୁରୁ ସନ୍ଦେଶକୁ ସନ୍ଦେହ କରି ।
ସନ୍ଦେଶ ପତ୍ରକୁ ମିଥ୍ୟା ବିଚାରି ॥
କିଏ ସେ ହୋଇଛି ସେ ସଦାଚାରୀ ?
ଭବ ବନ୍ଧନରୁ ହେବାକୁ ପାରି ??

# ଆଶ୍ରମ ସନ୍ଦେଶ

ତା୨୦/୯/୯୪ ରିଖରୁ ତା୧୦/୧୦/୯୪ ରିଖ ପର୍ଯ୍ୟନ୍ତ ସ୍ୱର୍ଣ୍ଣକ୍ଷେତ୍ରର କ୍ଷିତିଜ୍ୟୋତି ଆଶ୍ରମ ପରିସରରେ ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କ ସନ୍ନିଧାନରେ ବିଭିନ୍ନ ଶାଖା/ପ୍ରସ୍ତାବିତ ଶାଖା/ଉପଶାଖା ଅନ୍ତର୍ଭୁକ୍ତ ଗୁରୁଭାଇଭଉଣୀମାନଙ୍କର ସାଧନକ୍ରିୟା ତନଖି କାର୍ଯ୍ୟକ୍ରମ ଯଥାବିଧି ସମ୍ପନ୍ନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗୁରୁଭ୍ରାତା ଶ୍ରୀ ଚନ୍ଦ୍ରଶେଖର ରାଉତ୍ (କୁଶଭାଇ) ତଥା ଅନ୍ୟ କେତେକ ସୁନିର୍ବାଚିତ ଭାଇଭଉଣୀମାନେ ସହଯୋଗ ଓ ସମନ୍ୱୟ ରକ୍ଷାକରି କାର୍ଯ୍ୟକୁ ସୁଗମ ଓ ସହଜ ସୁନ୍ଦର କରିପାରିଛନ୍ତି ।

ତା୧୯/୧୦/୯୪ ରିଖ : ବୁଧବାର : ପବିତ୍ର କୁମାର ପୂର୍ଣ୍ଣିମା ତିଥିର ଶାରଦୀୟ ସନ୍ଧ୍ୟାରେ 'ଚରମ'ର ମର୍ତ୍ତ୍ୟାବତରଣ ପ୍ରଥମ ବାର୍ଷିକ ଉତ୍ସବ ଜଗତପୁରସ୍ଥ ଜଗନ୍ନାଥ ଲଜ୍ ପରିସରସ୍ଥ କେଶବ ଭବନରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହାର ଆୟୋଜକ ଥିଲେ କଟକ (ଜଗତପୁର) ଶାଖାର ଗୁରୁଭାଇଭଉଣୀମାନେ ତଥା କେଶବ ଭବନର ମୁଖ୍ୟ ତତ୍ତ୍ୱାବଧାରକ ଗୁରୁଭାଇ ଶ୍ରୀ ଗୋବିନ୍ଦ ଚନ୍ଦ୍ର ରାଉତ । ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଓଡ଼ିଶାର ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ବିଭାଗର ମାନ୍ୟବର ମନ୍ତ୍ରୀ ଡକ୍ଟର ପ୍ରସନ୍ନ ପାଟଶାଣୀ 'ଚରମ'ର ଦ୍ୱିତୀୟ ପୁଷ୍ପ : ପ୍ରଥମ ପାଖୁଡ଼ାର ଶୁଭ ଉନ୍ମୋଚନ ସହ ଅନ୍ୟତମ ଅତିଥି ରୂପେ ଆକାଶବାଣୀ, କଟକର ଶ୍ରୀଯୁକ୍ତ ସଙ୍କର୍ଷଣ ମଙ୍ଗରାଜ ଯୋଗ ଦେଇ ସାରସ୍ୱତ ସମାବେଶରେ ଆଧ୍ୟାତ୍ମିକ ଚେତନାର ପ୍ରବଚନ ଦେଇଥିଲେ । ସଭାପତିତ୍ୱ କରିଥିଲେ ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ସଭାପତି ଶ୍ରୀ ଅମର ରାୟ ।

ତା୩/୧୧/୯୪ରିଖ : ଗୁରୁବାର : ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ପାବନ ଉପସ୍ଥିତିରେ ଜଗତପୁରର କେଶବ ଭବନରେ ପବିତ୍ର ଦୀପାବଳୀ ଅମାବାସ୍ୟା ଉପଲକ୍ଷେ ଆଲୋକ ସଜ୍ଜା କରାଯାଇଥିଲା । ଉପସ୍ଥିତ ଗୁରୁଭାଇଭଉଣୀମାନେ ଠାକୁରଙ୍କ ସମ୍ମୁଖରେ ଆଲୋକ ଫୁଲଝରି, ଆତସବାଜୀ ଇତ୍ୟାଦି ପ୍ରଜ୍ୱଳନ କରି ଆମୋଦିତ ହୋଇଥିଲେ ।

ତା୧୧/୧୧/୯୪ରିଖ : ଶୁକ୍ରବାର : ପବିତ୍ର ଅଁଳାନବମୀ ତିଥିରେ ରୋଧପୁର ଶାଖାର ବାର୍ଷିକ ଉତ୍ସବ ଉପଲକ୍ଷେ ୩୭ ତମ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି ।

ତା୧୮/୧୧/୯୪ ରିଖ : ଶୁକ୍ରବାର : ପବିତ୍ର ରାସ ପୂର୍ଣ୍ଣିମା ତିଥିରେ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ୪୦ତମ ଆବିର୍ଭାବ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି । ଏହି ଉପଲକ୍ଷେ ପୁଣ୍ୟତୋୟା ଜରିଆ ଉପକଣ୍ଠ ଶ୍ରୀ ଗୁଣ୍ଡିଚା ମନ୍ଦିର ପରିସରରେ ତା୧୭/୧୧/୯୪ରିଖ ସଂଧ୍ୟାରୁ ତା୧୮/୧୧/୯୪ରିଖ ପ୍ରାତଃକାଳ ପର୍ଯ୍ୟନ୍ତ ଚତୁର୍ଥ ପ୍ରହର ବ୍ୟାପୀ ମହାମନ୍ତ୍ର ସଂକୀର୍ତ୍ତନ ଏବଂ ତା୧୮/୧୧/୯୪ରିଖ ପ୍ରାତଃ କାଳରୁ ସଂଧ୍ୟା ପର୍ଯ୍ୟନ୍ତ କ୍ଷିତିଜ୍ୟୋତି ଆଶ୍ରମ ପରିସରରେ ଚତୁର୍ଥପ୍ରହର ବ୍ୟାପୀ ମହାମନ୍ତ୍ର ସଂକୀର୍ତ୍ତନ କରାଯାଇଛି । ତା୧୮/୧୧/୯୪ରିଖ ପ୍ରାତଃକାଳର ମହାମନ୍ତ୍ର ସହିତ ପ୍ରଭାତ ପରିକ୍ରମା ଅନୁଷ୍ଠିତ ହୋଇଛି । ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ପ୍ରାତଃନୀତି ପରେ ପୂଜାର୍ଚ୍ଚନା ଇତ୍ୟାଦି ସମାପନାନ୍ତେ ସକାଳ ଘ୮ଣ୍ଟାରୁ ମଧ୍ୟାହ୍ନ ଘ୧୨ଣ୍ଟା ପର୍ଯ୍ୟନ୍ତ ଶ୍ରୀ ଗୁଣ୍ଡିଚା ମନ୍ଦିର ପରିସରରେ ୩୮ ତମ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଛି । ଅପରାହ୍ନରେ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ସାହିତ୍ୟ ସଂସଦ୍ ତଥା କ୍ଷିତିଜ୍ୟୋତି ସଂଗୀତ ମହାବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ଖାଦ୍ୟ ଓ ଗ୍ରାମୋଦ୍ୟୋଗ ବୋର୍ଡ଼ର ଅଧକ୍ଷ ସ୍ୱାଧୀନତା ସଂଗ୍ରାମୀ ଶ୍ରୀଯୁକ୍ତ ରାଜକିଶୋର ନାୟକ ଯୋଗ ଦେଇ ଚିନ୍ତନ (୧)ର ଉନ୍ମୋଚନ କରି ଆଧ୍ୟାତ୍ମିକ ଅଭିଭାଷଣ ମାଧ୍ୟମରେ ସମବେତ ସଜ୍ଜନ ମଣ୍ଡଳୀକୁ ଉଦ୍‌ବୋଧନ ଦେଇଥିଲେ । ସଂଧ୍ୟାରେ ସଙ୍ଗୀତ ମହାବିଦ୍ୟାଳୟ ଆନୁକୁଲ୍ୟରେ ଭଜନ ସମାରୋହ, ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ପରିବେଷଣ ତଥା ରାତ୍ରରେ ଗୀତିନାଟ୍ୟ ଜଳନ୍ଧର ବଧ ମଞ୍ଚସ୍ଥ ହୋଇଥିଲା । ଦୁଇବେଳା ଆନନ୍ଦ ବଜାରରେ ଅନ୍ନପ୍ରସାଦ ବିତରଣ କରାଯାଇଥିଲା ।

ତା୩/୧୨/୯୪ରିଖରୁ ତା୭/୧୨/୯୪ରିଖ ପର୍ଯ୍ୟନ୍ତ ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀଶ୍ରୀ ଠାକୁର କେନ୍ଦୁଝର ଜିଲ୍ଲା ଗସ୍ତରେ ଯାଇ ସେହି ଅଞ୍ଚଳର ଗୁରୁଭାଇଭଉଣୀମାନଙ୍କର ସାଧନ ପ୍ରକ୍ରିୟା ତନଖି କାର୍ଯ୍ୟକ୍ରମ ସଫଳ କରିଛନ୍ତି । ଶ୍ରୀ ଚନ୍ଦ୍ରଶେଖର ରାଉତ ଏବଂ ଶ୍ୟାମଭାଇ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଛନ୍ତି ।

ତା୭/୧୨/୯୪ରିଖ (ବୁଧବାର): ଚାର୍ୟାଁପାଳର ଗୁରୁଭାଇ ଶ୍ରୀ ଧନେଶ୍ୱର ଯେନାଙ୍କ ବାସଭବନରେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଗୀତାଯଜ୍ଞ ଯଥାରୀତି ଅନୁଷ୍ଠିତ ହୋଇଯାଇଛି ।

ତା୧୫/୧୨/୯୪ରିଖ (ଗୁରୁବାର) : କେନ୍ଦୁଝର ଶାଖା ତଥା ଜିଲ୍ଲାର ଉପଶାଖା ଅନ୍ତର୍ଭୁକ୍ତ ଗୁରୁଭାଇଭଉଣୀମାନଙ୍କର ସମ୍ମିଳିତ ଉଦ୍ୟମରେ ଏକ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି ।

☆☆☆

ଆମର ଲକ୍ଷ୍ୟ : ଚରମପ୍ରାପ୍ତି